# ଧରିତ୍ରୀ
DHARITRI

ବ୍ରହ୍ମପୁର, ବୁଧବାର, ମେ ୧୫/୨୦୧୯ (୧୬ ପୃଷ୍ଠା+ସାହିତ୍ୟାୟନ) | Berhampur, Wednesday, May 15/2019 | ★★★

୧୫ ଶ ଭାଗ ୧୦୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ହାସ୍ୟ ଅଭିନୟ କରିବାକୁ ଚାହାନ୍ତି ନୀନା**

୧୯୮୫ରେ ଫିଲ୍ମ ଦୁନିଆରେ ପାଦ ଥାପିଥିବା ବଲିଉଡ୍ ଅଭିନେତ୍ରୀ ନୀନା ଗୁପ୍ତା ହାସ୍ୟ ଅଭିନୟ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି ।

୦୨

୧୫

**ଓଡ଼ିଶାର ସୁମନ ଉପଅଧିନାୟକ**

ଜୁନ ୧୦ରୁ ସ୍ପେନଠାରେ ହେବାକୁଥିବା ଜୁନିୟର ହକି ଟୁର୍ନାମେଣ୍ଟ ପାଇଁ ଓଡ଼ିଶାର ସୁମନ ବେକ୍ ଭାରତୀୟ ଦଳର ଉପଅଧିନାୟକ ମନୋନୀତ ହୋଇଛନ୍ତି ।




# ବିଳମ୍ବ ହେବ ମୌସୁମୀ

**ଭୁବନେଶ୍ୱର, ୧୪।୫(ବ୍ୟୁରୋ)**

ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାରେ ବିଳମ୍ବରେ ପହଞ୍ଚିବ ଏବଂ କମ୍ ବର୍ଷିବ ବୋଲି ପାଣିପାଗ ବିଶେଷଜ୍ଞ ଭବିଷ୍ୟବାଣୀ କରିଛନ୍ତି। ସାଧାରଣତଃ ମୌସୁମୀ ମେ ୨୦ ତାରିଖରେ ଆଣ୍ଡାମାନରେ ପହଞ୍ଚିଥାଏ। ଜୁନ୍ ପହିଲାରେ କେରଳ ଉପକୂଳ ଛୁଇଁଥାଏ। ଜୁନ୍ ୧୦ ତାରିଖ ସୁଦ୍ଧା ଓଡ଼ିଶାକୁ ଆସିଥାଏ। ତେବେ ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖାଦେବା ସମ୍ଭାବନା ରହିଛି । ମୌସୁମୀ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ମେ ୨୦ ବଦଳରେ ୨୪ କିମ୍ବା ୨୫ ତାରିଖରେ ପହଞ୍ଚିବ। ଜୁନ୍ ପହିଲା ବଦଳରେ ୪ କିମ୍ବା ୫ ତାରିଖରେ କେରଳ ଉପକୂଳ ଛୁଇଁବା ସମ୍ଭାବନା ରହିଛି। ଏହାର ୨ ସପ୍ତାହ ପରେ ଅର୍ଥାତ୍ ଜୁନ୍ ୧୫ରୁ ୧୮ ତାରିଖ ମଧ୍ୟରେ ମୌସୁମୀ ଓଡ଼ିଶାରେ ପ୍ରବେଶ କରିପାରେ ବୋଲି ଅନୁମାନ କରାଯାଉଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟର ନିର୍ଦ୍ଦେଶକ ଏଚ୍.ଆର. ବିଶ୍ୱାସ କହିଛନ୍ତି। ତେବେ ଘରୋଇ ଏଜେନ୍ସି ସ୍କାଇମେଟ୍ ଆକଳନ ଅନୁଯାୟୀ ଚଳିତ ବର୍ଷ ମୌସୁମୀ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ମେ ୨୨ ତାରିଖ ଓ କେରଳରେ ଜୁନ୍ ୪ରେ ପହଞ୍ଚିବ। ସ୍କାଇମେଟ୍‌ର ସିଇଓ ଜିତନ ସିଂ କହିଛନ୍ତି ଯେ ଚଳିତ ବର୍ଷ ଦେଶର ୪ ଭାଗରେ କମ୍ ବର୍ଷା ହେବ। ପୂର୍ବ, ପୂର୍ବୋତ୍ତର ଓ ମଧ୍ୟ ଭାରତରେ ଉତ୍ତର-ପଶ୍ଚିମ ଭାରତ ଅପେକ୍ଷା କମ୍ ବର୍ଷା ହେବ। ଦେଶରେ ସାମାନ୍ୟରୁ କମ୍ ବର୍ଷା(୯୩%) ହେବ ବୋଲି ସ୍କାଇମେଟ୍ ଅନୁମାନ କରିଛି।

ଏଲନିନୋ ଦୁର୍ବଳ ରହିଥିଲେ ମଧ୍ୟ ଏହାର ପ୍ରଭାବ ମୌସୁମୀ ଉପରେ ପଡ଼ିବା ଆଶଙ୍କା ରହିଛି। ଏଥିଯୋଗୁ ଓଡ଼ିଶା ସମେତ ସମଗ୍ର ଦେଶରେ ବର୍ଷା ପରିମାଣ କମିବା ସମ୍ଭାବନା ରହିଛି। ଗତବର୍ଷ ମୌସୁମୀ ସଅଳ ଅର୍ଥାତ ଜୁନ୍ ୮ରେ ଓଡ଼ିଶାକୁ ପ୍ରବେଶ କରିଥିଲା। ରାଜ୍ୟର ୬୦ ପ୍ରତିଶତ ଅଂଶକୁ ଛୁଇଁ ପାରିଥିଲା। ବଲାଙ୍ଗୀର ଜିଲାର ଟିଟିଲାଗଡ଼କୁ ବାଦ୍ ଦେଲେ ସମ୍ବଲପୁର, ଝାରସୁଗୁଡା, ବରଗଡ଼, ସୋନପୁର, ଅନୁଗୋଳ, ଢେଙ୍କାନାଳ ଆଦି ଜିଲାକୁ ☞ପୃଷ୍ଠା-୧୨



- ଜୁନ୍ ୧୫ ପରେ ଓଡ଼ିଶା ଛୁଇଁପାରେ
- ଜୁନ୍ ୪ରେ କେରଳ
- ଏଥର କମ୍ ବର୍ଷିବ

**ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

# ସରିପାରିନି ଯୁକ୍ତ୨ ଖାତାଦେଖା

**ଭୁବନେଶ୍ୱର,୧୪।୫(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷାଫଳ କେବେ ପ୍ରକାଶ ପାଇବ, ତାହାକୁ ନେଇ ଛାତ୍ରୀଛାତ୍ର ଚିନ୍ତାରେ ପଡ଼ିଛନ୍ତି। କାରଣ ଏ ପର୍ଯ୍ୟନ୍ତ ଖାତାଦେଖା ଶେଷ ହୋଇନାହିଁ। ଦୁଇଟି ପର୍ଯ୍ୟାୟରେ ମୂଲ୍ୟାଙ୍କନ ହେବା ପରେ ମେ ଶେଷ ସପ୍ତାହ ସୁଦ୍ଧା ଫଳାଫଳ ପ୍ରକାଶ ପାଇବ ବୋଲି ଆଶା କରାଯାଉଥିଲା। କିନ୍ତୁ ସବୁକିଛି ଓଲଟପାଲଟ ହୋଇଗଲା। ଗୋଟିଏ ପର୍ଯ୍ୟାୟ ଖାତାଦେଖା ସରିଥିବା ବେଳେ ବର୍ତ୍ତମାନ ଦ୍ୱିତୀୟ ପର୍ଯ୍ୟାୟ ଖାତାଦେଖା ଚାଲିଛି। ବାତ୍ୟା 'ଫନୀ' ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଖାତାଦେଖାରେ ବ୍ୟାଘାତ ସୃଷ୍ଟି ହେଲା। ଏପ୍ରିଲ ୨୫ରୁ ମେ ୫ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଖାତାଦେଖା ପାଇଁ ସମୟ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଗତ ୩ତାରଖରେ ବାତ୍ୟା ହେବାରୁ ରାଜ୍ୟର ଅଧିକାଂଶ ଜିଲାରେ କ୍ଷୟକ୍ଷତି ଘଟିଲା। ବିଦ୍ୟୁତ୍ ସଂଯୋଗ କଟିଗଲା। ☞ପୃଷ୍ଠା-୧୨

**ଫନୀ ପ୍ରଭାବ**

- ଫଳ ପ୍ରକାଶନକୁ ନେଇ ଚିନ୍ତାରେ ଛାତ୍ରୀଛାତ୍ର

## ୨୧ ସୁଦ୍ଧା ମାଟ୍ରିକ ପରୀକ୍ଷାଫଳ

**କଟକ ଅଫିସ,୧୪।୫**

ଚଳିତ ମାସ ୨୧ ତାରିଖ ସୁଦ୍ଧା ପ୍ରକାଶ ପାଇବ ମାଟ୍ରିକ ପରୀକ୍ଷା ଫଳ। ବିଧିବଦ୍ଧ କୌଣସି ତାରିଖ ଘୋଷଣା କରାଯାଇ ନ ଥିଲେ ମଧ୍ୟ ଆଉ ୭ ଦିନ ଭିତରେ ଫଳ ପ୍ରକାଶ ପାଇବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ସଭାପତି ଡ. ଜହାଁଆରା ବେଗମ୍ ମଙ୍ଗଳବାର କହିଛନ୍ତି। ମୂଲ୍ୟାୟନ ପ୍ରକ୍ରିୟା ଶେଷ ହୋଇ ଦ୍ୱିତୀୟ ପର୍ଯ୍ୟାୟ ଯାଞ୍ଚ ପ୍ରକ୍ରିୟା ମଧ୍ୟ ଶେଷ ହୋଇଛି। ତ୍ରୁଟିଶୂନ୍ୟ ଫଳ ପ୍ରକାଶ କରାଯିବା ଦିଗରେ ଗୁରୁତ୍ୱ ଦିଆଯାଇଛି ବୋଲି ସଭାପତି ବେଗମ୍ କହିଛନ୍ତି। ଅନ୍ୟପକ୍ଷରେ ତିନୋଟି ପରୀକ୍ଷା କେନ୍ଦ୍ରରେ ଇଂଲଶ ପରୀକ୍ଷା ବାତିଲ ଓ ୧୦୮ ପରୀକ୍ଷାର୍ଥୀଙ୍କ ଉତ୍ତରଖାତା ହଜିବା ଘଟଣା ସମ୍ପର୍କିତ ରିପୋର୍ଟ ପରୀକ୍ଷା କମିଟି ପ୍ରଦାନ କରିସାରିଛି। ତେବେ ଉକ୍ତ ରିପୋର୍ଟରେ ପରୀକ୍ଷା କମିଟି କ'ଣ ଦର୍ଶାଇଛି ତାହା ଗୋପନୀୟ ରହିଛି। ଫଳ ପ୍ରକାଶ ପାଇବା ପରେ କମିଟିର ନିଷ୍ପତ୍ତି ସ୍ପଷ୍ଟ କରାଯିବ ବୋଲି ସେ କହିଛନ୍ତି।

**ଆଜିର ସମ୍ପାଦକୀୟ**

**ଅବିଶ୍ୱସନୀୟ ଦୃଷ୍ଟାନ୍ତ**

**ଆଜିର ମନ୍ତବ୍ୟ**

"ନିର୍ବାଚନ ପରବର୍ତ୍ତୀ ମେଣ୍ଟ ନେଇ ଭାଜପା ସହ ଡିଏମ୍‌କେ ଆଲୋଚନା କରୁଛି ବୋଲି ଚର୍ଚ୍ଚା ହେଉଛି। ଏହା ଯଦି ପ୍ରମାଣିତ ହୁଏ ତେବେ ମୁଁ ରାଜନୀତି ଛାଡ଼ିଦେବି।

-ଏମ.କେ. ଷ୍ଟାଲିନ୍, ଡିଏମ୍‌କେ ସଭାପତି

**କିଛି ତଥ୍ୟ**

୨୦୧୯ ମାର୍ଚ୍ଚ ୩୧ ସୁଦ୍ଧା ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡରେ ୧୧୪୩ ମାମଲା ବିଚାରାଧୀନ ରହିଛି।

– କ୍ରିସିଲ୍


NECC NATIONAL EGG CO-ORDINATION COMMITTEE 14.05.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 109 | 170 | 180 |
| CTC | 109 | 170 | 180 |
| DKL | 104 | 163 | 173 |
| BDK | 110 | 171 | 181 |
| BLS | 112 | 174 | 184 |
| ANG | 104 | 163 | 173 |

*Conditions Apply

Eggs Retail Price- 40/-Dozen

Issued in the Interest of Consumers


# ଲକ୍ଷ୍ମୀ ପ୍ରଥମ ମହିଳା ଆଇସିସି ମ୍ୟାଚ ରେଫରି

**ଦୁବାଇ, ୧୪।୫**

ଭାରତର ଜି.ଏସ. ଲକ୍ଷ୍ମୀ ବିଶ୍ୱର ପ୍ରଥମ ମହିଳା ଭାବେ ଆଇସିସି ମ୍ୟାଚ ରେଫରି ହେବାର ସୌଭାଗ୍ୟଲାଭ କରିଛନ୍ତି। ଆଇସିସି ଇଣ୍ଟରନ୍ୟାଶନାଲ ପ୍ୟାନେଲ ଅଫ୍ ମ୍ୟାଚ୍ ରେଫରି ତାଲିକାରେ ଏହି ପୂର୍ବତନ ଭାରତୀୟ ମହିଳା କ୍ରିକେଟର୍ ସ୍ଥାନ ପାଇଛନ୍ତି। ଲକ୍ଷ୍ମୀ ବର୍ତ୍ତମାନ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ରେଫରି ଭାବେ ଦାୟିତ୍ୱ ତୁଲାଇବେ ବୋଲି ମଙ୍ଗଳବାର ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ପକ୍ଷରୁ ସ୍ପଷ୍ଟ କରାଯାଇଛି। ସେହିଭଳି ଅଷ୍ଟ୍ରେଲିଆର ଏଲୋଇସେ ସିରିଡାନ ଅଷ୍ଟମ ମହିଳା ଭାବେ ଡେଭଲପ୍‌ମେଣ୍ଟ ପ୍ୟାନେଲ୍ ଅଫ୍ ଅମ୍ପାୟର ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି।

୫୧ ବର୍ଷୀୟା ଲକ୍ଷ୍ମୀ ୨୦୦୮-୦୯ରେ ପ୍ରଥମେ ଘରୋଇ ମହିଳା କ୍ରିକେଟ୍ ପ୍ରତିଯୋଗିତାରେ ରେଫରି ଭାବେ ପଦାର୍ପଣ କରିଥିଲେ। ବର୍ତ୍ତମାନ ସୁଦ୍ଧା ସେ ୩ଟି ଲେଖାଏ ମହିଳା ଦିନିକିଆ ଓ ଟି୨୦ କ୍ରିକେଟ୍ ମ୍ୟାଚ୍‌ରେ ରେଫରି ଦାୟିତ୍ୱ ନିର୍ବାହ କରିସାରିଛନ୍ତି। 'ଆଇସିସିର ଇଣ୍ଟରନ୍ୟାଶନାଲ ପ୍ୟାନେଲ ଅଫ୍ ମ୍ୟାଚ୍ ରେଫରିଙ୍କୁ ମନୋନୀତ ହେବା ମୋ ପାଇଁ ବହୁତ ବଡ଼ ସମ୍ମାନ ଏବଂ ଏକ ନୂଆ ରାସ୍ତା ଖୋଲିଛି। ଜଣେ କ୍ରିକେଟର ଭାବେ ଭାରତ ପକ୍ଷରୁ ଅନେକ ମ୍ୟାଚ୍ ଖେଳିଛି ଏବଂ ମ୍ୟାଚ୍ ରେଫରି ଦାୟିତ୍ୱ ତୁଲାଇଛି। ମୋର କ୍ରିକେଟ୍ ଓ ମ୍ୟାଚ୍ ଅଫିସିଆଲ ଅଭିଜ୍ଞତାକୁ ଅନ୍ତର୍ଜାତୀୟ ସର୍କିଟ୍‌ରେ ପ୍ରୟୋଗ କରିବି' ବୋଲି ଏକ ସାକ୍ଷାତକାର ଅବସରରେ ଲକ୍ଷ୍ମୀ କହିଛନ୍ତି। 'ଏଭଳି ଏକ ବଡ଼ ସୁଯୋଗ ଦେଇଥିବାରୁ ଆଇସିସି, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡର ଅଫିସିଆଲଙ୍କ ସମେତ କ୍ରିକେଟରେ ମୋ ସିନିୟର ଖେଳାଳି, ପରିବାର ଓ ବନ୍ଧୁଙ୍କୁ ଧନ୍ୟବାଦ ଦେବି' ବୋଲି ଲକ୍ଷ୍ମୀ କହିଛନ୍ତି।



ଜି.ଏସ. ଲକ୍ଷ୍ମୀ

# ବିଜେଡିର ଆକଳନ ୧୦୦ ଆସନ

**ଭୁବନେଶ୍ୱର,୧୪।୫(ବ୍ୟୁରୋ)**

ଦେଶରେ ଚାଲିଥିବା ସାଧାରଣ ନିର୍ବାଚନ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଲାଣି। ମେ' ୧୯ରେ ସପ୍ତମ ପର୍ଯ୍ୟାୟ ଲାଗି ଭୋଟ ଗ୍ରହଣ କରାଯିବ। ଏହାର ଠିକ୍ ୪ ଦିନ ପରେ ଅର୍ଥାତ ୨୩ରେ ଭୋଟ ଗଣତି । ଓଡ଼ିଶାରେ ୨୦୦୦ ମସିହାରୁ ବିଜୁ ଜନତା ଦଳ(ବିଜେଡି) କ୍ଷମତାରେ ରହି ଆସିଛି। ଦଳ ଚଳିତ ନିର୍ବାଚନରେ ପୂର୍ବାପେକ୍ଷା ଶାସକ ବିରୋଧୀ ହାୱାର ସମ୍ମୁଖୀନ ହୋଇଥିବା ସମୀକ୍ଷକମାନେ ମତ ଦେଉଛନ୍ତି। ହେଲେ ସେହି ବିରୋଧୀ ହାୱାର ଫାଇଦା ଅନ୍ୟ ଦଳ କେତେ ନେଇଛନ୍ତି, ତାହା କେବଳ ଫଳାଫଳ ଘୋଷଣା ପରେ ସ୍ପଷ୍ଟ ହେବ। ନିର୍ବାଚନ ପରେ ବିଜେଡି ପକ୍ଷରୁ ବିଭିନ୍ନ ସଂସ୍ଥା ଦ୍ୱାରା ଏକାଧିକ ସର୍ବେକ୍ଷଣ କରାଯାଇଛି। ଏହାକୁ ନେଇ କେତେକ ନେତା ନାମ ଗୋପନ ରଖି କିଛି ତଥ୍ୟ ଦେଇଛନ୍ତି।

ବିଜେଡି ଦ୍ୱାରା କରାଯାଇଥିବା ସର୍ଭେରେ ଦଳ ୬୫ଟି ବିଧାନସଭା ଆସନରେ କଡା ମୁକାବିଲାର ସମ୍ମୁଖୀନ ହୋଇଥିବା କୁହାଯାଇଛି। କୋରାପୁଟ ଲୋକ ସଭା ଅଧୀନ ୬ଟି ବିଧାନସଭା ଆସନରେ ଦଳ କଡା ଟକ୍କରର ସମ୍ମୁଖୀନ ହୋଇଛି। ଏହି ଆସନ ଗୁଡ଼ିକ ହେଉଛି ରାୟଗଡା, ଲକ୍ଷ୍ମୀପୁର, ଜୟପୁର, ପଟ୍ଟାଙ୍ଗୀ, ଗୁଣୁପୁର ଏବଂ ବିଷମ କଟକ। ଏହି ସବୁ ସ୍ଥାନରେ ଦଳକୁ ଭାଜପା, କଂଗ୍ରେସ, ସ୍ୱାଧୀନ ଏବଂ ବିଏସ୍‌ପିକୁ ମୁକାବିଲା କରିବାକୁ ପଡିଛି। ତେଣୁ କୋରାପୁଟ ଲୋକ ସଭା ଆସନକୁ ଜିତିବା ନେଇ ସର୍ଭେରେ ଆଶଙ୍କା ପ୍ରକାଶ ପାଇଛି। ନବରଙ୍ଗପୁର ଲୋକ ସଭାରେ ଦଳ ଅନୁରୂପ ଅବସ୍ଥା ଭୋଗିଛି। ଏହା ଅଧୀନ ଝରିଗାଁ, ମାଲକାନଗିରି, ଚିତ୍ରକୋଣ୍ଡାରେ ଭାଜପା ସହିତ ଏବଂ ଉମରକୋଟ, ଡାବୁଗାଁ ଏବଂ ନବରଙ୍ଗପୁରରେ କଂଗ୍ରେସ ସହ କଡ଼ା ମୁକାବିଲା ହୋଇଛି। ☞ପୃଷ୍ଠା-୧୨

- ୬୫ ବିଧାନସଭା ପ୍ରାର୍ଥୀ ବିରୋଧୀଙ୍କ କଡ଼ା ମୁକାବିଲାର ସମ୍ମୁଖୀନ ହୋଇଛନ୍ତି
- ପୂର୍ବାପେକ୍ଷା ୪ରୁ ୭ ଲୋକ ସଭା ସିଟ୍ ହରାଇବା ଆଶଙ୍କା






"ଭାରତୀୟ ବାୟୁସେନା ଲାଗି ୧୨୬ ରାଫାଲ୍ ଯୁଦ୍ଧ ବିମାନ କିଣାଯିବାକୁ ଯୋଜନା ରହିଥିଲା। ଅର୍ଥାଭାବର ଆଳ ଦେଖାଇ ମାତ୍ର ୩୬ଟି କିଣାଗଲା। କମ ରାଫାଲ୍ ଯୁଦ୍ଧ ବିମାନ କିଣି ମୋଦି ସରକାର ଦେଶର ସୁରକ୍ଷା ସହ ଖେଳିଛନ୍ତି।
ରଣଦୀପ ସୁର୍ଜେୱାଲା, କଂଗ୍ରେସ ମୁଖପାତ୍ର





ପାଟନା ସାହିବରେ ରୋଡ୍ ଶୋ ବେଳେ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସହ ନଭଜୋତ ସିଂ ସିଦ୍ଧୁ ଓ ସୁନୀଲ ଜାଖର।



ଗୁରୁଦାସପୁରରେ ଭାଜପା ପ୍ରାର୍ଥୀ ସନି ଦେଓଲ ନିଜ ସମର୍ଥକମାନଙ୍କ ସହ ହାତ ମିଳାଉଛନ୍ତି।




ଉତ୍ତର କଶ୍ମୀରରେ ତିନି ବର୍ଷର ଶିଶୁଙ୍କୁ ବଳାତ୍କାର କରାଯିବା ପରେ ମହିଳାମାନେ ପ୍ଲାକାର୍ଡ ଧରି ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଏଲ୍‌ଟିଟିଇ ଉପରେ ଅଧିକ ୫ ବର୍ଷ ପ୍ରତିବନ୍ଧକ ଲାଗିଲା



**ନୂଆଦିଲ୍ଲୀ,୧୪।୫:** କେନ୍ଦ୍ର ସରକାର ମଙ୍ଗଳବାର କଠୋରପନ୍ଥୀ ଗୋଷ୍ଠୀ ଲିବରେଶନ୍ ଟାଇଗର୍ସ ଅଫ୍ ତାମିଲ ଇଲମ୍ (ଏଲ୍‌ଟିଟିଇ) ଉପରେ ଅଧିକ ୫ ବର୍ଷର ପ୍ରତିବନ୍ଧକ ଲଗାଇଛନ୍ତି। ରାଜୀବ ଗାନ୍ଧୀ ହତ୍ୟା ମାମଲା ପଛରେ ଏହି ଗୋଷ୍ଠୀର ସମ୍ପୃକ୍ତି ଥିଲା। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏନେଇ ବିଜ୍ଞପ୍ତି ଜାରି କରାଯାଇଛି। ୨୦୧୪ରେ ଏହି ଗୋଷ୍ଠୀ ବିରୋଧରେ ୫ ବର୍ଷର ପ୍ରତିବନ୍ଧକ ଲଗାଯାଇଥିଲା। ଶ୍ରୀଲଙ୍କାର ଏହି କଠୋରପନ୍ଥୀ ଗୋଷ୍ଠୀର ଏଜେଣ୍ଟ ଓ ସମର୍ଥକମାନେ ଭାରତରେ ଅଛନ୍ତି। ସ୍ୱତନ୍ତ୍ର ରାଜ୍ୟ ଗଠନ (ତାମିଲ ଇଲମ୍) ଗଠନ ଏମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ; ଯାହାକି ଦେଶର ସାର୍ବଭୌମତ୍ୱ ଓ ଅଖଣ୍ଡତା ଲାଗି ବିପଦ ସୃଷ୍ଟିକରିଛି। ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ କରି ଶାନ୍ତିଭଙ୍ଗ କରିବା ଏମାନଙ୍କର ଉଦ୍ଦେଶ୍ୟ। ୨୦୦୯ରେ ଶ୍ରୀଲଙ୍କାରେ ପରାଜୟବରଣ କରିଥିଲେ ବି ଏମାନେ ନିଜର ଆଭିମୁଖ୍ୟରୁ ହଟିନାହାନ୍ତି। ପୁନଃ ସଙ୍ଗଠିତ ହୋଇ ଏମାନେ ନିଜର ଶକ୍ତି ଓ ସଙ୍ଗଠନ ବୃଦ୍ଧି କରିବାରେ ଲାଗିଛନ୍ତି।

### ■ ର୍‍ୟାଲି ପୂର୍ବରୁ ଭାଜପା ପୋଷ୍ଟର ହଟାଗଲା

# ଶାହଙ୍କ ରୋଡ୍ ଶୋ'ବେଳେ ହିଂସା

କୋଲ୍‌କାତା,୧୪।୫

ପଶ୍ଚିମବଙ୍ଗରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଭାଜପା କଡ଼ା ଟକ୍କର ଦେବାଲାଗି ଜୋର୍‌ଦାର ପ୍ରସ୍ତୁତି ଚଳାଇଛି। କୋଲ୍‌କାତାରେ ଭାଜପା ସଭାପତି ଅମିତ୍ ଶାହଙ୍କ ମେଗା ରୋଡ୍ ଶୋ ଓ ଜୟ ଶ୍ରୀରାମ ଉଚ୍ଚାରଣ ଟିଏମ୍‌ସି ଲାଗି ଚ୍ୟାଲେଞ୍ଜ୍ ଆଣିଦେଇଛି। ଭାଜପା କର୍ମକର୍ତ୍ତାଙ୍କ ଉତ୍ସାହ ଏହାଦ୍ୱାରା ବୃଦ୍ଧି ପାଇଥିଲାବେଳେ କେତେକ ସ୍ଥାନରେ ଅପ୍ରୀତିକର ପରିସ୍ଥିତି ଦେଖାଦେଇଥିବା



କୋଲ୍‌କାତାରେ ଭାଜପାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କ ରୋଡ ଶୋ।



ହିଂସାକାଣ୍ଡ ପରେ ପୋଡାଜଳା।

ଜଣାପଡ଼ିଛି। କୋଲ୍‌କାତାର ବିଧାନ ସରିଣିଠାରେ ଶାହଙ୍କ ଶୋଭାଯାତ୍ରା ଉପରକୁ ଢେଲାମାଡ଼ କରାଯିବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ସେହିଭଳି କଲେଜ୍ ଷ୍ଟ୍ରିଟ୍ ନିକଟରେ ସଂଘର୍ଷ ହେବାରୁ ପୋଲିସକୁ ଲାଠିଚାର୍ଜ କରିବାକୁ ପଡ଼ିଥିଲା। ଏହାକୁ ନେଇ ବିଭିନ୍ନ ସ୍ଥାନରେ ପୋଡ଼ାଜଳା କରାଯାଇଥିବା, ଟିଏମ୍‌ସି ଓ ଭାଜପା ସମର୍ଥକମାନେ ଝଟାପଟି ଅବସ୍ଥାରେ ଥିବା ଜଣାପଡ଼ିଛି।

ମଙ୍ଗଳବାର କୋଲକାତା ର୍‍ୟାଲି ପୂର୍ବରୁ ରାସ୍ତାରୁ ସମସ୍ତ ଦଳୀୟ

**ର୍‍ୟାଲିବେଳେ ଢେଲାମାଡ଼, ପୋଡ଼ାଜଳା, ଲାଠିଚାର୍ଜ**

ପୋଷ୍ଟର ହଟାଇ ଦିଆଯାଇଥିଲା। ଏହାକୁ ନେଇ ଭାଜପା ପକ୍ଷରୁ ଶାସକ ଟିଏମ୍‌ସିକୁ ଦୋଷାରୋପ କରାଯାଇଛି। ର୍‍ୟାଲି ହେବାକୁ ଥିବା ରାସ୍ତାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ସଭାପତି ଅମିତ୍ ଶାହ ପ୍ରମୁଖଙ୍କ ପୋଷ୍ଟର ହଟାଯିବା ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଭାଜପା କର୍ମକର୍ତ୍ତାମାନେ ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀଙ୍କୁ ବିରୋଧ କରି ବିକ୍ଷୋଭ କରିଛନ୍ତି। ରାଜ୍ୟ ନିର୍ବାଚନ କମିଶନ ଓ ରାଜ୍ୟ ପୋଲିସ ଟିଏମ୍‌ସିକୁ ସମର୍ଥନ କରିଆସୁଛନ୍ତି ବୋଲି ଅଭିଯୋଗ କରାଯାଇଛି।

ଶହୀଦ ମିନାର ମଇଦାନରୁ ଶାହଙ୍କ ର୍‍ୟାଲି ବାହାରିବା ପୂର୍ବରୁ ପୋଲିସ ଏଥିଲାଗି ଅନୁମତି ଦେଇ ନ ଥିଲା। ତେଣୁ ଧର୍ମତାଲାରୁ ଶିମ୍‌ଲା ଷ୍ଟ୍ରିଟ୍‌ସ୍ଥିତ ସ୍ୱାମୀ ବିବେକାନନ୍ଦଙ୍କ ଘର ପର୍ଯ୍ୟନ୍ତ ଶାହଙ୍କ ରୋଡ୍ ଶୋ କରାଯାଇଥିଲା। ପ୍ରକାଶଥାଉ କି, ର୍‍ୟାଲି ପୂର୍ବରୁ ଶାହ ଟିଏମ୍‌ସି ମୁଖ୍ୟ ମମତା ବାନାର୍ଜୀଙ୍କୁ ସୋମବାର ଚ୍ୟାଲେଞ୍ଜ ଦେବା ସହ କୋଲ୍‌କାତାରେ ଜୟ ଶ୍ରୀରାମ ଉଚ୍ଚାରଣ କରିବି, ମୋତେ ବାନ୍ଧି ଦେଖ ବୋଲି କହି ଚ୍ୟାଲେଞ୍ଜ୍ ଦେଇଥିଲେ। ମଙ୍ଗଳବାର ମେଗା ର୍‍ୟାଲିରେ ଭାଜପା କର୍ମକର୍ତ୍ତାଙ୍କ ଜୟ ଶ୍ରୀରାମ ଉଚ୍ଚାରଣ ଜନମାନସ ଉପରେ କି ପ୍ରଭାବ ପକାଉଛି ତାହା ସମୟ କହିବ। ପ୍ରକାଶଥାଉ କି, ସପ୍ତମ ତଥା ଶେଷ ପର୍ଯ୍ୟାୟ ଲୋକ ସଭା ନିର୍ବାଚନରେ ପଶ୍ଚିମବଙ୍ଗରେ ୯ଟି ଆସନରେ ମତଦାନ କରାଯିବ।

# ପାପୁଆ ନ୍ୟୁ ଗିନିରେ ଭୂକମ୍ପ-ସୁନାମି ଆଶଙ୍କା

କାନ୍‌ବେରା,୧୪।୫(ଏପି)

ମଙ୍ଗଳବାର ସନ୍ଧ୍ୟାରେ ପାପୁଆ ନ୍ୟୁ ଗିନିରେ ଶକ୍ତିଶାଳୀ ଭୂକମ୍ପ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ସୁନାମି ଆସିବା ଆଶଙ୍କା ଅଛି ବୋଲି ସତର୍କ ସୂଚନା ଦିଆଯାଇଛି। ଏହାଦ୍ୱାରା ନିକଟବର୍ତ୍ତୀ ସୋଲୋମନ ଦ୍ୱୀପସମୂହ ପ୍ରଭାବିତ ହେବ। ଆମେରିକାର ଜିଓଲୋଜିକାଲ ସର୍ଭେ (ୟୁଏସ୍‌ଜିଏସ୍)ର ସୂଚନା ଅନୁଯାୟୀ, ରିକ୍ଟର ସ୍କେଲ୍‌ରେ ଭୂକମ୍ପର ମାତ୍ରା ୭.୫ ରେକର୍ଡ କରାଯାଇଛି ଏବଂ ଏହାର କେନ୍ଦ୍ରସ୍ଥଳ କୋକୋପୋଠାରୁ ଉତ୍ତର-ପୂର୍ବକୁ ୪୫ କିଲୋମିଟର ଦୂରରେ ଭୂପୃଷ୍ଠଠାରୁ ୧୦କିଲୋମିଟର ଗଭୀରତାରେ ଠାବ କରାଯାଇଛି। ଭୂକମ୍ପ ଅଧିକ କ୍ଷୟକ୍ଷତି କରିବା ଆଶଙ୍କା ଅଛି। କିନ୍ତୁ ବିକ୍ଷିପ୍ତ ଜନବସତି ପାଇଁ ମୃତାହତ ସଂଖ୍ୟା କମ୍ ହୋଇପାରେ ବୋଲି ୟୁଏସ୍‌ଜିଏସ୍ ପକ୍ଷରୁ ସୂଚନା




ଦିଆଯାଇଛି। ଇଣ୍ଡୋନେସିଆର ପୂର୍ବକୁ ନ୍ୟୁ ଗିନିର ପୂର୍ବ ଅର୍ଦ୍ଧାଂଶରେ ପାପୁଆ ନ୍ୟୁ ଗିନି ଅବସ୍ଥିତ। ପ୍ରଶାନ୍ତ ମହାସାଗରର 'ରିଙ୍ଗ୍ ଅଫ୍ ଫାୟାର' ମଧ୍ୟରେ ଏହା ଅବସ୍ଥିତ ଥିବାରୁ ଅଧିକାଂଶ ସମୟରେ ଏଠାରେ ଭୂକମ୍ପ ଓ ଅଗ୍ନି ଉଦ୍‌ଗିରଣ ଘଟିଥାଏ।

୨୦୧୮ ଫେବୃୟାରୀରେ ପାପୁଆ ନ୍ୟୁ ଗିନିର କେନ୍ଦ୍ରଭାଗରେ ୭.୫ ତୀବ୍ରତାର ଭୂକମ୍ପ ହେବା ଯୋଗୁ ୧୨୫ ଜଣଙ୍କ ମୃତ୍ୟୁ ଘଟିବା ସହିତ ୩୫,୦୦୦ ଲୋକ ବାସଚ୍ୟୁତ ହୋଇଥିଲେ।

### ■ ସଂଘୀୟ ମେଣ୍ଟ ଫେରିବା ନେଇ କେସିଆର୍ ଆଶାବାଦୀ

# କେନ୍ଦ୍ରରେ କଂଗ୍ରେସକୁ ଡ୍ରାଇଭର ସିଟ୍ ଦେବୁନି

ନୂଆଦିଲ୍ଲୀ/ହାଇଦ୍ରାବାଦ୍,୧୪।୫



କେନ୍ଦ୍ରରେ ସରକାର ଗଠନ ପ୍ରକ୍ରିୟା ଜୋର୍ ଧରିବାରେ ଲାଗିଛି। କଂଗ୍ରେସ, ଭାଜପା ଓ ସଂଘୀୟ ମେଣ୍ଟର ସହଯୋଗୀ ଦଳଗୁଡ଼ିକ ବିଜୟୀ ହେବାନେଇ ଆଶାବାନ୍ଧି ବସିଛନ୍ତି। କାହାକୁ ସଂଖ୍ୟାଗରିଷ୍ଠତା ମିଳିବ, କାହା ନେତୃତ୍ୱରେ କେନ୍ଦ୍ର ସରକାର ଗଠନ ହେବ, ସେନେଇ ଆଲୋଚନା ପର୍ଯ୍ୟାଲୋଚନା ଆରମ୍ଭ ହୋଇଗଲାଣି। ତେବେ ଆଞ୍ଚଳିକ ଦଳଗୁଡ଼ିକୁ ନେଇ ଗଠିତ ସଂଘୀୟ ମେଣ୍ଟ ବିପୁଳ ବିଜୟ ହାସଲ କରିବ ବୋଲି ତେଲେଙ୍ଗାନା ରାଷ୍ଟ୍ରୀୟ ସମିତି ଅଧ୍ୟକ୍ଷ ତଥା ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ(କେସିଆର୍) କହିଛନ୍ତି।

ମ୍ୟାଜିକ୍ ନମ୍ବରଠାରୁ ଆମେ ପଛରେ ରହିଲେ କଂଗ୍ରେସର ସମର୍ଥନ କଥା ବିଚାରକୁ ନେବୁ ବୋଲି ସେ ପ୍ରକାଶ କରିଛନ୍ତି। ଡ୍ରାଇଭର ଆସନ କଂଗ୍ରେସକୁ ଦେବୁ ନାହିଁ ବୋଲି ସେ ମତ ଦେଇଛନ୍ତି। ଅଣଭାଜପା ଓ ଅଣକଂଗ୍ରେସ ସଂଘୀୟ ମେଣ୍ଟ ସପକ୍ଷରେ ସେ ଯୁକ୍ତି ବାଢ଼ିଥିଲାବେଳେ କଂଗ୍ରେସ ବାହାରୁ ସରକାରକୁ ସମର୍ଥନ ଦେଇପାରିବ ବୋଲି କହିଛନ୍ତି। ନିର୍ବାଚନ ଫଳାଫଳ ଆସିବା ପରେ ଆଞ୍ଚଳିକ ଦଳଗୁଡ଼ିକ ଏକାଠି ବସି ସର୍ବସମ୍ମତିକ୍ରମେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ବାଛିବେ। ଭାଜପା ସହ ସଂଘୀୟ ମେଣ୍ଟ କରିବାର ପ୍ରଶ୍ନ ଉଠୁନାହିଁ ବୋଲି କେସିଆର୍ କହିଛନ୍ତି। ଏସ୍‌ପି, ବିଏସ୍‌ପି, ୱାଇଏସ୍‌ଆର୍‌ସିପି, ଡିଏମ୍‌କେ ଓ ଟିଆର୍‌ଏସ୍ ଏଥିଲାଗି ପ୍ରସ୍ତୁତ ଥିବା ସେ ପ୍ରକାଶ କରିଛନ୍ତି। ଜେଡିୟୁ ଓ ବାମପନ୍ଥୀଙ୍କ ସହ ଆଲୋଚନା ଚାଲିଥିବା ସେ କହିଛନ୍ତି।

# ସଙ୍କୁଚିତ ହେଉଛନ୍ତି ଜହ୍ନମାମୁ

ୱାଶିଂଟନ,୧୪।୫

ଶହେ ନିୟୁତ ବର୍ଷ ମଧ୍ୟରେ ଚନ୍ଦ୍ରର ଆକାର ସଙ୍କୁଚିତ ହୋଇଛି। ଏହା ସହିତ ଏଥିରେ ବାରମ୍ବାର ଭୂକମ୍ପନ ମଧ୍ୟ ସୃଷ୍ଟି ହେଉଥିବା ନାସା ପକ୍ଷରୁ ସୂଚନା ଦିଆଯାଇଛି। ନାସାର ଲୁନାର ରିକୋନାଇସାନ୍ସ ଅର୍ବିଟର(ଏଲ୍‌ଆର୍‌ଓ) ସ୍ପେସ୍‌କ୍ରାଫ୍ଟ ଦ୍ୱାରା ଉତ୍ତୋଳିତ ୩,୫୦୦ ଫଟୋଚିତ୍ର ମିଳିଛି। କେତେକ ଫଟୋରେ ଭୂସ୍ଖଳନ, ଫାଟ ଓ ପଥରଖଣ୍ଡ ଜମା ହୋଇଥିବା ଭଳି ଚିତ୍ର ସ୍ପଷ୍ଟ ହୋଇଥିବାରୁ ଜହ୍ନମାମୁରେ ଅନେକ ସମୟରେ କମ୍ପନ ସୃଷ୍ଟି ହେଉଥିବା ବୈଜ୍ଞାନିକମାନେ ନିଶ୍ଚିତ ହୋଇଛନ୍ତି। ଇତିମଧ୍ୟରେ ଚନ୍ଦ୍ର ୫୦ ମିଟର ସଙ୍କୁଚିତ ହୋଇଥିବା ଏଥିରେ ଦର୍ଶାଯାଇଛି। ୪୫୦ କୋଟି ବର୍ଷ ତଳେ ଏହାର ଉତ୍ପତ୍ତି ସମୟର ତାପମାତ୍ରା ଏବଂ ବର୍ତ୍ତମାନର ତାପମାତ୍ରା ମଧ୍ୟରେ ଫରକ ଥିବା ଜାଣିବାକୁ ମିଳିଛି। ଚନ୍ଦ୍ରର ତାପମାତ୍ରା କମିବାରୁ ଏହାର ଆୟତନ ସଙ୍କୁଚିତ ହେଉଥିବା ଗବେଷକମାନେ ସୂଚନା ଦେଇଛନ୍ତି। ଏହା ସହିତ ଚନ୍ଦ୍ରରେ ଭୂକମ୍ପନ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ୧୯୬୯ରୁ ୧୯୭୭ ମଧ୍ୟରେ ଚନ୍ଦ୍ରରେ ୨୮ଟି ଭୂକମ୍ପନ ହୋଇଥିବା ଗବେଷକମାନେ ଅଧ୍ୟୟନ କରି ଜାଣିପାରିଛନ୍ତି। ଚନ୍ଦ୍ରରେ ସୃଷ୍ଟି ହେଉଥିବା ଭୂକମ୍ପନର ତୀବ୍ରତା ରିକ୍ଟର ସ୍କେଲରେ ୨ରୁ ୫ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି।



# ଶ୍ରୀଲଙ୍କାରେ ୩ ଉଗ୍ରପନ୍ଥୀ ଗୋଷ୍ଠୀ ନିଷିଦ୍ଧ

କଲମ୍ବୋ,୧୪।୫(ପି.ଟି)

ଶ୍ରୀଲଙ୍କା ସରକାର ନ୍ୟାଶନାଲ ଥୋହିଦ୍ ଜମାତ୍ (ଏନ୍‌ଟିଜେ) ସମେତ ଦୁଇଟି ଇସ୍‌ଲାମିକ୍ ଚରମପନ୍ଥୀ ଗୋଷ୍ଠୀକୁ ନିଷିଦ୍ଧ ଘୋଷଣା କରିଛନ୍ତି। ଏପ୍ରିଲ ୨୧ ଇଷ୍ଟର ପର୍ବରେ ଏନ୍‌ଟିଜେ ଦ୍ୱାରା ଆତଙ୍କବାଦୀ ଆକ୍ରମଣ ଫଳରେ ୨୫୦ରୁ ଊର୍ଦ୍ଧ୍ୱ ଲୋକ ନିହତ ହୋଇଥିଲେ। ରାଷ୍ଟ୍ରପତି ମୈତ୍ରିପାଳ ସିରିସେନା ଏକ ଉଲ୍ଲେଖଯୋଗ୍ୟ ଗ୍ୟାଜେଟ ଜାରି କରି ଏକାଧିକ ଚରମପନ୍ଥୀ ଗୋଷ୍ଠୀକୁ ନିଷିଦ୍ଧ ଘୋଷଣା କରିଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଡ୍ରୋନ୍ ଉଡାଣ ନ କରିବାକୁ ମଧ୍ୟ ନିଷେଧାଜ୍ଞା ଜାରି କରାଯାଇଛି। ଗ୍ୟାଜେଟ ଅନୁଯାୟୀ, ନ୍ୟାଶନାଲ ଥୋହିଦ୍ ଜମାଥ(ଏନ୍‌ଟିଜେ), ଜମାଥି ମିଲାଥେ ଇବ୍ରାହିମ (ଜେଏମ୍‌ଆଇ) ଏବଂ ୱିଲାୟାଥ ଆସ୍ ସେୟଲାନି(ଡବ୍ଲ୍ୟୁଏଏସ୍) ସଂଗଠନଗୁଡିକୁ ନିଷିଦ୍ଧ କରାଯାଇଛି। ଏପ୍ରିଲ ୨୧ରେ ଶ୍ରୀଲଙ୍କାର ୩ଟି ଗୀର୍ଜା ଏବଂ କେତେକ ବିଳାସମୟ ହୋଟେଲରେ ୯ଟି ଆତ୍ମଘାତୀ ଆକ୍ରମଣ କରାଯିବା ଫଳରେ ୨୫୮ ଲୋକଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ମଧ୍ୟରେ ୪୪ ବିଦେଶୀଙ୍କ ମଧ୍ୟରୁ ୧୦ଜଣ ଭାରତୀୟ ଥିଲେ। ୫୦୦ରୁ ଅଧିକ ଲୋକ ଆହତ ହୋଇଥିଲେ।

ଇସ୍‌ଲାମିକ୍ ଷ୍ଟେଟ୍ ଆତଙ୍କବାଦୀ ଗୋଷ୍ଠୀ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଥିଲେ ହେଁ ଶ୍ରୀଲଙ୍କା ସରକାର ସ୍ଥାନୀୟ ଏନ୍‌ଟିଜେକୁ ଦୋଷାରୋପ କରିଆସୁଛନ୍ତି। ଉକ୍ତ ଘଟଣା ପାଇଁ ଏ ପର୍ଯ୍ୟନ୍ତ ୧୦୦୦ରୁ ଊର୍ଦ୍ଧ୍ୱ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଗିରଫ କରାଗଲାଣି।

## ଜେଇଏମ୍ ଆତଙ୍କବାଦୀ ଗିରଫ




**ଶ୍ରୀନଗର,୧୪।୫:** ଜମ୍ମୁ-କଶ୍ମୀରରୁ ଜଣେ ଜୈଶ-ଇ-ମହମ୍ମଦ(ଜେଇଏମ୍) ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି। ତାଙ୍କ ନାମ ଅବଦୁଲ୍ ମାଜିଦ୍ ବାବା। ଶ୍ରୀନଗରରୁ ତାଙ୍କୁ ଗିରଫ କରାଯିବା ପରେ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର କରାଯାଇଛି। ଫେରାର୍‌ଥିବା ଏହି ଆତଙ୍କବାଦୀଙ୍କୁ ଧରିବା ଲାଗି ଦିଲ୍ଲୀ ପୋଲିସ ପକ୍ଷରୁ ୨ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଦିଲ୍ଲୀ ପୋଲିସ ଆଣିବ ବୋଲି ଜଣାପଡ଼ିଛି।

## ଇତିହାସର ଆଇନାରେ

### ମେ ୧୫ର ପ୍ରମୁଖ ଘଟଣା

୧୯୭୬ ମେ ୧୫ରେ ଏରୋଫ୍ଲଟ ଫ୍ଲାଇଟ ୧୮୦୨ ଚେର୍ନିଭ ରାୟନ୍‌ର ଭିକ୍ଟୋରୋଭ୍‌କାଠାରେ ଦୁର୍ଘଟଣା ଗ୍ରସ୍ତ ହେବା ଫଳରେ ୫୨ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଏହି ବାଣିଜ୍ୟିକ ବିମାନଟି ଭିନ୍ନିସିଆଠାରୁ ମସ୍କୋ ଯାତ୍ରା କରୁଥିଲା। ୫୨ ମୃତଯାତ୍ରୀଙ୍କ ମଧ୍ୟରେ ବିମାନ କର୍ମଚାରୀ ଅନ୍ତର୍ଭୁକ୍ତ ଥିଲେ।

୨୦୦୮ ମେ ୧୫ରେ ଆମେରିକାର କାଲିଫର୍ନିଆ ରାଜ୍ୟରେ ସମଲିଙ୍ଗୀ ବିବାହ ଆଇନସମ୍ମତ ହେଲା। ଦେଶର ସୁପ୍ରିମକୋର୍ଟ ପୂର୍ବ ନିଷେଧାଜ୍ଞାକୁ ଅଣସାମ୍ବିଧାନିକ ଘୋଷଣା ପରେ ୨୦୦୪ରେ ମାସାଚୁସେଟ୍ସ ରାଜ୍ୟରେ ସମଲିଙ୍ଗୀ ବିବାହକୁ ବିଧିସମ୍ମତ କରାଯାଇଥିଲା। ୨୦୦୮ ଜୁନ ୧୬ରେ ପ୍ରଥମକରି କାଲିଫର୍ନିଆରେ ସମଲିଙ୍ଗୀ ଦମ୍ପତିଙ୍କୁ ବିବାହ ଲାଇସେନ୍ସ ଜାରି କରାଯାଇଥିଲା।




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କ ରହିବ।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବା ସହିତ ଅପରାହ୍ନରେ ବର୍ଷା ହେବା ସମ୍ଭାବନା ଅଛି। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୦ | ୨୩.୧ |
| ଚାନ୍ଦବାଲି | ୩୯.୦ | ୨୮.୬ |
| କଟକ | ୩୯.୫ | ୨୫.୨ |
| ପାରାଦ୍ୱୀପ | ୩୩.୦ | ୨୮.୨ |
| ଭୁବନେଶ୍ୱର | ୩୯.୪ | ୨୬.୨ |
| ଗୋପାଳପୁର | ୩୩.୫ | ୨୫.୮ |
| ପୁରୀ | --- | ୨୭.୨ |
| ଅନୁଗୋଳ | ୪୦.୧ | ୨୪.୦ |
| ବାରିପଦା | ୩୬.୫ | ୨୪.୬ |
| ଝାରସୁଗୁଡ଼ା | ୪୧.୦ | ୨୫.୮ |
| କେନ୍ଦୁଝର | ୩୫.୨ | ୨୫.୧ |
| ସମ୍ବଲପୁର | ୪୦.୫ | ୨୬.୯ |
| ସୁନ୍ଦରଗଡ଼ | ୩୮.୦ | ୨୨.୦ |
| ହୀରାକୁଦ | ୩୯.୭ | ୨୭.୪ |
| ତାଳଚେର | ୪୨.୫ | ୨୬.୭ |
| ଭବାନୀପାଟଣା | ୩୮.୫ | ୨୨.୫ |
| ବଲାଙ୍ଗୀର | ୪୦.୨ | ୨୫.୩ |
| କୋରାପୁଟ | ୩୩.୬ | ୧୯.୪ |
| ଫୁଲବାଣୀ | ୩୯.୦ | --- |
| ଟିଟିଲାଗଡ଼ | ୪୧.୦ | ୨୩.୫ |
| ମାଲକାନଗିରି | ୩୭.୪ | ୧୮.୪ |
| ସୋନପୁର | ୪୧.୦ | ୨୩.୦ |
| ଦାରିଙ୍ଗିବାଡ଼ି | ୩୪.୫ | ୨୦.୦ |

ଡିଗ୍ରୀ ସେଲ୍‌ସିୟସ୍


# ହାସ୍ୟ ଅଭିନୟ କରିବାକୁ ଆଗ୍ରହୀ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ନୀନା ଗୁପ୍ତା ହାସ୍ୟ ଅଭିନୟ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ସେ ୧୯୮୫ରେ ପ୍ରଥମକରି ଫିଲ୍ମ ଦୁନିଆରେ ପାଦ ଥାପିଥିଲେ। ତାହା ପରଠୁ ସେ ଆଉ ପଛକୁ ଫେରି ଚାହିଁନାହାନ୍ତି। ଅଭିନୟ ପାଇଁ ଅଫର ତାଙ୍କ ପିଛା ଛାଡିନି। ୨୦୧୮ରେ ତାଙ୍କ ଅଭିନୀତ ଫିଲ୍ମ ହେଉଛି 'ବଧାଇ ହୋ'। ୬୦ ବର୍ଷୀୟା ଅଭିନେତ୍ରୀ ବର୍ତ୍ତମାନ ହାସ୍ୟରସାତ୍ମକ ଅଭିନୟ କରିବାକୁ ଉତ୍କଣ୍ଠିତ ଥିବା ପ୍ରକାଶ କରିଛନ୍ତି। 'ପାଙ୍ଗା' ଅଥବା ଅକ୍ଷୟ କୁମାରଙ୍କ ଅଭିନୀତ 'ସୂର୍ଯ୍ୟବଂଶୀ'ରେ ନୀନା ମା' ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। କିନ୍ତୁ ସେ ଏଣିକି କମେଡି ରୋଲ୍‌ରେ ଦୃଶ୍ୟମାନ ହେବାକୁ ଚାହାନ୍ତି। ଏପରି କି ସେ ଅବସ୍ଥା ଓ ପରିସ୍ଥିତିକୁ ଚାହିଁ ଭଲ କମେଡି କରିପାରିବେ ବୋଲି ପ୍ରକାଶ କରିଛନ୍ତି। ଅଭିନୟ ପାଇଁ ତାଙ୍କୁ ଦୁଇଥର ଜାତୀୟ ପୁରସ୍କାର ମିଳିଛି। 'ବଧାଇ ହୋ' ପରେ ନେଟ୍‌ଫ୍ଲିକ୍ସ ଫିଲ୍ମ 'ମ୍ୟୁଜିକ୍ ଟିଚର', ଆମାଜନ୍ ପ୍ରାଇମ ଭିଡିଓ ୱେବ୍ ସିରିଜ୍ 'ମେଡ୍ ଇନ୍ ହେଭେନ' ଏବଂ ଫିଚର ଫିଲ୍ମ 'ଦି ଲାଷ୍ଟ କଲର'ରେ ନୀନାଙ୍କୁ ଦେଖିବାକୁ ମିଳିଥିଲା। ବର୍ତ୍ତମାନ ସେ ବ୍ୟସ୍ତତା ଭିତରେ ରହୁଥିବା ପ୍ରକାଶ କରିଛନ୍ତି।



ନୀନା ଗୁପ୍ତା

ଦରଜ ରୁ ଉପଶମ
ଆୟୁର୍ବେଦିକ ଔଷଧ
ଗଣ୍ଠିବାତ ତୈଳ™
Joint Pain Reliever
ଏହି ତୈଳର ଉପଯୋଗରେ ଅଣ୍ଟା, ଆଣ୍ଠୁ, ପିଠି ଓ ମାଂସପେଶୀୟ ଦରଜରୁ ଉପଶମ ମିଳେ।
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ
A Product of KHPL




## ■ 'ଫନୀ'କୁ ୧୨ ଦିନ ବିତିଲା

# ଏବେ ବି ବିଜୁଳି ଅପହଞ୍ଚ

**ଭୁବନେଶ୍ୱର, ୧୪।୫(ବ୍ୟୁରୋ)**

- ଆଜି ପୁରୀ, କୋଣାର୍କକୁ ଆସିପାରେ ବିଜୁଳି
- ଆଜିଠୁ ଖୋଲିବ ଆହାର କେନ୍ଦ୍ର
- ସହରାଞ୍ଚଳର କ୍ଷତି ୫୨୪ କୋଟି
- ୨୯୧ କି.ମି. ଡ୍ରେନ୍, ୨୭ ଆହାର କେନ୍ଦ୍ର ନଷ୍ଟ
- ବୈଷୟିକ ଶିକ୍ଷା ବିଭାଗର ୫୧ ଅନୁଷ୍ଠାନ କ୍ଷତିଗ୍ରସ୍ତ
- ବୋଲଗଡ଼ରେ ଝାଡ଼ାବାନ୍ତି

ରାଜ୍ୟରେ ଅସହ୍ୟ ଗରମ ଓ ଗୁଳୁଗୁଳି ଲାଗି ରହିଛି। ବାତ୍ୟା 'ଫନୀ' ଯିବାର ୧୨ ଦିନ ବିତିଗଲାଣି। ଏପର୍ଯ୍ୟନ୍ତ ପୁରୀ ଓ ଭୁବନେଶ୍ୱର ସହରରେ ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇପାରିନାହିଁ। ପୁରୀ ସହରକୁ ଏପର୍ଯ୍ୟନ୍ତ ବିଦ୍ୟୁତ୍ ପହଞ୍ଚି ନ ଥିବାବେଳେ ଭୁବନେଶ୍ୱର ସହରାଞ୍ଚଳରେ ୯୫ ପ୍ରତିଶତ ଲୋକଙ୍କୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଛି। ଅଳ୍ପ କେତେକ ଅଞ୍ଚଳକୁ ବାଦ୍ ଦେଲେ ସହରାଞ୍ଚଳର ସମସ୍ତ ଭାଗରେ ବିଦ୍ୟୁତ୍ ପୁନଃସଂଯୋଗ ଦିଆଯାଇଛି। ବୁଧବାର ପୁରୀ ଓ କୋଣାର୍କ ସହରକୁ ବିଦ୍ୟୁତ୍ ଯୋଗାଣ ଆରମ୍ଭ ହେବ ବୋଲି ସରକାର ପ୍ରତିଶ୍ରୁତି ଦେଇଛନ୍ତି। ବିଦ୍ୟୁତ୍ ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ପୁରୀକୁ ଯାଇଥିବା ୧୩୨ କେଭି ବିଦ୍ୟୁତ୍ ଖୁଣ୍ଟ ନଷ୍ଟ ହୋଇଥିବାରୁ ଯୋଗାଣରେ ବିଳମ୍ବ ହେଉଛି ବୋଲି ମଙ୍ଗଳବାର ସୂଚନାଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଓ ଲୋକସମ୍ପର୍କ ସଚିବ ସଞ୍ଜୟ ସିଂ କହିଛନ୍ତି। ସେ କହିଛନ୍ତି ଯେ, ଭୁବନେଶ୍ୱରର ବିସିଡିଡି-୧ର ୪୪ଟି ଫିଡ଼ର କାର୍ଯ୍ୟକ୍ଷମ କରାଯାଇ ଏହା ଅଧୀନରେ ଥିବା ସମସ୍ତ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ସଂଯୋଗ କରାଯାଇଛି। ସେହିପରି ବିସିଡିଡି-୨ରେ ୬୬ଟି ଫିଡ଼ର କାର୍ଯ୍ୟକ୍ଷମ ହୋଇଛି। ଏହି ଡିଭିଜନରେ ଥିବା ୯୭ହଜାର ଉପଭୋକ୍ତାଙ୍କ ମଧ୍ୟରୁ ୯୫ ହଜାର ଉପଭୋକ୍ତାଙ୍କୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଛି। ବିଇଡ଼ିରେ ୨୬ଟି ଫିଡ଼ର ରହିଛି। ଏଥିରେ ୧୧ଟି ସହରାଞ୍ଚଳରେ ଥିବାବେଳେ ୧୫ଟି ଗ୍ରାମାଞ୍ଚଳରେ ରହିଛି। ଏହି ଡିଭିଜନରେ ଥିବା ୮୭ହଜାର ଉପଭୋକ୍ତାଙ୍କ ମଧ୍ୟରୁ ୮୦ହଜାରଙ୍କୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଛି। ଉତ୍ତରା, ବାରଙ୍ଗ, କଳିଙ୍ଗନଗର, ଚନ୍ଦକା ଓ କେତେକ ବହୁତଳ ଆପାର୍ଟମେଣ୍ଟକୁ ଏପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଇ ଦିଆଯାଇ ନ ଥିବା ସିଂ ସୂଚନା ଦେଇଛନ୍ତି। ପୁରୀକୁ ଯାଇଥିବା ୨୨୦ କେଭି ଲାଇନର ୭୫ଟି ଟାୱାର କ୍ଷତିଗ୍ରସ୍ତ ହୋଇଛି। ସେହିପରି ଚନ୍ଦକା ପୁରୀ ଲାଇନ୍‌ର ୧୩୨ କେଭିର ୨୫ଟି ଟାୱାର ନଷ୍ଟ ହୋଇଛି। ଖୋର୍ଦ୍ଧା ଓ ପୁରୀ ୩୨ କେଭି ଲାଇନ୍‌ର ୩୦ଟି ଟାୱାର କ୍ଷତିଗ୍ରସ୍ତ ହୋଇଛି। ନୂଆ ଟାୱାର ଜରିଆରେ ବିଦ୍ୟୁତ୍ ଯୋଗାଣ କରାଯିବ। ଏଥିପାଇଁ ୪୫ଟି ଗ୍ୟାଙ୍ଗ ଦିନରାତି କାମ କରୁଛନ୍ତି।

ବାତ୍ୟା ଯୋଗୁ ସହରାଞ୍ଚଳରେ ହୋଇଥିବା କ୍ଷତି ସମ୍ପର୍କରେ ସୂଚନା ଦେଇ ଗୃହନିର୍ମାଣ ଓ ନଗର ଉନ୍ନୟନ ସଚିବ ଜି. ମାଥିଭାଥନନ କହିଛନ୍ତି ଯେ, ବାତ୍ୟାରେ ୧୩ଟି ଜିଲାର ୫୩ଟି ପୌରାଞ୍ଚଳ କ୍ଷତିଗ୍ରସ୍ତ ହୋଇଛି। ଏଥିରେ ପାର୍କ, ଆହାର କେନ୍ଦ୍ର, ଟ୍ରାନ୍‌ଜିଟ୍ ହାଉସ୍, ଷ୍ଟ୍ରିଟ୍‌ଲାଇଟ୍, ଡ୍ରେନ, ରାସ୍ତା, କଲଭର୍ଟ ଆଦି କ୍ଷତିଗ୍ରସ୍ତ ହୋଇଛି। କଟକ, ଭୁବନେଶ୍ୱର ସମେତ ୧୩ଟି ଜିଲାର ୨୨ ପୌରାଞ୍ଚଳରେ ୨୯୧ କିଲୋମିଟର ଡ୍ରେନ୍, ୭୫୦କିମି ରାସ୍ତା, ୨୬୭କିମି କଲଭର୍ଟ, ୨୭ଟି ଆହାର କେନ୍ଦ୍ର ଏବଂ ୨୬,୮୨୧ ଏଲ୍‌ଇଡି ଲାଇଟ୍ ନଷ୍ଟ ହୋଇଛି। ଏସବୁକୁ ହିସାବ କଲେ ୫୩ଟି ପୌରାଞ୍ଚଳର ୫୨୪କୋଟି ଟଙ୍କାର କ୍ଷତି ହୋଇଛି। ବାତ୍ୟା ପରଠାରୁ ବନ୍ଦ ହୋଇଥିବା ଆହାର କେନ୍ଦ୍ର ବୁଧବାରଠାରୁ ଆରମ୍ଭ ହେବ। ପୂର୍ବଭଳି ସକାଳ ୧୧ଟାଠାରୁ କାର୍ଯ୍ୟକ୍ଷମ ହେବ। ବାତ୍ୟାଯୋଗୁ ବଡ଼ ବଡ଼ ପାର୍କ ନଷ୍ଟ ହୋଇଥିଲା। ସେଗୁଡ଼ିକରୁ ଅଧିକାଂଶ ପୁନରୁଦ୍ଧାର କରାଯାଇ ସର୍ବସାଧାରଣଙ୍କ ନିମନ୍ତେ ଖୋଲାଯାଇଛି। ବିଭିନ୍ନ ସ୍ଥାନରୁ କଠିନ ବର୍ଜ୍ୟବସ୍ତୁ ହଟାଇବା ପାଇଁ ୫୦୦୦ ପରିମଳ କର୍ମଚାରୀ, ୬୦୦ ଅଫିସର, ୯୪୩ ଜେସିବି, ଟ୍ରାକ୍ଟର, ଡମ୍ପର ଆଦି କାର୍ଯ୍ୟରେ ଲଗାଯାଇଛି। ବିଏମ୍‌ସିରୁ ଏପର୍ଯ୍ୟନ୍ତ ୪୯୦୦ ଟ୍ରିପ୍ ଏବଂ କଟକରୁ ୧୩୦୦୦ ଟ୍ରିପ୍ ବର୍ଜ୍ୟବସ୍ତୁ ହଟାଯାଇଛି। ପାନୀୟ ଜଳ ସମସ୍ତ ସହରକୁ ସ୍ୱାଭାବିକ କରାଯାଇଛି ବୋଲି ସେ କହିଛନ୍ତି। ଯଦି କୌଣସି ଅଞ୍ଚଳକୁ ପାନୀୟ ଜଳ ପହଞ୍ଚିନାହିଁ ତେବେ ସେମାନେ ୧୯୧୬କୁ ଫୋନ୍ କରି ଅଭିଯୋଗ ଜଣାଇପାରିବେ। ଭୁବନେଶ୍ୱରରେ ଏପର୍ଯ୍ୟନ୍ତ ୨୩୬୪ଟି ଅଧା ଉପୁଡ଼ା ଗଛକୁ ସିଧା କରାଯାଇଛି। ବାତ୍ୟା ଯୋଗୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ୫୧ଟି ଅନୁଷ୍ଠାନ କ୍ଷତିଗ୍ରସ୍ତ ହୋଇଛି। ୩୦.୫୭ କୋଟି ଟଙ୍କା କ୍ଷତି ବୋଲି ପ୍ରାଥମିକ ଆକଳନ କରାଯାଇଛି। ଟେଲି ଯୋଗାଯୋଗରେ ସୁଧାର ଆସିଛି। ଖୋର୍ଦ୍ଧାରେ ୯୯ ଟେଲିଫୋନ୍ ଏକ୍ସଚେଞ୍ଜରୁ ୯୨ଟି କାର୍ଯ୍ୟକ୍ଷମ ହୋଇଥିଲାବେଳେ ପୁରୀ ଜିଲାର ୪୧ରୁ ୨୯ ଏବଂ କଟକ ସହରର ସମସ୍ତ ୭୭ଟି କାର୍ଯ୍ୟକ୍ଷମ ହୋଇଥିବା ସଞ୍ଜୟ ସିଂ ସୂଚନା ଦେଇଛନ୍ତି। ସେହିପରି ଖୋର୍ଦ୍ଧା ଜିଲାରେ ୬୫ ପ୍ରତିଶତ ମୋବାଇଲ୍ ଟାୱାର କାର୍ଯ୍ୟକ୍ଷମ ଥିବାବେଳେ ପୁରୀ ୪୨ପ୍ରତିଶତ ଏବଂ କଟକରେ ୮୧ ପ୍ରତିଶତ କାର୍ଯ୍ୟକ୍ଷମ ରହିଛି। ଆସନ୍ତା ୨ଦିନ ମଧ୍ୟରେ ନେଟ୍‌ୱର୍କ ଶତପ୍ରତିଶତ ଆସିପାରେ ବୋଲି ସେ କହିଛନ୍ତି। ପୁରୀ ଓ ଭୁବନେଶ୍ୱରରେ ବାତ୍ୟା ନିରୋଧୀ ଟେଲିକମ୍ ଏବଂ ଶକ୍ତିବିଭାଗର ଭିତ୍ତିଭୂମି ସ୍ଥାପନ କରିବା ପାଇଁ ମଙ୍ଗଳବାର କେନ୍ଦ୍ର ଟେଲିକମ୍ ସଚିବଙ୍କ ସହ ଆଲୋଚନା କରାଯାଇଛି। ଖୋର୍ଦ୍ଧା ଜିଲାର ବୋଲଗଡ଼ରେ ୪ଟି ସାହିରେ ଭୋଜି ଖାଇବା ପରେ ଝାଡ଼ାବାନ୍ତି ହୋଇଥିବା ଖବର ମିଳିବା ପରେ ୩ଟି ମେଡ଼ିକାଲ ଟିମ୍ ସେଠାକୁ ଯାଇ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଛନ୍ତି। ପୁରୀର ଗୋଲା ଏବଂ ଭୋଇସାହିରେ ଏଭଳି ଅଭିଯୋଗ ଆସିବା ପରେ ସେଠାକୁ ମୋବାଇଲ୍ ହେଲ୍‌ଥ ଟିମ୍ ପଠାଯାଇଛି। ରିଲିଫ୍ ଯୋଗାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। କ୍ଷତିଗ୍ରସ୍ତ ୫ଟି ଜିଲା ଓ ବିଏମ୍‌ସି ଅଞ୍ଚଳରେ ୧୭,୯୨,୧୨୫ ଉପଭୋକ୍ତାଙ୍କ ମଧ୍ୟରୁ ୧୬, ୧୦, ୯୬୮ଜଣଙ୍କୁ ଆର୍ଥିକ ସହାୟତା ଦିଆଯାଇଥିବାବେଳେ ୧୫, ୪୪, ୦୦୭ଜଣଙ୍କୁ ଚାଉଳ ଏବଂ ୪,୧୪,୩୦୬ ଜଣଙ୍କୁ ପଲିଥିନ୍ ଦିଆଯାଇଛି।

# ବୁଢ଼ା ନଦୀରେ ବୁଡ଼ି ୨ ମୃତ

**ଯାଜପୁର ଟାଉନ,୧୪।୫(ଡି.ଏନ୍.ଏ.)**

ଯାଜପୁର ସଦର ଥାନା ଅନ୍ତର୍ଗତ ମାଳଆନନ୍ଦପୁର ପଞ୍ଚାୟତ ରୁଢିଆ ଆନିକଟ ବୁଢା ନଦୀରେ ମଙ୍ଗଳବାର ୨ଜଣ ଯୁବକ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ମିଳିଥିବା ସୂଚନା ଅନୁସାରେ ଅପରାହ୍ନ ୩ଟାରେ ଯାଜପୁର ଟାଉନର ଫେମୁଲ ହୋଦାଙ୍କ ପୁଅ ଅନୱାର ହୁଲ (୨୦) ତାଙ୍କ ସାଙ୍ଗ କୁଆଖିଆ ରାଜେନ୍ଦ୍ରପୁରର ମୋଜସେମ୍(୨୦) ଓ ଅନ୍ୟ ୩ଜଣ ସାଙ୍ଗଙ୍କ ସହ ବୁଢ଼ାନଦୀ ଆନିକଟ ନିକଟକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବାବେଳେ ଅନୱାରଙ୍କ ଗୋଡ଼ ଖସି ଯିବାରୁ ସେ ନଦୀରେ ବୁଡ଼ିଯାଇ ଥିଲେ। ଏହାଦେଖି ମୋଜାସମ ତାଙ୍କୁ ରକ୍ଷା କରିବାକୁ ଯାଇ ନିଜେ ମଧ୍ୟ ବୁଡ଼ି ଯାଇଥିଲେ। ପରେ ଅନ୍ୟ ୩ଜଣ ସାଙ୍ଗ ଡରି ଯାଇ ଜୋରରେ ଚିତ୍କାର କରିଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଖୋଜାଖୋଜି କରିଥିଲେ। ପ୍ରାୟ ୧ଘଣ୍ଟା ପରେ ଉଭୟଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ତେବେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ହସ୍ପିଟାଲରେ ପହଞ୍ଚି ମୃତ ଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଗଛ ପକାଇ ମାଓବାଦୀଙ୍କ ରାସ୍ତା ଅବରୋଧ

**ବାଲିଗୁଡ଼ା,୧୪।୫(ଡି.ଏନ୍.ଏ.):** କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅଞ୍ଚଳରେ ମାଓବାଦୀମାନେ ପୁଣି ସେମାନଙ୍କ ଉପସ୍ଥିତି ଜାହିର କରିଛନ୍ତି। ସୋମବାର ମଧ୍ୟ ରାତିରେ ବାଲିଗୁଡ଼ା-କନ୍ଧମାଳ ମୁଖ୍ୟରାସ୍ତାର ପରୁଭଙ୍ଗା ଘାଟିରେ ଗଛକାଟି ରାସ୍ତା ଅବରୋଧ କରିଥିଲେ। ସେଠାରେ ପୋଷ୍ଟର ମଧ୍ୟ ଛାଡି ଯାଇଥିଲେ। ମଙ୍ଗଳବାର ସକାଳୁ ଏହା ଜଣାପଡ଼ିଥିଲା। ରାସ୍ତା ଉପରେ ଗଛ ପଡ଼ିଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ପରେ ବିଭିନ୍ନ ଗାଡ଼ି ଚାଳକ, ଯାତ୍ରୀ ଓ ଆଖପାଖ ଜନସାଧାରଣ ମିଶି ରାସ୍ତାରୁ ଗଛ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଛି। ତଥାପି ଲୋକଙ୍କ ମଧ୍ୟରେ ଭୟ ରହିଛି। ରାସ୍ତା ଅବରୋଧସ୍ଥଳରେ କେକେବିଏନ୍ ସଙ୍ଗଠନ ପକ୍ଷରୁ ଲଗା ଯାଇଥିବା ପୋଷ୍ଟରରେ ମେ ୧୩ ତାରିଖକୁ ସୁଡ୍ରୁକୁମ୍ପା ଶହୀଦ ସାଥୀଙ୍କ ସ୍ମରଣ ଦିନ ଭାବେ ପାଳନ କରିବା ଓ ସୁଡ୍ରୁକୁମ୍ପା ଶହୀଦ ସାଥୀଙ୍କ ସ୍ୱପ୍ନକୁ ପୂରଣ କରିବା ପାଇଁ ମେ ୧୫ରେ ୨୪ ଘଣ୍ଟିଆ କେକେବିଏନ୍ ଡିଭିଜନ୍ ବନ୍ଦକୁ ସଫଳ କରିବାକୁ ମାଓବାଦୀମାନେ ଆହ୍ୱାନ ଦେଇଛନ୍ତି। ସୁଡ୍ରୁକୁମ୍ପା ଶହୀଦ ସାଥୀଙ୍କ ପ୍ରତିଶୋଧ ନେବା ପାଇଁ ପିଏଲ୍‌ଜିଏରେ ଭର୍ତ୍ତିହେବା, ପୋଲିସ୍‌ର ଦମନ ଅତ୍ୟାଚାର ବିରୋଧରେ ଜନତା ସଶସ୍ତ୍ର ସଂଘର୍ଷକୁ ଜୋରଦାର କରିବା ଏବଂ ପୋଲିସ୍ ପାଖରେ ଆତ୍ମସମର୍ପଣ କରିଥିବା ପ୍ରତିବିପ୍ଳବୀ ରଙ୍ଗି ଓ ରାକେଶଙ୍କୁ ଜନତା କ୍ଷମା ନ ଦେବାକୁ ପୋଷ୍ଟରରେ ଉଲ୍ଲେଖ ରହିଛି। ପୋଷ୍ଟର ଶେଷରେ କେକେବିଏନ୍ ଡିଭିଜନାଲ୍ କମିଟି, ଭାକପା (ମାଓବାଦୀ) ବୋଲି ଉଲ୍ଲେଖ ରହିଛି।

ODM PUBLIC SCHOOL
SCHOOL OF HUMAN EXCELLENCE
Ensuring Sky is the Limit !!!
Congratulating our Achievers

CLASS XII COMMERCE RESULTS-2019
Chetan Agarwal | 97.2%
STATE TOPPER COMMERCE
49% of total students Above 80% marks
100% of total students FIRST DIV. ABOVE 60%

CLASS XII SCIENCE RESULTS-2019
Prayusha Swain | 96.4%
SCIENCE TOPPER
Swagat Nayak | 96.2%
Sagar Samal | 96.2%
07 STUDENTS ABOVE 95%
62 STUDENTS ABOVE 90%
201 STUDENTS ABOVE 80%
100% STUDENTS ABOVE 60%
84.43% SCHOOL AVERAGE

CLASS X CBSE RESULTS-2019
Pragnya P. Sahoo | 98%
SCHOOL TOPPER
Tanisha Patra 97.8%
Jyoti Prakash Panda 97.6%
Sandeep Mohapatra 97.2%
33 STUDENTS ABOVE 95%
69 STUDENTS ABOVE 90%
82% OF STUDENTS ABOVE 80%
100% STUDENTS ABOVE 60%
84.8% SCHOOL AVERAGE

ADMISSION OPEN
CLASS XI - SCIENCE | COMMERCE
BEST EMERGING SCHOOL OF EASTERN INDIA
1800-120-2316 | admission@odmegroup.org | www.odmps.org

LPU RANKED AMONGST INDIA'S TOP UNIVERSITIES
Think BIG
IN MHRD, GOVT. OF INDIA, NIRF RANKINGS 2019
From Google to Microsoft, LPU Students are working with top brands at packages of over ₹ 1 crore.

UNBEATABLE PLACEMENTS
1000's of LPU students placed in top MNCs in USA, UK, Canada, Australia etc. 500+ multinational & national companies including Google, Amazon, Lutron, HP, Bosch have recruited LPU Students. 110+ companies that recruit from IITs, NITs and IIMs also recruit from LPU.

ENCOURAGING ENTREPRENEURSHIP
To instil the spirit of entrepreneurship, LPU has its own Start-Up School, inaugurated by the Hon'ble Finance Minister of India, Mr. Arun Jaitley. At LPU, students are encouraged to innovate and assisted in the development and launch of products & services. 100+ Start-Ups already launched.

STUDY ABROAD OPPORTUNITIES
LPU has tie-ups with 200 top universities across the globe including in USA, UK, Canada, Australia, Singapore, New Zealand, France for student exchange programmes, study abroad and collaborative research opportunities.

APPLICATIONS OPEN FOR
B.Tech./ B.Tech. (Hons.)
Integrated B.Tech.-M.Tech.
Integrated B.Tech.-MBA
(ECE, CSE, IT, ME, Mechatronics, Aerospace Engg., Automobile Engg., Civil Engg, Electrical Engg., Electrical & Electronics Engg., Biotechnology+, Food Technology+, Biomedical Engg.+, Chemical Engg, Petroleum Engg.)
M.Tech. [Full Time]
Dip. (Engg.) - ECE, CSE, ME, CE, EE, AE
B.Arch./ B.Plan./ BCA/ MCA
BBA/ MBA/ MBA (Hons.)
B.Com./ M.Com./ B.Sc. (Hons.) Eco.
B.Pharm./ M.Pharm./ BPT/ B.Sc. (MLT)
B.Sc./ M.Sc. (Hotel Mgmt.)
B.Design/ M. Design (Fashion)
B.Sc./ M.Sc. (Design - Multimedia)
B.Sc./ M.Sc. (Film & TV Prod.)
B.Sc. (Hons.)/M.Sc. Agriculture
B.Sc./M.Sc. (Forensic Sciences)
B.Design/ M.Design (Inter. & Furniture)
M.A. (Psychology/ History/ Sociology)
B.Sc./ M.Sc. (Chemistry/ Phy./ Maths)
Admission to Dual Degree, Integrated Programmes, Honours, Lateral Entry, Specializations are also open in various disciplines. Admission to Ph.D. Programmes also open.
For details, refer university website www.lpu.in
+Medical students can also apply For stream details, refer website www.lpu.in

SCHOLARSHIPS OF UPTO ₹ 4 LAKH PER STUDENT

| Meet our Counsellors in your State | Time: 10 AM to 7 PM | Toll Free : 1800-102-4052 | |
|---|---|---|---|
| BHUBANESWAR | The Presidency, 1471/A, Nayapalli | Ph: 09875912783 | 15-16 May |
| CUTTACK | Hotel Ambica Residency, College square | Ph: 09875912783 | 17-19 May |

LOVELY PROFESSIONAL UNIVERSITY (LPU)
Jalandhar-Delhi G.T. Road, Phagwara, Punjab
admissions@lpu.co.in | SMS LPU to 53030
Toll Free: 1800-102-4052
www.lpu.in
LOVELY PROFESSIONAL UNIVERSITY
Transforming Education Transforming India

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ................................


ମାମୁନ
ପରିବାରବର୍ଗ


ରାନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୧୩ ବର୍ଷର ନାବାଳିକା ୭ ମାସ ଗର୍ଭବତୀ

**ଜୟପୁର,୧୪।୫(ଡି.ଏନ୍.ଏ.):** ଜଣେ ବିବାହିତ ବ୍ୟକ୍ତି ଜଣୈକା ୧୩ବର୍ଷର ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଓ ସମ୍ପୃକ୍ତ ନାବାଳିକା ଏବେ ୭ ମାସର ଗର୍ଭବତୀ ହେବା ଘଟଣା ଏଠାରେ ଆଲୋଚ୍ୟ ବିଷୟ ହୋଇଛି। ଅଭିଯୁକ୍ତ ଜଣକ ଏବେ ବାହାର ରାଜ୍ୟରେ କାମ କରିବାକୁ ଚାଲିଯାଇଛନ୍ତି। କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ତଥା ବି.ସିଙ୍ଗପୁର ଥାନା ଅଧୀନ ଏକ ଗାଁରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅଭିଯୁକ୍ତ ଉଦ୍ଧବ ସରକାରଙ୍କ ନାଁରେ ଏତଲା ଦିଆଯାଇଛି। ଉଦ୍ଧବ ବିବାହିତ ଏବଂ ଘରେ ତାଙ୍କର ୨ଟି ସନ୍ତାନ ମଧ୍ୟ ରହିଥିବା ଜଣାପଡ଼ିଛି।

# ବୀରାଶାଳ ଏୟାରଷ୍ଟ୍ରିପ୍‌ରେ ଅବତରଣ କଲା ବିମାନ

**ଢେଙ୍କାନାଳ ଅଫିସ, ୧୪।୫**

- ପଶ୍ଚିମବଙ୍ଗ ବାୟୁସେନା ଶାଖା ବ୍ୟବହାର କରିବା ସମ୍ଭାବନା
- ୧୬ରେ ସ୍ଥିତି ପରଖିବେ ଅଧିକାରୀ

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ବୀରାଶାଳ ଏୟାରଷ୍ଟ୍ରିପ୍‌କୁ ପଶ୍ଚିମବଙ୍ଗର ଭାରତୀୟ ବାୟୁସେନା ଶାଖା ବ୍ୟବହାର କରିବା ସମ୍ଭାବନା ରହିଛି। ଏହାକୁ ନେଇ ବିଧିବଦ୍ଧ ଭାବେ ଆରମ୍ଭ ହୋଇଛି ପ୍ରକ୍ରିୟା। ମଙ୍ଗଳବାର କେନ୍ଦ୍ର ସରକାରଙ୍କ ବେସାମରିକ ବିମାନ ଚଳାଚଳ ବିଭାଗ ତାଲିମ ପ୍ରତିଷ୍ଠାନର ଚିଫ୍ ଫ୍ଲାଇଟ୍ ଇନ୍‌ଷ୍ଟ୍ରକ୍ଟର କ୍ୟାପଟେନ୍ ଓ.ବି.କେ. ସିଂଙ୍କ ନେତୃତ୍ୱରେ କ୍ୟାପ୍‌ଟେନ ଓମ୍‌ପ୍ରକାଶ ସୁରୀ, ଏୟାର ଟ୍ରାଫିକ୍ କଣ୍ଟ୍ରୋଲର ମନୋଜ କୁମାର ରାୟଙ୍କ ସମେତ ୨ଜଣ ପ୍ରଶିକ୍ଷାର୍ଥୀ ଏକ ସ୍ୱତନ୍ତ୍ର ବିମାନରେ ଏୟାରଷ୍ଟ୍ରିପରେ ଅବତରଣ କରିବା ସହ ସ୍ଥିତି ପରଖିଛନ୍ତି। ଆସନ୍ତା ୧୬ ତାରିଖରେ ବାୟୁସେନା ଅଧିକାରୀମାନେ ଏଠାକୁ ଆସି ଭିତ୍ତିଭୂମି ସମୀକ୍ଷା କରିବା କାର୍ଯ୍ୟକ୍ରମ ରହିଛି।

ସୂଚନାଯୋଗ୍ୟ, ଢେଙ୍କାନାଳ ଜିଲାର ଆଦିବାସୀ ବହୁଳ କଙ୍କଡ଼ାହାଡ଼ ବ୍ଲକର ବୀରାଶାଳରେ ୫୦ ଏକର ପରିମିତ ଅଞ୍ଚଳରେ ରହିଛି ପୁରାତନ ଏୟାରଷ୍ଟ୍ରିପ୍। ଏଠାରେ ଇନ୍ଦିରା ଗାନ୍ଧୀ, ବିଜୁ ପଟ୍ଟନାୟକଙ୍କ ଭଳି ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିମାନରେ ଅବତରଣ କରିଛନ୍ତି। ପରବର୍ତ୍ତୀ ସମୟରେ ରକ୍ଷଣାବେକ୍ଷଣ ଅଭାବରୁ ଏହା ପରିତ୍ୟକ୍ତ ହୋଇପଡ଼ିଥିଲା। ଦୀର୍ଘଦିନ ପରେ ଏହା ଉପରେ ନଜର ପକାଇଥିଲା ବେସାମରିକ ବିମାନ ଚଳାଚଳ ବିଭାଗ। ଏୟାରଷ୍ଟ୍ରିପକୁ ବିମାନ ଉଡାଣ ତାଲିମ କେନ୍ଦ୍ର ପାଇଁ ବ୍ୟବହାର କରିବାକୁ ପ୍ରସ୍ତୁତ କରାଯାଇଥିଲା ବ୍ଲୁପ୍ରିଣ୍ଟ। ୨୦୧୭-୧୮ ଆର୍ଥିକ ବର୍ଷରେ ଏୟାରଷ୍ଟ୍ରିପ୍‌ର ଉନ୍ନତୀକରଣ ପାଇଁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ୯ କୋଟି ୧୮ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଥିଲା। ଏହାର ଭିତ୍ତିଭୂମି ବିକାଶ ଦାୟିତ୍ୱ ନେଇଥିଲା ପୂର୍ତ୍ତ ବିଭାଗ। ଯୁଦ୍ଧକାଳୀନ ଭିତ୍ତିରେ ରନ୍‌ୱେ, ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ କରାଯାଇଥିଲା। ଏଥିସହ ୧ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିଲା ସୁରକ୍ଷା ପାଚେରି। ୨୦୧୮-୧୯ରେ ସମସ୍ତ କାର୍ଯ୍ୟ ଶେଷ ହେବାପରେ ବିମାନ ଉଡାଣ ତାଲିମ ପାଇଁ ଏନ୍‌ଓସି ମଧ୍ୟ ମିଳିସାରିଛି। ଅପରପକ୍ଷେ ଭୁବନେଶ୍ୱରରୁ ତାଲିମ ପାଇଁ ପାଇଲଟମାନେ ଏଠାକୁ ଆସି ବିମାନ ଅବତରଣ କରିବା କୌଶଳ ଶିଖିବେ। ଏଥିସହ ପୁନର୍ବାର ଭୁବନେଶ୍ୱର ଅଭିମୁଖେ ଉଡ଼ାଣ କରିବା ଯୋଜନା ମଧ୍ୟ ରହିଛି। ଦୀର୍ଘଦିନର ପ୍ରତୀକ୍ଷା ପରେ ବୀରାଶାଳ ଏୟାରଷ୍ଟ୍ରିପ୍‌ରେ ବିମାନ ଅବତରଣ କରିଥିବାରୁ ଜିଲାବାସୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି।

ଏ ସଂକ୍ରାନ୍ତରେ ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ କୁହନ୍ତି, ବୀରାଶାଳ ଏୟାରଷ୍ଟ୍ରିପ୍‌କୁ ବିମାନ ଉଡ଼ାଣ ତାଲିମ ପାଇଁ ବ୍ୟବହାର କରାଯିବାକୁ ଯୋଜନା ରହିଛି। ଆବଶ୍ୟକ ଅନୁଯାୟୀ ଏହାର ଉନ୍ନତୀକରଣ କରାଯାଇଛି। ମଙ୍ଗଳବାର ବେସାମରିକ ବିମାନ ଚଳାଚଳ ବିଭାଗର ଅଧିକାରୀମାନେ ଏୟାରଷ୍ଟ୍ରିପ୍ ପରିଦର୍ଶନ କରି ଫେରିଥିବା ସେ ସୂଚନା ଦେଇଛନ୍ତି।


ବୀରାଶାଳ ଏୟାରଷ୍ଟ୍ରିପ୍‌ରେ ବିମାନ ଅବତରଣ କରିଛି।

# ୨୩ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ ରାଜ୍ୟ ସଂଗ୍ରହାଳୟ

**ଭୁବନେଶ୍ୱର,୧୪।୫(ବ୍ୟୁରୋ)**

ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ରାଜ୍ୟ ସଂଗ୍ରହାଳୟ ଆସନ୍ତା ୨୩ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ। ପୂର୍ବରୁ ୧୫ତାରିଖ ପର୍ଯ୍ୟନ୍ତ ସଂଗ୍ରହାଳୟକୁ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଥିବା ବେଳେ ମରାମତି କାମ ଶେଷ ହୋଇ ନ ଥିବାରୁ ପୁଣିଥରେ ଏହାକୁ ଘୁଞ୍ଚାଇ ଦିଆଯାଇଛି। ସଂଗ୍ରହାଳୟ ଉଦ୍ୟାନ, ସୌନ୍ଦର୍ଯ୍ୟକରଣ, ଝରକା ରେଲିଂ ସହ କେତେକ ଗ୍ୟାଲେରୀର କିଛି ଅଂଶ ଗୁରୁତର ଭାବରେ କ୍ଷତିଗ୍ରସ୍ତ ହୋଇଥିବାରୁ ମରାମତିରେ ବିଳମ୍ବ ହେଉଥିବା କୁହାଯାଇଛି। ସେହିଭଳି ବିଦ୍ୟୁତ୍ ଓ ପାନୀୟ ଜଳଯୋଗାଣ ସ୍ୱାଭାବିକ ହେବାର ଆବଶ୍ୟକତା ରହିଛି। ସଂଗ୍ରହାଳୟର ଅଧିକାଂଶ ଏସି ଖରାପ ହୋଇଯାଇଛି, ଯାହାକି ଏ ପର୍ଯ୍ୟନ୍ତ ସଜଡ଼ା ଯାଇପାରିନାହିଁ। ତେଣୁ ପରିସ୍ଥିତି ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ରାଜ୍ୟ ସଂଗ୍ରହାଳୟକୁ ସର୍ବସାଧାରଣଙ୍କ ନିମନ୍ତେ ବନ୍ଦ ରଖାଯିବ ବୋଲି ଅଧୀକ୍ଷକଙ୍କ ସୂତ୍ରରୁ କୁହାଯାଇଛି। ଅନ୍ୟପକ୍ଷରେ ବାତ୍ୟାରେ ବ୍ୟାପକ ଭାବେ ପ୍ରଭାବିତ ହୋଇଥିବା ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟକୁ କିନ୍ତୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯାଇ ସର୍ବସାଧାରଣଙ୍କ ପାଇଁ ଖୋଲାଯାଇଛି। 'ଫନୀ' ଦ୍ୱାରା ମ୍ୟୁଜିୟମ୍‌ର ସବୁଜିମା ପରିପୂର୍ଣ୍ଣ କ୍ୟାମ୍ପସ୍ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବା ବେଳେ ଏଠାରେ ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ହୋଇଥିଲା। ହେଲେ ବାତ୍ୟା ପରଦିନଠାରୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯାଇ ସଂଗ୍ରହାଳୟର ୫ ମୁଖ୍ୟ ପ୍ରକୋଷ୍ଠ ଏବେ ଖୋଲାଯାଇଛି। ମାତ୍ର ରାଜ୍ୟ ସଂଗ୍ରହାଳୟର ଆଭ୍ୟନ୍ତରୀଣ ଓ ଗ୍ୟାଲେରୀ ସେଭଳି କ୍ଷତିଗ୍ରସ୍ତ ହୋଇ ନ ଥିଲେ ମଧ୍ୟ କ'ଣ ପାଇଁ ଏତେଦିନ ପର୍ଯ୍ୟନ୍ତ ବନ୍ଦ ରହିଛି, ତାହାକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଛି। ଏହାସହ ଗଣମାଧ୍ୟମ ପ୍ରତିନିଧିଙ୍କୁ ସଂଗ୍ରହାଳୟ ଭିତରକୁ ଛଡ଼ା ନ ଯିବା ଆହୁରି ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ୩୪ ବୁଥ୍‌ରେ ସାନି ମତଦାନ କାହା ସ୍ୱାର୍ଥରେ: ଭାଜପା

**ଭୁବନେଶ୍ୱର,୧୪।୫(ବ୍ୟୁରୋ)**

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ଏକ ଖବରଦାତା ସମ୍ମିଳନୀ କରି ଆସନ୍ତା ୧୯ରେ ୩୪ଟି ବୁଥ୍‌ରେ ସାନି ମତଦାନ ହେବ ବୋଲି ଘୋଷଣା କରିଥିଲେ। ହେଲେ କେନ୍ଦ୍ରୀୟ ମୁଖ୍ୟ ନିର୍ବାଚନ ଆୟୋଗ ଏହି ଘଟଣାରେ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନେଇନାହାନ୍ତି। ତେବେ କାହା ସ୍ୱାର୍ଥରେ ମୁଖ୍ୟ ନିର୍ବାଚନ ଅଧିକାରୀ ଏହି ସାନି ମତଦାନ କରିବା ପାଇଁ ଯାଉଛନ୍ତି ବୋଲି ଭାଜପା ପ୍ରଶ୍ନ କରିଛି। ଯେଉଁ ବୁଥ୍‌ରେ ଭାଜପା ଭଲ କରିବାର ଥିଲା ବିଜେଡି ସେହିଭଳି ୬୪ଟି ବୁଥ୍‌ରେ ରିଗିଂ ଏବଂ କ୍ୟାପଚରିଂ କରିଛି। ଏହି ସବୁ ବୁଥରେ ଆଉ ଥରେ ମତଦାନ କରିବା ଦାବିରେ ସମସ୍ତ ତଥ୍ୟ ପ୍ରମାଣ ସହ ଭାଜପା ଦାବିକରିଥିଲା। କିନ୍ତୁ ଏହାକୁ କାର୍ଯ୍ୟକାରୀ କରାଗଲା ନାହିଁ। କୌଣସି ରାଜନୈତିକ ଦଳ ସେହି ୩୪ ବୁଥ୍‌ରେ ସାନି ମତଦାନ ପାଇଁ ଦାବି କରିନାହାନ୍ତି। ବେଆଇନ ଭାବେ କେନ୍ଦ୍ରୀୟ ନିର୍ବାଚନ କମିଶନଙ୍କ ବିନା ଅନୁମତି ମୁଖ୍ୟ ନିର୍ବାଚନ ଅଧିକାରୀ ସାନି ନିର୍ବାଚନ ପାଇଁ ନିଷ୍ପତ୍ତି ନେଲେ ? ଏହା ବିରୋଧରେ ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସାନି ମତଦାନ ହେବାକୁ ଥିବା ବୁଥ୍‌ରେ ବିଜେଡି ବର୍ତ୍ତମାନ ଟଙ୍କା ଓ ବାହୁବଳରେ ଦେଖାଇ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଚେଷ୍ଟା କରୁଛି। ତେଣୁ ଏହି ବୁଥ୍‌ଗୁଡିକରେ ସୁରକ୍ଷା ଦେବା ପାଇଁ ସିସିଟିଭି ମାଧ୍ୟମରେ କଡା ନଜର ରଖିବା ଏବଂ ସଶସ୍ତ୍ର ବଳକୁ ମୁତୟନ କରିବାକୁ ଭାଜପା ପ୍ରତିନିଧି ଦଳ ଦାବି କରିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କାମଗୁଡ଼ିକୁ ସମ୍ପନ୍ନ କରିବାରେ କିଛି ଅସୁବିଧା ହେବନାହିଁ। ରହିଯାଇଥିବା ଫାଇଲ କାମଟିକୁ ଆଜିହିଁ ଆରମ୍ଭ କରିବାକୁ ମନ ବଳାଇବେ ଓ ଶେଷ ମଧ୍ୟ କରିପାରିବେ। ବନ୍ଧୁମାନଙ୍କ ପରାମର୍ଶ ଅନୁସାରେ ପାରିବାରିକ ଝମେଲା ସମାଧାନ ଆଡକୁ ଗତି କରିବ। କୃଷି, ବ୍ୟବସାୟ, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବୃଷ** ଘରେ କିମ୍ବା ଅଫିସରେ ଏକ ସାଧାରଣ କଥାରେ ବିତର୍କ ହୋଇପାରେ। ସାଂଗଠନିକ କିମ୍ବା ଗଠନ ମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ଖଳପ୍ରକୃତି ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି। ବ୍ୟବସାୟ, ପରିବହନ ଓ ନିର୍ମାଣ, ଜମିଜମା କିମ୍ବା ମାଲିମକଦ୍ଦମା କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ** ପାରିବାରିକ ସମସ୍ୟାର ସମାଧାନ ଘଟିବ, କିନ୍ତୁ ଏଥିପାଇଁ ବନ୍ଧୁଙ୍କ ସାହାଯ୍ୟ ନେବାକୁ ପଡିବ। ବନ୍ଧୁମାନଙ୍କ ସହ ସକାଳୁଆ ଯାତ୍ରାରେ ଲକ୍ଷ୍ୟ ପୂରଣ ହେବ। ଦେହ ଭଲ ରହିବ ମାତ୍ର କଠିନ ପରିଶ୍ରମଜନିତ କ୍ଳାନ୍ତିବୋଧ କରିପାରନ୍ତି। କର୍ମକ୍ଷେତ୍ରରେ ଛୋଟ ଛୋଟ କଥାକୁ କେନ୍ଦ୍ର କରି ମାନସିକ ଦ୍ୱନ୍ଦ୍ୱ ଲାଗି ରହିପାରେ।

**କର୍କଟ** ଆଜିର କର୍ମକ୍ଷେତ୍ରରେ ମନ ବୁଝିଲା ଭଳି କଅଁଳ କଥା କହି ପରିସ୍ଥିତିକୁ ସୁଧାରି ନେବେ। ବ୍ୟବସାୟରେ ପ୍ରଚୁର ଲାଭରୁ ମନ ଖୁସି ରହିବ। ଅଫିସ୍ କାମର ବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। କଚେରି ମାମଲା ମନ୍ଥର ହୋଇପାରେ। ପରିଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ସାଙ୍ଗକୁ ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇପାରେ।

**ସିଂହ** ବନ୍ଧୁଙ୍କ ସାହାଯ୍ୟ ଆଜି ଆପଣଙ୍କ କାମ ହାସଲ ସକାଶେ ଅନୁକୂଳ ବାତାବରଣ ସୃଷ୍ଟି କରିବ। ଅର୍ଥର ଅଭାବ ଲାଗି ରହିଥିଲେ ମଧ୍ୟ ଆବଶ୍ୟକତା ଠିକ୍ ସମୟରେ ପୂରଣ ହୋଇଯିବ। ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ନିଜକୁ ଖାପ ଖୁଆଇ ଚଳିବା ଭଲ। ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବ।

**କନ୍ୟା** ସମସ୍ୟା ଜଡିତ ହେଲେ ମଧ୍ୟ ପ୍ରତ୍ୟେକ କାମକୁ କୌଶଳରେ ହାସଲ କରିପାରିବେ। ଯାନବାହନରେ ଲାଭ, ଦୋକାନ ବାଡିରେ ଉନ୍ନତି, ଅଚାନକ ଗୃହ ଭୂମି ଲାଭ ଯୋଗ ରହିଛି। କିନ୍ତୁ ଆଳସ୍ୟ ଓ ଅବହେଳିତ କାମରୁ ନିରାଶ ହେବାକୁ ପଡିପାରେ। କଳା, କ୍ରୀଡା, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟାର ସରଳ ସମାଧାନ ହୋଇଯିବ।

**ତୁଳା** ସକାଳୁ ସକାଳୁ କୌଣସି ଖବର ପାଇ ମନ ଖୁସି ହୋଇଯିବ। କଳା, ସଙ୍ଗୀତ ଆସର, ସାହିତ୍ୟ ଚର୍ଚ୍ଚା ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ବହୁତ ଅନୁନୟ ବିନୟ ପରେ ଧାର ସୂତ୍ରରେ ଅର୍ଥ ପାଇବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବିଛା** ସାଧାରଣ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଆଜି କାମଗୁଡିକ ସହଜ ଓ ସୁବିଧାରେ ହୋଇଯିବ। କର୍ମକ୍ଷେତ୍ରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ। ପାଖରେ ଥିବା ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହୋଇପାରେ। ଅନ୍ୟମାନଙ୍କ କ୍ଷେତ୍ରରେ ପାରିବାରିକ ସମ୍ପର୍କ ମଧୁର ରହିବ।

**ଧନୁ** ଆଜି ଦିନଟିରେ ଆପଣଙ୍କୁ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ବୃଥା ଭାବନାରେ ଭାସିଯାଇ ମାନସିକ ଚିନ୍ତାଧାରା ବିକ୍ଷିପ୍ତ ହୋଇପାରେ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବାରୁ ସାମୟିକ ଖୁସି ରହିବେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି।

**ମକର** ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ ଏବଂ ଆଜି ଯାହାକୁ ଯାହା ମାଗିବେ ସେହି ବ୍ୟକ୍ତି କଦାପି ମନା କରିବେ ନାହିଁ। ଅବଶ୍ୟ ପରିବାରର ଲୋକମାନେ ମଧ୍ୟ ଅଧିକାଂଶ କ୍ଷେତ୍ରରେ ଭୁଲ୍ ବୁଝିବେ। କର୍ମକ୍ଷେତ୍ରରେ ପରସ୍ପର ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଅଭାବ ଭିତରେ ଅଣନିଃଶ୍ୱାସୀ ହୋଇପାରନ୍ତି।

**କୁମ୍ଭ** ଚାହୁଁଥିବା କାମଟି ଠିକ୍ ସମୟରେ ନ ହୋଇପାରିବା କାରଣରୁ ମନ ଭଲ ଲାଗିବ ନାହିଁ। ପିଲାମାନଙ୍କ ବୈବାହିକ କର୍ମ ପାଇଁ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିର କରିବା ସକାଶେ ଚିନ୍ତା କରିପାରନ୍ତି। କେତେକ ସାଧାରଣ ଅସୁବିଧା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ବ୍ୟବସାୟ ଓ ପରିବହନ ପାଇଁ କୌଣସି ଅସୁବିଧା ହେବନାହିଁ।

**ମୀନ** ସାମାଜିକ ସ୍ତରରେ କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ। ଜମିଜମା କ୍ରୟ ବିକ୍ରୟ କ୍ଷେତ୍ରରେ ମାନସିକ ଚାପର ସମ୍ମୁଖୀନ ହୋଇପାରନ୍ତି। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ। ସଭାସମିତିରେ ସଫଳତା ହାସଲ କରିବେ। ସ୍ୱାସ୍ଥ୍ୟଗତ କାରଣରୁ କୌଣସି କାମ ଅଟକି ଯାଇପାରେ।

ଆଜି ବୃଷମାସ ବିଷ୍ଣୁପଦୀ ସଂକ୍ରାନ୍ତି, ବୈଶାଖ ଶୁକ୍ଳପକ୍ଷର ସର୍ବସମ୍ମତ ମୋହିନୀ ଏକାଦଶୀ ବୁଧବାର, ମେ ୧୫ ତାରିଖ, ବିଶ୍ୱ ପରିବାର ଦିବସ, କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ହସ୍ତା/କନ୍ୟା, କର୍କଟ ରାଶିର ଘାତବାର,ଏକାଦଶୀର ଏକୋଦ୍ଦିଷ୍ଟ ଓ ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଏକାଦଶୀର ବ୍ରତ, ଉପବାସ, ଦିବା ଘ୬।୫୧ମି. ଗତେ ଘ୮।୨୬ମି.ମଧ୍ୟେ ଅମୃତବେଳା। ଦିବା ଘ୧୦।୦୫ମି. ଗତେ ଘ୧୧।୫୨ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୧।୪୩ମି. ଗତେ ଘ୧।୨୦ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**BRIDE WANTED**

Divorcee groom JE 40, Engineer 43, Clerk 39 (caste-no-bar). 7873374269. D-66452

କୌଣସି ଜାତିର ଛାଡ଼ପତ୍ର ବା ସ୍ୱାମୀ ନଥିବା ପାତ୍ରୀ ସରକାରି ଚାକିରି କରିଥିବା କନ୍ୟାପାତ୍ରୀ ଆବଶ୍ୟକ। 38+, 8260793228, 8280507228. D-12477

Kumbhara boy 30, B.Tech (NIT) MBA (IIM) Engineer MNC: 9437555525. D-58083

**GROOM WANTED**

43 ବୟସ୍କା ସରକାରୀ ଚାକିରିଆ ଅବିବାହିତା ଗୁଡ଼ିଆ ଝିଅଙ୍କ ପାଇଁ ଯେକୌଣସି ଜାତି ବିବାହିତ/ଅବିବାହିତ ପୁଅ ଦରକାର। 7381460017. D-60833




**SALE**

Hyundai I10 sportz model 2010 run 22,000k.m. in excellent condition. 7008129593. D-12485




**SALE**

Jupiter Science back side, Per sqft. 300/- possession plot. 9777544478. D-56642

Gharabari plot sale Bhubaneswar, Sundarpada, 30'road, sqft. 850/-, BJEM-2 - 550/-, 350/-, ବାଲକାଟି- 450/-, 650/-. 9438823759, 9937922999. D-66369

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

Fully furnished 700sqft flat for sale at 2nd floor, Daru brahma apartment, Laxmi Talkies road, Ramachandi sahi, Puri. 09674665535, 9861032518. D-64769

New 1BR flat 597sqft. furnished with 4 wheeler garage near ITER, Khandagiri for sale. Contact: 9439331053. D-66522

Now Matrimonial ads. only on Wednesday & Sunday Book 1 Get 1 FREE

**Bhubaneswar Infocity-II** ମଦନପୁର ନିକଟରେ **sqft. 399/-ରେ Boundary plot** କିଣନ୍ତୁ **9337285332.** D-66366




Ground floor 2BHK, 2 wheeler potico, Bomikhal, Santoshi Kalyan Mandap, Bhubaneswar. 7978730629. D-12454

25,000 sqft of land near Dhauli on rent for any commercial use/marriage/function/events etc. For long term lease basis. Contact: 8917576258. D-12462

17'x10', 25'x21', 50'x21' shops, fully furnished, mainroad, Sahidnagar, Bhubaneswar. 9438344444. D-12482

Independent fully furnished house. 3BHK 1st floor parking, Kalpana family or Job Bachelors. Rent 18,000/- 9348888914. D-12486

Shop at NH-16, 260 sqft., Rasulgarh, Bhubaneswar. Phone: 9861031002, 8480830749. D-12489




Fully refreshed/ relaxed body massage by expert therapist, Shastri Nagar: 7377984773. D-66508

Rejuvenate and ayurvedic full body massage by smart Therapist: 9114402304. D-66509

Full body massage with refreshment, expert therapist. 7381239385, 0674-2540855. D-66517

Experience full body massage with us (expert). Call: 7377048581, 0674-2597822. D-66518

Herbal full body massage by smart/expert therapist. Contact: 8338067247. D-66519

Newly opening ayurvedic body massage smart therapist, Shree herbal. 7750020754. D-66520

Summer special mesmerizing offer expert therapeutic refreshing massage appointment. 9668374480. D-66521

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

It is notified for the information that my original qualifying examination certificate of senior secondary examination year 2017 and roll no. 6601014 issued by CBSE has been actually destroyed. Name of the candidate Samar Sekher Pattanayak full address:- At/Po-Azimabad Balasore 756001, phone No. 8637211379. D-12490

By virtue of an affidavit before the Notary Public Purushottampur (Ganjam), I Nirupama Nahak, D/o-Purushottam Nahak. I have married to one Gangadhara Pradhan. That after my marriage the surname has been changed from Nahak to Pradhan. I shall be known as Nirupama Pradhan for all purpose. D-12491

**EDUCATION**

MBBS (Clinical Medicine in English) at Kunming Medical University, China, Contact: School of Chinese Language, Kolkata. 7596011781-5, Dr. Dashrath Sharma 8249817936. D-12499


## ଜନ୍ମଦିନ ଶୁଭେଚ୍ଛା


(ରାନି)

**ଅର୍ଚ୍ଚିତା ପ୍ରିୟଦର୍ଶିନୀ**
ଝାରପଡ଼ା, ଭୁବନେଶ୍ୱର

ଆଜି ତୋର ୧୩ତମ ଜନ୍ମବାର୍ଷିକରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୋର ଦୀର୍ଘାୟୁ କାମନା କରୁଛୁ। ତୋର ଚଲାପଥ କୁସୁମିତ ହେଉ, ଏହାହିଁ କାମନା।

ଶୁଭେଚ୍ଛା ସହ
ବାବା, ମାମା, ବାବୁ, ବବୁଲୁ, ମାନସ, ଚିକୁନୁ, ବିକାଶ, ଲିଜା, ଲିନା, ଲକି, ପିଙ୍କି, ରିଙ୍କି, ସୋନି, ଲୋନି, ସ୍ନେହା, ନେହା, ଅଂଶୁ, ଗୁଲୁ।

ଧ-୧୨୪୮୪

## ଜନ୍ମଦିନ ଶୁଭେଚ୍ଛା



**ତ୍ରିସ୍ତା ତଲିନା (ମାମୁନ)**
କଣ୍ଟି, ଗୋପ, ପୁରୀ

ଆଜି ତୋର ଦଶମ ଜନ୍ମବାର୍ଷିକ ଅବସରରେ ମା' ତାରିଣୀଙ୍କ ପଦାରବିନ୍ଦରେ ବିନମ୍ର ନିବେଦନ ତୋର ଚଲାପଥ କୁସୁମିତ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୁ ସଦା ସୁଖୀ ଓ ଦୀର୍ଘ ନିରାମୟ ଜୀବନଯାପନ କର ସର୍ବଦା ଖୁସି ରୁହ।

ଶୁଭେଚ୍ଛା ସହ: ଜେଜେ ବାପା, ଜେଜେ ମା, ସବୁ ଅଙ୍କଲ ଆଣ୍ଟି, ଭାଇ, ଅଜା, ଆଇ, ମାମୁ, ମାଇଁ, ଲିକି, ଲକି, ଗୁଡୁ, ଟିଣ୍ଟୁ, ଟ୍ୱିଙ୍କିଲ, ବାବା, ମାମା, ଏବଂ ସମସ୍ତ ପରିବାରବର୍ଗ।

ଧ-୬୪୦୫୯

## ୧୩ତମ ଜନ୍ମଦିନ ଶୁଭେଚ୍ଛା



**କାହ୍ନୁଚରଣ ଦାସ (କାହ୍ନା)**
ମା ଭଗବତୀ ବସ୍ତି, ଭୁବନେଶ୍ୱର-୨

ଆଜି ତୁମର ୧୩ତମ ଜନ୍ମବାର୍ଷିକ ଅବସରରେ ଶ୍ରୀଜଗନ୍ନାଥଙ୍କ ପାଖରେ ଆମ୍ଭେ ପ୍ରାର୍ଥନା କରୁଛୁ କି ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ଓ ଦୀର୍ଘାୟୁ କରନ୍ତୁ ଏବଂ ସର୍ବଦା ବିଦ୍ୟା ବୁଦ୍ଧି ପ୍ରଦାନ କରନ୍ତୁ।

ଶୁଭେଚ୍ଛା ସହ
ଅଜା, ଆଈ, ମାମୁ, ମାଇଁ, ମୁନ୍ନା, ବୋଉ, ବିନୋଦ, ଗୁରୁଜନ, ବନ୍ଧୁ ଓ ପରିବାରବର୍ଗ।

ଧ-୧୨୪୮୭

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

# ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ
(ଭାରତ ସରକାରଙ୍କ ଏକ ଉପକ୍ରମ)

## ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି

**କ୍ଷେତ୍ରୀୟ କାର୍ଯ୍ୟାଳୟ:** ବି/୨ ପଶ୍ଚିମ, ୨ୟ ମହଲା, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭
ଫୋନ୍: ୦୬୭୪-୨୫୪୦୦୩୨, ୨୫୪୫୧୭୦, ୨୫୪୬୨୧୧, ଇ-ମେଲ: 0815ro@iobnet.co.in & 0815law@iob.in
**ମଣ୍ଡଳ କାର୍ଯ୍ୟାଳୟ:** କୋଲକାତା, ୧୧୯, ହ୍ୱାଇଟ୍ ହାଉସ୍, ପାର୍କ ଷ୍ଟ୍ରିଟ୍, କୋଲକାତା-୭୦୦୦୧୬

### ସ୍ଥାବର/ଅସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ପାଇଁ ସର୍ବସାଧାରଣ ବିଜ୍ଞପ୍ତି
(ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସର ରୁଲ (୮) ଓ (୯) ଅନୁଯାୟୀ)

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ (୮) ଓ (୯) ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।
ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଜଣାଇଦିଆଯାଉଛିକି ନିମ୍ନରେ ବର୍ଣ୍ଣିତ ବନ୍ଧକ ଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା ଓ ଜାମିନ୍‌ଦାରମାନଙ୍କଠାରୁ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର ପ୍ରାପ୍ୟ ବକେୟା ରାଶି ଆଦାୟ ନିମନ୍ତେ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକର ଭୌତିକ ଦଖଲ ନେଇଛନ୍ତି ଏବଂ **"ଯାହାବି ସେଠାରେ ଅଛି", "ଯେଉଁଠାରେ ଯେପରି ଅଛି" ଏବଂ "ଯାହା ଯେପରି ଅଛି"** ଭିତ୍ତିରେ ବିକ୍ରୟ କରିବା ନିମନ୍ତେ ନିମ୍ନଲିଖିତ ତାରିଖ ସ୍ଥିର କରିଛନ୍ତି। ସଂରକ୍ଷିତ ମୂଲ୍ୟ ଓ ଅମାନତ ଜମା, ସମ୍ପତ୍ତିର ବିବରଣୀ ଏବଂ ଅନ୍ୟାନ୍ୟ ବିବରଣୀ ମଧ୍ୟ ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ | ଶାଖାର ନାମ/ ଋଣଗ୍ରହୀତା/ ଜାମିନଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ |
|---|---|---|
| ୧. | **ଯୋବ୍ରା ଶାଖା, ଫୋନ୍: ୦୬୭୧-୨୫୪୮୦୩୨, ମୋ-୯୪୩୮୨୯୫୩୩୪** ଋଣଗ୍ରହୀତା: ମେସର୍ସ ମହାଲକ୍ଷ୍ମୀ ପେଟ୍ ଇଣ୍ଡଷ୍ଟ୍ରିଜ୍, ସତ୍ତ୍ୱାଧିକାରୀ: ଶ୍ରୀ ବିଶ୍ୱଜିତ୍ ପରିଡା, ପିତା-ଶ୍ରୀ ପ୍ରମୋଦ ଚନ୍ଦ୍ର ମହାନ୍ତି, ଠିକଣା: ସା-ଗୋପାଳ ସାହି, ମଙ୍ଗଳାବାଗ, ଜିଲ୍ଲା-କଟକ, ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ପ୍ରମୋଦ ଚନ୍ଦ୍ର ମହାନ୍ତି, ପିତା-ଚନ୍ଦ୍ରମଣି ମହାନ୍ତି, ସା-ଗୋପାଳ ଜିଉ ଲେନ୍, ମଠ ସାହି, ତେଲେଙ୍ଗା ବଜାର, ଜିଲ୍ଲା-କଟକ-୭୫୩୦୦୯। | ଶ୍ରୀ ପ୍ରମୋଦ ଚନ୍ଦ୍ର ମହାନ୍ତିଙ୍କ ନାମରେ ରେକର୍ଡ଼ଭୁକ୍ତ ଥିବା ଜମି ଏବଂ ଗୃହ ଯାହା ପ୍ଲଟ ନଂ.୧୧୨୪, ଖାତା ନଂ.୫୦/୭, ମୌଜା-କଟକ ସହର, ୟୁନିଟ୍ ନଂ.୧୪, ଏରିଆ-୦.୦୨୫ ଡିସିମିଲି, ଗୃହ ସହିତ, ଥାନା-ମଙ୍ଗଳାବାଗ, ଜିଲ୍ଲା-କଟକ, ଓଡ଼ିଶାରେ ଅବସ୍ଥିତ। ଚଉହଦି: ଉତ୍ତର-ଗଳି ରାସ୍ତା, ପୂର୍ବ-ରାସ୍ତା, ପଶ୍ଚିମ-ବଂଶୀଧର ସ୍ୱାଇଁ, ଦକ୍ଷିଣ-ରମେଶ ଚନ୍ଦ୍ର ମହାନ୍ତି। |
| ୨. | **ଯୋବ୍ରା ଶାଖା, ଫୋନ୍: ୦୬୭୧-୨୫୪୮୦୩୨, ମୋ-୯୪୩୮୨୯୫୩୩୪** ଋଣଗ୍ରହୀତା: ମେସର୍ସ ଶ୍ରୀ ବାଲାଜି ଏଣ୍ଟରପ୍ରାଇଜେସ୍, ସତ୍ତ୍ୱାଧିକାରୀ: ଶ୍ରୀମତୀ ସୁଧା ତ୍ରିବେଦୀ, ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ମନୋଜ କୁମାର ତ୍ରିବେଦୀ, ପ୍ଲଟ ନଂ.-୨୦୧୫, ସେକ୍ଟର-୬, ସିଡିଏ, ଜିଲ୍ଲା-କଟକ-୭୫୩୦୧୪, ସ୍ଥାୟୀ ଠିକଣା: ପ୍ଲଟ ନଂ.୧୨୨୮, ମହାନଦୀ ବିହାର, କଟକ-୭୫୩୦୦୪। | ଶ୍ରୀ ମନୋଜ କୁମାର ତ୍ରିବେଦୀଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହା ପ୍ଲଟ ନଂ.୪୩୮ ଏବଂ ୪୩୯, ୩ୟ ମହଲା, ଷ୍ଟ୍ରିପ୍ ଆପାର୍ଟମେଣ୍ଟ, ଅନୁରୂପ ପ୍ଲଟ ନଂ.୫୯ (ଅଂଶ), ଖାତା ନଂ.-୫୧, ମୌଜା-ଫତେଲ୍ ନଗର, ଥାନା-ମଙ୍ଗଳାବାଗ, ତହସିଲ୍-କଟକ ସହର, ଏରିଆ-୨୦୦୦ ବର୍ଗଫୁଟ, ଜିଲ୍ଲା-କଟକରେ ଅବସ୍ଥିତ। ଚଉହଦି: ଉତ୍ତର-ରାସ୍ତା, ପୂର୍ବ-ରାସ୍ତା, ପଶ୍ଚିମ-ଚଣ୍ଡୀଚୌକ ଘର, ଦକ୍ଷିଣ-ଗଳି। |
| ୩. | **ଯୋବ୍ରା ଶାଖା, ଫୋନ୍: ୦୬୭୧-୨୫୪୮୦୩୨, ମୋ-୯୪୩୮୨୯୫୩୩୪** ଋଣଗ୍ରହୀତା: ମେସର୍ସ ଜାଗରଣ ଏଣ୍ଟରପ୍ରାଇଜେସ୍, ସତ୍ତ୍ୱାଧିକାରୀ: ଶ୍ରୀ ଅଜୟ କୁମାର ପରିଡା, ପିତା-କ୍ଷେତ୍ରମୋହନ ପରିଡା, ଜାମିନ୍‌ଦାରମାନେ: (୧) ସୁଲୋଚନା କର, (୨) ସୁଲୋଚନା କର/ପରିଡା, ଉଭୟଙ୍କ ବାସଗୃହ ଠିକଣା: ସା-ଗୋପାଳ ସାହି, ମଙ୍ଗଳାବାଗ, କଟକ। | ସୁଲୋଚନା କରଙ୍କ ନାମରେ ଥିବା ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା-କଟକ ସହର, ୟୁନିଟ୍ ନଂ.-୨୯, ମିର୍ଜାପାଟଣା, ତହସିଲ୍ ନଂ.-୫, ଖାତା ନଂ.-୧୦୮/୪୩, ପ୍ଲଟ ନଂ.-୧୦୧୭, ଏରିଆ-ଏକର ୦.୪୨ ଡିସିମିଲି, ଏହାର ଚଉହଦି: ଉତ୍ତର-ରାସ୍ତା, ପୂର୍ବ-କେସିଏସ କର (ଏସି ସ୍ୱିଚ୍), ଉତ୍ତର-ରାଜେଶ ଘର, ଦକ୍ଷିଣ-ନର୍ସିଂ ହୋମ୍। |
| ୪. | **ବାରବାଟି ଷ୍ଟାଡିଅମ୍ ଶାଖା, ଫୋନ୍: ୦୬୭୧-୨୩୦୦୭୭୦, ମୋ-୯୯୩୭୨୯୩୯୨୫** ଋଣଗ୍ରହୀତା: ମେସର୍ସ ସାର୍କ ଫାର୍ମାସ୍ୟୁଟିକାଲ୍, ସତ୍ତ୍ୱାଧିକାରୀ: ଶ୍ରୀ ନିରଞ୍ଜନ ପାତ୍ର, ପିତା-ଶ୍ରୀ କିଶୋର ପାତ୍ର, ସା-ସାଗରେଇ, ଖରାଡା, ଥାନା-ଜଗତସିଂହପୁର, ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ଚିରଞ୍ଜନ ସିଂହ, ସା-ମହିମାଗାଡ଼ି ବଜାର, ଚାନ୍ଦିନୀ ଚୌକ, ଜିଲ୍ଲା-କଟକ, ଓଡ଼ିଶା-୭୫୩୦୦୨। | ଶ୍ରୀ ଚିରଞ୍ଜନ ସିଂହଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହା ମୌଜା ନଂ.-୫, କଟକ ସହର ୟୁନିଟ୍ ନଂ.-୩୭, ବାଦାମବାଡ଼ି, ଥାନା-ମଧୁପାଟଣା, ଜିଲ୍ଲା-କଟକ, ଖାତା ନଂ.-୬୫୦, ପ୍ଲଟ ନଂ.-୩୧୯/୩୭୨ (ହାଲ/ସାବକ ଖାତା ନଂ.-୩୮୧, ପ୍ଲଟ ନଂ.-୨୦୭, ୧୨୦୮), ଏରିଆ-ଏକର ୦.୦୫୧ ଡିସିମିଲିରେ ଅବସ୍ଥିତ। ଚଉହଦି: ଉତ୍ତର-ପ୍ଲଟ ନଂ.୩୨୦, ପୂର୍ବ-ରାସ୍ତା, ପଶ୍ଚିମ-ପ୍ଲଟ ନଂ.୨୧୧, ଦକ୍ଷିଣ-୨୭୧ (କ୍ରିମେଟର୍ ଓଡ଼ିଆ)। |
| ୫. | **ବାରବାଟି ଷ୍ଟାଡିଅମ୍ ଶାଖା, ଫୋନ୍: ୦୬୭୧-୨୩୦୦୭୭୦, ମୋ-୯୯୩୭୨୯୩୯୨୫** ଋଣଗ୍ରହୀତା: ମେସର୍ସ ଭାରତ ଫ୍ଲାଏ ଆଶ ବ୍ରିକ୍ସ, ସତ୍ତ୍ୱାଧିକାରୀ: (୧) ଶ୍ରୀମତୀ ଝରଣା ରାଉତ, ସ୍ୱାମୀ: ଶ୍ରୀ ପ୍ରଶାନ୍ତ ରାଉତ, ସା-ଚୋଳିଆ ଉପେନ୍ଦ୍ର ଇଲେକ୍ଟ୍ରି, ପୋ-ଜେଲେଶ୍ୱରପୁର, ଥାନା-ପୁରୀ ଘାଟ, କଟକ, (୨) ମହମ୍ମଦ ରଫିକ୍, ପିତା-ହାଜି ମହମ୍ମଦ ଇଦ୍ରିସ୍, ସା-ଗୁରୁସ୍ତପୁର (ଗୋରା କବର), ଥାନା-ବିଡାନାସୀ, କଟକ-୭୫୩୦୦୯। | ଶ୍ରୀ ପ୍ରଶାନ୍ତ କୁମାର ରାଉତ ଏବଂ ମହମ୍ମଦ ରଫିକ୍‌ଙ୍କ ନାମରେ ଥିବା ଜମି ଏବଂ ଝୋଟ ଗୃହ ସହିତ କାରଖାନା ଗୃହ ଯାହାର ମୌଜା- ଅଡୁଡା, ଥାନା/ତହସିଲ୍- ସାଲେପୁର, ଜିଲ୍ଲା-କଟକ, ପ୍ଲଟ ନଂ.-୩୫୫୨, ଖାତା ନଂ.-୩୫୭, ଏରିଆ-ଏକର୦.୫୭୩ ଡିସିମିଲି, ଏହାର ଚଉହଦି: ପୂର୍ବ- ପ୍ଲଟ ନଂ.୩୫୫୬, ୩୫୫୭, ୩୫୫୮, ପଶ୍ଚିମ- ପ୍ଲଟ ନଂ.୩୫୫୧, ୩୫୫୬, ଉତ୍ତର- ସରକାରୀ ଜଳସେଚନ କେନାଲ, ଦକ୍ଷିଣ- ପ୍ଲଟ ନଂ.୩୫୫୨। |
| ୬. | **ହରିପୁର ରୋଡ୍ ଶାଖା, ଫୋନ୍: ୦୬୭୧-୨୪୨୩୮୦୯, ମୋ-୯୪୩୯୦୭୮୩୯୦** ଋଣଗ୍ରହୀତା/ବନ୍ଧକଦାତା: ମେସର୍ସ ଶ୍ରୀକାନ୍ତ ଏଣ୍ଟରପ୍ରାଇଜେସ୍, ଦୋକାନ ନଂ.-୩୪, ଆଳି ମାର୍କେଟ କମ୍ପ୍ଲେକ୍ସ, ସତ୍ତ୍ୱାଧିକାରୀ - ଶ୍ରୀ ସୁରେନ୍ଦ୍ର ସେଠ୍, ପିତା-ଭୋଗୀଲାଲ ସେଠ୍, ଜାମିନ୍‌ଦାର: ଶ୍ରୀମତୀ ବାସନ୍ତୀ ସେଠ୍, ଉଭୟଙ୍କ ବାସଗୃହ ଠିକଣା: ପ୍ଲଟ ନଂ.-୩୫୬/୩୫୬୭ ଏବଂ ୩୫୬/୩୫୦୪, ପ୍ରଧାନ ଆନନ୍ଦପୁର, ପୋ-ବକ୍ସିବଜାର, ଥାନା-ପୁରୁଣାଘାଟ, ଜିଲ୍ଲା-କଟକ, ଓଡ଼ିଶା। | ଶ୍ରୀ ସୁରେନ୍ଦ୍ର ସେଠ୍‌ଙ୍କ ନାମରେ ରେକର୍ଡ଼ଭୁକ୍ତ ଥିବା ଜମି ଏବଂ ଗୃହ ଅଂଶବିଶେଷ ଯାହା ପ୍ଲଟ ନଂ.-୩୫୬/୩୫୬୭ ଏବଂ ୩୫୬/୩୫୦୪, ଖାତା ନଂ.-୧୨୦୫/୮୩ ଏବଂ ୧୨୦୫/୩୫୫, ମୌଜା-ସାମନ୍ତ ସାହି, ଥାନା-ପୁରୁଣାଘାଟ, ତହସିଲ୍-କଟକ ସହର, ଜିଲ୍ଲା-କଟକ, ପ୍ଲଟ ନଂ.୩୫୬/୩୫୬୭ର ଏରିଆ-ଏକର ୦.୦୦୭୫ ଡିସିମିଲି ଏବଂ ପ୍ଲଟ ନଂ.୩୫୬/୩୫୦୪ ର ଏରିଆ-ଏକର୦.୦୧୧୫ ଡିସିମିଲିରେ ଅବସ୍ଥିତ। ଚଉହଦି: ଉତ୍ତର- ରାସ୍ତା, ପୂର୍ବ- ନାରିକେଳ ସେଠ୍, ପଶ୍ଚିମ- ସାଧାରଣ ଗଳି ରାସ୍ତା, ଦକ୍ଷିଣ- ଉପେନ୍ଦ୍ର ସେଠ୍। |
| ୭. | **ହରିପୁର ରୋଡ୍ ଶାଖା, ଫୋନ୍: ୦୬୭୧-୨୪୨୩୮୦୯, ମୋ-୯୪୩୯୦୭୮୩୯୦** ଋଣଗ୍ରହୀତା: ମେସର୍ସ ଗୁରୁକୃପା ଟ୍ରେଡର୍ସ, ସତ୍ତ୍ୱାଧିକାରୀ: ଶ୍ରୀ ବୈକୁଣ୍ଠ ବିହାରୀ ମୁଦୁଲି, ଜାମିନ୍‌ଦାର/ବନ୍ଧକଦାତା: ସଂଯୁକ୍ତା ମୁଦୁଲି, ସ୍ୱାମୀ-ବୈକୁଣ୍ଠ ମୁଦୁଲି, ଉଭୟଙ୍କ ଠିକଣା: ସା-ପ୍ଲଟ ନଂ.-୩୮୬/୧୬୨୨, ଆଦିତ୍ୟ ନଗର, ପୋ-ଚୁଡ଼ଙ୍ଗ ବଜାର, ଥାନା-ଲାଲବାଗ, ଜିଲ୍ଲା-କଟକ-୭୫୩୦୦୧। | ସଂଯୁକ୍ତା ମୁଦୁଲିଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.-୬୫୦/୪୪, ପ୍ଲଟ ନଂ.-୩୮୬/୧୬୨୨, ଏରିଆ-ଏକର୦.୦୪୦ ଡିସିମିଲି, ମୌଜା-ପଇସା (ୟୁନିଟ୍-୨୮), ଥାନା-ଲାଲବାଗ, ତହସିଲ୍-କଟକ ସହର, ଜିଲ୍ଲା-କଟକ, ଓଡ଼ିଶା, ଚଉହଦି: ଉତ୍ତର-ପଙ୍କଜିନୀ ମିଶ୍ର (ପ୍ଲଟ ନଂ.୩୮୬/୧୬୨୫), ଦକ୍ଷିଣ-ରାସ୍ତା, ପୂର୍ବ-ଉର୍ମିଳା ସାହୁ (ପ୍ଲଟ ନଂ.୩୮୬/୧୧୯୫), ପଶ୍ଚିମ- ପଙ୍କଜିନୀ ମିଶ୍ର (ପ୍ଲଟ ନଂ.-୩୮୬/୧୬୨୧)। |
| ୮. | **ହରିପୁର ରୋଡ୍ ଶାଖା, ଫୋନ୍: ୦୬୭୧-୨୪୨୩୮୦୯, ମୋ-୯୪୩୯୦୭୮୩୯୦** ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତା: ମେସର୍ସ ବ୍ଲୁ ଇଞ୍ଜିନିୟର୍ସ ପ୍ରା.ଲି., ପରିଚାଳନା ନିର୍ଦ୍ଦେଶକ: ବିଶ୍ୱଜିତ୍ ପୃଷ୍ଟି, ପ୍ଲଟ ନଂ.-୪୮, ଶକ୍ତି ନଗର, ଅରୁଣୋଦୟ ମାର୍କେଟ, କଟକ-୭୫୩୦୧୨, ଓଡ଼ିଶା, ନିର୍ଦ୍ଦେଶକ: ମୀନା ମଲ୍ଲିକ, ପ୍ଲଟ ନଂ.-୪୭,ଶକ୍ତି ନଗର, ଅରୁଣୋଦୟ ମାର୍କେଟ, କଟକ-୭୫୩୦୧୨, ଓଡ଼ିଶା। | ଯନ୍ତ୍ରପାତିର ସମସ୍ତ ଅଂଶବିଶେଷ ଯାହାର ସିବନ୍ସ୍ ଲେନ୍, ପ୍ଲାଜମା କଟ୍, ମ୍ୟାଗ୍ନେଟିକ୍ ଡ୍ରିଲିଂ, ଅଟୋମେଟିକ୍ ଥ୍ରେଡ୍ଡିଂ ମେସିନ୍, ହେବି ଡ୍ୟୁଟି ଜେନେରେଟର, ହ୍ୟାଣ୍ଡ ଗ୍ରାଇଣ୍ଡର, କିଲେନ ଜେନେରେଟର, ଅଟୋମେଟିକ୍ ଡ୍ରିଲିଂ କଟ୍ ସେଟ୍, ମେଟ୍ରିକ୍ ଇନ୍‌ଷ୍ଟ୍ରୁମେଣ୍ଟ୍, ହାଇଡ୍ରୋଲିକ୍ ଏବଂ ଷ୍ଟିଲ୍ ଜ୍ୟାକ୍, ଲିଫ୍ଟିଂ ଗ୍ଲୁଟ୍, ରେଡିଓଗ୍ରାଫି କ୍ୟାମେରା, ହ୍ୱାଇଟ୍ ଗ୍ୟାସ୍ କଟ୍ ସହିତ ମିଶ୍ରଣ, ଇଲେକ୍ଟ୍ରିକାଲ ଟେଷ୍ଟିଂ କିଟ୍ ଏବଂ ଆପାରେଟସ୍, ଏଲ୍ ଫେବ୍ରିକେଟ୍ ଟ୍ରାନ୍ସଫର୍ମର, ହାଇଡ୍ରୋଲିକ୍ ପ୍ରେସ୍ ବ୍ୟୁଲ୍ ଫୋର୍ସ ସହିତ ଟିଗ୍‌ୱେଲ୍ଡ, ଇଲେକ୍ଟ୍ରିକ୍ ଡ୍ରାଇଭ୍ ଗ୍ରୀନ୍ ସ୍ପ୍ରିଙ୍କ୍ ପ୍ଲାଣ୍ଟ ପ୍ରୋଫାଇଲ୍ କଟ୍ ସିଷ୍ଟମ୍। ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ହରିପୁର ରୋଡ୍ ଶାଖାରେ ବନ୍ଧକପ୍ରାପ୍ତ। |
| ୯. | **ହରିପୁର ରୋଡ୍ ଶାଖା, ଫୋନ୍: ୦୬୭୧-୨୪୨୩୮୦୯, ମୋ-୯୪୩୯୦୭୮୩୯୦** ଋଣଗ୍ରହୀତା/ବନ୍ଧକଦାତା: ମେସର୍ସ ମାମା ଏଜେନ୍ସି, ସତ୍ତ୍ୱାଧିକାରୀ: ଶ୍ରୀ ବୃନ୍ଦାବନ ପ୍ରହରାଜ, ପିତା-ଉପେନ୍ଦ୍ର ପ୍ରହରାଜ, ଜାମିନ୍‌ଦାର/ବନ୍ଧକଦାତା: ଶ୍ରୀମତୀ ସଞ୍ଜିବନୀ ସୁଧା ଷଡଙ୍ଗୀ, ସ୍ୱାମୀ-ଶ୍ରୀ ବୃନ୍ଦାବନ ପ୍ରହରାଜ, ସା/ପୋ-ଦୋଳମୁଣ୍ଡାଇ, ଥାନା/ଜିଲ୍ଲା-କଟକ, ଓଡ଼ିଶା-୭୫୩୦୦୧, ସ୍ଥାୟୀ ଠିକଣା: ସା-ଖରିବିଲ୍, ପୋ-ଏରଞ୍ଚ, ଥାନା- ନିଆଳି, ଜିଲ୍ଲା-କଟକ-୭୫୪୧୦୫, ଓଡ଼ିଶା, ବର୍ତ୍ତମାନ ଠିକଣା: ମାର୍ଫତ ପି.ସି ମଙ୍ଗରାଜ, ସା-କଡେଇ ସାହି, ରାଜା ବଗିଚା, ତଳତେଲେଙ୍ଗା ବଜାର, ଜିଲ୍ଲା-କଟକ-୭୫୩୦୦୯, ଓଡ଼ିଶା, ପିନ୍-୭୫୩୦୦୧। | (କ)ଶ୍ରୀମତୀ ସଞ୍ଜିବନୀ ସୁଧା ଷଡଙ୍ଗୀଙ୍କ ନାମରେ ଥିବା ସରକାରୀ ଜମିର ସମସ୍ତ ଅଂଶବିଶେଷ ଯାହର ମୌଜା-ବାସୁଘାଇ, ଥାନା-ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଖାତା ନଂ.-୩୯୦/୨୧୬, ପ୍ଲଟ ନଂ.-୨୫୧/୯୩୪, ଏରିଆ- ଏକର ୦.୦୩୦ ଡିସିମିଲି, ଏହର ଚଉହଦି: ପୂର୍ବ- ଚିନ୍ମୟୀ ତ୍ରିପାଠୀ, ପଶ୍ଚିମ- ଡ୍ରେନ୍, ଉତ୍ତର- ସବ୍ ପ୍ଲଟ ନଂ.୪୮୫, ଦକ୍ଷିଣ-ରାସ୍ତା। (ଖ) ଶ୍ରୀ ବୃନ୍ଦାବନ ପ୍ରହରାଜଙ୍କ ନାମରେ ଥିବା ଘରବାରୀ ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା-ବାସୁଘାଇ, ଥାନା-ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଖାତା ନଂ.-୩୯୦/୨୧୫, ପ୍ଲଟ ନଂ.-୨୫୧/୯୩୪/୧୦୩୫, ଏରିଆ-ଏକର୦.୦୩୫ ଡିସିମିଲି, ଏହର ଚଉହଦି: ପୂର୍ବ- ଚିନ୍ମୟୀ ତ୍ରିପାଠୀ, ପଶ୍ଚିମ- ଡ୍ରେନ୍, ଉତ୍ତର- ସବ୍ ପ୍ଲଟ ନଂ.୪୮୫, ଦକ୍ଷିଣ-ରାସ୍ତା। |
| ୧୦. | **ନନ୍ଦପୁର ଶାଖା, ଫୋନ୍: ୦୬୭୫୬-୨୫୦୨୨୦, ମୋ-୮୪୩୮୫୦୪୨୯୧** ଋଣଗ୍ରହୀତା:ଶ୍ରୀ ଦେବାଶିଷ ମହାପାତ୍ର, ପିତା-ରାମଚନ୍ଦ୍ର ମହାପାତ୍ର, ଜାମିନ୍‌ଦାର/ବନ୍ଧକଦାତା: ଶ୍ରୀ ରାମଚନ୍ଦ୍ର ମହାପାତ୍ର, ଜାମିନ୍‌ଦାର: ଶ୍ରୀ ଶ୍ରୀକାନ୍ତ ମହାପାତ୍ର ଏବଂ ଝିନା ମହାପାତ୍ର, ସା-ଅଳାଇଡିହ, ପୋ-ବାଲୁଗାଁ, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା-୭୫୨୦୩୦। | ଶ୍ରୀ ରାମଚନ୍ଦ୍ର ମହାପାତ୍ରଙ୍କ ନାମରେ ରେକର୍ଡ଼ଭୁକ୍ତ ଥିବା ଜମି ଏବଂ ଗୃହ ର ସମସ୍ତ ଅଂଶବିଶେଷ ଯାହା ମୌଜା-ଗୋପିକାନ୍ତପୁର, ଥାନା-ବାଣପୁର, ଜିଲ୍ଲା-ଖୋର୍ଦ୍ଧା, ଖାତା ନଂ.- ୧୩୪, ପ୍ଲଟ ନଂ.-୪୦୫, ଏରିଆ-ଏକର୦.୦୩୨ ଡିସିମିଲି, ପ୍ଲଟ ନଂ.-୪୦୬, ଚକ ନଂ.-୭୬, ଏରିଆ-ଏକର୦.୮୭୯ ଡିସିମିଲିରେ ଅବସ୍ଥିତ। ଚଉହଦି: ପୂର୍ବ-କଣ୍ଟୁ ମଙ୍ଗରାଜ, ପଶ୍ଚିମ-ନରସିଂହ ପ୍ରଧାନ, ଉତର-ନରସିଂହ ପ୍ରଧାନ, ଦକ୍ଷିଣ- ରାମଚନ୍ଦ୍ର ମହାପାତ୍ର। |
| ୧୧. | **ନୟାଗଡ ଶାଖା, ଫୋନ୍: ୦୬୭୫୩-୨୫୨୪୬୫,୨୫୨୪୭୫** ଋଣଗ୍ରହୀତା/ବନ୍ଧକଦାତା: ମେସର୍ସ ଜେନା ଟାୟାର ହାଉସ୍, ସତ୍ତ୍ୱାଧିକାରୀ: ଶ୍ରୀ ପ୍ରଶାନ୍ତ କୁମାର ଜେନା, ପିତା-ଶ୍ରୀ ସୁଦର୍ଶନ ଜେନା, ସୋ/ପୋ-ବସ୍‌ଷ୍ଟାଣ୍ଡ ରୋଡ, ନୟାଗଡ, ପିନ୍-୭୫୨୦୬୯, ଓଡ଼ିଶା, ବନ୍ଧକଦାତା/ଜାମିନ୍‌ଦାର: ଶ୍ରୀମତୀ ବିଦ୍ୟୁଲତା ଜେନା, ସ୍ୱାମୀ- ସୁଦର୍ଶନ ଜେନା, ସା/ପୋ-ଛାୟାପଥ ଲେନ୍, ନୟାଗଡ-୭୫୨୦୬୯, ଓଡ଼ିଶା। | ଶ୍ରୀମତୀ ବିଦ୍ୟୁଲତା ଜେନାଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ମୌଜା-ନୟାଗଡ, ଇଣ୍ଡିଆନ୍ ବ୍ୟାଙ୍କ ନିକଟ, ଜିଲ୍ଲା-ନୟାଗଡ, ପିନ୍-୭୫୨୦୬୯, ଖାତା ନଂ.-୧୨୧୯/୧୩୮, ପ୍ଲଟ ନଂ.-୧୩୫୦, ଏରିଆ-ଏକର୦.୧୪ ଡିସିମିଲି, ଚଉହଦି: ପୂର୍ବ-ରାସ୍ତା, ପଶ୍ଚିମ-ଅନ୍ୟମାନଙ୍କ ଜମି ଏବଂ ଘର, ଉତ୍ତର- ଖାଲି ଜାଗା, ଦକ୍ଷିଣ-ଖାଲି ଯାଗା। |
| ୧୨. | **ଦଶରଥପୁର ଶାଖା, ଫୋନ୍: ୦୬୭୨୮-୨୫୪୯୯୯, ମୋ-୭୦୦୮୨୮୨୮୫୧** ଋଣଗ୍ରହୀତା: ଶ୍ରୀ ସ୍ୱରାଜ କୁମାର ଜେନା, ଜାମିନ୍‌ଦାର: ଶ୍ରୀ ଉମାକାନ୍ତ ଜେନା, ଉଭୟଙ୍କ ଠିକଣା: ସା-ମାନସଦା(କାଜିବାଗ), ପୋ-କଟିକଟା, ଭାୟା-ରାମବାଗ, ଜିଲ୍ଲା-ଯାଜପୁର-୭୫୫୦୧୪, ଓଡ଼ିଶା। | ଶ୍ରୀ ଉମାକାନ୍ତ ଜେନାଙ୍କ ନାମରେ ଥିବା ଜମି ଯାହାର ମୌଜା-ମନସଦା, ଥାନା/ଜିଲ୍ଲା-ଯାଜପୁର, ଖାତା ନଂ.-୨୫୩, ପ୍ଲଟ ନଂ.-୧୮୦୨, ୧୮୦୩, ଏରିଆ-ଏକର୦.୨୬ ଡିସିମିଲି। |
| ୧୩. | **ଦଶରଥପୁର ଶାଖା, ଫୋନ୍: ୦୬୭୨୮-୨୫୪୯୯୯, ମୋ-୭୦୦୮୨୮୨୮୫୧** ଋଣଗ୍ରହୀତାମାନେ: (୧)ଶ୍ରୀ ଭାରତ ରନ୍ ଜେନା, (୨)ଶ୍ରୀ ଦୁର୍ଯ୍ୟୋଧନ ଜେନା, ପିତା-୰ବାଇଧର ଜେନା, ଜାମିନ୍‌ଦାର: ଶ୍ରୀ ଦୁର୍ଯ୍ୟୋଧନ ଜେନା, ପିତା-୰ବାଇଧର ଜେନା, ସମସ୍ତଙ୍କ ଠିକଣା: ସା-ଚାନ୍ଦପୁର, ପୋ-ରାମବାଗ, ଜିଲ୍ଲା-ଯାଜପୁର। | ଶ୍ରୀ ଦୁର୍ଯ୍ୟୋଧନ ଜେନାଙ୍କ ନାମରେ ଥିବା ଜମି ଯାହାର ମୌଜା-ଚାନ୍ଦପୁର, ଥାନା-ମଙ୍ଗଳପୁର, ଜିଲ୍ଲା-ଯାଜପୁର, ଖାତା ନଂ.-୨୧୨, ପ୍ଲଟ ନଂ.-୨୧୮, ଏରିଆ-ଏ.୦.୨୨ଡିସିମିଲି। |
| ୧୪. | **ଦଶରଥପୁର ଶାଖା, ଫୋନ୍: ୦୬୭୨୮-୨୫୪୯୯୯, ମୋ-୭୦୦୮୨୮୨୮୫୧** ଋଣଗ୍ରହୀତା: ଶ୍ରୀ ଅରୁଣ କୁମାର ମହାପାତ୍ର, ପିତା-ଶ୍ରୀ ଅଲେଖ ମହାପାତ୍ର, ଠିକଣା: ସା-ମିର୍ଜାପୁର, ପୋ-ନନ୍ଦିପୁର, ଜିଲ୍ଲା-ଯାଜପୁର, ଓଡ଼ିଶା। | ଶ୍ରୀ ଅରୁଣ କୁମାର ମହାପାତ୍ରଙ୍କ ନାମରେ ଥିବା ଜମି ଯାହାର ମୌଜା-ମିର୍ଜାପୁର, ଥାନା-ମଙ୍ଗଳପୁର, ଜିଲ୍ଲା-ଯାଜପୁର, ଖାତା ନଂ.-୨୪୦, ପ୍ଲଟ ନଂ.-୧୮୧୨, ଏରିଆ-ଏକର୦.୦୪ ଡିସିମିଲି। |
| ୧୫. | **ଦଶରଥପୁର ଶାଖା, ଫୋନ୍: ୦୬୭୨୮-୨୫୪୯୯୯, ମୋ-୭୦୦୮୨୮୨୮୫୧** ଋଣଗ୍ରହୀତା: ଶ୍ରୀ ତପନ କୁମାର ବେହୁରିଆ, ପିତା-ଶ୍ରୀ ସୁରେନ୍ଦ୍ର ବେହୁରିଆ, ଠିକଣା: ସା-ଉଦୟପୁର, ପୋ-ଦଶରଥପୁର, ଜିଲ୍ଲା-ଯାଜପୁର, ଓଡ଼ିଶା। | ଶ୍ରୀ ତପନ କୁମାର ବେହୁରିଆଙ୍କ ନାମରେ ଥିବା ଜମି ଯାହାର ମୌଜା-ଉଦୟପୁର, ଥାନା-ମଙ୍ଗଳପୁର, ଜିଲ୍ଲା-ଯାଜପୁର, ଖାତା ନଂ.-୩୯୩/୩୨, ପ୍ଲଟ ନଂ.-୬୫୬/୧୦୯୬, ଏରିଆ-ଏ.୦.୦୩ ଡିସିମିଲି। |
| ୧୬. | **ଦଶରଥପୁର ଶାଖା, ଫୋନ୍: ୦୬୭୨୮-୨୫୪୯୯୯, ମୋ-୭୦୦୮୨୮୨୮୫୧** ଋଣଗ୍ରହୀତା: ଶ୍ରୀ ସୁବାସ ଚନ୍ଦ୍ର ରାଉତ, ପିତା-ଶ୍ରୀ ଭରତ ଚନ୍ଦ୍ର ରାଉତ, ଜାମିନ୍‌ଦାର: ଶ୍ରୀ ଭରତ ଚନ୍ଦ୍ର ରାଉତ, ଯାହାଙ୍କ ପୁତ୍ର ସୁବାସ ଚନ୍ଦ୍ର ରାଉତ, ଉଭୟଙ୍କ ଠିକଣା: ସା-ବିହିପୁର, ପୋ-ରାମବାଗ, ଜିଲ୍ଲା-ଯାଜପୁର, ଓଡ଼ିଶା। | ଶ୍ରୀ ଭରତ ଚନ୍ଦ୍ର ରାଉତଙ୍କ ନାମରେ ଥିବା ଜମି ଯାହାର ମୌଜା-ବିହିପୁର, ଥାନା-ମଙ୍ଗଳପୁର, ଜିଲ୍ଲା-ଯାଜପୁର, ଖାତା ନଂ.-୧୪୭, ପ୍ଲଟ ନଂ.-୪୦୪, ଏରିଆ-ଏ.୦.୦୫ ଡିସିମିଲି। |
| ୧୭. | **ଚଣ୍ଡିଖୋଲ ଶାଖା, ଫୋନ୍: ୦୬୭୨୫-୨୨୬୨୫୬, ମୋ-୯୧୭୮୫୩୦୭୭୦** ଋଣଗ୍ରହୀତା: ମେସର୍ସ କେ.ଆର୍. ମୋଟର୍ସ, ପାର୍ଟନରମାନେ: (୧)ଶ୍ରୀ ରଶ୍ମୀ ରଞ୍ଜନ ସୁଆର, ପିତା-୰ନୃସିଂହ ଚରଣ ସୁଆର, ସା-ଶ୍ୟାମଗୁଡିଆ, ପୋ-ବଗଡା, (ଏନ୍‌ଏଚ୍ ୫ଏ ନିକଟ), ଜିଲ୍ଲା-କେନ୍ଦ୍ରାପଡା, ପିନ୍-୭୫୪୨୧୨, (୨)କୁମୁଦ ରଞ୍ଜନ ସୁଆର, ପିତା-୰ନୃସିଂହ ଚରଣ ସୁଆର, (୩)କମଳା ସୁଆର, ସ୍ୱାମୀ:୰ନୃସିଂହ ଚରଣ ସୁଆର, ସା-ବଡବାରଙ୍ଗ, ପୋ-ବଳଦେବ ଜିଉ, ଜିଲ୍ଲା-କେନ୍ଦ୍ରାପଡା, ପିନ୍-୭୫୪୨୧୧। | କମଳା ସୁଆରଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.-୧୮୭୭, ପ୍ଲଟ ନଂ.-୮୨୭, ଏରିଆ-ଏ.୦.୧୯୦ ଡିସିମିଲି, ଏବଂ ଖାତା ନଂ.-୧୦୮୬, ପ୍ଲଟ ନଂ.-୮୨୯, ଏରିଆ-ଏ.୦.୬୪୫ ଡିସିମିଲି ଏବଂ ଶ୍ରୀ କୁମୁଦ ରଞ୍ଜନ ସୁଆରଙ୍କ ନାମର ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.-୯୮୭, ପ୍ଲଟ ନଂ.-୮୩୦, ଚକ ନଂ.-୭୮, ଏରିଆ-ଏ.୦.୩୨୦ ଡିସିମିଲି, ଉଭୟ ସମ୍ପତ୍ତିର ମୌଜା-ସାମଗୁଡିଆ, ଥାନା/ଜିଲ୍ଲା-କେନ୍ଦ୍ରାପଡା। |
| ୧୮. | **ଭୁବନେଶ୍ୱର ଶାଖା, ଫୋନ୍: ୦୬୭୪-୨୫୩୪୨୩୪/୫୪୩/୨୪୯** ଋଣଗ୍ରହୀତା: ମେସର୍ସ ଆଶା ଏଣ୍ଟରପ୍ରାଇଜେସ୍, ସତ୍ତ୍ୱାଧିକାରୀ: ଶ୍ରୀ ଜ୍ୟୋତିପ୍ରକାଶ ନାୟକ, ପ୍ଲଟ ନଂ.-୧୩୨୪/୩୭୧୪, ଲିଙ୍ଗିପୁର, ପ୍ରଥମ ମହଲା, ଶ୍ରୀ ଶ୍ରୀ ବରଦା ହସ୍ପିଟାଲ ନିକଟ, ଭୁବନେଶ୍ୱର-୭୫୧୦୦୨, ଜାମିନ୍‌ଦାରମାନେ: (୧)ଶ୍ରୀମତୀ ସରସ୍ୱତୀ ପଟ୍ଟନାୟକ, ସ୍ୱାମୀ-ଜ୍ୟୋତିପ୍ରକାଶ ପଟ୍ଟନାୟକ, ପ୍ଲଟ ନଂ.-୧୩୨୪/୩୭୧୪, ଲିଙ୍ଗିପୁର, ପ୍ରଥମ ମହଲା, ଶ୍ରୀ ଶ୍ରୀ ବରଦା ହସ୍ପିଟାଲ ନିକଟ, ଭୁବନେଶ୍ୱର-୭୫୧୦୦୨, (୨)ବରେନ୍ଦ୍ର କୁମାର ନାୟକ, ପ୍ଲଟ ନଂ.-୦୧, ତଳ ମହଲା, ଗୋଲଖ ବିହାରି ପ୍ୟାଲେସ୍, ପ୍ଲଟ ନଂ.-୯୦, ଭୋଇ ନଗର, ଭୁବନେଶ୍ୱର, ଜାମିନ୍‌ଦାର ଏବଂ ବନ୍ଧକଦାତାମାନେ: (୧)ଶ୍ରୀ ଜ୍ୟୋତି ପ୍ରକାଶ ନାୟକ, ପ୍ଲଟ ନଂ.-୧୩୨୪/୩୭୧୪, ଲିଙ୍ଗିପୁର, ପ୍ରଥମ ମହଲା, ଶ୍ରୀ ଶ୍ରୀ ବରଦା ହସ୍ପିଟାଲ ନିକଟ, ଭୁବନେଶ୍ୱର-୭୫୧୦୦୨, ୨)ବରେନ୍ଦ୍ର କୁମାର ନାୟକ, ପ୍ଲଟ ନଂ.-୦୧, ତଳ ମହଲା, ଗୋଲଖ ବିହାରି ପ୍ୟାଲେସ୍, ପ୍ଲଟ ନଂ.-୯୦, ଭୋଇ ନଗର, ଭୁବନେଶ୍ୱର। | (କ)ଶ୍ରୀ ଜ୍ୟୋତିପ୍ରକାଶ ନାୟକଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା-ବୁଦ୍ଧିପଡା, ଥାନା-ବାଲିଅନ୍ତା, ଜିଲ୍ଲା-ଖୋର୍ଦ୍ଧା, ଖାତା ନଂ.-୪୯୦/୧୦୦, ପ୍ଲଟ ନଂ.-୫୦୯, ଏରିଆ-ଏ.୦.୧୦୦ ଡିସିମିଲି, (ଖ)ଶ୍ରୀ ଜ୍ୟୋତିପ୍ରକାଶ ନାୟକଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା-ଝିଁଇଟିଶାସନ, ଥାନା-ବାଲିପାଟଣା, ଜିଲ୍ଲା-ଖୋର୍ଦ୍ଧା, ଖାତା ନଂ.-୧୫୩୦/୪୭୦, ପ୍ଲଟ ନଂ.-୫୪୪, ଏରିଆ-୦.୨୦ ଡିସିମିଲି। |
| ୧୯. | **ବାଲୁଗାଁ ଶାଖା, ଫୋନ୍: ୦୬୭୫୬-୨୫୧୧୭୪, ମୋ-୯୯୩୭୩୩୫୨୨୩** ଋଣଗ୍ରହୀତା/ବନ୍ଧକଦାତା: କେ.କେ ସାହୁ ଆଣ୍ଡ କୋ. ପାର୍ଟନରସିପ୍ ଫାର୍ମ, ସତ୍ତ୍ୱାଧିକାରୀ: ଶ୍ରୀ କେଦାର କୁମାର ସାହୁ, ପିତା-ପଦ୍ମ ଚରଣ ସାହୁ, ଜାମିନ୍‌ଦାରମାନେ: (୧)ଶ୍ରୀ ଲଳିତ ଚରଣ ସାହୁ, ପିତା-ପଦ୍ମ ଚରଣ ସାହୁ, (୨)ଶ୍ରୀମତୀ ରଚନୀ ସାହୁ, ସ୍ୱାମୀ-ପଦ୍ମ ଚରଣ ସାହୁ, ସମସ୍ତଙ୍କ ଠିକଣା: ସା-ଡାଙ୍ଗମାଳ (ନାଭାଲ ସ୍କୋୟାର ନିକଟ), ପୋ-ଆଇଏନ୍‌ଏସ୍ ଚିଲିକା, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା-୭୫୨୦୩୭। | ଶ୍ରୀ କେଦାର କୁମାର ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା-ଡୁଙ୍ଗାମାଳ, ଜିଲ୍ଲା-ଖୋର୍ଦ୍ଧା, ଖାତା ନଂ.-୨୯୭, ପ୍ଲଟ ନଂ.-୫୪/୧୧୪୨, ଏରିଆ-ଏକର୦.୧୦୦ ଡିସିମିଲି, ଏହାର ଚଉହଦି: ପୂର୍ବ-ବିକ୍ରେତା, ପଶ୍ଚିମ-ରାସ୍ତା, ଉତ୍ତର-କାଳା ସାହୁ, ଦକ୍ଷିଣ-ଲଳିତ ସାହୁ। |
| ୨୦. | **ମଙ୍ଗଳପୁର ଶାଖା, ମୋ-୯୪୩୭୩୪୮୭୭୩** ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସତ୍ୟ ନାରାୟଣ ମଲ୍ଲିକ, ସା/ପୋ-ଆମପୋଲାବ, ଭାୟା-ସୁକିନ୍ଦା, ଥାନା-ସୁକିନ୍ଦା, ଜିଲ୍ଲା-ଯାଜପୁର, ଓଡ଼ିଶା-୭୫୫୦୧୮। | ଶ୍ରୀ ସତ୍ୟ ନାରାୟଣ ମଲ୍ଲିକଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା-ଆମପୋଲାବ, ଥାନା-ସୁକିନ୍ଦା, ପୋ-ଆମପୋଲାବ, ଜିଲ୍ଲା-ଯାଜପୁର, ଖାତା ନଂ.-୬୫, ପ୍ଲଟ ନଂ.-୨୫, ଏରିଆ-ଏକର୦.୨୦ ଡିସିମିଲି, ଏହାର ଚଉହଦି: ପୂର୍ବ-ଚୈତନ୍ୟ ଦାସ, ପଶ୍ଚିମ- ରବିନ୍ଦ୍ର ସାହୁ, ଉତ୍ତର- ଚୈତନ୍ୟ ଦାସ, ଦକ୍ଷିଣ-ରାସ୍ତା। |
| ୨୧. | **ଯାଜପୁର ରୋଡ ଶାଖା, ଫୋନ୍:୦୬୭୨୬-୨୨୦୮୧୦, ମୋ-୭୯୭୮୭୫୧୫୮୪** ଋଣଗ୍ରହୀତା: ମେସର୍ସ ଶର୍ମିଷ୍ଠା ଇଣ୍ଡଷ୍ଟ୍ରିଜ୍, ସତ୍ତ୍ୱାଧିକାରୀ: ଶ୍ରୀମତୀ ଶର୍ମିଷ୍ଠା ମଞ୍ଜରୀ ଖଣ୍ଡେଇ, ସ୍ୱାମୀ:ଶ୍ରୀ ମହେଶ୍ୱର ମହାପାତ୍ର, ସା-ବଜରପଡା (ସଠିପୁର), ପୋ-ରୁଢ଼ିଆ, ଥାନା-ପାଣିକୋଇଲି, ଜିଲ୍ଲା-ଯାଜପୁର-୭୫୫୦୩୩। | ଶ୍ରୀମତୀ ଶର୍ମିଷ୍ଠା ମଞ୍ଜରୀ ଖଣ୍ଡେଇଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାକି ମୌଜା-ବଜରପଡା, ଖାତା ନଂ.-୧୦୩, ପ୍ଲଟ ନଂ.-୨୨, ଏରିଆ-ଏକର୦.୦୮ ଡିସିମିଲି, ଅନୁରୂପ ମ୍ୟୁଟେସନ ଖାତା ନଂ.-୨୫୦/୧୩, ପ୍ଲଟ ନଂ.-୨୨/୧୭୪୪, ଥାନା-ପାଣିକୋଇଲି, ଜିଲ୍ଲା-ଯାଜପୁରରେ ଅବସ୍ଥିତ, ଏହାର ଚଉହଦି: ପୂର୍ବ-ଶ୍ରୀ ମହେଶ୍ୱର ମହାପାତ୍ର, ପଶ୍ଚିମ/ଦକ୍ଷିଣ-ଶ୍ରୀ ରାକୁ ବାରିକ, ଉତ୍ତର-ଗୋଚର। |
| ୨୨. | **ଯାଜପୁର ରୋଡ ଶାଖା, ଫୋନ୍:୦୬୭୨୬-୨୨୦୮୧୦, ମୋ-୭୯୭୮୭୫୧୫୮୪** ଋଣଗ୍ରହୀତା: ଶ୍ରୀ ଧରଣୀଧର ମଲ୍ଲିକ, ପିତା-୰ବାଞ୍ଛୁ ମଲ୍ଲିକ, ଜାମିନ୍‌ଦାରମାନେ: (୧)ଶ୍ରୀ କରୁଣାକର ମଲ୍ଲିକ, ପିତା-୰ବାଞ୍ଛୁ ମଲ୍ଲିକ, (୨)ଶ୍ରୀମତୀ ବାସନ୍ତୀ ମଲ୍ଲିକ, ସ୍ୱାମୀ-ଶ୍ରୀ ଧରଣୀଧର ମଲ୍ଲିକ, ସମସ୍ତଙ୍କ ଠିକଣା: ଗ୍ରାମ-ବଡପାତୁଳୀ, ପୋ-ପାତୁଳୀ, ଜିଲ୍ଲା: ଯାଜପୁର-୭୫୫୦୧୯। | (୧)ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ମୌଜା-ବଡପାତୁଳୀ, ଖାତା ନଂ.-୧୬୧, ପ୍ଲଟ ନଂ.-୫୩୪, ୫୩୫, ପରିମିତ କ୍ଷେତ୍ର-ଏକର୦.୧୨ ଡିସିମିଲି, ଜିଲ୍ଲା-ଯାଜପୁର, ଏହାର ଚଉହଦି: ପୂର୍ବ-ନିଳେଇ ମଲ୍ଲିକ, ପଶ୍ଚିମ-ରାସ୍ତା, ଉତ୍ତର/ଦକ୍ଷିଣ- ଶ୍ରୀ ଧରଣୀଧର ମଲ୍ଲିକ ଏବଂ ଶ୍ରୀ କରୁଣାକର ମଲ୍ଲିକ। (୨)ଶ୍ରୀ ଧରଣୀଧର ମଲ୍ଲିକ, ଶ୍ରୀ କରୁଣାକର ମଲ୍ଲିକ ଏବଂ ଶ୍ରୀମତୀ ବାସନ୍ତୀ ମଲ୍ଲିକଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତି ଯାହାର ମୌଜା- ବଡପାତୁଳୀ, ଖାତା ନଂ.-୨୬, ପ୍ଲଟ ନଂ.-୧୨୫ (ଅଂଶ), ପରିମିତ କ୍ଷେତ୍ର-ଏକର୦.୧୯ଡିସିମିଲି, ଖାତା ନଂ.-୨୮୬, ପ୍ଲଟ ନଂ.-୪୯୨, ୪୯୩, ଏରିଆ-ଏକର୦.୧୨ଡିସିମିଲି, ଖାତା ନଂ.-୪୨୬, ପ୍ଲଟ ନଂ.-୪୪୯, ଏରିଆ-ଏକର୦.୧୧ଡିସିମିଲି, ଖାତା ନଂ.୧୦୪, ପ୍ଲଟ ନଂ.୧୮୨ (ଅଂଶ), ଏରିଆ-ଏକର୦.୩୭ ଡିସିମିଲି, ଖାତା ନଂ.୨୭୩, ପ୍ଲଟ ନଂ.୧୮୨(ଅଂଶ), ଏରିଆ-ଏକର୦.୩୭ ଡିସିମିଲି, ଖାତା ନଂ.୨୭୩, ପ୍ଲଟ ନଂ.୪୬୯, ୪୭୦, ୪୭୧, ଏରିଆ-ଏକର୦.୭୯ ଡିସିମିଲି, ଖାତା ନଂ.୧୪୬, ପ୍ଲଟ ନଂ.୬୨୨, ଏରିଆ-ଏକର୦.୩୧ ଡିସିମିଲି, ଖାତା ନଂ.୧୬୧, ପ୍ଲଟ ନଂ.୧୧୩୯, ପ୍ଲଟ ନଂ.-୫୬୪, ୫୩୩, ୫୧୮/୧୧୭୬, ଏରିଆ-ଏକର୦.୬୨ ଡିସିମିଲି, ଜିଲ୍ଲା-ଯାଜପୁରରେ ଅବସ୍ଥିତ। * **ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛିକି କେବଳ ଏସ୍‌ସି (ଅନୁସୂଚିତ ଜାତି)ଙ୍କ ଠାରୁ ପ୍ରସ୍ତାବ ଗ୍ରହଣ କରାଯିବ।** |
| ୨୩. | **ବାରିପଦା ଶାଖା, ଫୋନ୍: ୦୬୭୯୨-୨୫୬୭୨୭, ମୋ-୮୮୯୫୭୬୩୭୨୦** ଋଣଗ୍ରହୀତା/ବନ୍ଧକଦାତା: ଗୋପିନାଥ ହେମ୍ବ୍ରମ, ସା/ପୋ-କଞ୍ଚାବୁ ପୋଲ, ଭାୟା/ଥାନା/ଥାନା-ଚାନ୍ଦୁଆ, ଜିଲ୍ଲା-ମୟୂରଭଞ୍ଜ, ଓଡ଼ିଶା, ପିନ୍-୭୫୭୦୫୨। | ଗୋପିନାଥ ହେମ୍ବ୍ରମଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.-୨୬୬/୧୦୩, ପ୍ଲଟ ନଂ.-୧୫୫୫/୧୮୮୫, ଏରିଆ-ଏକର୦.୧୫ଡିସିମିଲି, କିସମ-ଘରବାରୀ, ମୌଜା-ଚାନ୍ଦୁଆ, ଥାନା-ଚାନ୍ଦୁଆ, ଜିଲ୍ଲା-ମୟୂରଭଞ୍ଜ, ଏହାର ଚଉହଦି: ପୂର୍ବ/ଉତ୍ତର-ଖୋଲା ଥିବା ଜମି, ପଶ୍ଚିମ-ରାସ୍ତା, ଦକ୍ଷିଣ-ରାସ୍ତା ଏବଂ ନଗେନ୍ଦ୍ର ନାଥ ମହନ୍ତ, *ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛିକି କେବଳ ଏସ୍‌ଟି (ଅନୁସୂଚିତ ଜନଜାତି)ଙ୍କ ଠାରୁ ପ୍ରସ୍ତାବ ଗ୍ରହଣ କରାଯିବ। |
| ୨୪. | **ଢେଙ୍କାନାଳ ଶାଖା, ଫୋନ୍: ୦୬୭୬୨-୨୨୬୪୩୭, ମୋ-୯୪୩୭୮୦୧୯୬୭** ଋଣଗ୍ରହୀତା: ମେସର୍ସ ମେଟ୍ରୋ ଗାର୍ଡେନ, ସତ୍ତ୍ୱାଧିକାରୀ-ଶ୍ରୀ ସରୋଜ କୁମାର ସାହୁ, ପିତା-ଶ୍ରୀ ମାୟାଧର ସାହୁ, ସା-ରତନପ୍ରଭା (ପୋଡପଡା, ପୋ-ହିନ୍ଦୋଳ ରୋଡ, ଥାନା-ମୋଟଙ୍ଗା, ଜିଲ୍ଲା-ଢେଙ୍କାନାଳ, ପିନ୍-୭୫୯୦୧୯। | ଶ୍ରୀ ସରୋଜ କୁମାର ସାହୁଙ୍କ ନାମରେ ଥିବା ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୪୧୮/୪୯୪୨, ଖାତା ନଂ.-୨୬୬/୧୩୬, ଏରିଆ-ଏକର୦.୨୯ ଡିସିମିଲି, ଥାନା-ମୋଟଙ୍ଗା, ଜିଲ୍ଲା-ଢେଙ୍କାନାଳ, ଏହାର ଚଉହଦି: ପୂର୍ବ-ଶ୍ରୀ ଜଗା ନାୟକ, ପଶ୍ଚିମ-ଶ୍ରୀ ପ୍ରହଲ୍ଲାଦ ବାରିକ, ଉତ୍ତର-ରେଙ୍ଗାଲି ରାଇଟ୍ କେନାଲ, ଦକ୍ଷିଣ-ଏନ୍‌ଏଚ୍-୪୨। |
| ୨୫. | **ଧୁରୁକୁଡିଆ ଶାଖା, ମୋ-୭୮୯୮୬୧୩୧୩୯, ୭୩୫୪୧୬୨୨୨୪** ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତା: ମେସର୍ସ ସର୍ବେଶ୍ୱର ଡାଲ୍ ମିଲ୍, ସତ୍ତ୍ୱାଧିକାରୀ-ଶ୍ରୀ ବିଜୟ କୁମାର ସ୍ୱାଇଁ, ସା-ଶ୍ରୀରଙ୍ଗାପୁର, ପୋ-ଧୁରୁଶିଆ, ଥାନା-ଖୁଣ୍ଟୁଣି, ଜିଲ୍ଲା-କଟକ-୭୫୪୦୨୭, ଓଡ଼ିଶା। | ଶ୍ରୀ ବିଜୟ କୁମାର ସ୍ୱାଇଁଙ୍କ ନାମରେ ଥିବା ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ପ୍ଲଟ ନଂ.୦୧, ଖାତା ନଂ.୦୧, ମୌଜା-ଶ୍ରୀରଙ୍ଗାପୁର, ଥାନା-ଗୁରୁଡିଝାଟିଆ, ପୋ-ଧୁରୁଶିଆ, ଏରିଆ-ଏକର୦.୦୮୩ ଡିସିମିଲି (୩୬୧୫୪ ବର୍ଗଫୁଟ), ଜିଲ୍ଲା-କଟକ, ପିନ୍-୭୫୪୦୨୭, ଓଡ଼ିଶା, ଏହାର ଚଉହଦି: ଉତ୍ତର-ପ୍ଲଟ ନଂ.୦୨, ପୂର୍ବ-ରାସ୍ତା, ପଶ୍ଚିମ-ପ୍ଲଟ ନଂ.୦୨, ଦକ୍ଷିଣ-ପ୍ଲଟ ନଂ.୦୧, ଏବଂ ଶ୍ରୀ ବିଜୟ କୁମାର ସ୍ୱାଇଁଙ୍କ ନାମରେ ଥିବା କଳକବଜା ଏବଂ ଯନ୍ତ୍ରପାତୀ (କଳକବଜା ଏବଂ ଯନ୍ତ୍ରପାତୀ ବିବରଣୀ: ଫଟକା, ଡ୍ରମ୍, ପୋକୁଲାର ମେସିନ୍ ସହିତ ମେସିନ୍, ପୋକୁଲାର କନେକ୍ଟ ଏଲିମିଟର, ଷ୍ଟୋନର, ଡ୍ରାୟର ସେକ୍ସନ, ଏଲିମିଟର ୫ଟି, ବ୍ରଫଲର, ବ୍ଲୋଓର, ରୋଜା ସହିତ ମୋଟର (୧୦ ଏଚ୍‌ପି)ଥୁକାର ଚଳା ସହିତ ମୋଟର, ୪ଟି ଚଳା ସହିତ ମୋଟର)ଯାହାକି ପ୍ଲଟ ନଂ.୦୧, ଖାତା ନଂ.୦୧, ମୌଜା-ଶ୍ରୀରଙ୍ଗାପୁର, ଥାନା-ଗୁରୁଡିଝାଟିଆ, ପୋ-ଧୁରୁଶିଆ, ଜିଲ୍ଲା-କଟକ, ଓଡ଼ିଶା-୭୫୪୦୨୭ରେ ଅବସ୍ଥିତ। |

| କ୍ର. ନଂ | ସଂରକ୍ଷିତ ମୂଲ୍ୟ | ଅମାନତ ଜମା | ଡ଼ିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡ଼ିମାଣ୍ଡ/ ଦଖଲ ନୋଟିସ୍ ତାରିଖ | ସମ୍ପତ୍ତି କାଗଜ ପତ୍ର ତନଖିର ତାରିଖ | କ୍ଷମତାପ୍ରାପ୍ତଅଧିକାରୀ/ସେବା ପ୍ରଦାନକାରୀଙ୍କ ନିକଟରେ ବିଡ୍ /ଅମାନତ ଜମାର ପ୍ରମାଣ ଏବଂ କେୱାଇସି କାଗଜପତ୍ର, ଅଂଶଗ୍ରହଣ ପତ୍ର ଦଖଲର ଅନ୍ତିମ ତାରିଖ ଏବଂ ସମୟ | ଇ-ନିଲାମ ତାରିଖ/ ସମୟ (ଯଦି କେହି ନିଲାମ ଶେଷ ୫ ମିନିଟ୍ ମଧ୍ୟରେ ନିଲାମ ଡ଼ାକ କରିଥାନ୍ତି ତେବେ ୫ ମିନିଟ୍ ଅସିମୀତ ସମୟ ସ୍ୱତଃ ବର୍ଦ୍ଧିତ ହେବ ।) |
|---|---|---|---|---|---|---|---|
| ୧. | ଟ.୩୦,୯୫,୦୦୦/- | ଟ.୩,୦୯,୫୦୦/- | ଟ.୫୨,୪୬,୧୬୦/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୧୫.୦୪.୨୦୧୭ / ୦୫.୦୯.୨୦୧୭ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୨. | ଟ.୪୨,୫୪,୦୦୦/- | ଟ.୪,୨୫,୪୦୦/- | ଟ.୩୭,୦୧,୬୨୭/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୧୭.୦୪.୨୦୧୭ / ୧୯.୦୭.୨୦୧୭ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୩. | ଟ.୫୯,୧୨,୨୦୦/- | ଟ.୫,୯୧,୨୨୦/- | ଟ.୩୫,୩୩,୪୭୯/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୨୩.୧୨.୨୦୧୬ / ୨୨.୦୩.୨୦୧୭ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୪. | ଟ.୪୫,୯୦,୦୦୦/- | ଟ.୪,୫୯,୦୦୦/- | ଟ.୨୯,୫୧,୨୩୭.୫୬ +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୧୫.୦୭.୨୦୧୭ / ୦୯.୧୦.୨୦୧୭ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୫. | ଟ.୪୯,୮୯,୦୦୦/- | ଟ.୪,୮୯,୯୦୦/- | ଟ.୪୪,୭୬,୪୫୫/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୧୯.୦୬.୨୦୧୫ / ୧୦.୦୯.୨୦୧୫ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୬. | ଟ.୩୭,୪୫,୦୦୦/- | ଟ.୩,୭୪,୫୦୦/- | ଟ.୨୧,୧୫,୬୯୯/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୧୫.୦୭.୨୦୧୭ / ୨୦.୧୧.୨୦୧୮ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୭. | ଟ.୨୯,୮୦,୦୦୦/- | ଟ.୨,୯୮,୦୦୦/- | ଟ.୪୨,୫୫,୭୫୭.୩୮ +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୨୪.୦୪.୨୦୧୭ / ୧୧.୧୦.୨୦୧୭ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୮. | ଟ.୧୧,୭୪,୦୦୦/- | ଟ.୧,୧୭,୪୦୦/- | ଟ.୧,୦୯,୭୭,୪୬୯.୭୪ +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୧୨.୧୨.୨୦୧୭ / ୨୧.୦୮.୨୦୧୮ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୯(କ). | ଟ.୧୦,୭୫,୦୦୦/- | ଟ.୧,୦୭,୫୦୦/- | ଟ.୩୨,୮୭,୦୨୫.୩୩ +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୨୦.୧୦.୨୦୧୮ / ୦୭.୦୨.୨୦୧୯ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୯(ଖ). | ଟ.୧୨,୬୦,୦୦୦/- | ଟ.୧,୨୬,୦୦୦/- | | | | | |
| ୧୦. | ଟ.୩୪,୮୦,୦୦୦/- | ଟ.୩,୪୮,୦୦୦/- | ଟ.୯,୧୫,୨୮୪.୦୮ +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୧୦.୦୭.୨୦୧୮ / ୨୦.୧୧.୨୦୧୮ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୧୧. | ଟ.୨୮,୦୦,୦୦୦/- | ଟ.୨,୮୦,୦୦୦/- | ଟ.୨୦,୨୮,୯୮୫.୦୬ +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୦୯.୦୧.୨୦୧୮ / ୦୪.୦୫.୨୦୧୮ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୧୨. | ଟ.୬,୦୦,୦୦୦/- | ଟ.୬୦,୦୦୦/- | ଟ.୭,୫୦,୭୧୯/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୨୧.୦୩.୨୦୧୬ / ୦୮.୦୬.୨୦୧୬ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୧୩. | ଟ.୮,୦୦,୦୦୦/- | ଟ.୮୦,୦୦୦/- | ଟ.୪,୪୩,୪୬୯/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୦୫.୦୫.୨୦୧୬ / ୨୬.୦୭.୨୦୧୬ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୧୪. | ଟ.୫,୦୦,୦୦୦/- | ଟ.୫୦,୦୦୦/- | ଟ.୬,୪୫,୭୭୭/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୨୭.୦୬.୨୦୧୫ / ୧୧.୦୯.୨୦୧୫ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୧୫. | ଟ.୫,୦୦,୦୦୦/- | ଟ.୫୦,୦୦୦/- | ଟ.୫,୩୮,୫୯୯/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୨୭.୦୬.୨୦୧୫ / ୧୧.୦୯.୨୦୧୫ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୧୬. | ଟ.୭,୦୦,୦୦୦/- | ଟ.୭୦,୦୦୦/- | ଟ.୫,୨୫,୩୩୪/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୨୭.୦୬.୨୦୧୫ / ୧୧.୦୯.୨୦୧୫ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୧୭. | ଟ.୧,୮୭,୮୦,୦୦୦/- | ଟ.୧୮,୭୮,୦୦୦/- | ଟ.୧,୮୮,୭୮,୯୦୩.୫୪ +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୦୨.୦୬.୨୦୧୭ / ୨୫.୦୮.୨୦୧୭ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୧୮(କ). | ଟ.୬୧,୬୧,୭୦୦/- | ଟ.୬,୨୦,୦୦୦/- | ଟ.୧,୨୩,୨୯,୭୯୧.୮୭ +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୨୧.୦୪.୨୦୧୭ / ୧୮.୦୭.୨୦୧୭ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୧୮(ଖ). | ଟ.୧୬,୦୦,୦୦୦/- | ଟ.୧,୬୦,୦୦୦/- | | | | | |
| ୧୯. | ଟ.୩୪,୫୫,୦୦୦/- | ଟ.୩,୪୫,୫୦୦/- | ଟ.୯,୬୨,୬୨୨/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୦୭.୦୮.୨୦୧୮ / ୨୦.୧୧.୨୦୧୮ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୨୦. | ଟ.୯,୪୦,୦୦୦/- | ଟ.୯୪,୦୦୦/- | ଟ.୬,୩୮,୩୦୧/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୩୦.୧୦.୨୦୧୮ / ୦୫.୦୨.୨୦୧୯ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୨୧. | ଟ.୭,୩୦,୦୦୦/- | ଟ.୭୩,୦୦୦/- | ଟ.୮,୬୬,୮୭୧/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୩୦.୦୧.୨୦୧୪ / ୩୦.୦୭.୨୦୧୪ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୨୨(କ). | ଟ.୬,୮୫,୦୦୦/- | ଟ.୬୮,୫୦୦/- | ଟ.୫,୫୧,୮୦୪/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୧୪.୦୫.୨୦୧୪ / ୩୦.୦୭.୨୦୧୪ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୨୨(ଖ). | ଟ.୬,୪୦,୦୦୦/- | ଟ.୬୪,୦୦୦/- | | | | | |
| ୨୩. | ଟ.୧୨,୯୦,୦୦୦/- | ଟ.୧,୨୯,୦୦୦/- | ଟ.୧୧,୪୦,୨୫୫/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୦୬.୦୨.୨୦୧୭ / ୨୬.୦୪.୨୦୧୭ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୨୪. | ଟ.୧,୨୧,୨୧,୩୦୦/- | ଟ.୧୨,୧୨,୧୩୦/- | ଟ.୧,୧୫,୫୦,୪୩୩/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୦୭.୦୬.୨୦୧୬ / ୧୯.୦୨.୨୦୧୬ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୨୫. | ଟ.୫୨,୭୮,୦୦୦/- | ଟ.୫,୨୭,୮୦୦/- | ଟ.୩୩,୨୮,୧୫୪.୫୭ +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୦୮.୦୬.୨୦୧୭ / ୦୫.୦୯.୨୦୧୭ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |

### ନିୟମ ଏବଂ ସର୍ତ୍ତାବଳୀ:

(୧) ସମ୍ପତ୍ତିଗୁଡ଼ିକ ବ୍ୟାଙ୍କ ଅନୁମୋଦିତ ସେବା ପ୍ରଦାନକାରୀ: **M/s. e-Procurement Technologies Ltd. (Auction Tiger)** ଙ୍କ ଦ୍ୱାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧୀକାରୀଙ୍କ ତତ୍ତ୍ୱାବଧାନରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରାଯିବ (୨) ଇ-ନିଲାମ ବିଡ୍ ଫାର୍ମ, ଘୋଷଣାନାମା, ଅନ୍‌ଲାଇନ୍ ନିଲାମ ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ଆଦି ଇ-ନିଲାମ କାଗଜାତ୍ ୱେବ ପୋର୍ଟାଲ **https://iob.auctiontiger.net** ରେ ଉପଲବ୍ଧ। (୩)ଇଚ୍ଛୁକ ନିଲାମଧାରୀମାନେ ଏକ ବୈଧ ଇମେଲ ଠିକଣା ରଖି, ଉପରୋକ୍ତ ସେବା ପ୍ରଦାନକାରୀଙ୍କର ୱେବ୍‌ସାଇଟ୍‌ରେ ଲଗଇନ୍ କରି ସେମାନଙ୍କର ନାମ/ଆକାଉଣ୍ଟ ପଞ୍ଜୀକରଣ କରିବା ଦରକାର। ସେମାନଙ୍କୁ ସେବାପ୍ରଦାନକାରୀ ୟୁଜର ଆଇଡ଼ି ଏବଂ ପାସ୍‌ୱାର୍ଡ଼ ପ୍ରଦାନ କରିବେ ଯାହାକୁ ସେମାନେ ଇ-ନିଲାମ ପ୍ରକ୍ରିୟାରେ ବ୍ୟବହାର କରିପାରିବେ। (୪)ବିଡ୍‌ଗୁଡ଼ିକ ଧାର୍ଯ୍ୟ ଫର୍ମାଟରେ "ଅନ୍‌ଲାଇନ୍" ମାଧ୍ୟମରେ ପୋର୍ଟାଲ **https://iob.auctiontiger.net** କିମ୍ବା ବ୍ୟାଙ୍କର ମେଲ୍ ଆଇଡ଼ି **0815ro@iobnet.co.in & 0815law@iob.in** ରେ ଅମାନତ ରାଶି (**UTR** ନମ୍ବର) ଦାଖଲର ପ୍ରମାଣ ଏବଂ ସ୍ୱଦସ୍ତଖତ ଥିବା **KYC** କାଗଜପତ୍ରର ନକଲ ଯଥା: ଫଟୋ, ଭୋଟର ଆଇଡ଼ି କାର୍ଡ଼/ଡ୍ରାଇଭିଂ ଲାଇସେନ୍ସ/ପାସ୍‌ପୋର୍ଟ/ପ୍ୟାନ କାର୍ଡ଼/ଆଧାର କାର୍ଡ଼ ଏବଂ ଠିକଣା ପ୍ରମାଣପତ୍ର ଇତ୍ୟାଦି ସେବାପ୍ରଦାନକାରୀ କିମ୍ବା କ୍ଷମତପ୍ରାପ୍ତ ଅଧୀକାରୀଙ୍କଠାରେ କିମ୍ବା ସମ୍ପୃକ୍ତ ଶାଖାରେ ଉପରେ ବର୍ଣ୍ଣିତ ବିଡ୍ ଦାଖଲର ତାରିଖ ସୁଦ୍ଧା ଦାଖଲ କରିବେ। (୫)ଅମାନତ ରାଶି ଏବଂ ଅନ୍ୟାନ୍ୟ ଜମାଗୁଡ଼ିକି **EFT/NEFT/RTGS** ମାଧ୍ୟମରେ **"IOB E-Auction EMD Account" ସହୀଦ ନଗର ଶାଖା, ଭୁବନେଶ୍ୱର** ଆକାଉଣ୍ଟ ନଂ. **087302000001058**, (**IFSC Code- IOBA0000873**) ସପକ୍ଷରେ ପଇଠ କରାଯିବ ଏବଂ ଅମାନତ ରାଶି ଉପରେ କୌଣସି ସୁଧ ପ୍ରଦାନ କରାଯିବ ନାହିଁ। ସଫଳ ନିଲାମଧାରୀ ଦାଖଲ କରିଥିବା ଅମାନତ ରାଶିକୁ ବିକ୍ରୟ ମୂଲ୍ୟରେ ଭରଣା କରାଯିବ। (୬) ଅମାନତ ରାଶି ବିନା ପ୍ରସ୍ତାବଗୁଡ଼ିକ ବାତିଲ କରାଯିବ (୭) ସମ୍ପତ୍ତିଗୁଡ଼ିକର ଇ-ନିଲାମ ଧାର୍ଯ୍ୟ ତାରିଖ ଏବଂ ସମୟରେ ନିଲାମଧାରୀମାନଙ୍କ ମଧ୍ୟରେ ନିଲାମ ଡ଼ାକ ଦ୍ୱାରା ସମ୍ପନ୍ନ ହେବ। ନିଲାମଧାରୀମାନେ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ସେମାନଙ୍କର ପ୍ରସ୍ତାବର ମୂଲ୍ୟ ବୃଦ୍ଧି ପାଇଁ ଗୁଣିତକ ଭାବେ ନିମ୍ନରେ କ୍ଲଜ ନଂ.୧୯ରେ ଦର୍ଶିତ "ବିଡ୍ ବୃଦ୍ଧି ପରିମାଣ" ଅନୁସାରେ ବୃଦ୍ଧି କରିପାରିବେ। ଇ-ନିଲାମ ବନ୍ଦ ହେବାର ପୂର୍ବ ୫ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଦ ସମୟ ସ୍ୱତଃ ୫ମିନିଟ୍ ବୃଦ୍ଧି ପାଇବ। (୮) ସଫଳ ନିଲାମଧାରୀଙ୍କୁ ସମ୍ପତ୍ତି ବିକ୍ରୟ କରାଯିବ। କ୍ଷମତାପ୍ରାପ୍ତ ଅଧୀକାରୀଙ୍କ ଦ୍ୱାରା ସଫଳ ନିଲାମଧାରୀ (କ୍ରେତା) ଘୋଷଣା ହେବାପରେ ସେ ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର ୨୫% (ଅମାନତ ରାଶି ଜମାକୁ ମିଶାଇ) ଦାଖଲ କରିବେ ଏବଂ ତାହା ପରବର୍ତ୍ତି କାର୍ଯ୍ୟ ଦିବସ ପରେ କିନ୍ତୁ ନୁହେଁ। ବିକ୍ରୟ ମୂଲ୍ୟର ଅବଶିଷ୍ଟ ଅର୍ଥରାଶି ନିଲାମ ବିକ୍ରୟ ଚୂଡ଼ାନ୍ତ ହେବାର ୧୫ ଦିନ ମଧ୍ୟରେ ପ୍ରଦାନ କରିବାକୁ ହେବ। ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସମସ୍ତ ବିକ୍ରୟ ମୂଲ୍ୟ ପଇଠ ନକଲେ ବିକ୍ରୟ ମୂଲ୍ୟର ୨୫% ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ବାଜ୍ୟାପ୍ତି କରାଯିବ ଏବଂ କ୍ରେତାଙ୍କ ସମ୍ପତ୍ତି ଉପରେ ସମସ୍ତ ଦାବୀ ବାଜ୍ୟାପ୍ତି କରାଯିବା ସହିତ ସମ୍ପତ୍ତି ପୁନଃ ବିକ୍ରୟ କରାଯିବ। (୯) ସମସ୍ତ ବିକ୍ରୟ ମୂଲ୍ୟ ଏବଂ ଅନ୍ୟାନ୍ୟ ଟିକସ/ଦେୟ ଯଦି ଥାଏ ତାହା ପ୍ରଦାନ କରିସାରିବା ପରେ କ୍ରେତାଙ୍କ ନାମରେ ବିକ୍ରୟ ସାର୍ଟିଫିକେଟ ପ୍ରଦାନ କରାଯିବ। (୧୦) କ୍ରେତା ଜମି ହସ୍ତାନ୍ତରିତ ଫି ଯଥା: ରେଜିଷ୍ଟ୍ରେସନ୍ ଫିସ୍, ଷ୍ଟାମ୍ପ ଡ୍ୟୁଟି, ଆଇନଗତ ଖର୍ଚ୍ଚ ଇତ୍ୟାଦି ଯାହା ଆଇନ ଅନୁସାରେ ପ୍ରଯୁର୍ଯ୍ୟ ତାହା ବହନ କରିବେ। (୧୧) କ୍ଷମତାପ୍ରାପ୍ତ ଅଧୀକାରୀ/ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେକୌଣସି ପ୍ରସ୍ତାବକୁ ଗ୍ରହଣ/ବାତିଲ କିମ୍ବା ବିକ୍ରୟକୁ ସ୍ଥଗିତ/ବାତିଲ କରିବାର ଅଖଣ୍ଡ କ୍ଷମତା ରହିଛି। (୧୨) ସମ୍ପତ୍ତିଗୁଡ଼ିକ **"ଯାହାବି ସେଠାରେ ଅଛି", "ଯେଉଁଠାରେ ଯେପରି ଅଛି" ଏବଂ "ଯାହା ଯେପରି ଅଛି"** ଭିତିରେ ବିକ୍ରୟ କରାଯିବ। ବ୍ୟାଙ୍କ ସମସ୍ତ ଜ୍ଞାତ ଏନକମ୍ବ୍ରାନ୍ସ, ବୈଧାନିକ ଦେୟ ଯଦି କିଛି ଥାଏ ତାହା ପ୍ରକାଶ କରିଛି ଏବଂ ଏହା କ୍ରେତାଙ୍କର ସମ୍ପୂର୍ଣ୍ଣ ଦାୟିତ୍ୱକି ସେ ନିଲାମରେ ଅଂଶ ଗ୍ରହଣ କରିବା ପୂର୍ବରୁ ନିଜ ଖର୍ଚ୍ଚରେ ନିଜେ ସମ୍ପତ୍ତିର ସ୍ୱତନ୍ତ୍ର ଅନୁସନ୍ଧାନ କରିବା ଉଚିତ। (୧୩) ଉପର ଦର୍ଶିତ ବୈଧାନିକ ଦେୟ ଠାରୁ ବ୍ୟାଙ୍କର ଦେୟକୁ ଅଗ୍ରାଧୀକାର ଦିଆଯିବ। ଏହାବ୍ୟତିତ ଯଦି କିଛି ବୈଧାନିକ ଦେୟ ଥାଏ ତାହାକୁ କ୍ରେତା ବହନ କରିବେ ଏବଂ ବ୍ୟାଙ୍କର ଏ ବିଷୟରେ କୌଣସି ଦାୟୀତ୍ୱ ରହିବ ନାହିଁ। (୧୪) ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ବିକ୍ରୟ ଚୂଡ଼ାନ୍ତ ହେବ। (୧୫) ସମ୍ପତ୍ତିଗୁଡ଼ିକର ଇ-ନିଲାମ ସମାପ୍ତ ପରେ ଅସଫଳ ନିଲାମଧାରୀମାନଙ୍କୁ ସେମାନଙ୍କର ଅମାନତ ରାଶି ବିଡ୍ ଫର୍ମରେ ସେମାନେ ଦର୍ଶାଇଥିବା ସେମାନଙ୍କର ଆକାଉଣ୍ଟ ନମ୍ବରକୁ **EFT/NEFT/RTGS** ମାଧ୍ୟମରେ ଫେରସ୍ତ କରାଯିବ ଏବଂ ସେମାନଙ୍କର ଇ-ମେଲ ଆଇଡ଼ି ମାଧ୍ୟମରେ ଜଣାଇଦିଆଯିବ। (୧୬) ଇ-ନିଲାମ ବିଜ୍ଞାପନଟି ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିନିଧିତ୍ୱ କିମ୍ବା କୌଣସି ପ୍ରତିଶ୍ରୁତି ବହନ କରୁଛି ବୋଲି ବିଚାର କରାଯିବ ନାହିଁ। କ୍ଷମତାପ୍ରାପ୍ତ ଅଧୀକାରୀ/ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷର ଦାବୀ/ଅଧୀକାର/ଦେୟ ନିମନ୍ତେ ଦାୟୀ ରହିବେ ନାହିଁ। (୧୭) ଆୟକର ଆଇନ ୧୯୬୧ର ଧାରା ୧୯୪ ଆଇ.ଏ. ଅନୁସାରେ ସଂରକ୍ଷିତ ମୂଲ୍ୟର ୧% ଆୟକର କାଟିଦିଆଯିବ ଏବଂ ତାହା କ୍ରେତାଙ୍କ ପ୍ୟାନ ନମ୍ବରରେ ଜମା କରାଯିବ। ଯେହେତୁ ସଂରକ୍ଷିତ ମୂଲ୍ୟ ଉପରେ ଟ୍ୟାକ୍ସ ଗଣନା କରାଯାଇଛି, ତେଣୁ ନିଲାମଧାରୀ ବିଡ୍‌ର ଗୁଣକ ହିସାବରେ ୧% ଆୟକର ପରିମାଣ ବହନ କରିବେ ଏବଂ ଏଥିନିମନ୍ତେ ବ୍ୟାଙ୍କ କୌଣସି ଦାୟିତ୍ୱ ନେବନାହିଁ। (୧୮) ଇ-ନିଲାମ/ ସମ୍ପତ୍ତି ଯାଞ୍ଚ ଓ ସବିଶେଷ ବିବରଣୀ ପାଇଁ ଇଚ୍ଛୁକ ନିଲାମଧାରୀମାନେ ଯୋଗାଯୋଗ କରନ୍ତୁ: ସମ୍ପୃକ୍ତ ଶାଖା ପ୍ରବନ୍ଧକ କିମ୍ବା **Authorized officer, Sri Lingaraj Gouda, Mob.: 9437141805, 7978370113,& Sri Siba Prasad Rath, Mob.: 8758623041, Indian Overseas Bank, Regional Office, Bhubaneswar, Phone No.: 0674-2540032, mail ID- 0815ro@iobnet.co.in & 0815law@iob.in** କିମ୍ବା ବ୍ୟାଙ୍କର ଅନୁମୋଦିତ ସେବା ପ୍ରଦାନକାରୀ: **M/s. e-Procurement Technologies Ltd. (Auction Tiger), Contact Person- Ram Sharma - 08000023297, Rakesh Nayak - 9937220319, Land Line No. 079- 40230821/823/824/826/827/816/806, Toll free no. 18001035342, E-mail ID: orissa.auctiontiger.net, ramprasad@auctiontiger.net & support@auctiontiger.net, Website: https://iob.auctiontiger.net** . (୧୯) ଉପରଦର୍ଶିତ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ପ୍ରତି ବିଡ୍ ବୃଦ୍ଧି ରାଶି : **ଟ.୩୦,୦୦୦/-** ରଖାଯାଇଛି। (୨୦) ଏହି ପ୍ରକାଶନଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ ୯(୧) ଅନୁଯାୟୀ ଉପରେ ବର୍ଣ୍ଣିତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନିମନ୍ତେ **୧୫ ଦିନିଆ** ନୋଟିସ୍ ଅଟେ।

ସ୍ଥାନ-ଭୁବନେଶ୍ୱର
ତାରିଖ- ୧୩.୦୫.୨୦୧୯

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧ୍ୟାତ୍ମିକ ଓ ଚୈତ୍ତିକ ବିକାଶର ପ୍ରେରଣା- ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଅଛି।

-ଶ୍ରୀଅରବିନ୍ଦ

# ଅବିଶ୍ୱସନୀୟ ଦୃଷ୍ଟାନ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ ଏକ ହିନ୍ଦୀ ଟେଲିଭିଜନ ଚ୍ୟାନେଲକୁ ସାକ୍ଷାତ୍‌କାର ଦେଇ କହିଛନ୍ତି, ୧୯୮୭-୮୮ରେ ସେ ଡିଜିଟାଲ କ୍ୟାମେରା ବ୍ୟବହାର କରୁଥିଲେ। ଏପରି କି ଗୁଜରାଟର ବିରାମଗାମରେ ଏକ ସାଧାରଣ ସଭାରେ ବରିଷ୍ଠ ଭାଜପା ନେତା ଲାଲକୃଷ୍ଣ ଆଡ୍‌ଭାନୀଙ୍କ ରଙ୍ଗିନ ଡିଜିଟାଲ ଫଟୋ ଉଠାଇ ସେ ଦିଲ୍ଲୀକୁ ପଠାଇଥିଲେ। ପରଦିନ ଖବରକାଗଜରେ ରଙ୍ଗିନ ଫଟୋ ଦେଖି ଆଡ୍‌ଭାନୀ ଆଶ୍ଚର୍ଯ୍ୟ ହୋଇ ଏହା କିଭଳି ଆସିଲା ବୋଲି ପଚାରିଥିଲେ। ଏହି ସାକ୍ଷାତ୍‌କାର ପ୍ରସାରଣ ହେବା ପରେ ମୋଦିଙ୍କ ଦାବିକୁ ସମାଲୋଚନା କରାଯାଇଛି। ବିରୋଧୀ ତାଙ୍କୁ ମିଛର ଆଶ୍ରୟ ନେଉଥିବା ଜଣେ ନେତା କହୁଥିବା ବେଳେ ବୁଦ୍ଧିଜୀବୀ ଭାରତରେ ଯେତେବେଳେ ଡିଜିଟାଲ ବୈଷୟିକ ଜ୍ଞାନ ଆସି ନ ଥିଲା, ସେତେବେଳେ ସେ ଡିଜିଟାଲ ଫଟୋ କିଭଳି ଉଠାଇଲେ ବୋଲି ପ୍ରଶ୍ନ ଉଠାଇଛନ୍ତି।

ଇତିହାସ ଦେଖିଲେ, ଡିଜିଟାଲ କ୍ୟାମେରା ଚିନ୍ତା ୧୯୭୫ରେ ବୈଷୟିକବିତ୍‌ଙ୍କ ମୁଣ୍ଡକୁ ଜୁଟିଥିଲା। ଜାପାନର ଫୁଜି କମ୍ପାନୀ ପ୍ରଥମେ ୧୯୮୯ରେ ଡିଜିଟାଲ କ୍ୟାମେରା ବିକ୍ରି କରିଥିଲା। ତେଣୁ ମୋଦି କିଭଳି ଏଭଳି ଅତ୍ୟାଧୁନିକ କ୍ୟାମେରା ୧୯୮୭-୮୮ରେ ବ୍ୟବହାର କଲେ, ଏହା ଅଦ୍ଭୁତ ଲାଗିବା ସ୍ୱାଭାବିକ ଏବଂ ତାହା କେଉଁ କମ୍ପାନୀ ଦ୍ୱାରା ନିର୍ମିତ ଚିନ୍ତା କରିବା କଷ୍ଟକର। ଅନୁରୂପ ଭାବେ ପ୍ରଥମେ ଆମେରିକାର ପ୍ରତିରକ୍ଷା ବିଭାଗ ଆଡଭାନ୍ସଡ୍ ରିସର୍ଚ୍ଚ ପ୍ରୋଜେକ୍ଟସ୍ ଏଜେନ୍ସି ନେଟ୍‌ୱର୍କ (ଅର୍ପାନେଟ୍) ୧୯୭୩ରେ ଇ-ମେଲ୍ ବ୍ୟବହାର କରିଥିଲା। ଭାରତରେ ଏଜୁକେଶନାଲ ରିସର୍ଚ୍ଚ ନେଟ୍‌ୱର୍କ (ଇର୍‌ନେଟ୍) ୧୯୮୬ରେ ଇଣ୍ଟରନେଟ୍ ବ୍ୟବହାର କରିଥିଲା। କିନ୍ତୁ ଜନସାଧାରଣଙ୍କ ନିକଟରେ ଏହି ସୁବିଧା ଉପଲବ୍ଧ ଲାଗି ଏକ ଦଶନ୍ଧି ଲାଗିଯାଇଥିଲା। ଅର୍ଥାତ୍ ପ୍ରାୟ ୧୯୯୬ ମସିହା ବେଳକୁ ଭାରତୀୟମାନେ ଏହାର ଉପଯୋଗ ଲାଗି ସୁଯୋଗ ପାଇଥିଲେ। ହେଲେ ପ୍ରଧାନମନ୍ତ୍ରୀ ମୋଦି ଦାବି କରୁଛନ୍ତି ଯେ, ୧୯୮୭-୮୮ରେ ସେ ଆଡ୍‌ଭାନୀଙ୍କ ଫଟୋ ଗୁଜରାଟରୁ ଦିଲ୍ଲୀକୁ ଇ-ମେଲ୍ କରିଥିଲେ। ଉଭୟ କଥାର ସମୟଖଣ୍ଡକୁ ତୁଳନା କଲେ ମୋଦିଙ୍କ ମନ୍ତବ୍ୟ ଅସତ୍ୟ ମନେହେଉଛି। ସୋସିଆଲ ମିଡିଆରେ ତାଙ୍କ ଉକ୍ତିକୁ ବହୁଳ ଭାବେ ଟ୍ରୋଲ (ନିନ୍ଦା) କରାଯାଉଛି। କଂଗ୍ରେସ ନେତା ତେହସିନ ପୁନାୱାଲା ଟୁଇଟ୍ କରି କହିଛନ୍ତି ଯେ, ଡିଜିଟାଲ କ୍ୟାମେରା କିମ୍ବା ଇ-ମେଲ୍‌କୁ ନେଇ ମୋଦିଙ୍କୁ ତାଚ୍ଛଲ୍ୟ କରିବେ ନାହିଁ। ଯଦି ୧୯୮୭-୮୮ରେ ଜଣେ ଗରିବ ଚା ବାଲା ନିଜ ବିଳାସ ପାଇଁ ଏସବୁ କିଣିପାରିଛନ୍ତି, ତେବେ ରାଜୀବ ଗାନ୍ଧୀ କିଭଳି ବିକାଶ ଆଣିଥିଲେ ତାହା ଏଥିରୁ ଚିନ୍ତା କରାଯାଉ। ଏଥିରୁ ବୁଝିବାକୁ ହେବ ଯେ, ମୋଦି ଏବେ ଯେଉଁ ବିକାଶ କଥା କହୁଛନ୍ତି, ଯଥେଷ୍ଟ ପୂର୍ବରୁ ସମ୍ଭବତଃ ଏ ଦେଶ ପ୍ରଯୁକ୍ତିବିଦ୍ୟାରେ ବହୁ ଆଗରେ ରହିଥିଲା। ତେବେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାକୁ ନେଇ ମୋଦିଙ୍କ ଏବର ଦାବି ନୂଆ ନୁହେଁ ବୋଲି କୁହାଯାଇପାରିବ। କେନ୍ଦ୍ରରେ କ୍ଷମତାସୀନ ହେବା ପରେ ମୋଦି କହିଥିଲେ, ଭାରତୀୟଙ୍କୁ ଆବହମାନ କାଳରୁ ପ୍ଲାଷ୍ଟିକ୍ ସର୍ଜରି ଜଣାଥିଲା। ଏହାର ଦୃଷ୍ଟାନ୍ତ ଦେବାକୁ ଯାଇ ଗଣେଶଙ୍କ କାନ୍ଧରେ ହାତୀ ମୁଣ୍ଡ ଲଗାଯିବା ବିଷୟ ଅବତାରଣା କରିଥିଲେ।

ଆଜିର ଅତ୍ୟାଧୁନିକ ବିଜ୍ଞାନଯୁଗରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଗବେଷଣା ଓ ବାସ୍ତବ ଅନୁଧ୍ୟାନ କରି ନୂତନ ଉଦ୍ଭାବନ କରିବାରେ ବ୍ୟସ୍ତ ଥିବା ବେଳେ ଆମ ଦେଶର ରାଜନୈତିକ ନେତୃତ୍ୱ ଅବାସ୍ତବ ଓ ମନଗଢ଼ା କାହାଣୀକୁ ବିଜ୍ଞାନସମ୍ମତ କରିବାକୁ ଚାହୁଁଥିବା ଆଦୌ ଗ୍ରହଣୀୟ ହେଉନାହିଁ। ଏହାଦ୍ୱାରା ଅନ୍ଧବିଶ୍ୱାସ ପ୍ରସାରଲାଭ କରିବା ସହ ଦେଶବାସୀଙ୍କୁ ପଛକୁ ନେଇଯିବାର ପ୍ରୟାସ କରାଯାଉଛି ବୋଲି କୁହାଯାଇପାରେ। ଯେଉଁ ଜାତି ବୈଜ୍ଞାନିକ ମିଜାଜ୍ ନେଇ ଆଗକୁ ବଢ଼ିବ ନାହିଁ, ତାହା ବିଶ୍ୱ ସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବ ନାହିଁ। ଗୋଟିଏ ପଟେ ପୌରାଣିକ ଚିନ୍ତାଧାରା ଉପରେ ବିଶ୍ୱାସ କରିବାକୁ କୁହାଯାଉଥିବା ବେଳେ ଅନ୍ୟପଟେ ସୁପରପାୱାର ହେବାର ସ୍ୱପ୍ନ ଦେଖାଇବା ବିରୋଧାଭାସ ସ୍ଥିତି ସୃଷ୍ଟି କରୁଛି। ଏଭଳି ପରିପ୍ରେକ୍ଷୀରେ ବିଭିନ୍ନ କ୍ଷେତ୍ରରେ ନେତୃତ୍ୱ ନେଉଥିବା ବ୍ୟକ୍ତି ବାସ୍ତବଧର୍ମୀ ହେବା ସହ ସତ୍ୟବାଦୀ ହେବା ବାଞ୍ଛନୀୟ।

## ଚିରନ୍ତନୀ

ପାହାଡ କଟିରେ ଉଡଇ ବିହଗ ଦୁଇ
ନ ପାରଇ ତା'ର ତୁଙ୍ଗ ଶିଖର ଛୁଇଁ।
ପ୍ରତୀଚୀ ଗଗନେ ବୁଲାଏ ପଥିକ ଆଖି
ଆଉ ବେଳ କେତେ ରହିଚି ତା' ପାଇଁ ବାକି ?
ମାନସେ ନାଚଇ ପାହାଡ ସେପାଖ ଛବି
କେଉଁ ଘରବାଡେ ହସୁଥିବ ଏହି ରବି!
କେଉଁ ଗ୍ରାମପଥେ କୁଟିର ଆଠ କି ଦଶ
ଡାହାଣିଆ ଖରା ହସୁଥିବ ଶେଷ ହସ।

(ଏହି ଯେ ପାହାଡ଼)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | D | 1 | | | A | | 3 | | |
| 6 | | | | 0 | 2 | | E | | 9 | | | | | 1 |
| 2 | 9 | | | | B | | | | | | E | | | 5 |
| | | D | | | 1 | | | B | | | | 7 | 0 | 2 |
| | | | | | | 9 | | 2 | | 4 | | | C | |
| 9 | 5 | | 8 | | 6 | | 3 | | | B | 2 | | | |
| | | 4 | 1 | A | 9 | | | | | E | | | B | |
| | 3 | 8 | | | 7 | A | 5 | | 0 | | | | 6 | |
| C | | | | | | 8 | | | | | | | | A |
| | | | | 3 | | 2 | | | | 9 | | | | D |
| A | | 3 | 2 | | | 7 | | | 6 | | | | | |
| | 4 | 0 | C | | | 6 | A | 3 | | | | 8 | 5 | |
| | | | | 4 | A | | 0 | | | 8 | 1 | | | C |
| | | 6 | | 5 | 8 | | | 4 | | D | | 9 | | |
| | | 9 | B | 6 | D | | 2 | | E | | | 0 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | C | D | 4 | 8 | B | 1 | 7 | 6 | 0 | 9 | E | A | 2 | 3 |
| 3 | 6 | 8 | 5 | E | A | D | 4 | 2 | B | C | 1 | 0 | 9 | 7 |
| 2 | 1 | 9 | 0 | 7 | D | 5 | A | C | 3 | 4 | 6 | 8 | E | B |
| 4 | 0 | A | 2 | 9 | 6 | 3 | E | B | 5 | 7 | 8 | D | C | 1 |
| 7 | E | B | 3 | C | 1 | 9 | 8 | 0 | A | 2 | D | 4 | 6 | 5 |
| E | A | 2 | 1 | 3 | 0 | C | B | 7 | 6 | D | 4 | 5 | 8 | 9 |
| 1 | 8 | 7 | E | 5 | C | 6 | 9 | 4 | 2 | A | 3 | B | 0 | D |
| 6 | B | C | 7 | A | 2 | 0 | 5 | D | E | 8 | 9 | 3 | 1 | 4 |
| 0 | D | 4 | 8 | B | 9 | E | 2 | 3 | 7 | 1 | 5 | C | A | 6 |
| 9 | 5 | 3 | D | 6 | 4 | A | 1 | 8 | C | B | 0 | 2 | 7 | E |
| A | 4 | E | B | 1 | 3 | 7 | D | 9 | 8 | 0 | C | 6 | 5 | 2 |
| 8 | 9 | 6 | A | D | E | 2 | 0 | 5 | 4 | 3 | 7 | 1 | B | C |
| B | 7 | 5 | C | 0 | 8 | 4 | 3 | E | 1 | 6 | 2 | 9 | D | A |
| C | 2 | 1 | 9 | 4 | 5 | 8 | 6 | A | D | E | B | 7 | 3 | 0 |
| D | 3 | 0 | 6 | 2 | 7 | B | C | 1 | 9 | 5 | A | E | 4 | 8 |

ଗତକାଲିର ଉତ୍ତର

# ସଜ ସମ୍ପତ୍ତି - ବାସି ସମ୍ପତ୍ତି



ନାରାୟଣ ପଣ୍ଡା

କୌଣସି ଏକ ଜନପଦରେ ଜନୈକ ଧନୀ ବ୍ୟବସାୟୀ ବାସକରୁଥିଲେ। ଅଚଳାଚଳ ସମ୍ପତ୍ତିର ମାଲିକ ଥିବା ବ୍ୟବସାୟୀଙ୍କର ନିକଟବର୍ତ୍ତୀ ଗ୍ରାମପୁଞ୍ଜରେ ଥିଲା ଯଥେଷ୍ଟ ସମ୍ମାନ ଓ ପ୍ରତିଷ୍ଠା। ଘରେ ତାଙ୍କର ସ୍ତ୍ରୀ ଓ ଏକମାତ୍ର ପୁତ୍ର। ଦାସଦାସୀ ତଥା ବନ୍ଧୁ ଓ କୁଟୁମ୍ବଙ୍କ ସହିତ ସୁଖଶାନ୍ତିରେ ଅତିବାହିତ ହେଉଥିଲା ତାଙ୍କ ଜୀବନ। ସବୁଦିନ ସମାନ ଯାଏନାହିଁ। ଏକ ଭୟଙ୍କର ରୋଗରେ ପୀଡିତ ହୋଇ ସେ ସଂସାର ତ୍ୟାଗକରନ୍ତି। ତାଙ୍କ ବିଧବା ସ୍ତ୍ରୀ ଓ ପୁତ୍ର ଅତି ଆଡମ୍ବର ସହକାରେ ଧନିକଙ୍କର ଅନ୍ତ୍ୟେଷ୍ଟି ଓ ଦଶାହକ୍ରିୟା ସମ୍ପାଦନ କଲେ। କିଛିଦିନ ପରେ ଗୃହପତ୍ନୀ ଜଣେ ସୁନ୍ଦରୀ ଓ ଉଚ୍ଚକୁଳସମ୍ଭୂତା କନ୍ୟା ସହିତ ପୁତ୍ରର ବିବାହ ସମ୍ପାଦନ କରାଇଲେ। ନବବଧୂର ଆଗମନରେ ପୂରିଉଠିଲା ଗୃହାଙ୍ଗନ। କିନ୍ତୁ ପୁତ୍ରଜଣକ ପିତାଙ୍କର ବ୍ୟବସାୟରେ ମନୋଯୋଗୀ ନ ହେବା ଓ ଭୂସମ୍ପତ୍ତିର ରକ୍ଷଣାବେକ୍ଷଣରେ ଉଦାସୀନ ହେବା ଲକ୍ଷ୍ୟକରି ଦୁଃଖୀତା ହେଲେ ମା'। ଅବଶ୍ୟ ତାଙ୍କର ସ୍ୱାମୀ ଯେତେ ସମ୍ପତ୍ତି ସଞ୍ଚୟ କରିଯାଇଥିଲେ ତାହା ତାଙ୍କର ଆଗାମୀ ଦୁଇତିନିପୁରୁଷ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ। ତଥାପି ରୋଜଗାର କରିବା ବୟସରେ ତାଙ୍କର ଏକମାତ୍ର ଯୁବକ ପୁତ୍ର ବ୍ୟବସାୟରେ ଧ୍ୟାନ ନ ଦେଇ ଆଳସ୍ୟରେ ସମୟ ଅତିବାହିତ କରିବା ଯୋଗୁ ମା' ଚିନ୍ତିତା ହୋଇପଡିଲେ। କିନ୍ତୁ ପୁତ୍ରଙ୍କ ପ୍ରତି ତାଙ୍କର ବ୍ୟବହାରରେ କୌଣସି ବ୍ୟତିକ୍ରମ ପରିଲକ୍ଷିତ ହେଲାନାହିଁ। ପୂର୍ବରୁ ପୁତ୍ରଙ୍କୁ ଯେଭଳି ଭଲପାଉଥିଲେ, ଆନନ୍ଦରେ ଖୁଆଉଥିଲେ- ସେଥିରୁ ସାମାନ୍ୟ ବିଚ୍ୟୁତ ମଧ୍ୟ ହେଲେନାହିଁ ସେ। ପ୍ରତିଦିନ ଖାଇବା ସମୟ ହେଲେ ଆଦରରେ ପୁଅକୁ ଡାକନ୍ତି,- ''ବାବୁ, ଖାଇବା ସମୟ ହେଲାଣି, ବାସି ଗଣ୍ଡିଏ ଖାଇଦେଇଯାଅ।'' କିନ୍ତୁ ପ୍ରକୃତରେ ପୁଅକୁ ସେ କୌଣସି ବାସି ଖାଦ୍ୟ ପରଷୁ ନ ଥିଲେ। ପୂର୍ବପରି ଦୁଧଘିଅ, ଖିରିପିଠା, ତଥା ସୁସ୍ୱାଦୁ ଅନ୍ନବ୍ୟଞ୍ଜନ ଖୁଆଇବାରେ ମା'ଙ୍କର ଆଦୌ ହେଳା ନ ଥିଲା। ମାତ୍ର ପ୍ରତିଦିନ 'ବାସି ଗଣ୍ଡେ ଖାଇଦିଅ' କହିବାକୁ ଭୁଲୁ ନ ଥିଲେ ସେ। ପୁଅ ବେଳେବେଳେ ଭାବନ୍ତି, ମା' ପୂର୍ବପରି ଉତ୍ତମ ଖାଦ୍ୟ ପ୍ରସ୍ତୁତ କରୁଥିବା ବେଳେ 'ବାସି' ଶବ୍ଦଟି କାହିଁକି ବ୍ୟବହାର କରନ୍ତି। ଥରେ କୌଣସି କାରଣବଶତଃ ଦୂର ଗାଁର ବନ୍ଧୁଙ୍କ ଘରକୁ ଯିବାକୁ ପଡିଲା ମା'ଙ୍କୁ। ଯିବା ପୂର୍ବରୁ ପୁଅର ଉପଯୁକ୍ତ ଯତ୍ନନେବାକୁ ଓ ତାହାର ଖାଇବା ସମୟରେ 'ବାସି ଗଣ୍ଡେ ଖାଇନିଅ' କହିବାକୁ ନ ଭୁଲିବାପାଇଁ ନିର୍ଦ୍ଦେଶ ଦେଇଗଲେ। ଶାଶୁଙ୍କର ପ୍ରବାସ ଆରମ୍ଭ ହେଲା। ଏଣେ ଘରେ ଖାଇବା ସମୟ ହେଲେ ଗୃହବଧୂ 'ବାସି ଗଣ୍ଡେ ଖାଇନିଅ' କହି ସ୍ୱାମୀଙ୍କୁ ଭୋଜନ ପାଇଁ ଆହ୍ୱାନ କରନ୍ତି। ମା'ଙ୍କ ଭାଷା ସ୍ତ୍ରୀଙ୍କ ମୁଖରୁ ଶୁଣି ଆଶ୍ଚର୍ଯ୍ୟଚକିତ ପୁଅଙ୍କ ମୁଖମଣ୍ଡଳରେ ବିରକ୍ତିର ରେଖା ପ୍ରକାଶ ପାଇଲା। ସଜ ଓ ସୁସ୍ୱାଦୁ ଖାଦ୍ୟ ଦେଇ ମା'ଙ୍କ ପରି ବାସି ବୋଲି କହିବା ପଛରେ କି ରହସ୍ୟ ଅଛି ବୋଲି ଜିଜ୍ଞାସା କଲେ ଯୁବକ। ଏପରି କହିବାକୁ ଶାଶୁଙ୍କର ନିର୍ଦ୍ଦେଶ ରହିଥିବା ସ୍ତ୍ରୀ ବିନମ୍ର ଭାବେ ପ୍ରକାଶକଲେ। ପୁଅ ଏହି ଉତ୍ତରରେ ସନ୍ତୁଷ୍ଟ ନ ହୋଇ ମା' ଫେରିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ସ୍ଥିରକଲେ। ନିର୍ଦ୍ଧାରିତ ଦିନରେ ଫେରିଆସିଲେ ମା', ପୁନଶ୍ଚ, 'ବାସି ଗଣ୍ଡେ' ଖାଇବା ପାଇଁ ପୁଅକୁ ସ୍ନେହରେ ଡାକିଲେ। ପୂର୍ବରୁ କୌଣସି ପ୍ରଶ୍ନ ନ କରି ଖାଉଥିବା ପୁତ୍ର ଆଜି କିନ୍ତୁ ଅତି ନମ୍ରତାର ସହିତ ପଚାରିଲେ- ମା', ସବୁଦିନ ମୋତେ ତୁମେ ସୁସ୍ୱାଦୁ ଓ ସଦ୍ୟ ପ୍ରସ୍ତୁତ ଖାଦ୍ୟ ଦେଇ, ଏହାକୁ ବାସି ବୋଲି କାହିଁକି କହୁଛ ? ମା'ଙ୍କ ମୁହଁରେ ସ୍ମିତହାସ୍ୟଟିଏ ଉଙ୍କିମାରିଲା। ସତେଯେପରି ଦୀର୍ଘଦିନ ଧରି ଏହି ପ୍ରଶ୍ନଟି ଶୁଣିବା ପାଇଁ ସେ ଆତୁରତାର ସହିତ ଅପେକ୍ଷା କରିଥିଲେ। ବର୍ତ୍ତମାନ ସେହି ମାହେନ୍ଦ୍ର ମୁହୂର୍ତ୍ତ ଉପସ୍ଥିତ। ଧୀର କଣ୍ଠରେ ସେ କହିଲେ,- ବାବୁ, ତୋ ପିତାଙ୍କ ନିଧନ ପରଠାରୁ ମୁଁ ଏହି ବାସି ଶବ୍ଦଟି ବ୍ୟବହାର କରିଆସୁଛି। ତୁମେ ଜାଣ, ଯାହା ସଦ୍ୟ ନୁହେଁ ତାହା ହିଁ ବାସି। ଯାହା ସଦ୍ୟ ପ୍ରସ୍ତୁତ ତାହା ସଜ। ଖାଇବାରେ ଯେପରି ସଜ ଓ ବାସିର ପ୍ରଶ୍ନ ରହିଛି, ସମ୍ପତ୍ତି ଉପଭୋଗରେ ମଧ୍ୟ ଏହି ଉକ୍ତିର ପ୍ରାସଙ୍ଗିକତା ନିହିତ। ଆମେ ଯେଉଁ ସମ୍ପତ୍ତି ବର୍ତ୍ତମାନ ଭୋଗକରୁଛେ, ତାହା ତୁମ ପିତାଙ୍କଦ୍ୱାରା ଅର୍ଜିତ। ତୁମେ ନିଜେ ଆଜି ପର୍ଯ୍ୟନ୍ତ କୌଣସି ଧନ ଅର୍ଜନ କରି ପିତାଙ୍କ ସମ୍ପତ୍ତିରେ ଯୋଗ କରିନାହଁ। କିନ୍ତୁ ତାଙ୍କ ସମ୍ପତ୍ତି ଭୋଗ କରିଚାଲିଛ, ଯାହାକି ବାସ୍ତବରେ 'ବାସି' ସମ୍ପତ୍ତି। ତୁମେ ତୁମ ସାମର୍ଥ୍ୟ ଓ ପୁରୁଷାକାରର ଉପଯୋଗ କରି ପିତାଙ୍କ ସମ୍ପତ୍ତିର ଅଭିବୃଦ୍ଧି ସାଧନ କରିପାରିଲେ, ତାହା 'ସଜ' ସମ୍ପତ୍ତି ତୁଲ୍ୟ ହେବ। ପୁରୁଷଟିଏ ପାଇଁ ତାହାର ସମୟ ଓ ସାମର୍ଥ୍ୟର ଉପଯୋଗ କରିବାର ପ୍ରକୃଷ୍ଟ ସମୟ ହିଁ ଯୌବନକାଳ। ଆମ ସଂସ୍କୃତିରେ ଗୃହସ୍ଥର ଚତୁରାଶ୍ରମ ଗୁରୁଗୃହ ବାସ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଓ ସନ୍ନ୍ୟାସ- ମଧ୍ୟରେ ଉକ୍ତ ଗୃହସ୍ଥାଶ୍ରମ ହିଁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ। ଜୀବନର ସେଇ ସମୟଟି ତା'ର ସମସ୍ତ ପ୍ରଗତିର ଆଧାରଶିଳା। ଉକ୍ତ ସମୟର ସଦୁପଯୋଗ ନ ହେଲେ ମଣିଷଜୀବନ ଦିଗହରା ହୋଇଥାଏ। ପୁଅ ବର୍ତ୍ତମାନ 'ବାସି' ର ଯଥାର୍ଥ ଅର୍ଥ ବୁଝିପାରି ଏକ ନବଚେତନାର ଉତ୍ତରଣ ଅନୁଭବକଲା, ଦେହମନପ୍ରାଣକୁ ଆଚ୍ଛନ୍ନକଲା ଏକ ନୂତନ ଭାବନା। ଏହା ଏକ ଗଳ୍ପ ହୋଇପାରେ, କିନ୍ତୁ ଏହାର ଅନ୍ତରାଳରେ ସମାଜ ପାଇଁ ଉତ୍ତମ 'ମଣିଷ' ସୃଷ୍ଟି କରିବାକୁ ଯଥେଷ୍ଟ ସନ୍ଦେଶ ରହିଛି। ପାଶ୍ଚାତ୍ୟ ଦେଶଗୁଡ଼ିକରେ ପିତା ଯେତେ ଧନୀ ହେଲେ ମଧ୍ୟ ଉପାର୍ଜନ କରିବାର ସମୟ ଉପଗତ ହେଲେ ପୁତ୍ରକନ୍ୟାମାନେ ନିଶ୍ଚୟ ନିଯୁକ୍ତି ସନ୍ଧାନରେ ରହିଥାନ୍ତି। ଏପରି କି ସେମାନେ ନିଜ ପିତାଙ୍କ କମ୍ପାନୀରେ କର୍ମଚାରୀରୂପେ ଯୋଗଦେବାକୁ କୁଣ୍ଠା ପ୍ରକାଶକରି ନ ଥାନ୍ତି। ବର୍ତ୍ତମାନ ଆମ ସମାଜରେ ଏହାର ଘୋର ବ୍ୟତିକ୍ରମ ଦେଖାଯାଉଛି। ବିତ୍ତଶାଳୀ ଗୃହସ୍ଥଙ୍କ ସନ୍ତାନମାନେ ନିଜେ ନିଯୁକ୍ତିରହିତ ଥାଇ ବିଳାସବ୍ୟସନରେ ପିତାଙ୍କର ସମ୍ପତ୍ତିକୁ ଯୌବନର ଉନ୍ମାଦନାରେ ଅକାତରେ ବ୍ୟୟ କରିଚାଲିଥିବା ଦୃଶ୍ୟ ବିରଳ ନୁହେଁ। ଏହି ପରାଙ୍ଗପୁଷ୍ଟ ସନ୍ତାନମାନଙ୍କ ପାଇଁ ଗୌରବ ମଧ୍ୟ ଅନୁଭବ କରିଥାନ୍ତି ମାତାପିତା। ପରିଶେଷରେ ଏହା ବିଷମୟଫଳ ପ୍ରସବ କରିଥାଏ। ମାତାପିତାଙ୍କର ରୋଜଗାର ଓ ଉତ୍ପାଦନ କରିବା କ୍ଷମତା ସମୟକ୍ରମେ ନିଃଶେଷ ହୋଇଯାଏ। ଅସମର୍ଥ ସନ୍ତାନମାନେ ସଞ୍ଚିତ ସମ୍ପତ୍ତି ବ୍ୟୟ କରିସାରି ''କ'ଣ କରିବି'' ପଞ୍ଚାକ୍ଷର ଜପକରିବା ସହିତ ବୋଝ ହୋଇପଡନ୍ତି ମାତାପିତାଙ୍କ ଉପରେ। କାହାରି କାହାରି ଜୀବନରେ ଅପରାଧର ପଙ୍କିଳ ରାସ୍ତାକୁ ଆପଣେଇବାକୁ ପଡିଥାଏ। ସୁତରାଂ ସନ୍ତାନମାନଙ୍କର ଉତ୍ତର ଜୀବନ ପ୍ରତି ମାତାପିତା ଯେତିକି ଧ୍ୟାନଶୀଳ ହେବେ, ସନ୍ତାନମାନେ ମଧ୍ୟ ଅନୁରୂପ ଭାବେ ନିଜ ଉତ୍ତର ଜୀବନ ପ୍ରତି ଯତ୍ନଶୀଳ ହୋଇ ଜୀବନକୁ ସ୍ୱଚ୍ଛଳ ଓ ପୁଷ୍କଳ କରିବା ନିମନ୍ତେ ଯଥାସାଧ୍ୟ ଉଦ୍ୟମ କରିବେ। ସନ୍ତାନମାନଙ୍କ ଜୀବନର ପ୍ରଥମାର୍ଦ୍ଧରେ ସେମାନଙ୍କ ଚରିତ୍ର ଗଠନପ୍ରତି ଅମନଯୋଗୀ ହୋଇ ପରିଣତ ବୟସରେ ନୀରବରେ ଅଶ୍ରୁମୋଚନ କରୁଥିବା ମାତାପିତା ଆଜି ଆମ ସମାଜରେ ବହୁ ସଂଖ୍ୟାରେ ଅଛନ୍ତି। କୁହାଯାଏ, ବିବାହ ଉପଯୋଗୀ କନ୍ୟା ଓ ରୋଜଗାର କରୁ ନ ଥିବା ପୁତ୍ର ଘରେ ରହିଲେ ଗୃହସ୍ଥଙ୍କ ପ୍ରତି ଅଭିଶାପ ସାବ୍ୟସ୍ତ ହୁଅନ୍ତି। ସନ୍ତାନମାନଙ୍କୁ ଯୋଗ୍ୟ କରିବା ମାତାପିତାଙ୍କର ସର୍ବୋଚ୍ଚ ଦାୟିତ୍ୱ। ପିଲାମାନଙ୍କୁ ଉପଯୁକ୍ତ ଭାବେ ନ ଗଢି ସେମାନଙ୍କୁ ସଂସାରଭାର ଅର୍ପଣକରିବା ଅବା ନିଜର ଆର୍ଥିକ ଓ ବ୍ୟବସାୟିକ ସାମ୍ରାଜ୍ୟକୁ ତାଙ୍କ ହାତରେ ଟେକିଦେବା, ନିଜର ଦୁର୍ଭାଗ୍ୟକୁ ନିମନ୍ତ୍ରଣ କରିବା ସହିତ ସମାନ। ବର୍ତ୍ତମାନ ରାଜନୀତି କ୍ଷେତ୍ରରେ ମଧ୍ୟ ଏହି ପରମ୍ପରା କେଉଁଠି କେଉଁଠି ଦୃଷ୍ଟିଗୋଚର ହୋଇଥାଏ। ବୟସ ଓ ସ୍ୱାସ୍ଥ୍ୟ ଦୃଷ୍ଟିରୁ ପ୍ରତିକୂଳ ଅବସ୍ଥାରେ ଗତିକରୁଥିବା ରାଜନୈତିକ ବ୍ୟକ୍ତିମାନେ ନିଜର ରାଜନୀତି ଅନଭିଜ୍ଞ ସନ୍ତାନମାନଙ୍କୁ ଉତ୍ତରାଧିକାରୀରୂପେ ଘୋଷଣା କରିଥାନ୍ତି। ନିଜର କର୍ମସକାଶେ ସମାଜରେ କଳଙ୍କିତ ଓ ଲଜ୍ଜିତ ଭାବମୂର୍ତ୍ତି ରଖୁଥିବା କେତେକ ରାଜପୁରୁଷ କ୍ଷମତାକୁ ପୁରୁଷାନୁକ୍ରମେ ଉପଭୋଗ କରିବାର ଆଶା ରଖି, ନିଜେ ପରଦା ଅନ୍ତରାଳରେ ରହି, ସମାଜ ପାଇଁ ବିଶେଷ ଅବଦାନ ରଖି ନ ଥିବା ସନ୍ତାନମାନଙ୍କୁ ନିର୍ବାଚନ ରଣକ୍ଷେତ୍ରରେ ଯୋଦ୍ଧାରୂପେ ଅବତୀର୍ଣ୍ଣ କରାଇଥାନ୍ତି। ସନ୍ତାନମାନଙ୍କୁ ସବୁଦିନେ 'ସଜ' ଖୋଇବାର ନିଶା ସେମାନଙ୍କୁ ପ୍ରଲୁବ୍ଧକରେ। ଏମାନଙ୍କ ମଧ୍ୟରୁ କେହିକେହି ଜୀବନଯୁଦ୍ଧରେ ବିଜୟଲାଭ କରନ୍ତି, କେତେକ ପରାଜୟର ଅନ୍ଧକାରରେ ନିଶ୍ଚିହ୍ନ ହୋଇ ଗଚ୍ଛିତଥିବା 'ବାସି' ଖାଦ୍ୟରେ ସନ୍ତୁଷ୍ଟ ରହିବାକୁ ବାଧ୍ୟ ହୁଅନ୍ତି।

ନୂଆବନ୍ଧସାହି, ନବରଙ୍ଗପୁର,
ମୋ- ୯୪୩୭୧୧୮୯୬୨

# ଅଧାଗଢ଼ା ଡଙ୍ଗରିଆ



ଦ୍ୟୁତୀ ଚନ୍ଦ୍ର ସାହୁ

ବିରାଟକାୟ କାନ୍ଥ ଭଳି ଠିଆହୋଇଛି ନିୟମଗିରି ପାହାଡ଼। ତା'ରି ପାଦଦେଶରେ ଡଙ୍ଗରିଆ ଗାଁ ରାଇଲିମା। ବିନା ଦ୍ୱିଧାରେ ଗାଁରେ ପହଞ୍ଚିବା ଲାଗି ଆମନ୍ତ୍ରଣ ମୁଦ୍ରାରେ ରାସ୍ତାଟିଏ ଲମ୍ବିଛି ଆଗକୁ। ଦି'କଡ଼ରେ ଥିବା ଜଙ୍ଗଲ ସରି ସରି ଆସୁଛି ଅଧା ଚନ୍ଦାମୁଣ୍ଡ ପରି। ହାତଗଣତି କେତୋଟି ଗଛ ନିଜର ସ୍ଥିତି ଜାହିର କରୁଛନ୍ତି। କିଛି ଦୂର ଗଲାପରେ ଆଉ ସେଇ ରାସ୍ତା ଦେଇ ଗାଡି ଯିବା ସମ୍ଭବ ହେଲାନାହିଁ। ରାସ୍ତା ମଝିରେ ବର୍ଷାଜଳ ଯାଇ ଆଁ ହୋଇଯାଇଛି ଠିକ୍ ମୁହଁରେ ଥିବା ଅଳିଭା କଟାଦାଗ ପରି। ଆବୁ ଭଳି ସ୍ଥାନେ ସ୍ଥାନେ ମୁଣ୍ଡିଆ ପାହାଡ଼ର କିଛି ଅଂଶ ରାସ୍ତା ଦଖଲ କରି ଯାତାୟାତରେ ପ୍ରତିବନ୍ଧକ ସୃଷ୍ଟି କରୁଛି। ରାସ୍ତାଟି ନିଜର ସ୍ଥିତି ଜାହିର କରୁଛି ଅଥଚ ଉପର ଦେଇ ଗାଡ଼ି ଯିବା ଲାଗି ମନା କରୁଛି ଯେମିତି। ଗାଡ଼ି ରଖି ସେଇଠୁ ଚାଲି ଚାଲି ଆଗକୁ ବଢ଼ିଲୁ। ମାଓବାଦୀ ଇଲାକା ଭାବେ ପରିଚିତ ସେଇ ଅଞ୍ଚଳ ସାଧାରଣ ଅପରିଚିତ ଲୋକଙ୍କ ପାଇଁ ଆଦୌ ସୁରକ୍ଷିତ ନୁହେଁ, ଏ କଥା ବହୁପୂର୍ବରୁ ବୁଝି ସାରିଥିଲୁ। କିନ୍ତୁ ଆଦିବାସୀଙ୍କ ମଧ୍ୟରେ ଥିବା ଅନ୍ଧବିଶ୍ୱାସକୁ ନେଇ ଏକ ପ୍ରାମାଣିକ ଚିତ୍ର ପ୍ରସ୍ତୁତ ପାଇଁ ସ୍ଥିତି ଅନୁଧ୍ୟାନ ଲାଗି ଗାଁକୁ ଯିବା ଥିଲା ଆମ ଉଦ୍ଦେଶ୍ୟ। ତୀଖ ରାସ୍ତାରେ ଉପରକୁ ଉଠି ଉଠି ଗାଁରେ ପହଞ୍ଚିଲାବେଳକୁ ସରି ଆସୁଥିଲା ସମସ୍ତ ଶକ୍ତି। ଗାଁର ପ୍ରବେଶପଥ କଡ଼ର ପଣସ ଗଛ ମୂଳେ ଥିବା ପଥର ମୂଳେ ଲଥ୍‌କରି ବସିପଡ଼ିଲୁ। ପହିଲି ଖରାର ପ୍ରକୋପ ସେତେ ନ ଥିଲେ ବି ଅସହ୍ୟ ଗୁଳୁଗୁଳି ହେତୁ ଦେହରେ ଝାଳ ଭର୍ତ୍ତି ହୋଇସାରିଥିଲା। ରେଳ ଲାଇନ ଭଳି ଦୁଇଟି ଧାଡିରେ ଥିବା ଘରଗୁଡିକ ଗାଁର ଚିତ୍ରକୁ ଉପସ୍ଥାପିତ କରୁଥିଲା। ପାରମ୍ପରିକ ଘର ସ୍ଥାନରେ ଥିଲା ଟିଣଘର- ସରକାରଙ୍କ ବିକାଶର ଚିହ୍ନ।

କନ୍ଦର୍ପ ଦିଶୁଥିବା ବସନ୍ତମୁହଁ ପରି ଗାଁ ମୁଣ୍ଡ ପ୍ରବେଶ ପଥରୁ ସାହି ଭିତରକୁ ଲମ୍ବିଥିଲା ମଝିରେ ମଝିରେ ଉଠିଯାଇଥିବା ସିସି ରୋଡ। ସାହିର ଦାଡ଼ରେ ବିରାଟ ପଣସ ଗଛରେ ବସିଥିଲେ ଗାଁ ଲୋକେ। ପାରମ୍ପରିକ ଡଙ୍ଗରିଆ ପୋଷାକରେ କିଛି ବୟସ୍କ ଲୋକ ନିଜ ଗାଁରେ ପରଦେଶୀ ଭଳି ଲାଗୁଥିଲେ। ଯୁବକମାନଙ୍କ ନିକଟରେ ବିରଳ ଜନଜାତିର କୌଣସି ଚିହ୍ନବର୍ଣ୍ଣ ବାରି ହେଉ ନ ଥିଲା ତାଙ୍କ ବେଶଭୂଷାରୁ। କେତେକ ଲୁଙ୍ଗି, ଗଞ୍ଜି ଓ ଗାମୁଛା ଭିତରେ ସୀମିତ ଥିଲେ। ଆଉ କିଛି ଗଜା ଭେଣ୍ଡିଆ ପ୍ୟାଣ୍ଟ ଓ ଶାର୍ଟ ପିନ୍ଧି ଶିକ୍ଷିତ ହୋଇଥିବାର ସୂଚନା ଦେଉଥିଲେ ଯେମିତି। କେଶବିନ୍ୟାସ ବି ବଦଳିଯାଇଥିଲା। ମୁଣ୍ଡରେ ପାରମ୍ପରିକ ଖୋସା ନ ଥିଲା। ନାକରେ ଫାଶା ବି ପିନ୍ଧି ନ ଥିଲେ। ଡଙ୍ଗରିଆଙ୍କ ବିକାଶର ଏଇ ଚିତ୍ର କିଛି ମାତ୍ରାରେ ଆମୋଦିତ କଲା। କିଛି ଘର ସାମ୍ନାରେ ନିଜ ନିଜ କାର୍ଯ୍ୟରେ ବ୍ୟସ୍ତ ଥିବା ଡଙ୍ଗରିଆ ରମଣୀମାନେ ତଥାପି ପାରମ୍ପରିକ ବେଶଭୂଷାରେ ଶୋଭା ପାଉଥିଲେ। ସାଥିରେ ଥିବା ସ୍ଥାନୀୟ ଯୁବକ ଆସିବାର ଉଦ୍ଦେଶ୍ୟ ଜଣାଇଲେ। ବୟସ୍କ ଡଙ୍ଗରିଆ ନିଜ ଭାଷାରେ କ'ଣ କହିଲେ। ଅନ୍ୟମାନେ ହସିଲେ ଜୋରରେ। ପଚାରିବା ପୂର୍ବରୁ ସ୍ଥାନୀୟ ଯୁବକ କହିଲା, ମୁଖିଆଙ୍କ ଅଭିପ୍ରାୟ- ''ସେମିତି ଖାଲିରେ ସିନେମା କରିଦେବୁ କି! ହବନି। ଆମକୁ କିଛି ପଇସା ଦେବାକୁ ପଡ଼ିବ।'' ଯୁବକ ଜଣକ କହିଲା- ''ସିନେମା ଶୁଟିଂ ବେଳେ ଭୋଜି କରି ଖାଇବା।'' ସମସ୍ତେ ଖୁସି ହୋଇଯାଇଥିଲେ।

ଡଙ୍ଗରିଆଙ୍କ ଭିତରେ ଏମିତି ପ୍ରବଣତା ବଢ଼ାଇ ଦିଆଯାଇଛି। ପର୍ଯ୍ୟଟକଙ୍କୁ ଧରି ଆସୁଥିବା ଗାଇଡ୍‌ମାନେ ଚିତ୍ର ଉତ୍ତୋଳନ ଲାଗି ଅନିଚ୍ଛୁକ ଡଙ୍ଗରିଆ ରମଣୀମାନଙ୍କ ହାତରେ କିଛି ପଇସା ଗୁଞ୍ଜି ନିଜ ପସନ୍ଦ ମୁତାବକ ଚିତ୍ର ଉତ୍ତୋଳନ କରି ନିଅନ୍ତି। ପରବର୍ତ୍ତୀ ସମୟରେ ଦେଶ ବିଦେଶରେ ଘୂରି ବୁଲେ ଆମ ଡଙ୍ଗରିଆଙ୍କ ଚିତ୍ର ସହ ଅନେକ ମନଗଢ଼ା ଅଜବ କାହାଣୀ ବଖାଣନ୍ତି। ଏହା ଅନେକ ସମୟରେ ସମସ୍ୟା ସୃଷ୍ଟି କରି ଆସିଛି। ଡଙ୍ଗରିଆ ବସ୍ତ୍ର କାପାଡା ଗୁଣ୍ଡି, ହାତରେ ଓ ବେକରେ ପିନ୍ଧୁଥିବା ଅଳଙ୍କାରର ଚାହିଦା ସ୍ଥାନୀୟ ହାଟରେ ଢେର ଅଧିକ। ଡଙ୍ଗରିଆଙ୍କ ନାମରେ ଡୋକ୍ରା କଳାର ସାମଗ୍ରୀ ବେଶ୍ ଆଗ୍ରହର ସହ କିଣି ନିଅନ୍ତି ଦେଶୀ ବିଦେଶୀ ପର୍ଯ୍ୟଟକ।

କିଛି ଯୁବକମାନଙ୍କ ହାତରେ ଦେଖିଲି ମୋବାଇଲ। ନିଜ ମୋବାଇଲର ସିଗ୍‌ନାଲକୁ ପରଖିଲି ଓ ବୁଝିଗଲି ତୁରନ୍ତ। ପଚାରିଲି ମୋବାଇଲରେ କ'ଣ କରୁଛ ? ଯୁବକ ଜଣକ ହସି ଉତ୍ତର ଦେଲା- ବେଶି ସମୟ ଗୀତ ଶୁଣୁଛୁ ଆଜ୍ଞା ! କେବେ କେବେ ବାହାରକୁ ଗଲେ ଫୋନ୍ ବ୍ୟବହାର କରୁଛୁ। ତା' କଥା ନ ସରୁଣୁ ଜଣେ ମଧ୍ୟବୟସ୍କ ଡଙ୍ଗରିଆ ସିମିରି ଜାକସିକା କହିଲା- ଏ ମୋବାଇଲ ଏମାନଙ୍କୁ ନଷ୍ଟ କରିଦେଲା ଆଜ୍ଞା ! ଦିନରାତି ଏଥିରେ ମାତିଲେ। କାମଧନ୍ଦା ନାହିଁ। ପାଠଶାଠ ତ ପଢ଼ିଲେ ନାହିଁ। ନା ଆମ ଡଙ୍ଗର କାମକୁ ପାରିଲେ ନା ଚାକିରିବାକିରି କଲେ। କଥାଟା ତୀର ଭଳି ହୃଦୟକୁ ଛୁଇଁଗଲା। ଏହା ବିକାଶର ଅନ୍ୟ ଦିଗକୁ ଜଣାଇଦେଲା। ଅଧିକ ଆଲୋଚନା କଲି। ଯାହା ନିଷ୍କର୍ଷ ତାହା ବାସ୍ତବିକ ସାଂଘାତିକ। ଡଙ୍ଗରିଆ ଗାଁରେ ଥିବା 'ଅଧାଗଢା ମୂର୍ତ୍ତି'ଗୁଡ଼ିକ ଏବେ ସେମାନଙ୍କ ପରିବାର ପାଇଁ ପାଲଟିଛନ୍ତି ବୋଝ। ଅଧିକାଂଶ ଡଙ୍ଗରିଆ ପିଲା ମାଟ୍ରିକ୍ ଛୁଇଁ ପାରୁନାହାନ୍ତି। ଅଧାରୁ ପାଠ ଛାଡି ଗାଁରେ ଆସ୍ଥାନ ଜମାଉଛନ୍ତି। ପାଠପଢ଼ା ବେଳେ ସେମାନଙ୍କ ଭିତରେ ବୃଦ୍ଧି ପାଇଥିବା ମାନସିକତା ପାରମ୍ପରିକ ଚାଷ ପ୍ରତି ବିମୁଖ କରୁଛି। ଅଧାପଢୁଆ ହେତୁ କିଛି କାମରେ ଆସୁନି ଏମିତି ଅଲୋଡା ପାଠ। ନା ଏ କୁଳର ହୋଇପାରୁଛନ୍ତି ନା ସେ କୁଳର। ମଝିରେ ରହି ନିଜେ ଦହଗଞ୍ଜ ହେବା ସହ ପରିବାର ପାଇଁ ବୋଝ ହୋଇପଡୁଛନ୍ତି। ସୀମିତ ପାରିବାରିକ ଆୟ ଭିତରେ ଏ ଅର୍ଦ୍ଧଶିକ୍ଷିତ ଯୁବକମାନଙ୍କ ଆଧୁନିକ ଆବଶ୍ୟକତା ମେଣ୍ଟାଇବା ଭାରି କଷ୍ଟକର ହୋଇପଡୁଛି ପରିବାରକୁ। ଏଇ କାରଣରୁ ସେମାନେ ଭିନ୍ନ ମାର୍ଗକୁ ଆପଣେଇବାକୁ ଏକରକମ ବାଧ୍ୟ ହେଉଛନ୍ତି। ବିଭିନ୍ନ ଯୋଜନା ଜରିଆରେ ଡଙ୍ଗରିଆଙ୍କ ବିକାଶ ଦିଗରେ ସରକାରୀ ଉଦ୍ୟମ ଜାରି ରହିଥିଲେ ମଧ୍ୟ ଦିନତମାମ ମୋବାଇଲ ଭିତରେ ବୁଡ଼ିରହି କର୍ମକୁଣ୍ଠ ହେବା ଚିନ୍ତାର କାରଣ। ମିଳିଗଲା ପ୍ରାମାଣିକ ଚିତ୍ର ପାଇଁ ଭଲ ମସଲା। ମନେ ମନେ ସ୍ଥିର ହୋଇଯାଇଥିଲା ଚିତ୍ର, ଚରିତ୍ର ଓ କଥାବସ୍ତୁ। ଫେରିବାକୁ ଉଦ୍ୟମ କଲି। କିନ୍ତୁ ମନରେ ଅନେକ ପ୍ରଶ୍ନ ଉଙ୍କି ମାରିଲା। ଦରସିଝା ଖାଦ୍ୟ, ଦରଗଢ଼ା ଘର, ଅଧାଗଢ଼ା ମୂର୍ତ୍ତି ଯେପରି ନିଜର ଅସ୍ତିତ୍ୱକୁ ସମ୍ପୂର୍ଣ୍ଣ ରୂପେ ଜାହିର କରିପାରେନା, ଲାଗିଲା ଅଧାଗଢ଼ା ଏଇ ଯୁବ ଡଙ୍ଗରିଆଙ୍କ ଭବିଷ୍ୟତ ମଧ୍ୟ ଠିକ୍ ଅଧାପନ୍ତରିଆ ଓ ଲକ୍ଷ୍ୟଚ୍ୟୁତ ଦୋ ଛକିରେ ଥିବା ମଣିଷ ପରି ଅସ୍ଥିର। ପୂର୍ଣ୍ଣାଙ୍ଗ ମୂର୍ତ୍ତି ଗଢ଼ିବା ଏବେକାର ସମୟର ଆହ୍ୱାନ।

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା,
ମୋ-୯୫୫୬୨୮୭୭୭୫

## ଏଇ ଭାରତରେ

ଦାନକଲେ ପୁଣ୍ୟ ଅର୍ଜନ ହୋଇଥାଏ। ଅର୍ଥଦାନ, ଅନ୍ନଦାନ, କନ୍ୟାଦାନ, ଗୋ-ଦାନ ଏବଂ ଭୂମିଦାନ ଆଦି ଅନେକ ପ୍ରକାର ଦାନ କରାଯାଉଥିବା ବେଳେ କେଶଦାନ କରିବା ନୂଆ ନିଶ୍ଚୟ। ଉତ୍ତରାଖଣ୍ଡର ରୁର୍କୀ ଅଞ୍ଚଳର ଜଣେ ମହିଳା କ୍ୟାନ୍‌ସର ପୀଡ଼ିତଙ୍କ ସହାୟତା ଲାଗି ନିଜର ସୁନ୍ଦର କେଶ ଦାନ କରିଛନ୍ତି। ସ୍ଥାନୀୟ ରାମନଗରର ସୋନମ୍ ଭଟେଜା ଏଭଳି କରି ଏକ ନିଆରା ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। କ୍ୟାନ୍‌ସର ରୋଗୀଙ୍କୁ ସହାୟତା ନିମନ୍ତେ କେଶ ଦାନ ସମ୍ପର୍କରେ ସେ ମୁମ୍ବାଇର 'ମଦଦ' ନାମକ ଏକ ସଂସ୍ଥାର ୱେବସାଇଟ୍‌ରୁ ଜାଣିବାକୁ ପାଇଥିଲେ। ତେବେ ଏଥିପାଇଁ ୧୨ରୁ ୧୩ ଇଞ୍ଚ ଲମ୍ବ କେଶର ଆବଶ୍ୟକତା ଥିବା ୱେବ୍‌ସାଇଟ୍‌ରେ ସୂଚନା ଦିଆଯାଇଥିଲା। ଏହାପରେ ସୋନମ୍ ଯତ୍ନର ସହିତ କେଶ ବଢ଼ାଇ ସମ୍ପୃକ୍ତ ୱେବ୍‌ସାଇଟ୍‌କୁ ସୂଚନା ଦେଇଥିଲେ। ୱେବ୍‌ସାଇଟ୍ କର୍ମଚାରୀ ଏକ ବିୟୁଟି ପାର୍ଲରରେ ସୋନମ୍‌ଙ୍କ କେଶ କଟାଇଥିଲେ। କ୍ୟାନ୍‌ସର ରୋଗୀଙ୍କର କେମୋଥେରାପି ଚିକିତ୍ସା ସମୟରେ ମୁଣ୍ଡର କେଶ ଉପୁଡ଼ି ଯାଇଥାଏ। ୱେବ୍‌ସାଇଟ୍ ଦ୍ୱାରା ସଂଗୃହୀତ କେଶରେ ୱିଗ୍ ପ୍ରସ୍ତୁତ କରାଯାଇ ରୋଗୀଙ୍କୁ ଯୋଗାଇଦେବାର ବ୍ୟବସ୍ଥା ରହିଛି। କ୍ୟାନ୍‌ସର ରୋଗୀଙ୍କ ନିମନ୍ତେ ସୋନମ୍‌ଙ୍କ କେଶଦାନ ଅନ୍ୟମାନଙ୍କ ପାଇଁ ଉଦାହରଣ ନିଶ୍ଚୟ।

## ୨୫ ବର୍ଷ ତଳର ଧରିତ୍ରୀ

୧୫ ମେ ୧୯୯୪

- ସର୍ବିୟା ଓ ମୋଣ୍ଟେନେଗ୍ରୋ ଉପରୁ ରୁଷିଆ ତା'ର କଟକଣା ଉଠାଇନେଇ ପୁଣି ଦୁଇଦେଶ ସହିତ ଅର୍ଥନୈତିକ, ରାଜନୈତିକ, ସାଂସ୍କୃତିକ ତଥା କୂଟନୈତିକ ସମ୍ପର୍କ ସ୍ଥାପନ ପାଇଁ ନିଷ୍ପତ୍ତି ନେଇଛି।
- ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓ ୭ ଦିନିଆ ଆମେରିକା ଗସ୍ତରେ ଯାତ୍ରାରମ୍ଭ କଲେ।
- ଓଡ଼ିଶାର ୩ଟି ଯାକ ମେଡିକାଲ କଲେଜ ଡାକ୍ତରଖାନାରେ ବିଭିନ୍ନ ବିଭାଗର ପ୍ରଫେସର ଓ ଅନ୍ୟ ଉଚ୍ଚ ପଦବୀରେ ଡାକ୍ତରମାନେ ଦିନରେ କରୁଥିବା ଚିକିତ୍ସା କାର୍ଯ୍ୟ ସହିତ ରାତିରେ ଘଣ୍ଟାକ ପାଇଁ ବାଧ୍ୟତାମୂଳକ ଭାବେ ଇନଡୋର ରୋଗୀମାନଙ୍କ ଚିକିତ୍ସା କରିବା ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ।

## ପାଠକ ଶ୍ରେଷ୍ଠ ବିଚାରକ

### ବିନା ଡାକ୍ତରରେ ମାଗଣା ସ୍ୱାସ୍ଥ୍ୟସେବା

ମହାଶୟ,

ଜଣେ ରୋଗୀକୁ ଆବଶ୍ୟକ ହେଲେ ମାଗଣା ଚିକିତ୍ସା ପାଇଁ ଓଡ଼ିଶା ସରକାର ବାର୍ଷିକ ସାତଲକ୍ଷ ଟଙ୍କା ଦେବେ ବୋଲି ଘୋଷଣା କରିଛନ୍ତି। ଅପରପକ୍ଷରେ ଡାକ୍ତରଖାନାଗୁଡ଼ିକରେ ଆବଶ୍ୟକତା ଅନୁଯାୟୀ ଡାକ୍ତର ନାହାନ୍ତି। ଅନେକ ଡାକ୍ତରଖାନାରେ କମ୍ପାଉଣ୍ଡର ଓ ନର୍ସମାନେ ରୋଗୀ ଚିକିତ୍ସା କରୁଛନ୍ତି। ସବୁ ଔଷଧ ମାଗଣାରେ ରୋଗୀଙ୍କୁ ଦିଆଯିବ ବୋଲି କୁହାଯାଉଥିବାବେଳେ ବାସ୍ତବ କ୍ଷେତ୍ରରେ ତାହା ଦେଖିବାକୁ ମିଳୁନାହିଁ। ଜିଲା ମୁଖ୍ୟ ଚିକିତ୍ସାଳୟଗୁଡ଼ିକରେ ଅସ୍ତ୍ରୋପଚାର ପାଇଁ ସବୁ ବ୍ୟବସ୍ଥା ଥିଲେ ମଧ୍ୟ ରୋଗୀଙ୍କୁ କଟକ ବଡ଼ ଡାକ୍ତରଖାନା କିମ୍ବା ନର୍ସିଂହୋମ୍‌କୁ ପଠାଇ ଦିଆଯାଉଛି। ନର୍ସିଂହୋମ୍‌ଗୁଡ଼ିକରେ ରୋଗୀ ଶୋଷଣର ଶିକାର ହେଉଛନ୍ତି। ଏହାର ବାସ୍ତବିକତା ଜାଣିବା ପାଇଁ ସ୍ୱାସ୍ଥ୍ୟ ବିଭାଗର ବଡ଼ପଣ୍ଡାମାନେ ଓ ଖୋଦ୍ ମନ୍ତ୍ରୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ ଯାଇ ତନଖି କରିବା ଦରକାର। ତାହା ନ ହେଲେ ଏହା ପ୍ରହସନରେ ପରିଣତ ହେବ।

ଡା. ନଟବର ନାୟକ, ଖେରସ, ଜଗତ୍‌ସିଂହପୁର

### ସଙ୍କଟରେ ଭାଇ ସାହା

ଏରିକମ୍ କମ୍ପାନୀର ବକେୟା ବାବଦକୁ ସାନ ଭାଇ ଅନିଲ ଅମ୍ବାନୀଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସି ବଡ଼ଭାଇ ମୁକେଶ ଅମ୍ବାନୀ ୫୫୮ କୋଟି ଟଙ୍କା ସୁଧମୂଳ ଫେରସ୍ତ କରିବା ଖବର ପ୍ରକାଶ ପାଇଛି। ମୁକେଶ ଅମ୍ବାନୀ ପୃଥିବୀର ସର୍ବୋଚ୍ଚ ଧନିକ ମଧ୍ୟରେ ସପ୍ତମ ସ୍ଥାନରେ ରହିଥିବା ବେଳେ ସାନଭାଇ ବକେୟା ପରିଶୋଧ କରି ନ ପାରି ଜେଲ ଯାଇଥିଲେ ମୁକେଶଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ହୋଇଥାନ୍ତା। ତେଣୁ ସାନଭାଇର ଏପରି ବିପର୍ଯ୍ୟୟରେ ବଡ଼ଭାଇ ସହାୟତାର ହାତ ବଢ଼ାଇ କିଛି ବଡ଼ କାମ କରିନାହାନ୍ତି। ଏହାଦ୍ୱାରା ସେ ନିଜକୁ ବଦନାମରୁ ରକ୍ଷା କରିଛନ୍ତି। ନ ହେଲେ ଲୋକେ କ'ଣ କହିଥାନ୍ତେ ?

ହରମୋହନ ମହାନ୍ତି, ଦଉତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ନିଟ୍ ପାଇଁ ପୁଣି ଘୁଞ୍ଚିଲା ବିପିୟୁଟି ପରୀକ୍ଷା

ଭୁବନେଶ୍ୱର,୧୪।୫(ବ୍ୟୁରୋ): ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି(ବିପିୟୁଟି)ର ସେମିଷ୍ଟର ପରୀକ୍ଷାକୁ ପୁଣିଥରେ ସ୍ଥଗିତ ରଖାଯାଇଛି। ଏହି ପରୀକ୍ଷା ମେ ୨୦ରୁ ଆରମ୍ଭ ହେବାର ଥିଲା। କିନ୍ତୁ ୨୦ତାରିଖରେ ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ(ନିଟ୍) ଥିବାରୁ ବିପିୟୁଟି ତା'ର ପରୀକ୍ଷା ତାରିଖକୁ ଘୁଞ୍ଚାଇଦେଇଛି। ଜୁନ୍ ୧୩ରୁ ସେମିଷ୍ଟର ପରୀକ୍ଷା ଆରମ୍ଭ ହେବ ବୋଲି ବିପିୟୁଟି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଥାଉ କି, ପୂର୍ବରୁ ମେ ୫ରୁ ସେମିଷ୍ଟର ପରୀକ୍ଷା କରିବାକୁ ବିପିୟୁଟି ଘୋଷଣା କରିଥିଲା। ହେଲେ ବାତ୍ୟା 'ଫନୀ'ରେ ବ୍ୟାପକ କ୍ଷୟକ୍ଷତି ଯୋଗୁ ପରୀକ୍ଷା ତାରିଖକୁ ଘୁଞ୍ଚାଇ ଦିଆଯାଇଥିଲା।

### ବରୀ ବ୍ଲକ ବିଜେଡି ସଭାପତି ନିଲମ୍ବିତ

ଭୁବନେଶ୍ୱର,୧୪।୫(ବ୍ୟୁରୋ): ଦଳ ବିରୋଧୀ କାର୍ଯ୍ୟ ପାଇଁ ଯାଜପୁର ଜିଲା ବରୀ ବ୍ଲକ ବିଜେଡି ସଭାପତି ଏସ୍.କେ. ସଫିଉଦ୍ଦିନ୍ (ଟାଲି)ଙ୍କୁ ଦଳ ନିଲମ୍ବନ କରିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଟାଲିଙ୍କୁ ନିଲମ୍ବନ କରାଯାଇଛି। ବରୀ ବିଧାନସଭାରେ ଦଳୀୟ ପ୍ରାର୍ଥୀ ହୋଇଥିବା ସୁନନ୍ଦା ଦାସଙ୍କ ବିରୋଧରେ ସେ ପ୍ରଚାର କରୁଥିବା ଅଭିଯୋଗ ମିଳିଥିଲା। ଏହା ଦ୍ୱାରା ସ୍ଥାନୀୟ ଭାଜପା ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକଙ୍କ ଫାଇଦା ହୋଇଥିଲା। ତେଣୁ ଟାଲିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଯଥାର୍ଥତା ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

### କୋରାପୁଟ ଶ୍ମଶାନରେ ପୋଡାଗଲା ୨ ମାଓବାଦୀଙ୍କ ମୃତଦେହ

କୋରାପୁଟ,୧୪।୫(ସି.ପ୍ର.): କୋରାପୁଟ ଜିଲା କୁତୁରା ଜଙ୍ଗଲରେ ଗତ ୮ ତାରିଖ ହୋଇଥିବା ଏନକାଉଣ୍ଟରରେ ନିହତ ହୋଇଥିଲେ ୫ ମାଓବାଦୀ। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ମୃତଦେହ ଗତ ୧୦ ତାରିଖରେ ସେମାନଙ୍କ ପରିବାର ଲୋକେ ନେଇଛନ୍ତି। କିନ୍ତୁ ଅନ୍ୟ ୨ ମାଓବାଦୀ - ବିଡିକା ଲକ୍ଷ୍ମୀ ଓ ଜି. ସବିତା ଓରଫ ଦାସୁଙ୍କ ମୃତଦେହ ନେବା ପାଇଁ ଏଯାବତ୍ ସେମାନଙ୍କର ପରିବାରରୁ କେହି ଆସିଲେ ନାହିଁ ଫଳରେ ବାଧହୋଇ ମଙ୍ଗଳବାର ଜିଲା ପୋଲିସ କୋରାପୁଟ ଶ୍ମଶାନରେ ସେମାନଙ୍କ ମୃତଦେହ ପୋଡିଦେଇଛି। ଏସ୍‌ଡିପିଓ ଟି. ଜଗନ୍ନାଥ ରେଡ୍ଡିଙ୍କ ଉପସ୍ଥିତିରେ କୋରାପୁଟ ଶବ ବ୍ୟବଚ୍ଛେଦ କେନ୍ଦ୍ରରୁ ଏକ ଗାଡ଼ିରେ ୨ ମାଓବାଦୀଙ୍କ ମୃତଦେହ ନିଆଯାଇ ଅଶୋକନଗରସ୍ଥିତ ଶ୍ମଶାନରେ ପୋଡାଯାଇଥିଲା।

### ନବରଙ୍ଗପୁର ଜିଲା ଡିଓ, ଆରଓଙ୍କ ବିରୋଧରେ ଭାଜପା ଆଣିଲା ଗୁରୁତର ଅଭିଯୋଗ

ଭୁବନେଶ୍ୱର,୧୪।୫(ବ୍ୟୁରୋ): ନବରଙ୍ଗପୁର ଲୋକ ସଭା ନିର୍ବାଚନମଣ୍ଡଳୀର ସମସ୍ତ ପୋଲିସ ଅଧିକାରୀ ସେମାନଙ୍କ ପୋଷ୍ଟାଲ ବାଲଟ ପାଇଁ ଉଦ୍ଦିଷ୍ଟ ଥିବା ଫର୍ମକୁ ନିୟମ ଅନୁଯାୟୀ ପୋଷ୍ଟାଲ ସର୍ଭିସ ଏବଂ ଗୋଇନ୍ଦା ବିଭାଗ ନିର୍ଦ୍ଦେଶଙ୍କ ଜରିଆରେ ଡିଓ, ଆରଓଙ୍କୁ ଦେଇଥିଲେ। ହେଲେ ଡିଓ ଏବଂ ଆରଓମାନେ ଭିତିରି ଉଦ୍ଦେଶ୍ୟ ରଖି ୮ଶହ ଜଣ ପୋଲିସ ଅଧିକାରୀ ଫର୍ମକୁ ଚପାଇ ଦେଇଛନ୍ତି। ଏହାଦ୍ୱାରା ସେମାନଙ୍କୁ ତାଙ୍କ ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ କରାଯାଇଛି। ଭାଜପାର କଟକ ଲୋକ ସଭା ପ୍ରାର୍ଥୀ ପ୍ରକାଶ ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମଙ୍ଗଳବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପାଖରେ ଉକ୍ତ ଷଡ଼ଯନ୍ତ୍ରରେ ସାମିଲ ଥିବା ଡିଓ ଏବଂ ଆରଓ ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି। ନବରଙ୍ଗପୁର ବିଧାନସଭା ଭାଜପା ପ୍ରାର୍ଥୀ ଗୌରୀ ମାଝୀଙ୍କ ସପକ୍ଷରେ ପୋଷ୍ଟାଲ ବାଲଟ ମାଧ୍ୟମରେ ଭୋଟ ଆସିବାର ସମ୍ଭାବନା ଥିବାରୁ ରାଣୀଶୁଣି ଡିଓ ଏବଂ ଆରଓମାନେ ଏହି ଷଡ଼ଯନ୍ତ୍ର କରିଥିବା ପ୍ରକାଶ ଅଭିଯୋଗ କରିଛନ୍ତି ଯାହାଦ୍ୱାରା ସମସ୍ତ ପୋଲିସ ଅଧିକାରୀମାନେ ସେମାନଙ୍କ ଭୋଟ ଦେବାରୁ ବଞ୍ଚିତ ହେଲେ ବୋଲି ସେ କହିଛନ୍ତି। ଏହି ଘଟଣାର ତୁରନ୍ତ ତଦନ୍ତ କରିବା ସହ ଷଡ଼ଯନ୍ତ୍ରରେ ସାମିଲ ଥିବା ଅଫିସରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପାଖରେ ଭାଜପାର ଏକ ପ୍ରତିନିଧି ଦଳ ଦାବି କରିଛି।

## ଗରମ ପାଣି ଫିଙ୍ଗିଲେ ସହାୟିକା

# ଅଙ୍ଗନୱାଡି ଶିଶୁ ଗୁରୁତର

**ଅଙ୍ଗନୱାଡି କର୍ମୀ, ସହାୟିକାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ**

ସୋନପୁର/ବୀରମହାରାଜପୁର,୧୪।୫(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଜଟିଆପାଲି ଅଙ୍ଗନୱାଡି କେନ୍ଦ୍ରରେ ମଙ୍ଗଳବାର ସକାଳେ ଏକ ଦୁଃଖଦ ଘଟଣା ଘଟିଛି। କେନ୍ଦ୍ରର ସହାୟିକା ବେଦମତୀ ମହାକୁର ଶିଶୁକନ୍ୟା ପ୍ରୀତିମୟୀ ମହାକୁର(୩)ଙ୍କ ଉପରକୁ ଗରମ ପାଣି ଫିଙ୍ଗି ଦେବାରୁ ତାଙ୍କ ଶରୀରର ୬୦ ପ୍ରତିଶତ ପୋଡିଯାଇଛି। ପେଟ ଓ ଛାତିରେ ଫୋଟକା ଉଠିଯାଇଛି। ପରିବାର ଲୋକେ ଶିଶୁକନ୍ୟାକୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଳୟରେ ପୋଡା ଘା ଚିକିତ୍ସା ପାଇଁ ସ୍ୱତନ୍ତ୍ର କକ୍ଷ ନଥିବାରୁ ପ୍ରାଥମିକ ଚିକିତ୍ସା ପରେ ଶଲ୍ୟ ବିଶେଷଜ୍ଞ ଡାକ୍ତର ଦୁର୍ଗାଦତ୍ତ ଦାଶଙ୍କ ପରାମର୍ଶକ୍ରମେ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ସୂଚନା ପାଇ ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ପଣ୍ଡା ଏବଂ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସରୋଜ କୁମାର ନାୟକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁକନ୍ୟାକୁ ଭେଟିଥିଲେ। ଅତିରିକ୍ତ ଜିଲାପାଳ ଚିକିତ୍ସା ପାଇଁ ରେଡ଼କ୍ରସ୍‌ରୁ ୩୦ ହଜାର ଟଙ୍କା ମଞ୍ଜୁର କରିବା ସହିତ ବୁର୍ଲାରେ ଶିଶୁର ଚିକିତ୍ସା ପାଇଁ ଦାୟିତ୍ୱରେ ଥିବା ଡାକ୍ତରଙ୍କ ସହିତ ଫୋନରେ କଥା ହୋଇଥିଲେ। ଏହି ଘଟଣାର ତଦନ୍ତ ପାଇଁ ଅତିରିକ୍ତ ଜିଲାପାଳ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ସନ୍ଧ୍ୟାରେ ଜଟିଆପାଲିରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷେ ସ୍ଥାନୀୟ ଅଙ୍ଗନୱାଡି ସୁପରଭାଇଜର ମମତାମୟୀ ପଧାନ ତାଙ୍କର ତଦନ୍ତ ରିପୋର୍ଟ ପ୍ରଦାନ କରିଛନ୍ତି। ବୀରମହାରାଜପୁର ଉପଜିଲାପାଳ ଓ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ପ୍ରଦାନ କରିଥିବା ରିପୋର୍ଟରେ ପ୍ରୀତିମୟୀ ପରିଶ୍ରା ପାଇଁ ବାହାରକୁ ଯାଇଥିଲେ। ଏହି ସମୟରେ ଅଙ୍ଗନୱାଡି କେନ୍ଦ୍ରର ସହାୟିକା ବେଦମତୀ ଅଣ୍ଡା ସିଝା ହୋଇ ରହିଥିବା ଗରମ ପାଣିକୁ ରୋଷେଇ ଘର ଝରକା ଦେଇ ଶିଶୁ ଉପରକୁ ଫିଙ୍ଗି ଦେଇଥିବା ଉଲ୍ଲେଖ କରିଛନ୍ତି। ତେବେ ମାନବିକତା ଦୃଷ୍ଟିରୁ କେନ୍ଦ୍ରର କର୍ମୀ ଓ ସହାୟିକା ଶିଶୁକନ୍ୟାର ଚିକିତ୍ସା ପାଇଁ ଉଦ୍ୟମ କରି ନ ଥିବା ଶିଶୁକନ୍ୟାର ମା ପ୍ରିୟଦର୍ଶିନୀ ଓ ବାପା ପଞ୍ଚାନନ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଅସ୍ତ୍ରେରିଆ କର୍କେଟା କୁହନ୍ତି, ପ୍ରାଥମିକ ତଦନ୍ତରୁ ଉଭୟ ଅଙ୍ଗନୱାଡି କର୍ମୀ ମମତା ମୁନା ଓ ସହାୟିକା ମହାକୁରଙ୍କ ଗୁରୁତର ତ୍ରୁଟି ଥିବା ପରିଲକ୍ଷିତ ହେଉଛି। କର୍ତ୍ତବ୍ୟରେ ଅବହେଳା ଯୋଗୁଁ ଉଭୟଙ୍କୁ ଚାକିରିରୁ ଅନ୍ତର କରାଯିବ। ଅତିରିକ୍ତ ଜିଲାପାଳ ପଣ୍ଡା କହିଥିଲେ ଆମେ ପ୍ରଥମେ ଶିଶୁର ଚିକିତ୍ସା କଥା ଚିନ୍ତା କରୁଛୁ। ସେ ଶୀଘ୍ର ଭଲ ହୋଇ ଫେରି ଆସୁ । ଜିଲା ଶିଶୁ ସୁରକ୍ଷା ଅଧିକାରୀ ଓ ସିଡିପିଓଙ୍କ ତଦନ୍ତ ରିପୋର୍ଟ ଆଧାରରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଆହତ ଶିଶୁ କନ୍ୟା ପ୍ରୀତିମୟୀ ମହାକୁର।

## କେନ୍ଦ୍ରକୁ ଓଡ଼ିଶାର ଅନୁରୋଧ

# ଏଫ୍‌ସିଆରଏ ମଞ୍ଜୁରୀ ତ୍ୱରାନ୍ୱିତ କର

ନୂଆଦିଲ୍ଲୀ,୧୪।୫

ବାତ୍ୟା ଫନୀ ଯୋଗୁ ଓଡ଼ିଶାର ନାହିଁ ନ ଥିବା କ୍ଷତି ହୋଇଛି। ରାଜ୍ୟରେ ଥଇଥାନ ଓ ପୁନରୁଦ୍ଧାର ଲାଗି ଦେଶର ବିଭିନ୍ନ ପ୍ରାନ୍ତରରୁ ସହାୟତା ମିଳିବାରେ ଲାଗିଛି। ତେବେ ବିଦେଶୀ ସହାୟତା ପାଇବା ଲାଗି ଫରେନ୍ କଣ୍ଟ୍ରିବ୍ୟୁଶନ ରେଗୁଲେଶନ ଆକ୍ଟ(ଏଫ୍‌ସିଆର୍‌ଏ) ଅନୁଯାୟୀ ଅନୁମତି ତ୍ୱରାନ୍ୱିତ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି।

ନୂଆଦିଲ୍ଲୀସ୍ଥିତ ରେସିଡେଣ୍ଟ କମିଶନର ସଞ୍ଜୀବ କୁମାର ମିଶ୍ର କହିଛନ୍ତି ଯେ, ଓଡ଼ିଶାର ପୁନରୁଦ୍ଧାର କାର୍ଯ୍ୟରେ ସହାୟତା ଲାଗି ବିଦେଶରେ ଥିବା ଓଡ଼ିଆଙ୍କ ପକ୍ଷରୁ ପ୍ରସ୍ତାବ ଆସୁଛି। ସେମାନେ ଏ ସମ୍ପର୍କରେ ପଚାରି ବୁଝୁଛନ୍ତି। କିନ୍ତୁ ଏଥିପାଇଁ ଉକ୍ତ ଆଇନ ବାଧକ ସାଜିଛି। ତାଙ୍କର କହିବାନୁଯାୟୀ, ଏଫ୍‌ସିଆର୍‌ଏ ଅନୁମୋଦନ ପ୍ରଦାନ ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସାଧାରଣତଃ ୨ ମାସରୁ ଅଧିକ ସମୟ ନେଇଥାଏ। କିନ୍ତୁ ଓଡ଼ିଶା ପାଇଁ ୨ରୁ ୩ଦିନ ମଧ୍ୟରେ ଅନୁମୋଦନ ମିଳିଯିବ ବୋଲି ଆଶା କରାଯାଉଛି। ସୂଚନାଥାଉ କି, ରାଷ୍ଟ୍ରହିତରେ ଉକ୍ତ ଆଇନ ଲାଗୁ କରାଯାଇଛି। ଫଳରେ ବିଦେଶରୁ କୌଣସି ବ୍ୟକ୍ତି, ସଂଗଠନ, କମ୍ପାନୀ ଦେଶକୁ ସିଧାସଳଖ ଅର୍ଥ ପଠାଇପାରିବେ ନାହିଁ। ଏଥିଲାଗି ଉକ୍ତ ମନ୍ତ୍ରଣାଳୟର ପ୍ରାକ୍ ମଞ୍ଜୁରୀ ନେବାକୁ ପଡିଥାଏ। ରେଡିଡେଣ୍ଟ କମିଶନର ମିଶ୍ର କହିଛନ୍ତି ଯେ, ବାତ୍ୟା ଫନୀ ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ରାଜ୍ୟର ସଡ଼କ ତଥା ଭିତ୍ତିଭୂମିର ନିର୍ମାଣ ଲାଗି କମ୍ପାନୀ ସାମାଜିକ ଦାୟିତ୍ୱବୋଧ(ସିଏସ୍ଆର୍) ଅଧୀନରେ ଆସୁଥିବା ଅର୍ଥକୁ ସିଧାସଳଖ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ନିକଟକୁ କେନ୍ଦ୍ର ସରକାର ପଠାନ୍ତୁ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟକୁ ଅନୁରୋଧ କରାଯାଇଛି। ଇତିମଧ୍ୟରେ ନୂଆଦିଲ୍ଲୀରୁ ୭୦ ଟନ୍ ଔଷଧ ଓଡ଼ିଶାକୁ ପଠାଯାଇଛି ଏବଂ ଆଗାମୀ ଦିନରେ ଆହୁରି ପଠାଯିବ ବୋଲି ସେ କହିଛନ୍ତି। ସେ କହିଛନ୍ତି, ନ୍ୟାଶନାଲ କ୍ରାଇସିସ୍ ମ୍ୟାନେଜମେଣ୍ଟ କମିଟିର ୧୦ ଥର ବୈଠକ ବସିଥିବା ବେଳେ ରାଜ୍ୟର ବରିଷ୍ଠ ଅଧିକାରୀମାନେ ଏଥିରେ ଯୋଗ ଦେଇ ଆସୁଛନ୍ତି। ସେମାନେ କେନ୍ଦ୍ର ସରକାରଙ୍କ ଅଧୀନ ସମସ୍ତ ବିଭାଗ ସହ ନିରନ୍ତର ସମ୍ପର୍କରେ ରହିଛନ୍ତି ବୋଲି ମିଶ୍ର ପ୍ରକାଶ କରିଛନ୍ତି।

## ୧୯ରେ ୩୪ ବୁଥରେ ସାନି ମତଦାନ

# ସମସ୍ତ ପ୍ରସ୍ତୁତି ଶେଷ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୪।୫(ବ୍ୟୁରୋ)

ଗତ ନିର୍ବାଚନ ସମୟରେ ତୃତୀୟ (ଏପ୍ରିଲ୍ ୨୩) ଓ ଚତୁର୍ଥ (ଏପ୍ରିଲ୍ ୨୯) ପର୍ଯ୍ୟାୟରେ ମନୁଷ୍ୟାକୃତ ତ୍ରୁଟି ଏବଂ ଅନିୟମିତତା ଯୋଗୁ ସ୍ଥଗିତ ରହିଥିବା ୩୪ଟି ବୁଥ୍‌ରେ ଆସନ୍ତା ୧୯ ତାରିଖରେ ପୁନଃ ମତଦାନ ହେବ। ଏ ନେଇ ମଙ୍ଗଳବାର କଟକ, ଦେବଗଡ, ପୁରୀ, ଅନୁଗୋଳ, କେନ୍ଦୁଝର, ଖୋର୍ଦ୍ଧା, ଯାଜପୁର, ବାଲେଶ୍ୱର, ମୟୂରଭଞ୍ଜ ଏବଂ ଜଗତ୍‌ସିଂହପୁର ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଚିଠି ଲେଖି ଜଣାଇଛନ୍ତି। । ସାନି ମତଦାନ ପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ କରିବା ସହ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ଓ ସେମାନଙ୍କର ଏଜେଣ୍ଟମାନଙ୍କୁ ନିର୍ବାଚନର ତାରିଖ, ସମୟ ଓ ସ୍ଥାନ ବିଷୟରେ ଜଣାଇବାକୁ କୁହାଯାଇଛି। ଏନେଇ ବିଜ୍ଞପ୍ତି ପ୍ରକାଶ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ସମ୍ପୃକ୍ତ ଅଞ୍ଚଳରେ ମତଦାନ ତାରିଖ ଓ ସମୟ ବିଷୟରେ ମତଦାତାଙ୍କୁ ଜଣାଇବା ପାଇଁ ସମସ୍ତ ପଦକ୍ଷେପ ନେବାକୁ କୁହାଯାଇଛି। ଏଥିସହିତ ସେହି ନିର୍ବାଚନ ମଣ୍ଡଳୀର ରିଟର୍ନିଂ ଅଫିସର ଏବଂ ଅବଜରଭରମାନଙ୍କୁ ସୂଚନା ଦେବା ସହ ତୁରନ୍ତ ଏ ଦିଗରେ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି। ସାନି ନିର୍ବାଚନ ପରେ ଇଭିଏମ୍ ଓ ଭିଭିପିଏଟି ଷ୍ଟ୍ରଙ୍ଗ ରୁମ୍‌ରେ ରଖିବା ବେଳେ ଉପସ୍ଥିତ ରହିବା ପାଇଁ ପ୍ରାର୍ଥୀମାନଙ୍କୁ ଅବଗତ କରାବାକୁ ରିଟର୍ନିଂ ଅଫିସରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ବାଚନ ପାଇଁ ସମସ୍ତ ସୁରକ୍ଷା ବନ୍ଦୋବସ୍ତ କରିବାକୁ ଜିଲାପାଳଙ୍କୁ ସିଇଓ ନିର୍ଦ୍ଦେଶ ଦେଇଛନ୍ତି। ମକ୍‌ପୋଲ, ମତଦାନ ଏବଂ ଅନ୍ୟାନ୍ୟ ବିଷୟରେ ମେସେଜ ଜରିଆରେ ସିଇଓଙ୍କ କାର୍ଯ୍ୟାଳୟକୁ ଅବଗତ କରିବାକୁ କୁହାଯାଇଛି।

ଆସନ୍ତା ୧୯ ତାରିଖରେ ତୃତୀୟ ପର୍ଯ୍ୟାୟର ୧୨ଟି ଓ ଚତୁର୍ଥ ପର୍ଯ୍ୟାୟର ୨୨ଟି ବୁଥ୍‌ରେ ମତଦାନ ଅନୁଷ୍ଠିତ ହେବ। ବଡ଼ମ୍ବା ବିଧାନ ସଭା ନିର୍ବାଚନ ମଣ୍ଡଳୀର ୧୯୬, ଦେବଗଡ଼ ନିର୍ବାଚନ ମଣ୍ଡଳୀର ୧୮୩, ବ୍ରହ୍ମଗିରିର ୨୨୨ ଓ ୬୨, ସତ୍ୟବାଦୀର ୭୮, ତାଳଚେରର ୮୫, ଆଠଗଡ଼ର ୯୦, ୧୦୦, ୧୩୭ ଓ ୧୩୮, ଘସିପୁରା ୧୭୧, ଭୁବନେଶ୍ୱର ମଧ୍ୟ ୧୨୭, ବିଞ୍ଝାରପୁର ୧୩୫ ଓ ୧୯୧ ଏବଂ ବରୀ ବିଧାନସଭା ନିର୍ବାଚନମଣ୍ଡଳୀର ୮୨, ୧୮୫, ୧୬୨, ୧୬୩ ଓ ୧୯୪ ନମ୍ବର ବୁଥ୍‌ରେ ପୁଣି ମତଦାନ ହେବ। ସେହିପରି ଧର୍ମଶାଳା ନିର୍ବାଚନ ମଣ୍ଡଳୀର ୧୪୮, ସୁକିନ୍ଦା ୧୯୬, ଜଳେଶ୍ୱର ୧୮୭ ଓ ୧୮୯, ବାଙ୍ଗିରିପୋଷି ୧୦୪, ବାରିପଦା ୧୬, ୧୯, ୧୬୬ ଓ ୨୪୮, ମାହାଙ୍ଗାର ୫୭, ୫୮, ୧୪୪ ଓ ୧୫୭, ସାଲେପୁର ୮୭, ୩୯ ଏବଂ ପାରାଦୀପ ବିଧାନସଭାର ୩୯ ନମ୍ବର ବୁଥ୍‌ରେ ପୁଣି ମତଦାନ ହେବ। ମତଦାନ ପ୍ରକ୍ରିୟା ସକାଳ ୭ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ଶେଷ ହେବ। ଏହି ବୁଥ୍‌ଗୁଡ଼ିକର ଫଳାଫଳ ମଧ୍ୟ ଆସନ୍ତା ୨୩ ତାରିଖରେ ପ୍ରକାଶ ପାଇବ ବୋଲି ସେ କହିନ୍ତି।

## ପ୍ରେମିକାଙ୍କ ତଣ୍ଟିକାଟି ପ୍ରେମିକଙ୍କ ଆତ୍ମହତ୍ୟା ଉଦ୍ୟମ

ବଲାଙ୍ଗୀର ଅଫିସ, ୧୪।୫

ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ଅଧୀନ ଗୋଟିଏ ଗାଁରେ ଜଣେ ଯୁବକ ତାଙ୍କ ନାବାଳିକା ପ୍ରେମିକାଙ୍କ ତଣ୍ଟିକାଟି ନିଜେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଦୁହେଁ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ। ସମ୍ପର୍କୀୟ ଭାଇ ଓ ଭଉଣୀ ପ୍ରେମରେ ପଡିବା ଜଣାପଡିବାରୁ ପରିବାର ଲୋକେ ଏହାକୁ ବିରୋଧ କରିଥିଲେ । ଏଥିଯୋଗୁ ଯୁବକ ଜଣକ ନାବାଳିକା ପ୍ରେମିକାଙ୍କ ତଣ୍ଟିକାଟି ଦେଇ ନିଜେ ଆତ୍ମହତ୍ୟା ଉଦ୍ୟମ କରିଥିଲେ।

## ଡିପ୍ଲୋମା ପରୀକ୍ଷା ସ୍ଥଗିତ

ଭୁବନେଶ୍ୱର,୧୪।୫(ବ୍ୟୁରୋ)

ରାଜ୍ୟ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ପରିଷଦ ଅଧୀନରେ ଆସନ୍ତା ୨୦ତାରିଖରେ ହେବାକୁ ଥିବା ସମସ୍ତ ଡିପ୍ଲୋମା ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। କେବେ ଓ କେଉଁ ସମୟରେ ପରୀକ୍ଷା ହେବ, ସେ ନେଇ ଖୁବ୍‌ଶୀଘ୍ର ସୂଚନା ଦିଆଯିବ। ଏ ନେଇ ମଙ୍ଗଳବାର ପରିଷଦ ପକ୍ଷରୁ ଏକ ବିଜ୍ଞପ୍ତି ଜାରି ହୋଇଛି। ତେବେ ୨୧ତାରିଖରୁ ହେବାକୁ ଥିବା ପରୀକ୍ଷାଗୁଡ଼ିକ ହେବ ବୋଲି କୁହାଯାଇଛି।

**ମଦ ନିଶା ନେଲା ଜୀବନ**

# ଯୁବକଙ୍କୁ ପଥରରେ ଛେଚି ହତ୍ୟା

ନୂଆଗାଁ,୧୪।୫ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ଥାନା ଅଧୀନ ବଡଧୋଡା ତ୍ରିନାଥ ମଣ୍ଡପଠାରେ ସୋମବାର ରାତିରେ ଜଣେ ଯୁବକଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି। ମୃତକ ହେଲେ କୋରଡା ଗ୍ରାମ ମଠସାହିର ଜିତୁ ନାହକ (୩୫)। ଜିତୁଙ୍କ ସ୍ତ୍ରୀ ତୁଳସୀ ନାହକଙ୍କ କହିବା ମୁତାବକ ଝିଅପୁଅ ସହ ଆମେ ତିନିଦିନ ହେଲା ବାପଘର ଖାଲମଡାରେ ରହୁଥିଲୁ। ଜିତୁ ଜଣେ ଦିନମଜୁରିଆ ହୋଇଥିବାରୁ ସେଠାରୁ ସେ କାମକୁ ଯାଉଥିଲେ। ସୋମବାର କାମରୁ ଫେରିବା ପରେ ସନ୍ଧ୍ୟାରେ କୋରଡା ଗ୍ରାମର ଗଙ୍ଗା ସେଠୀ ଓ ବାବୁଲା ପ୍ରଧାନ ଫୋନ କରି ଜିତୁଙ୍କୁ ନୂଆଗାଁ ଆସିବା ପାଇଁ କହିଥିଲେ। ତେଣୁ ସେ ନିଜ ବାଇକ୍‌ରେ ନୂଆଗାଁ ଯାଇଥିଲେ। ହେଲେ ରାତିରେ ଆଉ ଘରକୁ ଫେରି ନ ଥିଲେ। ଫୋନ ଲଗାଇବାରୁ ସୁଇଚ୍ ଅଫ୍ ଥିଲା। ସକାଳୁ ସ୍ଥାନୀୟ ଲୋକେ ତ୍ରିନାଥ ମଣ୍ଡପରେ ଏକ ମୃତଦେହ ରକ୍ତାକ୍ତ ଅବସ୍ଥାରେ ପଡିଥିବାବେଳେ ନିକଟରେ ବଡ ପଥର ପଡିଥିବା ଦେଖି ଥାନାକୁ ଖବର ଦେଇଥିଲେ। ଥାନା ଆଇଆଇସି ମନୋରମା ମଲିକ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ସ୍ଥାନୀୟ ଲୋକେ ମୃତ ଯୁବକ କୋରଡା ଗ୍ରାମର ବୋଲି କହିବା ପରେ ପରିବାର ଲୋକେ ଆସି ଜିତୁଙ୍କୁ ଚିହ୍ନିଥିଲେ। ତୁଳସୀଙ୍କ ଲିଖିତ ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ମାମଲା (ନଂ. ୩୭/୧୯) ରୁଜୁ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ଗଙ୍ଗାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ବେଳେ ବାବୁଲା ଫେରାର ଥିବାରୁ ତାଙ୍କ ବାପା ମାଟିଆ ପ୍ରଧାନଙ୍କୁ ଅଟକ ରଖିଛି। କିନ୍ତୁ ଜିତୁଙ୍କୁ ସେ ତିନିଦିନ ହେଲା ଦେଖି ନାହାନ୍ତି, ତାଙ୍କ ନାମରେ ମିଥ୍ୟା ଅଭିଯୋଗ ହୋଇଥିବା କହିଛନ୍ତି ଗଙ୍ଗା। ଜିତୁଙ୍କ ବାଇକ୍‌ଟିକୁ ପୋଲିସ ଜବତ କରିଛି। ଘଟଣାସ୍ଥଳରେ ନୟାଗଡ଼ ଏସଡିପିଓ ନିରଞ୍ଜନ ପାଢୀ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ନିଶା ସେବନ ପରେ ଜିତୁଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ଜଣାପଡିଛି। ହତ୍ୟାର ପ୍ରକୃତ କାରଣ ଜାଣିବା ପାଇଁ ପୋଲିସ ଅଧିକ ତଦନ୍ତ ଜାରି ରଖିଥିବା କହିଛନ୍ତି ଆଇଆଇସି ମଲିକ।



ଶୋକାକୁଳ ପରିବାରବର୍ଗ।

# ସ୍ୱାସ୍ଥ୍ୟ ସଂକ୍ରାନ୍ତ ସୂଚନା ମିଳିଲେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୪।୫(ବ୍ୟୁରୋ)

ସ୍ୱାସ୍ଥ୍ୟ ସଂକ୍ରାନ୍ତରେ ଗଣମାଧ୍ୟମରେ ପ୍ରକାଶିତ ଯେକୌଣସି ଖବରକୁ ଗୁରୁତ୍ୱ ଦେଇ ସମନ୍ୱିତ ରୋଗ ସର୍ବେକ୍ଷଣ ସେଲ୍ ସେ ଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶିତ ଖବର ଉପରେ ଅନୁଧ୍ୟାନ କରି ରୋଗର କାରଣ ଏବଂ ନିରାକରଣ ଲାଗି ନିଆଯାଇଥିବା ପଦକ୍ଷେପ ସଂକ୍ରାନ୍ତରେ ତୁରନ୍ତ ଜଣାଇବାକୁ କୁହାଯାଇଛି। ଏହା ଯେଭଳି ମହାମାରୀର ରୂପ ନ ନିଏ, ସେ ଦିଗରେ ଦୃଷ୍ଟି ଦେବାକୁ ସଚିବ କହିଛନ୍ତି। ମଙ୍ଗଳବାର ରାଜ୍ୟ ସଚିବାଳୟଠାରେ ବିଭାଗୀୟ ବରିଷ୍ଠ ଅଧିକାରୀମାନଙ୍କ ସହିତ ବାତ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟସେବା ସଂକ୍ରାନ୍ତ ଆଲୋଚନା ସମୟରେ ସେ ଏହି ନିର୍ଦ୍ଦେଶ ଦେଇଛନ୍ତି।

ବାତ୍ୟା ପରେ ପରେ ସାଧାରଣତଃ କେତେକ ସ୍ଥାନରେ ମ୍ୟାଲେରିଆ, ଝାଡ଼ାବାନ୍ତି, ଥଣ୍ଡାଜ୍ୱର ଭଳି ରୋଗ ଦେଖିବାକୁ ମିଳିଥାଏ। ବିଭିନ୍ନ ସ୍ଥାନରୁ ଏ ସଂକ୍ରାନ୍ତ ଖବର ଗଣମାଧ୍ୟମରେ ପ୍ରକାଶ ପାଇଥାଏ। ଏସବୁ ଖବର ବିଷୟରେ ଜାଣିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଥିବା ସମନ୍ୱିତ ରୋଗ ସର୍ବେକ୍ଷଣ ସେଲ୍ ସଜାଗ ରହିବା ଆବଶ୍ୟକ। କେବଳ ଗଣମାଧ୍ୟମ ନୁହେଁ, ଅନ୍ୟ ଯେକୌଣସି ସୂତ୍ରରୁ ଖବର ପାଇବା ମାତ୍ରେ ଏହି ସେଲ୍ ତାହା ଉପରେ ପଦକ୍ଷେପ ଗ୍ରହଣ କରିବାକୁ ସଚିବ କହିଛନ୍ତି। କେଉଁ ଅଞ୍ଚଳରେ କି ପ୍ରକାର ରୋଗ କେଉଁ ପରିସ୍ଥିତିରେ ଦେଖାଦେଇଛି ଓ ତାହାର ନିରାକରଣ ଲାଗି କି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି, ତୁରନ୍ତ ତାହାର ରିପୋର୍ଟ ଦେବାକୁ କୁହାଯାଇଛି। ରିପୋର୍ଟ ପାଇବା ପରେ ବିଭାଗ ପକ୍ଷରୁ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ରୋଗଠାରୁ ଦୂରେଇ ରହିବା ଲାଗି ବାତ୍ୟାଞ୍ଚଳଗୁଡ଼ିକରେ ଲୋକେ କିଭଳି ପରିଷ୍କାର ପରିଚ୍ଛନ୍ନ ରହୁଛନ୍ତି, ବିଶେଷକରି ଖାଇବା ପୂର୍ବରୁ ଓ ଶୌଚ ହେବା ପରେ ଭଲ ଭାବେ ହାତକୁ ପରିଷ୍କାର କରିବା, ବିଶୁଦ୍ଧ ପାନୀୟଜଳ ବ୍ୟବହାର କରିବା, ବିଶୋଧିତ ଜଳରେ ସ୍ନାନ କରିବା, ମଶାଙ୍କଠାରୁ ଦୂରେଇ ରହିବା, ତଟକା ଖାଦ୍ୟ ଖାଇବା ଆଦି ଉପରେ ସେମାନଙ୍କୁ ସଚେତନ କରିବାକୁ କୁହାଯାଇଛି।

ସୂଚନାଯୋଗ୍ୟ, ବାତ୍ୟା ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ପାନୀୟଜଳ ବିଶୋଧନ ପାଇଁ ଲୋକଙ୍କୁ ପ୍ରଚୁର ପରିମାଣରେ ହାଲୋଜିନ୍ ଓ କ୍ଲୋରିନ ବଟିକା ବଣ୍ଟନ କରାଯାଉଛି। ଗାଁ କଲ୍ୟାଣ ସମିତି ସହଯୋଗରେ ସଫେଇ କାର୍ଯ୍ୟ ଜାରି ରହିଛି। ଏଥିସହିତ ମୁକ୍ତ ଜଳାଶୟଗୁଡ଼ିକୁ ମଧ୍ୟ ବିଶୋଧନ କରାଯାଉଛି। ଗାଁ ଗହଳରେ ମଶାବଂଶ ନିୟନ୍ତ୍ରଣ ଲାଗି ସ୍ଥାନୀୟ ସାମାଜିକ କର୍ମୀ ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଛି। ଏହି ଆଲୋଚନାରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ସ୍ୱତନ୍ତ୍ର ସଚିବ ଶରତ ଚନ୍ଦ୍ର ମିଶ୍ର, ଔଷଧ ନିଗମ ପରିଚାଳନା ନିର୍ଦ୍ଦେଶିକା ଅର୍ଚ୍ଚନା ପଟ୍ଟନାୟକ, ଯୁଗ୍ମ ସଚିବ ଯାମିନୀ ଷଡ଼ଙ୍ଗୀ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ହରପ୍ରସାଦ ପଟ୍ଟନାୟକଙ୍କ ସହ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।


**ପୂର୍ବ ତଟ ରେଳପଥ**

**ଇଂଜିନିୟରିଂ କାର୍ଯ୍ୟ**

ଟେଣ୍ଡର ସୂଚନା ସଂ. 02/ET/SBP/ENGG/ 2019-20, ତା. :. 06.05.2019ରିଖ

(1) ଇ-ଟେଣ୍ଡର ବିଜ୍ଞପ୍ତି ସଂ.06-eT-SDENW-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ଖରିଆର-ରହେନବଟା ସେକ୍ସନରେ କ୍ଷତିଗ୍ରସ୍ତ ସାଇଡ୍ ଡ୍ରେନ୍‌ଗୁଡ଼ିକର ମରାମତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 2,59,10,832.55, EMD : 2,79,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 10,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 12 ମାସ।

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.07-eT-SDENW-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ଲାଖୋଲି (Ex)-ଖରିଆର ରୋଡ୍ ସେକ୍ସନରେ ବିଭିନ୍ନ ପ୍ୟାଚ୍‌ଗୁଡ଼ିକଠାରେ ସେସ୍ (Cess) ଏବଂ କ୍ଷତିଗ୍ରସ୍ତ ଡ୍ରେନ୍‌ଗୁଡ଼ିକର ମରାମତି ତଥା ପ୍ରଶସ୍ତୀକରଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 1,17,91,120.01, EMD: 2,09,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 08 ମାସ।

(3)ଇ-ଟେଣ୍ଡର ବିଜ୍ଞପ୍ତି ସଂ.08-eT-SDENW-SBP-19
କାର୍ଯ୍ୟର ନାମ: ସହାୟକ ମଣ୍ଡଳ ଯନ୍ତ୍ରୀ/କଣ୍ଟାବାଞ୍ଜି ପରିସୀମା ଅଧୀନସ୍ଥ ଲାଖୋଲି (Ex)-ରହେନବଟା (In) ସେକ୍ସନରେ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସିଭିଲ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 1,61,76,989.08, EMD: 2,30,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 30.06.2020।

(4)ଇ-ଟେଣ୍ଡର ବିଜ୍ଞପ୍ତି ସଂ.09-eT-SDENW-SBP-19
କାର୍ଯ୍ୟର ନାମ: ସହାୟକ ମଣ୍ଡଳ ଯନ୍ତ୍ରୀ/ ଟିଟିଲାଗଡ଼ ପରିସୀମା ଅଧୀନସ୍ଥ ରହେନବଟା(Ex)-ଥେରୁବାଲି (In) ଏବଂ ଲାଞ୍ଜିଗଡ଼(Ex)-ଜୁନାଗଡ଼ ସେକ୍ସନରେ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସିଭିଲ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 1,81,97,635.70, EMD: 2,41,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି : 30.06.2020।

(5)ଇ-ଟେଣ୍ଡର ବିଜ୍ଞପ୍ତି ସଂ.04-eT-DENC-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ସମ୍ବଲପୁର ଅଧୀନସ୍ଥ ଝାରସୁଗୁଡ଼ା (Ex)-ବରଗଡ଼ ରୋଡ୍ (In) ସେକ୍ସନ ମଧ୍ୟରେ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ(ପୋଲ ମରାମତି କାର୍ଯ୍ୟ ନିମନ୍ତେ)।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 88,73,031.42, EMD: 1,77,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 30.06.2020।

(6)ଇ-ଟେଣ୍ଡର ବିଜ୍ଞପ୍ତି ସଂ.05-eT-DENC-SBP-19
କାର୍ଯ୍ୟର ନାମ: ସହାୟକ ମଣ୍ଡଳ ଯନ୍ତ୍ରୀ/ସମ୍ବଲପୁର ଅଧୀନସ୍ଥ ସମ୍ବଲପୁର ରୋଡ୍ (In)- ସମ୍ବଲପୁର (In) ସେକ୍ସନ ବ୍ୟତୀତ ଝାରସୁଗୁଡ଼ା (Ex)-ବରଗଡ଼ ରୋଡ୍ (In) ସେକ୍ସନରେ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସିଭିଲ୍ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 1,65,66,189.71, EMD: 2,32,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 30.06.2020।

(7)ଇ-ଟେଣ୍ଡର ବିଜ୍ଞପ୍ତି ସଂ.06-eT-DENC-SBP-19
କାର୍ଯ୍ୟର ନାମ: ସହାୟକ ମଣ୍ଡଳ ଯନ୍ତ୍ରୀ (ସେଟେଲମେଣ୍ଟ)/ ସମ୍ବଲପୁର ପରିସୀମା ଅଧୀନସ୍ଥ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ, ଷ୍ଟେସନ ବିଲ୍ଡିଙ୍ଗ୍ କମ୍ପ୍ଲେକ୍ସ, ORC, ଅଧିକାରୀ ବିଶ୍ରାମ ଗୃହ (ORH), ଅଧସ୍ତନ ବିଶ୍ରାମ ଗୃହ(SRH), DRH, ରେଳବାଇ ମିନି ଷ୍ଟାଡିୟମ ଇତ୍ୟାଦି ସହିତ ସମସ୍ତ ସର୍ଭିସ ବିଲ୍ଡିଙ୍ଗ୍‌ଗୁଡ଼ିକ ନିମନ୍ତେ ସିଭିଲ୍ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 1,29,11,777.18, EMD: 2,14,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 30.06.2020।

(8)ଇ-ଟେଣ୍ଡର ବିଜ୍ଞପ୍ତି ସଂ.07-eT-DENC-SBP-19
କାର୍ଯ୍ୟର ନାମ: ସହାୟକ ମଣ୍ଡଳ ଯନ୍ତ୍ରୀ/ ସେଟେଲମେଣ୍ଟ/ସମ୍ବଲପୁର ପରିସୀମା ଅଧୀନସ୍ଥ ସମ୍ବଲପୁର ଠାରେ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଆବାସିକ ବିଲ୍ଡିଙ୍ଗ୍‌ଗୁଡ଼ିକ ନିମନ୍ତେ ସିଭିଲ୍ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 1,30,74,761.70, EMD: 2,15,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି : 30.06.2020।

(9)ଇ-ଟେଣ୍ଡର ବିଜ୍ଞପ୍ତି ସଂ.03-eT-SDENE-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ବଲାଙ୍ଗୀର ଅଧୀନସ୍ଥ ବରଗଡ଼ ରୋଡ୍(Ex)-ଟିଟିଲାଗଡ଼(Ex) ସେକ୍ସନରେ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସିଭିଲ୍ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 1,14,39,030.14, EMD: 2,07,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 30.06.2020।

(10)ଇ-ଟେଣ୍ଡର ବିଜ୍ଞପ୍ତି ସଂ.04-eT-SDENE-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ରେଢ଼ାଖୋଲ ଅଧୀନସ୍ଥ ସମ୍ବଲପୁର(Ex)-ଅନୁଗୁଳ(Ex) ସେକ୍ସନ ମଧ୍ୟରେ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 1,39,79,042.58, EMD: 2,19,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 30.06.2020।

(11)ଇ-ଟେଣ୍ଡର ବିଜ୍ଞପ୍ତି ସଂ.05-eT-SDENE-SBP-19
କାର୍ଯ୍ୟର ନାମ: ସହାୟକ ମଣ୍ଡଳ ଯନ୍ତ୍ରୀ/ରେଢ଼ାଖୋଲ ଅଧୀନସ୍ଥ ସମ୍ବଲପୁର ମଣ୍ଡଳର ସମ୍ବଲପୁର(Ex)-ଅନୁଗୁଳ(Ex) ସେକ୍ସନ ମଧ୍ୟରେ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ (ବ୍ରିଜ୍ ମରାମତି କାର୍ଯ୍ୟଗୁଡ଼ିକ ପାଇଁ)।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 69,86,125.20, EMD: 1,39,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 30.06.2020।

(12)ଇ-ଟେଣ୍ଡର ବିଜ୍ଞପ୍ତି ସଂ.06-eT-SDENE-SBP-19
କାର୍ଯ୍ୟର ନାମ: ସହାୟକ ମଣ୍ଡଳ ଯନ୍ତ୍ରୀ/ବଲାଙ୍ଗୀର ଅଧୀନସ୍ଥ ସମ୍ବଲପୁର ମଣ୍ଡଳର ବରଗଡ଼ ରୋଡ୍ (Ex)-ଟିଟିଲାଗଡ଼ (Ex) ସେକ୍ସନ ମଧ୍ୟରେ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ (ବ୍ରିଜ୍ ମରାମତି କାର୍ଯ୍ୟଗୁଡ଼ିକ ପାଇଁ)।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 40,42,325.59, EMD: 80,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 3,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 30.06.2020।

(13)ଇ-ଟେଣ୍ଡର ବିଜ୍ଞପ୍ତି ସଂ.01-eT-BRIDGE-SBP-19
କାର୍ଯ୍ୟର ନାମ: ସମ୍ବଲପୁର ଏବଂ ସମ୍ବଲପୁର ରୋଡ୍ ଷ୍ଟେସନଗୁଡ଼ିକ ମଧ୍ୟରେ କି.ମି.561/15-16 ଠାରେ ଅନୁମୋଦିତ ଡ୍ରଇଂ (ଡ୍ରଇଂ ନଂ.RDSO/B-16014/RI) ଅନୁଯାୟୀ ନୂଆ ୱେଲ୍ଡେଡ୍ ଟାଇପ ବ୍ରିଜ୍ ଗର୍ଡ଼ର (12.2m) ସହିତ କ୍ଷତିଗ୍ରସ୍ତ ଗର୍ଡ଼ରଗୁଡ଼ିକର ରିଗର୍ଡ଼ରିଙ୍ଗ୍ ଦ୍ୱାରା ବ୍ରିଜ୍ ନଂ.67(L-1)1X12.2mର ମରାମତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 24,61,338.38, EMD: 49,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 3,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 06 ମାସ।।

(14)ଇ-ଟେଣ୍ଡର ବିଜ୍ଞପ୍ତି ସଂ.02-eT-BRIDGE-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳରେ ସିନିୟର ସେକ୍ସନ ଇଂଜିନିୟର/ବ୍ରିଜ୍/ ସମ୍ବଲପୁର ପରିସୀମା ଅଧୀନରେ ବର୍ଷ 2019-20 ନିମନ୍ତେ ବଳକା ଥିବା ନିମ୍ନ ବର୍ଣ୍ଣିତ ବ୍ରିଜ୍‌ଗୁଡ଼ିକର T/R, M/R, ସିଢ଼ୀ ଏବଂ ଡ୍ରପ୍ ଗାର୍ଡ(67,L-1 ଠାରୁ L-5 ପର୍ଯ୍ୟନ୍ତ) ସହିତ ସମ୍ବଲପୁର ରୋଡ୍-ସମ୍ବଲପୁର ମଧ୍ୟରେ କି.ମି.561/15-16 ଠାରେ ବ୍ରିଜ୍ ନଂ.67(1X12.20m ପ୍ରତ୍ୟେକ L-1 ଠାରୁ L-5 ପର୍ଯ୍ୟନ୍ତ), ସମ୍ବଲପୁର-ହୀରାକୁଦ ଷ୍ଟେସନ ମଧ୍ୟରେ କି.ମି.567/1-568/1 ଠାରେ ବ୍ରିଜ୍ ନଂ.76(25X30.5m), ସମ୍ବଲପୁର-ହୀରାକୁଦ ଷ୍ଟେସନ ମଧ୍ୟରେ କି.ମି.568/7-8 ଠାରେ ବ୍ରିଜ୍ ନଂ.77(2X45.72m) ଏବଂ ଅତାବିରା-ବରଗଡ଼ ରୋଡ୍ ଷ୍ଟେସନ ମଧ୍ୟରେ କି.ମି.598/1-3 ଠାରେ ବ୍ରିଜ୍ ନଂ.160 (2X18.30m+6X24.38m) ର ଥ୍ରୁ ମେଟାଲାଇଜିଙ୍ଗ୍ ଏବଂ ପେଣ୍ଟିଙ୍ଗ୍।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 1,69,35,556.72, EMD: 2,34,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 10 ମାସ।।

(15)ଇ-ଟେଣ୍ଡର ବିଜ୍ଞପ୍ତି ସଂ.03-eT-BRIDGE-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳରେ ସିନିୟର ସେକ୍ସନ ଇଂଜିନିୟର, ବ୍ରିଜ୍/ଟିଟିଲାଗଡ଼ ଅଧୀନସ୍ଥ ବ୍ରିଜ୍‌ଗୁଡ଼ିକ ପାଇଁ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 58,57,024.80, EMD: 1,17,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 30.06.2020।

(16)ଇ-ଟେଣ୍ଡର ବିଜ୍ଞପ୍ତି ସଂ.05-eT-BRIDGE-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳରେ ସିନିୟର ସେକ୍ସନ ଇଂଜିନିୟର(ବ୍ରିଜ୍)/ସମ୍ବଲପୁର ଅଧୀନସ୍ଥ ବ୍ରିଜ୍‌ଗୁଡ଼ିକ ପାଇଁ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 74,73,932.51, EMD: 1,49,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି : 30.06.2020।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.30.05.2018ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ)
ସମ୍ବଲପୁର

PR-75/K/19-20

# ଭଞ୍ଜନଗର ଜୋନ୍‌ରୁ ସରକାରୀ ବସ୍ ଅନ୍ୟତ୍ର ସ୍ଥାନାନ୍ତର ନିର୍ଦ୍ଦେଶ

ଭଞ୍ଜନଗର,୧୪।୫(ଡି.ଏନ.ଏ.)



ଆନ୍ଦୋଳନରତ କର୍ମଚାରୀମାନେ ।

■କର୍ମଚାରୀଙ୍କ ଆନ୍ଦୋଳନ ୩ ଦିନରେ
■ଜୋନ୍ ବନ୍ଦ ଷଡ଼ଯନ୍ତ୍ରକୁ ସାଧାରଣରେ ବିରୋଧ
■ଘେରାଉ ପୂର୍ବରୁ ଖସିଗଲେ ଅଧିକାରୀ

ଲାଭକ୍ଷତି ଅପେକ୍ଷା ଲୋକଙ୍କୁ ସେବା ଯୋଗାଇବା ହେଉଛି ସରକାରଙ୍କ କର୍ତ୍ତବ୍ୟ। ହେଲେ ବର୍ତ୍ତମାନ ସମୟରେ କ୍ଷତିରେ ଚାଲୁଥିବା ସଂସ୍ଥାକୁ ବନ୍ଦ ପାଇଁ ଯୋଜନା ହେଉଛି। ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ଅଧୀନରେ ଥିବା ଭଞ୍ଜନଗର ଓଏସ୍ଆରଟିସି ଜୋନ ଗତ ୭ ମାସ ହେବ କ୍ଷତିରେ ଚାଲୁଥିବାରୁ ଏହାକୁ ବନ୍ଦ କରି ଦେବାପାଇଁ ଯୋଜନା ଚାଲିଛି। ଏ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରୁ ଏକ ଚିଠି ମଙ୍ଗଳବାର ଭଞ୍ଜନଗର ଡିଟିଏମ୍‌ଙ୍କ ନିକଟକୁ ଆସିଛି। ଭଞ୍ଜନଗର ଜୋନରେ ଥିବା ୨୨ଟି ବସ୍ ମଧ୍ୟରୁ ଚାଲୁଥିବା ୧୮ଟିକୁ ତୁରନ୍ତ ଅନ୍ୟ ଜୋନକୁ ସ୍ଥାନାନ୍ତର ପାଇଁ ଉକ୍ତ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି। ବୁଧବାର ବ୍ରହ୍ମପୁର ଜୋନକୁ ୭, ଭୁବନେଶ୍ୱର ଜୋନକୁ ୨, କଟକ ଜୋନକୁ ୨, ପୁରୀ ଜୋନକୁ ୨, ମାଲକାନଗିରି ଜୋନକୁ ୪, ଫୁଲବାଣୀ ଜୋନକୁ ଗୋଟିଏ ବସ୍ ସ୍ଥାନାନ୍ତର ପାଇଁ କାଗଜପତ୍ର ପ୍ରସ୍ତୁତି ଚାଲିଛି। ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଭଞ୍ଜନଗର ଜୋନ ବନ୍ଦ ହେଲେ ୮୦ ଠିକା କର୍ମଚାରୀ ପ୍ରତ୍ୟକ୍ଷ ଭାବେ ନିଯୁକ୍ତି ହରାଇବା ସମ୍ଭାବନା ରହିଛି। ଏଥିସହ ପରୋକ୍ଷ ଭାବେ ଲାଭବାନ ହେଉଥିବା ଅନେକ ଲୋକେ ମଧ୍ୟ କ୍ଷତିଗ୍ରସ୍ତ ହେବେ। ବସ୍‌ଗୁଡ଼ିକ ଅନ୍ୟ ଜୋନକୁ ଯିବାପରେ କେତେଟି ରୁଟ୍‌ରେ ଯାତ୍ରୀ ପରିବହନ ଆପେଆପେ ବନ୍ଦ ହୋଇଯିବ। ଭଞ୍ଜନଗର ଅଞ୍ଚଳର ଯାତ୍ରୀମାନେ ମଧ୍ୟ ବହୁ ଅସୁବିଧାର ସମ୍ମୁଖୀନ ହେବା ସମ୍ଭାବନା ରହିଛି। ବସ୍ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଚିଠି ଆସିବା ନେଇ ଆନ୍ଦୋଳନରତ ଠିକା କର୍ମଚାରୀମାନେ ଜାଣିବା ପରେ ଘଟଣାର ତଦନ୍ତ କରିବାକୁ ଆସିଥିବା ଜଣେ ଅଧିକାରୀଙ୍କୁ ଘେରାଉ କରିବାକୁ ଯୋଜନା ହୋଇଥିଲା। ଅଧିକାରୀ ଜଣକ ଏହା ଜାଣିବା ପରେ ତଦନ୍ତ ନ କରି କୌଶଳକ୍ରମେ ଖସିଯାଇଛନ୍ତି। ୭ ମାସର ବକେୟା ଦରମା ଦାବିନେଇ ପ୍ରାୟ ୮୦ ଠିକା କର୍ମଚାରୀ ୩ ଦିନ ହେଲା ସ୍ଥାନୀୟ ଓଏସ୍ଆରଟିସି କାର୍ଯ୍ୟାଳୟ ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଫଳରେ ସରକାରୀ ବସ୍ ସେବା ଭଞ୍ଜନଗର ଜୋନରେ ବନ୍ଦ ଅଛି। ଏଭଳି ପରିସ୍ଥିତିରେ ସରକାର କର୍ମଚାରୀଙ୍କ ଦୁଃଖ ଲାଘବ କରିବା ପରିବର୍ତ୍ତେ ଜୋନକୁ ବନ୍ଦ କରିଦେବାପାଇଁ ଷଡ଼ଯନ୍ତ୍ର କରିଛନ୍ତି। ଏହାକୁ ନେଇ ଆଗାମୀ ଦିନରେ ନୂଆ ବିବାଦ ଦେଖା ଦେବା ସମ୍ଭାବନା ରହିଛି। ସୂଚନାଯୋଗ୍ୟ, ଭଞ୍ଜନଗର ଓଏସ୍ଆରଟିସି ଜୋନ ବହୁବର୍ଷ ହେବ ସ୍ଥାପନ ହୋଇଥିଲା। ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଏଥିରେ ଅନେକ ଲୋକ ଲାଭବାନ ହେଉଥିଲେ। ଗତବର୍ଷ ଜୋନର ଉନ୍ନତି ପାଇଁ ୨ଟି ନୂଆ ଏସି ବସ୍ ଓ ହାଇଟେକ୍ ବସ୍ କିଛି ମଧ୍ୟ ଯୋଗାଇ ଦିଆଯାଇଥିଲା। ୩ ମାସ ପୂର୍ବେ ବହୁ ଟଙ୍କା ବ୍ୟୟରେ ନୂତନ କୋଠା ନିର୍ମାଣ କରାଯାଇଥିଲା। ଏହିଭଳି ପରିସ୍ଥିତିରେ ଗତ ବର୍ଷ ସେପ୍ଟେମ୍ବର ମାସରୁ ସରକାର ଦରମା ନିଜ ନିଜ ଜୋନର ଆଦାୟ ଅର୍ଥରୁ ପ୍ରଦାନ ପାଇଁ ଯୋଜନା କରିଥିଲେ। କିନ୍ତୁ ଭଞ୍ଜନଗର ଜୋନ କ୍ଷତିରେ ଚାଲିବା ଯୋଗୁ ଆଉ ଦରମା ପ୍ରଦାନ କରାଯାଇ ପାରିନଥିଲା। ଫଳରେ ଜୋନର ଠିକା ଓ ନିୟମିତ କର୍ମଚାରୀଙ୍କୁ ମଧ୍ୟ ୭ ମାସ ହେଲା ଦରମା ମିଳୁନାହିଁ। ପ୍ରାୟ ୫୪ ଲକ୍ଷ ଟଙ୍କା ବକେୟା ଦରମା ବାବଦକୁ କର୍ମଚାରୀମାନେ ପାଇବାକୁ ଅଛି। ଦରମା ନ ମିଳିବା ଯୋଗୁ ଅନେକ କର୍ମଚାରୀଙ୍କ ପରିବାର ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଭଞ୍ଜନଗର ଡ଼ିଟିଏମ୍ ଧିରେନ କୁମାର ଦାସଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତ, ଏଠାରେ ଥିବା ବସ୍‌ଗୁଡ଼ିକୁ ଅନ୍ୟ ଜୋନକୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଆସିଛି। ବର୍ତ୍ତମାନ ଜୋନ୍ ବନ୍ଦ,କର୍ମଚାରୀଙ୍କ ଭବିଷ୍ୟତ, ବକେୟା ଦରମା ପ୍ରଦାନ ସମ୍ପର୍କରେ କୌଣସି ନିର୍ଦ୍ଦେଶନାମା ଆସିନାହିଁ। କର୍ମଚାରୀ ସଂଘର ସଭାପତି ବଟକୃଷ୍ଣ ପଣ୍ଡା କହିଛନ୍ତ, ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଏଭଳି କର୍ମଚାରୀମାରଣ ଯୋଜନା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଆଗାମୀ ଦିନରେ ଏହାର ଉଚିତ ଜବାବ ଦିଆଯିବ। ସରକାର କର୍ମଚାରୀଙ୍କ ଭବିଷ୍ୟତ ସମ୍ପର୍କରେ କୌଣସି ନିଷ୍ପତ୍ତି ନ ଜଣାଇବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁରହିବ। କର୍ମଚାରୀମାନଙ୍କ ଆନ୍ଦୋଳନ ପ୍ରତି ଭଞ୍ଜନଗର ବାର ଆସୋସିଏଶନ ସମେତ ଅନ୍ୟାନ୍ୟ ଅନୁଷ୍ଠାନର ସମର୍ଥନ ରହିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମା ଖୋଜେ ପେଟ,**
**ମାଇପ ଖୋଜେ କରାଟ ।**

ମା' ସ୍ନେହମୟୀ, ମମତାମୟୀ । ସବୁବେଳେ ପିଲାର ଭଲ ଚାହେଁ। ପିଲାଟି ଖାଇଛି କି ନାହିଁ ବୁଝେ। ପେଟ ଦେଖି ପିଲାର ମନ କଥା ବେଶ୍ ଭଲ ଭାବେ ଜାଣିପାରେ। ଟଙ୍କା ପଇସା ଅପେକ୍ଷା ପିଲାର ଦେହ ପା' ତା' ପାଇଁ ବେଶି ଗୁରୁତ୍ୱ ରଖିଥାଏ। ପରନ୍ତୁ ସ୍ତ୍ରୀ ସ୍ୱାମୀର ରୋଜଗାରକୁ ବେଶି ପ୍ରାଧାନ୍ୟ ଦେଇଥାଏ। ସ୍ୱାମୀଠାରୁ ତା'ର ଟଙ୍କା ପଇସାରେ ବେଶି ଲୋଭ ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମଲ୍ଲୀଫୁଲ ମଉଳିଲା,**
**କେଉଁ ରସିକକୁ ଅନେଇଥିଲୁ,**
**ଓଦାଲୁଗା ଶୁଖିଗଲା ।**

ମନର ମଣିଷ ସହ ଭେଟ ନ ହୋଇପାରିଲେ ପ୍ରେମୀ ମନ ଭାଙ୍ଗିଯାଏ। ମନ ଊଣା ହେବାସହ ରାଗ ରୋଷ ବଢ଼ିଯାଏ। ପ୍ରେମରେ ପ୍ରତୀକ୍ଷା ସାଧାରଣତଃ ଦେହ ଓ ମନକୁ ଯନ୍ତ୍ରଣାସିକ୍ତ କରିଦେଇଥାଏ। ମନର ମଣିଷ ସହ ଭେଟ ହେବା ନେଇ ମନରେ ଅଫୁରନ୍ତି ଆଶା କିନ୍ତୁ ତାହା ଫଳପ୍ରସୂ ହୋଇ ନ ପାରିବା ଯୋଗୁ ପ୍ରେମୀ ହତାଶ ହୋଇପଡ଼ିଥିବା ସ୍ଥଳେ ତା'ର ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପୋଲିସ,ଅବକାରୀ ବିଭାଗର ଚଢାଉ:୪ ଗିରଫ

ଭଞ୍ଜନଗର,୧୪।୫(ଡି.ଏନ.ଏ.)

**ହୋଟେଲ, ପାନ ଦୋକାନରେ ବଢୁଛି ଚୋରାମଦ କାରବାର**

ଭଦ୍ରକ ମଦମୃତ୍ୟୁ ପରେ ପ୍ରଶାସନ ସତର୍କ ହୋଇଛି। ବିଭିନ୍ନ ଚୋରାମଦ କାରବାର ଆଡ୍ଡା ଉପରେ ବିଗତ କିଛିଦିନ ହେବ ଚଢାଉ ଜୋରଦାର କରାଯାଉଛି। ତଥାପି କିଛି ପ୍ରଭାବଶାଳୀ ବ୍ୟକ୍ତି ଅବାଧରେ ଚୋରାମଦ କାରବାର କରୁଛନ୍ତି। ଏଭଳି ପରିସ୍ଥିତିରେ ଗଞ୍ଜାମ ଅବକାରୀ ବିଭାଗ ଓ ଭଞ୍ଜନଗର ପୋଲିସ ପକ୍ଷରୁ ମିଳିତ ଭାବେ ମଙ୍ଗଳବାର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ବିପୁଳ ପରିମାଣର ପୋଚ ନଷ୍ଟ କରାଯାଇଛି। ଏଥିସହ ୫ଶହ ଲିଟର ଦେଶୀ ମଦ ଜବତ କରାଯାଇଛି। ଏନେଇ ୭ଟି ମାମଲା ରୁଜୁ କରାଯାଇ ୪ଜଣଙ୍କୁ ଗିରଫ କରାଯାଇଛି। ଗିରଫ ୪ଜଣ ହେଲେ ଏମ୍.ଟି. ଅମ୍ବା, ପି. କମଲା, ଡ଼ି. ଭାଗିରଥୀ ଓ ରୁବି ଚୌଧୁରୀ। ଅପରପକ୍ଷେ ଭଞ୍ଜନଗର ଅଞ୍ଚଳରେ ଚୋରା ଦେଶୀ ଓ ବିଦେଶୀ ମଦ କାରବାର ଦିନକୁ ଦିନ ବୃଦ୍ଧି ପାଉଛି। କିଛି ହୋଟେଲ, ପାନ ଦୋକାନ ଓ ରାସ୍ତା କଡରେ ଖୋଲାଖୋଲି ଭାବେ ଚୋରା ମଦ ବିକ୍ରି ହେଉଛି। କେତକ ରାସ୍ତାରେ ମଦ କାରବାର ବୃଦ୍ଧି ଯୋଗୁ ସେହିବାଟ ଦେଇ ଯାତାୟତ କରିବାବେଳେ ଗନ୍ଧ ହେଉଛି। ସମ୍ପୃକ୍ତ ରାସ୍ତାରେ ଲୋକେ ଯାତାୟତ କରିବା କମାଇ ଦେଲେଣି। ଏନେଇ ପୋଲିସ ଓ ଅବକାରୀ ବିଭାଗ ଜାଣୁଥିଲେ ମଧ୍ୟ ପଦକ୍ଷେପ ନିଆଯାଉନାହିଁ। ଭଞ୍ଜନଗର ସହରର ଅନେକ ସ୍ଥାନରେ ଖୋଲାଖୋଲି ଭାବେ ଚୋରାମଦ ବିକ୍ରି ହେଉଛି। କେତକ ହୋଟେଲକୁ ଲୋକେ ଖାଇବାକୁ ଯିବା ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚୋରା ମଦ କାରବାର ବୃଦ୍ଧି ଯୋଗୁ ମଦ ମୃତ୍ୟୁ ଆଶଙ୍କା ରହିଛି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ଉକ୍ତ ଚଢାଉରେ ଗଞ୍ଜାମ ଅବକାରୀ ବିଭାଗ କର୍ମଚାରୀ ଓ ଭଞ୍ଜନଗର ପୋଲିସ ସାମିଲ ହୋଇଥିଲା।

# ଦୁର୍ଘଟଣାରେ ବାପା ମୃତ, ପୁଅ ଗୁରୁତର

କୋଦଳା,୧୪।୫(ଡି.ଏନ୍.ଏ.)

ବେଗୁନିଆପଡ଼ା ମେଡିକାଲ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ବାଇକ୍ ଦୁର୍ଘଟଣାରେ ବାପାଙ୍କ ମୃତ୍ୟୁ ଘଟିଥିବା ବେଳେ ପୁଅ ଗୁରୁତର ହୋଇଛନ୍ତି। ମୃତକ ହେଲେ ମର୍ଦ୍ଦମେଖ ପଞ୍ଚାୟତ ମଟିଗଡ଼ ଗ୍ରାମର ଗୋପାଳ ନାହାକ(୩୫)।

ଗୋପାଳ କୌଣସି କାମରେ ବାଇକ୍ ଯୋଗେ ପୁଅ ଦୀପକଙ୍କୁ ନେଇ ବେଗୁନିଆପଡ଼ା ଯାଉଥିବା ବେଳେ ରାସ୍ତାରେ ଭାରସାମ୍ୟ ହରାଇ ବେଗୁନିଆପଡ଼ା ମେଡିକାଲ ଛକ ବାଙ୍କରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସରେ ଆହତଙ୍କୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଗୋପାଳଙ୍କୁ ମୃତ ଘୋଷଣା କରିଥିଲେ। ଦୀପକଙ୍କ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବେଗୁନିଆପଡ଼ା ଓ କୋଦଳା ପୋଲିସ ପହଞ୍ଚି ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

## ଫନୀ ବିପନ୍ନଙ୍କୁ ସହାୟତା

ଆର.ଉଦୟଗିରି, ୧୪।୫ (ଡି.ଏନ.ଏ.)

ଆର.ଉଦୟଗିରି ପଞ୍ଚାୟତ ସମିତି ତରଫରୁ ବ୍ଲକ କର୍ମଚାରୀଙ୍କ ଠାରୁ ୯୩,୩୦୦ ଟଙ୍କା ଓ ଅଞ୍ଚଳବାସୀଙ୍କ ପକ୍ଷରୁ ୮୮,୭୧୦ ଟଙ୍କା ମୋଟ ୧,୮୨,୦୧୦ ଟଙ୍କା ଆଦାୟ କରାଯାଇଥିଲା। ବାତ୍ୟା ବିପନ୍ନମାନଙ୍କ ସକାଶେ ଏହାକୁ ୧୧ ତାରିଖରେ ଗଜପତି ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଦାନ କରାଯାଇଛି। ସେହିପରି ନୂଆଗଡ଼ ବ୍ଲକ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ଲକ୍ଷ ୫ ହଜାର ଟଙ୍କା ପ୍ରଦାନ ପାଇଁ ଜିଲା ପ୍ରଶାସନ ନିକଟକୁ ପଠାଇ ଦିଆଯାଇଛି। ବିପନ୍ନଙ୍କୁ ସହାୟତା ଯୋଗାଇ ଦେବା ପାଇଁ ଜିଲା ପ୍ରଶାସନର ଅନୁରୋଧକ୍ରମେ ନୂଆଗଡ ଇନଚାର୍ଜ ବିଡିଓ ପ୍ରଫୁଲ୍ଲ କୁମାର କୁଣ୍ଡୁମ୍ବ ଏବଂ ମୁଖ୍ୟକିରାଣି ସୁଦାମ ଚରଣ କାର୍ଯ୍ୟୀଙ୍କ ଉଦ୍ୟମ କ୍ରମେ ଏହି ଅର୍ଥ ସଂଗ୍ରହ କରାଯାଇଥିଲା।

## ବାଇକ୍ ଦୁର୍ଘଟଣାରେ ଦମ୍ପତି ଗୁରୁତର

ଦିଗପହଣ୍ଡି, ୧୪।୫ (ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ତାଳପଡ଼ା ଗାଁ ନିକଟରେ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟାରେ ବାଇକ୍ ଦୁର୍ଘଟଣାରେ ଦମ୍ପତିଙ୍କ ସମେତ ନାତି ଗୁରୁତର ହୋଇଛନ୍ତି। ଆହତମାନେ ହେଲେ ତଲାସିଙ୍ଗି ଗ୍ରାମର ଲାବଣ୍ୟ ଗୌଡ଼ ଓ ତାଙ୍କ ସ୍ତ୍ରୀ ଗୋଲାପି, ନାତି ଆୟୁଷ । ଲାବଣ୍ୟ ତାଙ୍କ ବାଇକ ଯୋଗେ ନନ୍ଦଗାଁରୁ ବିବାହ ଭୋଜିରେ ଯୋଗଦେଇ ଘରକୁ ଫେରୁଥିବା ବେଳେ ତାଳପଡ଼ା ଗାଁ ବୁଲାଣିରେ ଭାରସାମ୍ୟ ହରାଇ ବାଇକ୍ ସହ ରାସ୍ତା ଉପରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ସେମାନଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି।

## ରନ୍ଧାମଦ ଜବତ ୨ ଗିରଫ

ଆସିକା,୧୪।୫(ଡି.ଏନ୍.ଏ.)

ଆସିକା ଥାନା ପୁରୁଗେଶ୍ୱରପଲ୍ଲୀ ଗ୍ରାମରେ ପୋଲିସ ମଙ୍ଗଳବାର ଚଢାଉ କରି ପ୍ରାୟ ୨୪ ଲିଟର ରନ୍ଧା ମଦ ଜବତ କରିଛି। ଏହି ମାମଲାରେ ଗ୍ରାମର ରଞ୍ଜିତା ନାହାକ ଓ ସନ୍ତୋଷ ମହାନ୍ତିଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ବିରୋଧରେ ଆସିକା ଥାନାରେ ନଂ.୧୫୪/୧୯ ଓ ୧୫୫/୧୯ରେ ୨ଟି ମାମଲା ରୁଜୁ କରାଯାଇ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପୀତବାସ ଧାରୁଆ ସୂଚନା ଦେଇଛନ୍ତି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହରୁଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration Number - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
09499218733
PETUMALI, JHARMUNDA, PETUPALI, BARGARH, ODISHA- 768034

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 50,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍ଟର୍
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395864708
8929606415
SCO- 106, Second Floor, Vishal Tower, Cannaught Place, Delhi.

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଇ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବା ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ଭାରତର ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN BHARTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଜୁକେଶନ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 50% ଛାଡ଼
ଠକମାନଙ୍କ ପ୍ରତି ସାବଧାନ
ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
ରାକେଶ 9499133937
ଶର୍ମା 9423171970
H.No. 798 Block-H Jaitpur Extn. Part-2,Badarpur, South Delhi.

ASTROLOGY

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନପାଇଁ ମୋତେ ସଂପର୍କ କରନ୍ତୁ ।
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଇଥିବା, କଳାଯାଦୁ, କରି କରାଇଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଲେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୁଠ ଯାଦୁଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କରନ୍ତୁ।
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣୀ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS

Dharitri : 15, 16, 17, 18, 19, 20 & 21 May 2019
SMS JOB
Send SMS. Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
ଭାରତର ନଂ୧ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE
କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

EDUCATION

She made earth her home, for whom heaven was too small. Savitri 11 – Sri Aurobindo.
SRI AUROBINDO INTEGRAL SCHOOL
Managed by Sri Aurobindo Mission Trust, Matrupuram, Ashram (A public Charitable Trust) Matrupuram, Markona At-Bhagia, Po-Markona, Via/PS-Simulia, Dist-Balasore-756126, Mob-9438412353, ESTD.– 1980, Regd. No.-03/2005(Sub-Register, Simulia)
Ref/Letter No RTE Act-2009 Date – 30.03.2019
ADMISSION NOTICE FOR THE EDUCATION YEAR – 2019-2020
(Ref : COR for Academic Session-2017-18 to 2021-22) Letter No-4150/Pvt- Dated 29.03.19, DEO, Balasore
- There is no Admission Fees for school admission for all
- There is no Tuition Fees also.
- The School will take on admission of students belonging to weaker sections and disadvantageous group against 25% quota under RTE Act. 2009 as required under Section -12.I.C. of RTE Act.

(Ku. Manjulata Nayak)
PRINCIPAL


## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ତାତି, ଗୁଳୁଗୁଳିରେ ଅସ୍ତବ୍ୟସ୍ତ ରେଶମ ସହର

ବ୍ରହ୍ମପୁର ଅଫିସ, ୧୪।୫

ସାରା ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳେ ଏଥିରୁ ବାଦ ପଡିନି ରେଶମ ସହର ବ୍ରହ୍ମପୁର । ସୋମବାର ସନ୍ଧ୍ୟାରେ କାଳବୈଶାଖୀର ସାମାନ୍ୟ ପ୍ରଭାବରେ ଗରମରୁ ସହରବାସୀ କିଛି ପରିମାଣରେ ଆଶ୍ୱସ୍ତି ଲାଭ କରିଥିବା ବେଳେ ମଙ୍ଗଳବାର ପୁଣି ଗୁଳୁଗୁଳି ଆରମ୍ଭ ହୋଇଛି । ଖରାର ପ୍ରକୋପ ବଢି ନ ଥିଲେ ମଧ୍ୟ ଦିନସାରା ଗୁଳୁଗୁଳି ସହରର ଜୀବନଯାତ୍ରା ପ୍ରଭାବିତ ହୋଇଥିଲା । ଗୋପାଳପୁର ପାଣିପାଗ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ପ୍ରକାରେ ଗତ ୫ ଦିନ ଧରି ଗୋପାଳପୁର ବେଳାଭୂମି ଉପକୂଳ ଅଞ୍ଚଳରେ ପାରଦ ୩୦ ରୁ ୩୨ ଡିଗ୍ରୀ ମଧ୍ୟରେ ରହୁଥିବା ବେଳେ ବ୍ରହ୍ମପୁରରେ ପ୍ରାୟ ୩୨ ରୁ ୩୪ ଡିଗ୍ରୀ ମଧ୍ୟରେ ରହୁଛି । ବୁଧବାର ଗଞ୍ଜାମ ଜିଲାରେ କାଳବୈଶାଖୀର ସମ୍ଭାବନା ରହିଛି। ତେଣୁ ବୁଧବାରରୁ ଗ୍ରୀଷ୍ମ ପ୍ରବାହରୁ ସାମାନ୍ୟ ଆଶ୍ୱସ୍ତି ମିଳିପାରେ ବୋଲି ଗୋପାଳପୁର ପାଣିପାଗ କେନ୍ଦ୍ର ଇନଚାର୍ଜ ଉମାଶଙ୍କର ସାହୁ ସୂଚନା ଦେଇଛନ୍ତି ।

ଗତ କିଛି ଦିନ ଧରି ବ୍ରହ୍ମପୁରରେ ଜାରି ରହିଛି ଗ୍ରୀଷ୍ମପ୍ରବାହ । ଦିନସାରା ପ୍ରଚଣ୍ଡ ଖରା ସାଙ୍ଗକୁ ରାତିରେ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇଛି ।



ଖରାରୁ ଆଶ୍ୱସ୍ତି ପାଇଁ ତରଭୁଜ ଖାଇବାକୁ ଭିଡ ।

ଥଣ୍ଡାପାନୀୟର ଚାହିଦା ବଢିବାରେ ଲାଗିଛି। ସହରର ବିଭିନ୍ନ ସ୍ଥାନରେ ଏବେ ଲସି, ଜୁସ ଷ୍ଟଲ, ଥଣ୍ଡାପାନୀୟ ଦୋକାନରେ ଭିଡ ଜମୁଛି। ଅନ୍ୟପକ୍ଷରେ ଗ୍ରୀଷ୍ମ ପ୍ରଭାହକୁ ଦୃଷ୍ଟିରେ ରଖି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି । ଅଂଶୁଘାତକୁ ଏଡାଇବା ପାଇଁ ଗତ ଏପ୍ରିଲ ୧୫ରୁ ବ୍ରହ୍ମପୁରର ସିଟି ହସ୍ପିଟାଲରେ ୬ ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର ଅଂଶୁଘାତ ୱାର୍ଡ ଖୋଲିଥିବା ବେଳେ ଏମ୍‌କେସିଜିରେ ମଧ୍ୟ ସ୍ୱତନ୍ତ୍ର ୱାର୍ଡ ଖୋଲିଛି। ବର୍ତ୍ତମାନ ସୁଧା କେବଳ ଭଞ୍ଜନଗର ଅଞ୍ଚଳରେ ଜଣଙ୍କର ଅଂଶୁଘାତ ଜନିତ ମୃତ୍ୟୁ ହୋଇଥିବା ସୂଚନା ରହିଛି । ବ୍ରହ୍ମପୁରରେ ଏଯାଏଁ ଅଂଶୁଘାତ ସ୍ୱତନ୍ତ୍ର ୱାର୍ଡରେ କେହି ଆଡମିଟ ହୋଇ ନ ଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସିଟି ହସ୍ପିଟାଲ ଓ ଏମକେସିଜିରେ ଖୋଲିଥିବା ଅଂଶୁଘାତ ସ୍ୱତନ୍ତ୍ର ୱାର୍ଡ ୨୪ ଘଣ୍ଟା ଖୋଲା ରହିଥିବା ସେ ସୂଚାଇଛନ୍ତି। ଏହାବ୍ୟତୀତ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ(ଏନୟୁଏଚଏମ) ଅଧୀନରେ ପରିଚାଳିତ ସହରରେ ଥିବା ୭ ସହରାଞ୍ଚଳ

- ବୁଧବାରଠାରୁ କାଳବୈଶାଖୀ ସମ୍ଭାବନା
- ଗୋପାଳପୁର ପାଣିପାଗ କେନ୍ଦ୍ରର ଆକଳନ
- ସିଟି ହସ୍ପିଟାଲ, ଏମ୍‌କେସିଜିରେ ଅଂଶୁଘାତ ୱାର୍ଡ
- ୧୨ଘଣ୍ଟା ଖୋଲାରହୁଛି ୭ ୟୁପିଏଚସି

ସ୍ୱାସ୍ଥ୍ୟ କେନ୍ଦ୍ରରେ ମଧ ଏପ୍ରିଲ ୧୫ରୁ ଦୁଇ ଶଯ୍ୟା ବିଶିଷ୍ଟ ଅଂଶୁଘାତ ସ୍ୱତନ୍ତ୍ର ୱାର୍ଡ ଖୋଲାଯାଇଛି । ପ୍ରତି ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ କ୍ଲିନିକାଲ ଓ ଜଣେ ନନ କ୍ଲିନିକାଲ ଷ୍ଟାଫଙ୍କୁ ନିଯୁକ୍ତି ଦିଆଯାଇଛି । ଗତ ମାସରୁ ୟୁପିଏଚସି ଗୁଡିକ ସକାଳ ଓ ସନ୍ଧ୍ୟା ପରିବର୍ତ୍ତେ ସକାଳ। ଟାରୁ ରାତ୍ର ୮ଟା ପର୍ଯ୍ୟନ୍ତ ୧୨ ଘଣ୍ଟା ଖୋଲା ରହିଥିବା ଏନୟୁଏଚଏମର ଆସିଷ୍ଟାଣ୍ଟ ପ୍ରୋଗ୍ରାମ ମ୍ୟାନେଜର ଲମ୍ବୋଦର ଦିଗାଲ ସୂଚନା ଦେଇଛନ୍ତି । ତେବେ ବର୍ତ୍ତମାନ ସୁଦ୍ଧା ଅଂଶୁଘାତ ଜନିତ ରୋଗୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସି ନ ଥିବା ବେଳେ ଆସ୍କାରୋଡ, ଆମ୍ବପୁଆ ୟୁପିଏଚସିରେ କେତେକ ଲୋକଙ୍କଠାରେ ଅଂଶୁଘାତ ଜନିତ ଲକ୍ଷଣ ଦେଖାଯାଉଥିବା ଅନୁମାନ କରି ସେମାନଙ୍କ ଚିକିତ୍ସା କରାଯାଇଥିବା ଦିଗାଲ ସୂଚାଇଛନ୍ତି।

## ସଂକ୍ଷେପରେ

### ବିଷ ପିଇ ମହିଳାଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୧୪।୫: ଘରୋଇ କଳିରୁ ବିଷପାନ କରିଥିବା ଜଣେ ମହିଳାଙ୍କ ବ୍ରହ୍ମପୁର ବଡ ମେଡିକାଲରେ ମଙ୍ଗଳବାର ମୃତ୍ୟୁ ଘଟିଛି। ମୃତ ମହିଳା ଜଣଙ୍କ ସଦର ଥାନା ଅନ୍ତର୍ଗତ ହୁଗୁଲାପଟା ଗ୍ରାମର ରଙ୍କନିଧି ସ୍ୱାଇଁଙ୍କ ସ୍ତ୍ରୀ ସୁକାନ୍ତି। ପୋଲିସ ମୃତଦେହ ଜବତ କରି ନଂ.୧୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ପ୍ରକାଶ ଯେ, ଗତ ୧୦ ତାରିଖରେ ସୁକାନ୍ତି ବିଷପାନ କରି ଗୁରୁତର ହେବା ସହ ବାନ୍ତି କରିଥିଲେ। ପରିବାର ଲୋକେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା।

### ପୁଣି ଅନଶନରେ ବସିଲେ ବାସନ୍ଦ ପରିବାର




ଛତ୍ରପୁର,୧୪।୫(ଡି.ଏନ୍.ଏ.)- ଗୁଣି ଗାରେଡି ସନ୍ଦେହରେ ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ବ୍ଲକ ନୂଆ ଗୋଛାବାଡି ଗ୍ରାମର ବାସନ୍ଦ ପରିବାର ପୁଣି ନ୍ୟାୟପାଇଁ ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମଙ୍ଗଳବାର ଅନଶନରେ ବସିଥିଲେ। ୪ ମାସ ପୂର୍ବେ ଗୁଣି ଗାରେଡିର ମିଥ୍ୟା ଆରୋପ ଲଗାଇ ଘରେ ତାଲା ପକାଇ ଗାଁରୁ ତଡି ଦିଆଯାଇଥିବା ଅଭିଯୋଗ କରିବା ସହ ଗାଁକୁ ଫେରାଇ ନେବାର ବ୍ୟବସ୍ଥା କରିବାକୁ ନୂଆ ଗୋଛାବାଡିର ଖଦାଳ ଗୌଡ ଏବଂ ତାଙ୍କ ପରିବାରର ସଦସ୍ୟମାନେ ଶୁକ୍ରବାର ଅନଶନରେ ବସିଥିଲେ। ପରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ପରିବାର ଲୋକେ ଏସମ୍ପର୍କରେ ଜଣାଇଥିଲେ। ଏମାନେ କିଭଳି ଗାଁକୁ ଫେରିବେ ତା ଉପରେ ପଦକ୍ଷେପ ନେବାକୁ ଜଗନ୍ନାଥପ୍ରସାଦ ଥାନା ଅଧିକାରୀଙ୍କୁ ଏବଂ ସମାଧାନ ନହେବା ପର୍ଯ୍ୟନ୍ତ ଉକ୍ତ ପରିବାରଙ୍କୁ ଅସ୍ଥାୟୀ ଭାବେ ସୁରକ୍ଷିତରେ ଥଇଥାନ କରିବା ପାଇଁ ଜଗନ୍ନାଥପ୍ରସାଦ ତହସିଲଦାରଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ମାତ୍ର କୌଣସି ପଦକ୍ଷେପ ନିଆଯାଇନଥିବା ଅଭିଯୋଗ କରି ପୁଣି ଉକ୍ତ ପରିବାର ଏଠାକୁ ଆସି ଅନଶନରେ ବସିଥିଲେ। ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ ତାଙ୍କ ସହ କଥା ହୋଇଥିଲେ। ସ୍ଥାନୀୟ ଏସଡିପିଓ, ଆଇଆଇସି, ତହସିଲଦାର ଓ ବିଡିଓ ଉକ୍ତ ଗାଁର ଏକ ପ୍ରତିନିଧି ଦଳକୁ ଡାକି ଏସମ୍ପର୍କରେ ଆଲୋଚନା କରିଛନ୍ତି। ଗୁରୁବାର ସନ୍ଧ୍ୟାରେ ଗ୍ରାମବାସୀ କଣ ପଦକ୍ଷେପ ନେବେ ଏସମ୍ପର୍କରେ ଜଣାଇବେ। ସେପର୍ଯ୍ୟନ୍ତ ଅପେକ୍ଷା କରିବାକୁ ବାସନ୍ଦ ପରିବାରଙ୍କୁ ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଥିଲେ।

## ମା' କାନ୍ୟକାପରମେଶ୍ୱରୀ ଜୟନ୍ତୀ, ନଗର ପରିକ୍ରମା



ଶେରଗଡ,୧୪।୫(ଡି.ଏନ୍.ଏ.)

ଶେରଗଡ କଳିଙ୍ଗ ମହିଳା ସଂଘ ପକ୍ଷରୁ ଇଷ୍ଟଦେବୀ କାନ୍ୟକା ପରମେଶ୍ୱରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ କଳିଙ୍ଗ ବୈଶ୍ୟ ମହିଳା ସଙ୍ଘର କର୍ମକର୍ତ୍ତା ସ୍ଥାନୀୟ କଳିଙ୍ଗ ବୈଶ୍ୟ ଭବନଠାରେ ଏକାଠି ହୋଇ କାନ୍ୟକା ପରମେଶ୍ୱରୀଙ୍କ ଫଟୋରେ ପୁଷ୍ପମାଲ୍ୟାର୍ପଣ କରି ସଂଘ ସଦସ୍ୟାମାନେ ନଗର ପରିକ୍ରମା କରିଥିଲେ। ଶେରଗଡ ଗ୍ରାମର ସମସ୍ତ ସାହି ପରିକ୍ରମା ପରେ ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ରୋଗୀଙ୍କୁ ଗ୍ଲୁକୋଜ ବଣ୍ଟନ କରିଥିଲେ। କଳିଙ୍ଗ ମହିଳା ସଂଘର ସଭାନେତ୍ରୀ ଏସ. ତେଜେଶ୍ୱରୀ ପୃଷ୍ଟି ଓ ସମ୍ପାଦିକା ଟି. କ୍ରିଷ୍ଣା କୁମାରୀ ପାତ୍ରଙ୍କ ସଂଯୋଜନାରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଋଷିକୁଲ୍ୟା ଆଞ୍ଚଳିକ କଳିଙ୍ଗ ବୈଶ୍ୟ ସମାଜର ସମ୍ପାଦିକା ଟି. ସଙ୍ଗୀତା ପାତ୍ର ଯୋଗ ଦେଇ ମହିଳା ମାନଙ୍କୁ ଦିଗଦର୍ଶନ ଦେଇଥିବା ବେଳେ ଶେରଗଡ କଳିଙ୍ଗ ବୈଶ୍ୟ ମହିଳା ସଂଘର କୋଷାଧକ୍ଷା ଏମ. ପ୍ରଭାବତୀ ପାତ୍ରଙ୍କ ସମେତ ବହୁ ମହିଳା ସାମିଲ ଥିଲେ।

■ ଗଜପତିରୁ ବ୍ରହ୍ମପୁର ଦେଇ ଗଞ୍ଜେଇ ଚାଲାଣ

## ୨୭ କେଜି ଜବତ, ୨ ଗିରଫ

ବ୍ରହ୍ମପୁର ଅଫିସ,୧୪।୫

ଗଞ୍ଜେଇ ଚୋରା ଚାଲାଣକାରୀ ଏବେ ବ୍ରହ୍ମପୁରକୁ ତାଙ୍କ ହବ୍ ବନାଇଛନ୍ତି । ଗଜପତି ଅଞ୍ଚଳରୁ ବେଆଇନ ଭାବେ ଗଞ୍ଜେଇ ବ୍ରହ୍ମପୁର ଦେଇ ଆନ୍ଧ୍ରପ୍ରଦେଶ ଚାଲାଣ ହେଉଥିବା ବେଳେ ରେଳବାଇ ପୋଲିସ ମଙ୍ଗଳବାର ପୂର୍ବାହ୍ନ ୧୧ଟା ବେଳେ ରେଳଷ୍ଟେଶନ ୪ ନମ୍ବର ପ୍ଲାଟଫର୍ମରେ ସନ୍ଦେହଜନକ ଭାବେ ଠିଆ ହୋଇଥିବା ୨ ଜଣ ଯୁବକଙ୍କୁ ଧରି ଜେରା କରିଥିଲା। ସେମାନେ ଧରିଥିବା ୩ଟି ଏୟାର ବ୍ୟାଗ ଯାଞ୍ଚ ବେଳେ ସେଥିରେ ଗଞ୍ଜେଇ ଭର୍ତ୍ତି ହୋଇଥିବା ପୋଲିସ ଦେଖିବାକୁ ପାଇଥିଲେ। ବେଆଇନ ଭାବେ ଗଞ୍ଜେଇ ଚାଲାଣ ଅଭିଯୋଗରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ଗଜପତି ଜିଲା ଅଡବା ଥାନା ଅନ୍ତର୍ଗତ ରାମଗଡ ଗ୍ରାମର ବିଶାଳ ପାଇକ (୨୧) ଓ ଆର. ଉଦୟଗିରି ଥାନା ଅନ୍ତର୍ଗତ ରଣଲୋଇ ଗ୍ରାମର ସୁମନ୍ତ ପାଣି (୩୫) ବୋଲି ଥାନାଧିକାରୀ ସୁକାନ୍ତ ଭୋଇ ସୂଚନା ଦେଇଛନ୍ତି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ କରାଯାଇଥିଲା। ଏହାର ଓଜନ ୨୭ କେଜି ବୋଲି ପୋଲିସ କହିଛି। ବିଶାଖା ଟ୍ରେନରେ ବ୍ରହ୍ମପୁରରୁ ଆନ୍ଧ୍ରପ୍ରଦେଶ ଏହି ଗଞ୍ଜେଇ ନେବା ପାଇଁ ଟ୍ରେନକୁ ଅପେକ୍ଷା କରିଥିବା ବେଳେ ଚାଲାଣକାରୀମାନେ ପୋଲିସ ହାବୁଡ଼ରେ ଧରା ପଡିଥିଲେ । ମାମଲା ନଂ. ୩୧/୧୯ରେ ଅଭିଯୁକ୍ତ ବିଶାଳ ଓ ସୁମନ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଭୋଇ ସୂଚନା ଦେଇଛନ୍ତି ।


ଜବତ ଗଞ୍ଜେଇ ସହ ୨ ଅଭିଯୁକ୍ତ ।

## ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୧୪।୫

ବାଇକ୍ ସହ ବାଇକ୍ ମୁହାଁମୁହିଁ ଧକ୍କା ବେଳେ ଗୁରୁତର ଥିବା ଜଣେ ଯୁବକଙ୍କର ଏମ୍‌କେସିଜିରେ ମୃତ୍ୟୁ ଘଟିଛି । ମୃତ ଯୁବକ ଜଣଙ୍କ ବୁଗୁଡ଼ା ଥାନା କୁଆଁନଳା ଗ୍ରାମର ଅନିଲ ବେହେରା (୨୮) ବୋଲି ମେଡିକାଲ ଫାଣ୍ଡି ପୋଲିସ କହିଛି। ମଙ୍ଗଳବାର ପୋଲିସ ମୃତଦେହ ଜବତ କରି ନଂ. ୨୩୬/୧୯ରେ ଏକ ମାମଲା ରୁଜୁ କରିଛି । ପ୍ରକାଶ ଯେ, ଅନୀଲ ସୋମବାର କୌଣସି କାମରେ ବ୍ରହ୍ମପୁର ଆସିଥିଲେ। ମଧ୍ୟାହ୍ନରେ ସେ ଘରକୁ ଫେରୁଥିବା ବେଳେ ପୋଲସରା ଥାନା ଅନ୍ତର୍ଗତ ନରସିଂହପଲ୍ଲୀଠାରେ ତାଙ୍କ ବାଇକକୁ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ଧକ୍କା ହୋଇଥିଲା। ଫଳରେ ଅନିଲ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲକୁ ପଠାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା ।

## ବିପନ୍ନଙ୍କୁ ମେଧାବୃତ୍ତି ରାଶି ପ୍ରଦାନ କଲେ ଛାତ୍ରୀ


ବିଇଓଙ୍କୁ ଚେକ୍ ପ୍ରଦାନ କରୁଛନ୍ତି ଛାତ୍ରୀ।

ଗୋପାଳପୁର,୧୪।୫

ରାଜ୍ୟ ତଥା ରାଜ୍ୟ ବାହାରୁ ଫନୀ ବିପନ୍ନଙ୍କୁ ସହାୟତା ପ୍ରଦାନ କରାଯାଉଥିବାବେଳେ ଜଣେ ଛାତ୍ରୀ ଏଥିରେ ସାମିଲ ହୋଇଛନ୍ତି। ଛାତ୍ରୀ ଜଣକ ତାଙ୍କ ମେଧାବୃତ୍ତି ଟଙ୍କା ବିପନ୍ନଙ୍କ ସହାୟତା ପାଇଁ ପ୍ରଦାନ କରି ଉଦାହରଣ ସୃଷ୍ଟି କରିଛନ୍ତି। ସେ ହେଲେ ବ୍ରହ୍ମପୁର ମହାନଗର ବାସୁଦେବ ନଗରସ୍ଥିତ ମା' ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସପ୍ତମ ଶ୍ରେଣୀ ଛାତ୍ରୀ ସମୀକ୍ଷା ମହାନ୍ତି। ସମୀକ୍ଷା ପାଇଥିବା ପଞ୍ଚମ ଶ୍ରେଣୀ ମେଧାବୃତ୍ତି ସହାୟତା ୨୪୦୦ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ଦାନ କରିଛନ୍ତି। ମଙ୍ଗଳବାର ସମୀକ୍ଷା ରଙ୍ଗେଇଲୁଣ୍ଡା ବିଇଓ ପ୍ରଭାତୀ ମହାପାତ୍ରଙ୍କୁ କାର୍ଯ୍ୟାଳୟରେ ଭେଟି ବୃତ୍ତି ପାଇଥିବା ୨୪ଶହ ଟଙ୍କାର ଚେକ୍ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ଛାତ୍ରୀଙ୍କ ଏଭଳି କାର୍ଯ୍ୟକୁ ବିଇଓ ମହାପାତ୍ର ପ୍ରଶଂସା କରିଥିଲେ। ଏହି ଅବସରରେ ବିଇଓ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ କର୍ମଶାଳା

ବ୍ରହ୍ମପୁର ଅଫିସ, ୧୪।୫

ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଏବଂ ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ, ଜଳବାୟୁ ପରିବର୍ତ୍ତନ ସେଲ ମିଳିତ ଆନୁକୂଲ୍ୟରେ 'ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ କର୍ମଶାଳା' ମଙ୍ଗଳବାର ଆୟୋଜିତ ହୋଇଯାଇଛି । ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ପରିବେଶ ଶିକ୍ଷା କେନ୍ଦ୍ର(ସେଣ୍ଟ୍ରାଲ ଫର ଏନ୍‌ଭାଇରନମେଣ୍ଟାଲ ଷ୍ଟଡିଜ୍)ର ପୂର୍ବତନ ନିର୍ଦ୍ଦେଶିକା ପ୍ରଫେସର ଶୈଳବାଳା ପାଢୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୋପାଳପୁର ବେଳାଭୂମିରେ ହେନ୍ତାଳବନ ସୃଷ୍ଟି କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ । ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଆଶିଷ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ସମ୍ମାନିତ ଅତିଥି ଭାବେ ଓମ୍‌ସାମର ଅତିରିକ୍ତ ନିର୍ଦ୍ଦେଶକ ଡ. ଚିତ୍ରସେନ ଗନ୍ତାୟତ, ଜିଲା ଶିକ୍ଷାଧିକାରୀ ଡ. ସନାତନ ପଣ୍ଡା, ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ ନିର୍ଦ୍ଦେଶକ ସୁଧୀର କୁମାର ରାଉତ, ଇ. ଟି. ରାଓ, ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଶୁଭେନ୍ଦୁ ଦାଶ, ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ବରିଷ୍ଠ ବୈଜ୍ଞାନିକ ଡ. କୃଷ୍ଣଚନ୍ଦ୍ର ପାଳ ପ୍ରମୁଖ ମଞ୍ଚାସୀନ ଥିଲେ । ଇକୋ କ୍ଲବ ଜିଲା ସଂଯୋଜକ ଡ. ଶଙ୍କର ନାରାୟଣ ବେଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଜ୍ଞାନ ପ୍ରଯୁକ୍ତି ବିଦ୍ୟା କ୍ଲାଇମେଟ ସେଲ ବୈଜ୍ଞାନିକ ଡ. ପୂର୍ଣ୍ଣଚନ୍ଦ୍ର ମହାପାତ୍ର. ମୋନାଲିସା କଅଁର, ଅମିତ କୁମାର ମହାନ୍ତି ଓ ସ୍ୱାଗତିକା ପାତ୍ର ପ୍ରମୁଖ ଯୋଗଦେଇ ଜଳବାୟୁ ପରିବର୍ତ୍ତନର କାରଣ, ପ୍ରଭାବ ଓ ଏହାର ନିରାକରଣ ଉପରେ ଆଲୋକପାତ କରିଥିଲେ । ଗଞ୍ଜାମ ଜିଲାର ବିଭିନ୍ନ ସ୍କୁଲର ୧୨୦ ଛାତ୍ରୀଛାତ୍ରଙ୍କ ସମେତ ଖଲ୍ଲିକୋଟ, ବ୍ରହ୍ମପୁର ଓ ଦିଗପହଣ୍ଡି ରେଞ୍ଜ ଅଫିସର ଉପସ୍ଥିତ ଥିଲେ । ଏହି ଅବସରରେ ଉପସ୍ଥିତ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କୁ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ପୁସ୍ତିକା ସହ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ବ୍ରହ୍ମପୁର ବନଖଣ୍ଡ ରେଞ୍ଜର ଏ. ରାଜା ରାଓ ସୁବୁଦ୍ଧି, ରେଞ୍ଜର ପୂର୍ଣ୍ଣଚନ୍ଦ୍ର ସାହୁ, ବରିଷ୍ଠ ସହାୟକ ଦିଗମ୍ବର ପାତ୍ର ଓ ରାଜୀବ ପାତ୍ର ପ୍ରମୁଖ ଏହାକୁ ପରିଚାଳନା କରିଥିଲେ । କ୍ଲାଇମେଟ ସେଲ ବୈଜ୍ଞାନିକ ସୁଜିତ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଆଞ୍ଚଳିକ ବିକାଶ ପରିଷଦ ସଭାପତି ସାଗର କୁମାର ପାତ୍ର ଓ ସବୁଜ ବାହିନୀ ବ୍ରହ୍ମପୁର ସମ୍ପାଦକ ଏମ୍. ଦିଲ୍ଲୀପ କୁମାର, ବନମାଳୀ ପ୍ରଧାନ. ସାମାଜିକକର୍ମୀ ବିଜୟ କୁମାର ବରାଳ ପ୍ରମୁଖ ସହଯୋଗ କରିଥିଲେ ।


କର୍ମଶାଳାରେ ଉପସ୍ଥିତ ଛାତ୍ରୀଛାତ୍ର, ବିଭାଗୀୟ ଅଧିକାରୀ ।

■ ତିତ୍‌ଲିରେ ହୋଇଥିଲା ଧ୍ୱଂସ

## ପୁରିଆ ସାହି କ୍ଷୁଦ୍ର ସେଚ ପ୍ରକଳ୍ପ ଡ୍ୟାମ୍ ପୁନଃ ନିର୍ମାଣ

ବ୍ରହ୍ମପୁର ଅଫିସ,୧୪।୫

ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଅନ୍ତର୍ଗତ ଉପାନ୍ତ ଅଞ୍ଚଳ ପୁରିଆ ସାହିରେ ପୁନଃ ନିର୍ମାଣ କରାଯାଉଛି ପୁରିଆ ସାହି କ୍ଷୁଦ୍ର ଜଳସେଚନ ଯୋଜନା। ଏହାର ମୁଖ୍ୟବନ୍ଧ (ହେଡୱାକ୍ସ) ନିର୍ମାଣ ଓ କେନାଲ ପୁନରୁଦ୍ଧାର ବାବଦରେ ପ୍ରଥମ ପର୍ଯ୍ୟାୟରେ ୨.୬୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ସୂଚନାଯୋଗ୍ୟ, ମରୁଡ଼ି ପ୍ରପୀଡ଼ିତ ପାତ୍ରପୁର ବ୍ଲକରେ ଚାଷୀଙ୍କୁ ନିୟମିତ ସେଚ ବ୍ୟବସ୍ଥା ଯୋଗାଇବା ପାଇଁ ୧୯୮୦ ଦଶକରେ ଏହି ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଗଜପତି ଜିଲା ମହେନ୍ଦ୍ରଗିରି ପର୍ବତରୁ ନିର୍ଗତ ଏକ ଚିରସ୍ରୋତା ଝରଣା ପାଣିକୁ ଅଟକାଇବାକୁ ପୁରିଆ ସାହି ଡ୍ୟାମ କରାଯାଇଥିଲା। ୧୯୮୨ରେ ପ୍ରକଳ୍ପ ଉଦ୍‌ଘାଟନ ହୋଇଥିଲା । ଜରଡ଼ା ସମେତ ଆଖପାଖ ୨୫ରୁ ୩୦ ଖଣ୍ଡ ଗ୍ରାମର ୮ ଶହରୁ ଉର୍ଦ୍ଧ୍ୱ ହେକ୍ଟର ଚାଷ ଜମିକୁ ସୁବିଧାରେ ସେଚ ବ୍ୟବସ୍ଥା ହୋଇଥିଲା।

୨୦୧୮ ଅକ୍ଟୋବର ୧୧ ତାରିଖ ରାତିରେ ସାମୁଦ୍ରିକ ବାତ୍ୟା ତିତ୍‌ଲି ଆନ୍ଧ୍ରପ୍ରଦେଶ ପଲାସା ନିକଟରେ ଲ୍ୟାଣ୍ଡଫଲ୍ କରିଥିଲା। ବାତ୍ୟା ସାଙ୍ଗକୁ ପ୍ରବଳ ବର୍ଷା ବିପ୍ଳାତ ମଧ୍ୟ ହୋଇଥିଲା। ସୀମାନ୍ତ ଅଞ୍ଚଳ ହୋଇଥିବାରୁ ତିତ୍‌ଲି ପ୍ରଭାବରେ ପୁରିଆ ସାହି ପ୍ରକଳ୍ପ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଗଲା। କେବଳ ସେତିକି ନୁହେଁ ସେହି ପ୍ରକଳ୍ପ ପାଖରେ ଥିବା ପୁରାଣ ବର୍ଣ୍ଣିତ ପର୍ଶୁରାମ କୁଣ୍ଡ ଓ ପର୍ଶୁରାମଙ୍କ ମୂର୍ତ୍ତି ଧୋଇ ହୋଇଯାଇଥିଲା । ପ୍ରାଚୀନ କିମ୍ବଦନ୍ତୀ ଅନୁସାରେ ପର୍ଶୁରାମ ସେହି କୁଣ୍ଡ ପାଖରେ ତପସ୍ୟା କରିଥିବାରୁ ନାମ ପର୍ଶୁରାମ କୁଣ୍ଡ ଦିଆଯାଇଥିଲା। ତିତ୍‌ଲି ତାଣ୍ଡବର ୬ ମାସ ପୂରିଛି ଏବଂ ପ୍ରକଳ୍ପର ପୁନଃ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି ।


ଧ୍ୱଂସ ହୋଇଯାଇଥିବା ପୁରିଆସାହି ଡ୍ୟାମ (ଫାଇଲ ଫଟୋ )।

- ଚଳିତ ଖରିଫ ଫସଲ ପାଇଁ ଜଳ ଯୋଗାଣ ଲକ୍ଷ୍ୟ
- ପ୍ରାକ୍ ବ୍ୟୟ ଅଟକଳ ୨.୬୦ କୋଟି

କ୍ଷୁଦ୍ର ଜଳସେଚନ ବିଭାଗ ଗଞ୍ଜାମ ନଂ ୧ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଗୋପାଳ ଦାସ କହିଛନ୍ତି, ପୁରିଆ ସାହି ଡ୍ୟାମ ପୁନଃ ନିର୍ମାଣ କାର୍ଯ୍ୟ ଫେବୃୟାରୀରୁ ଆରମ୍ଭ ହୋଇଛି ଏବଂ ପ୍ରାକ୍ ବ୍ୟୟ ଅଟକଳ ମଞ୍ଜୁର ହୋଇଛି। ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ଚଳିତ ବର୍ଷର ଖରିଫ ଧାନ ଫସଲ ନିମନ୍ତେ ଚାଷୀଙ୍କୁ ଜଳସେଚନର ସୁବିଧା ଯୋଗାଇବା ଲକ୍ଷ୍ୟ ରଖାଯାଇଛି। ତିତଲି ମାଡ଼ରେ ଯୋଜନାର କେନାଲର ମଧ୍ୟ କେତେକାଂଶ ନଷ୍ଟ ହୋଇଥିବାରୁ ତାହାର ପୁନରୁଦ୍ଧାର କରାଯିବ। ନିର୍ଦ୍ଧାରିତ ସମୟ ମଧ୍ୟରେ ପୁନଃ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ନିର୍ବାହୀ ଯନ୍ତ୍ରୀ ଗଭୀର ଆଶାପ୍ରକଟ ମଧ୍ୟ କରିଛନ୍ତି ।

ସୂଚନାଯୋଗ୍ୟ, ପୁରିଆ ସାହି ଯୋଜନା ଚିକିଟି ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ । ବିଧାନସଭାର ପ୍ରାକ୍ତନ ବାଚସ୍ପତି ଚିନ୍ତାମଣି ଦ୍ୟାନ ସାମନ୍ତରା ପ୍ରଥମେ ୧୯୮୦ ନିର୍ବାଚନରେ ଚିକିଟି ସେଗମେଣ୍ଟରୁ ବିଧାୟକ ହୋଇଥିଲେ। ଲଗାତର ମରୁଡ଼ି ଦାଉରୁ ପାତ୍ରପୁର ବ୍ଲକର ଚାଷୀଙ୍କୁ ରକ୍ଷା କରିବା ପାଇଁ ତତ୍କାଳୀନ ସରକାରଙ୍କ ଉପରେ ପ୍ରବଳ ଚାପ ପକାଇ ଯୋଜନା ଅନୁମୋଦନ କରାଇଥିଲେ । ୧୯୮୫ରୁ ୧୯୯୦ ପର୍ଯ୍ୟନ୍ତ ଉପବାଚସ୍ପତି ଏବଂ ୧୯୯୫ ରୁ ୨୦୦୦ ଯାଏ ସେ ବାଚସ୍ପତି ହେବାରୁ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ କେନାଲ ନିର୍ମାଣ କରାଇଥିଲେ । ତିତ୍‌ଲି ତାଣ୍ଡବ ପରେ ପୁରିଆ ସାହି ଯୋଜନାର ତୁରନ୍ତ ପୁନଃ ନିର୍ମାଣ ପାଇଁ ସେ ଦାବି କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଚିଠି ଲେଖିଥିଲେ ।

## ନାବାଳକଙ୍କୁ ଅପହରଣ, ହତ୍ୟା ଘଟଣା

# ଅଭିଯୁକ୍ତଙ୍କୁ ଫାଶୀ, କ୍ଷତିପୂରଣ ଦାବିରେ ଶୋଭାଯାତ୍ରା

ଦାରିଙ୍ଗବାଡି,୧୪।୫(ଡି.ଏନ.ଏ)

ଦାରିଙ୍ଗବାଡ ବ୍ଲକ ପର୍ଡମାହା ପଞ୍ଚାୟତ କଟାବାଡି ଗ୍ରାମର ନାବାଳକ ରିତେଶ ପ୍ରଧାନଙ୍କୁ ଅପହରଣ ପରେ ହତ୍ୟା କରାଯାଇଥିଲା। ଏହି ଘଟଣାରେ ଗିରଫ ଅଭିଯୁକ୍ତଙ୍କୁ ଫାଶୀଦଣ୍ଡ ସହ ନାବାଳକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ମଙ୍ଗଳବାର କଟାବାଡି ସମେତ ଅଞ୍ଚଳବାସୀ ଏକ ଶାନ୍ତି ସଭା ଏବଂ ଶୋଭାଯାତ୍ରା କରିଛନ୍ତି। ପ୍ରଥମେ ହେଲିପ୍ୟାଡ ପଡିଆଠାରେ ଶତାଧିକ ମହିଳା ପୁରୁଷ ଏକାଠି ହେବାପରେ ଶାନ୍ତି ବୈଠକ ଅନୁଷ୍ଠିତ ହୋଇଥିଲା। ମୃତ ରିତେଶଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ କ୍ୟାଣ୍ଡେଲ ଜାଳି ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରାଯାଇଥିଲା। ନାରୀନେତ୍ରୀ ସରଶିଳା ପ୍ରଧାନ, ବିଳାସିନୀ ନାୟକ, ଘେନେଶ୍ୱର ପ୍ରଧାନ, ପୂର୍ବତନ ବିଧାୟକ ଯାକବ ପ୍ରଧାନଙ୍କ ସମେତ ଶତାଧିକ ମହିଳା ପୁରୁଷ ବ୍ୟାନର ପୋଷ୍ଟର ଓ ପ୍ଲାକାର୍ଡ ଧରି ଶାନ୍ତି ଶୋଭାଯାତ୍ରାରେ ବସଷ୍ଟାଣ୍ଡ ହୋଇ ଚାରିଛକ, ତିନଛକ, ଶିବ ମନ୍ଦିର ସାହି ଦେଇ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ତହସିଲଦାର ନୀତିଶ ତ୍ରିପାଠୀଙ୍କୁ ପ୍ରଦାନ କରାଯାଇଥିଲା। ମୃତକଙ୍କ ପରିବାରକୁ ନ୍ୟାୟ ପ୍ରଦାନ, ୨୫ଲକ୍ଷ ଟଙ୍କା ସହାୟତାରାଶି ଦେବାକୁ ଦାବି କରିଥିଲେ। ନାବାଳକଙ୍କ ମୃତଦେହ ପୋଲିସ ଉଦ୍ଧାର କଲାବେଳେ ଗଳିତ ଅବସ୍ଥାରେ ରହିଥିବା ସହ ଆଖି, କିଡ୍‌ନୀ, ମସ୍ତିଷ୍କ ଆଦି ନଥିଲା। ତେଣୁ ପିଲାଚୋରି ର୍‌ୟାକେଟ କାମ କରୁଥିବା ଅଞ୍ଚଳବାସୀ ସନ୍ଦେହ କରିଛନ୍ତି। ଏହାର ସତ୍ୟାସତ୍ୟ ଜାଣିବା ପାଇଁ ବିଚାର ବିଭାଗୀୟ କିମ୍ବା ସିବିଆଇ ତଦନ୍ତ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ ଯେ, କଟାବାଡି ଗ୍ରାମର ଦେବାନନ୍ଦ ପ୍ରଧାନଙ୍କ ପୁଅ ରିତେଶ ଗତ ୫ତାରିଖ ରବିବାର ନିଖୋଜ ହୋଇଯାଇଥିଲେ। ୬ତାରିଖରେ ଏନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ୯ ତାରିଖରେ ପୋଲିସ ୨ଜଣଙ୍କୁ ଥାନାକୁ ଆଣି ପଚରାଉଚରା ପରେ ସେମାନେ ରିତେଶଙ୍କୁ ହତ୍ୟା କରି ଖୋଲ ଭିତରେ ଲୁଚାଇ ରଖିଥିବା ସ୍ୱୀକାର କରିଥିଲେ। ପରେ ପୋଲିସ ଅଭିଯୁକ୍ତ ଦ୍ୱୟଙ୍କୁ ନେଇ ଉକ୍ତ ଖୋଲରୁ ମୃତଦେହ ଜବତ ସହ ମୁଖ୍ୟ ଅଭିଯୁକ୍ତ ମିନକେତନ ପ୍ରଧାନ(୫୦) ଏବଂ ଶ୍ୟାମସନ ପ୍ରଧାନ (୨୦)ଙ୍କୁ ଗିରଫ କରିଥିଲା।



ଶୋଭାଯାତ୍ରାରେ ବାହାରି ତହସିଲକାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ ପାଇଁ ପହଞ୍ଚିଛନ୍ତି।

## ପ୍ରକଳ୍ପ ଅଛି ପାଣି ମିଳୁନି

# ବୁଢ଼ାଦାନୀ ଗ୍ରାମବାସୀଙ୍କୁ ନାଳ ଭରସା

ରାକେଶ କୁମାର ରାଉତ
ଫୁଲବାଣୀ ଅଫିସ, ୧୪।୫

କନ୍ଧମାଳ ଏକ ପାହାଡ଼ିଆ ଅଞ୍ଚଳ ହୋଇଥିବାରୁ ଏଠାରେ ପାଣିର ଘୋର ଅଭାବ। ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ(ଆରଡବ୍ଲ୍ୟୁଏସ୍ଏସ୍) ପକ୍ଷରୁ ବହୁ ପ୍ରକଳ୍ପ କରାଯାଇଛି। ଏବେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଚାରିଆଡ଼ ଶୁଖିଲା ପଡ଼ିଛି। ପ୍ରକଳ୍ପ ଥାଇ ବି ଲୋକେ ପାଣି ପାଇଁ ଡହଳବିକଳ ହେଉଛନ୍ତି। ଫୁଲବାଣୀ ସହରଠାରୁ ମାତ୍ର ୫/୬ କିମି ଦୂର ତୁଡିପାଜୁ ପଞ୍ଚାୟତରେ ଏଭଳି ଘଟଣା ଦେଖିବାକୁ ମିଳିଛି । ଏହି ପଞ୍ଚାୟତ ଅଧୀନ ବୁଢ଼ାଦାନୀ ଗ୍ରାମର ୪ ୱାର୍ଡର ଲୋକେ ନିକଟସ୍ଥ ନାଳରୁ ପାଣି ଆଣି ପିଇବାକୁ ବାଧ ହେଉଛନ୍ତି।

ଆରଡବ୍ଲ୍ୟୁଏସ୍ଏସ୍ ପକ୍ଷରୁ ପ୍ରାୟ ୧୦ ଲକ୍ଷ ଟଙ୍କା ବ୍ୟୟରେ ବୁଢ଼ାଦାନୀରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲା। ଗ୍ରାମର ବିଭିନ୍ନ ୱାର୍ଡକୁ ପାଇପ ବିଛାଯାଇ ପାଣି ମଧ୍ୟ ଯୋଗାଇ ଦିଆଯାଉଥିଲା । ତେବେ ୬ ମାସ ହେଲା ଏହା ଅଚଳ ହୋଇପଡିଛି । କମ୍ ଭୋଲଟେଜ ଯୋଗୁ ମୋଟର ଚାଲି ପାରୁନାହିଁ। ତେଣୁ ନାଳର ଦୂଷିତ ପାଣି ପିଇବାକୁ ବାଧ ହେଉଛୁ ବୋଲି ସରପଞ୍ଚ ମୃତ୍ୟୁଞ୍ଜୟ କହଁର ପ୍ରକାଶ କରିଛନ୍ତି। ଜଳକୁ ବିଶୁଦ୍ଧ କରିବାକୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହେଲୋଜିନ୍ ବଟିକା ଉପଲବ୍ଧ ହେଉନି । ଲୋକେ ଦୂଷିତ ପାଣି ପିଇ ରୋଗାକ୍ରାନ୍ତ ହେଉଛନ୍ତି। ପାନୀୟ ଜଳ ଯୋଗାଣ ପାଇଁ ଯେଉଁ ପାଇପ ବିଛା ଯାଇଥିଲା ତାହା ଫାଟି ଗଲାଣି । ଗ୍ରାମରେ ପଦରସାହିରେ ଥିବା ଦୁଇଟି ନଳକୂପରୁ ଲୌହ ମିଶ୍ରିତ ପାଣି ବାହାରୁଥିବାରୁ ତାହା ପିଇବା ଉପଯୋଗୀ ନୁହେଁ । ପାନୀୟ ଜଳ ପାଇଁ ପଦରସାହି, ଝାରୁକୁମ୍ପା, ସାତା ସାହି, ତଳ ସାହିର ୧୫୦ରୁ ଊର୍ଦ୍ଧ୍ୱ ପରିବାରର ପ୍ରାୟ ୧୦୦୦ ଲୋକେ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଥିବା ପୂର୍ବତନ ସମିତି ସଭ୍ୟ ବିନାୟକ ଗଣ୍ଡ ପ୍ରକାଶ କରିଛନ୍ତି। ସେହିପରି ତିଳୋତ୍ତମା ବେହେରା, କୁନୀ ଗଣ୍ଡ, ନବୀନ ବେହେରା, ଗୁପ୍ତେଶ୍ୱର ଗଣ୍ଡ, ରଦିନା ଗଣ୍ଡ, ବିକ୍ରମ ବେହେରା ପ୍ରମୁଖ ପାଣି ପାଇଁ ଗ୍ରାମଠାରୁ ଅଧ କିମି ଦୂର ନାଳକୁ ଯାଉଥିବା କହିଛନ୍ତି। ରାତିରେ ପାଣି ଆବଶ୍ୟକ ପଡିଲେ ସକାଳ ଯାଏ ଅପେକ୍ଷା କରିବାକୁ ପଡେ। ପ୍ରକଳ୍ପ ତୁରନ୍ତ କାର୍ଯ୍ୟକ୍ଷମ ହେଲେ ଉପକୃତ ହେବୁ ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ ଆରଡବ୍ଲ୍ୟୁଏସ୍ଏସ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ଦେବହରି ପ୍ରଧାନଙ୍କୁ ପଚାରିବାରୁ ସେ ବିଦ୍ୟୁତ୍ ସମସ୍ୟା ଥିବା ସ୍ୱୀକାର କରିଛନ୍ତି। ଆଉ କ'ଣ ସମସ୍ୟା ରହିଛି ଏବଂ ପ୍ରକଳ୍ପ କିପରି କାର୍ଯ୍ୟକାରୀ ହେବ ତାହା ଦେଖିବା ପରେ ଠିକ୍ କରି ପାଣି ଯୋଗାଇ ଦେବେ ବୋଲି ପ୍ରକାଶ କରିଛନ୍ତି।


ମହିଳାମାନେ ନାଳରୁ ପାଣି ଆଣି ଆସୁଛନ୍ତି।

# ଦ୍ୱିତୀକୃଷ୍ଣ ଥିଲେ ସମାଜ ଗଠନର ଶ୍ରେଷ୍ଠ ବିନ୍ଧାଣି : ଇସକଫ୍

ଦିଗପହଣ୍ଡି,୧୪।୫(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତି ଇସ୍‌କଫ୍ ଗଞ୍ଜାମ ଜିଲା ପରିଷଦ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଏମ୍‌ପି ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ବିୟୋଗରେ ଅନୁଷ୍ଠିତ ସଭାରେ 'ଇସକଫ' ଜିଲା ସଭାପତି ହରପ୍ରସାଦ ରଥ ସଭାପତିତ୍ୱ କରିଥିଲେ। ବିଡିଓ ହଳଧର ଶବର, ଆସିକା ଓକିଲ ସଂଘପୂର୍ବତନ ସଭାପତି ସୁରେନ୍ଦ୍ର ନାଥ ପଣ୍ଡା, ଇସ୍‌କଫ୍‌ର କେନ୍ଦ୍ରୀୟ ନେତା ଗୋକୁଳଚନ୍ଦ୍ର ପଣ୍ଡା, ଛତ୍ରପୁରର ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ବିଜେଡି ଜିଲା ଉପସଭାପତି କେ.ହରିବନ୍ଧୁ ରେଡ୍ଡୀ, ବରିଷ୍ଠ ନେତା ଶମ୍ଭୁ ପଣ୍ଡା, ଖେମୁଣ୍ଡି ଓକିଲ ସଂଘ ସଭାପତି ରସାନନ୍ଦ ରାଉତ, ଏନ୍‌ଏସି ପୂର୍ବତନ ନଗରପାଳ ପ୍ରଫୁଲ୍ଲ କୁମାର ପଣ୍ଡା, ହୃଦୟ ରଞ୍ଜନ ମେକାପ, ଉଦୟ ନାଥ ସ୍ୱାଇଁ, କମ୍ୟୁନିଷ୍ଟ ନେତା ଅଳକନାଥ ମିଶ୍ର, ଏଆଇୱାଇଏଫ ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦ୍ୱିତୀକୃଷ୍ଣ ବାବୁ ସମାଜ ଗଠନର ଜଣେ ଶ୍ରେଷ୍ଠ ବିନ୍ଧାଣି ଥିଲେ ବୋଲି ମତପ୍ରକାଶ କରିଥିଲେ। ଇସ୍‌କଫ ଜିଲା ସମ୍ପାଦକ ବିଦେଶୀ ନାହାକ ଧନ୍ୟବାଦ ଅର୍ପଣ କରିଥିଲେ।

## ଫନୀ ବିପନ୍ନଙ୍କ ପାଇଁ ଗଞ୍ଜାମର ସହାୟତା

# ପୁଣି ମୁଖ୍ୟମନ୍ତ୍ରୀଙ୍କୁ ୩୯ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ

ଛତ୍ରପୁର,୧୪।୫(ଡି.ଏନ.ଏ)

ଫନୀ ବାତ୍ୟା ବିପନ୍ନଙ୍କ ପାଇଁ ପୁଣି ଗଞ୍ଜାମ ଜିଲାର ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡକୁ ୩୯ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହାକୁ ମିଶାଇ ସହାୟତା ରାଶି ୭୧ ଲକ୍ଷ ଟଙ୍କାରେ ପହଞ୍ଚିଛି। ଗଞ୍ଜାମ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଦେବବ୍ରତ ସାହୁ ଓ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସବ୍ୟସାଚୀ ହୋତା ମଙ୍ଗଳବାର ଭୁବନେଶ୍ୱର ଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏହି ଚେକ୍ ପ୍ରଦାନ କରିଛନ୍ତି। ପୂର୍ବରୁ ଗଞ୍ଜାମ ଜିଲାପ୍ରଶାସନ ପକ୍ଷରୁ ବାତ୍ୟା ବିପନ୍ନଙ୍କ ପାଇଁ ସରକାରୀ କର୍ମଚାରୀ ଓ ଅଧିକାରୀମାନଙ୍କ ଦ୍ୱାରା ଦିଆଯାଇଥିବା ୩୦ ଲକ୍ଷ ଟଙ୍କା ଓ ଗଞ୍ଜାମ ତହସିଲ କାର୍ଯ୍ୟାଳୟର କର୍ମଚାରୀ ମାନଙ୍କର ୨ ଲକ୍ଷ ଟଙ୍କାର ଚେକ୍ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ମଙ୍ଗଳବାର ଏସମ୍ପର୍କରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି। ଗଞ୍ଜାମ ଜିଲାପ୍ରଶାସନ ପକ୍ଷରୁ ପୁରୀ ଜିଲାକୁ ୧୭ଟି ଟ୍ରକ୍‌ରେ ରିଲିଫ୍ ପଠାଯିବା ସହ ଅଙ୍ଗନୱାଡି କେନ୍ଦ୍ରକୁ ଛତୁଆ ଦିଆଯାଇଥିବା ଜିଲାପାଳ କହିଛନ୍ତି।



ମୁଖ୍ୟମନ୍ତ୍ରୀଙ୍କୁ ଚେକ୍ ପ୍ରଦାନ କରାଯାଉଛି।

# ୧ କୁଇଣ୍ଟାଲ ଗଞ୍ଜେଇ ଜବତ, ଜଣେ ଗିରଫ

ଫିରିଙ୍ଗିଆ,୧୪।୫: ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡା ଥାନା ପୋଲିସ ସଲାଗୁଡା ଗ୍ରାମ ନିକଟରେ ଚଢ଼ାଉ କରି ୧ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଡମ୍ବୁରୁଧର ରଣାଙ୍କୁ ଗିରଫ କରାଯାଇଛି। ଏ ନେଇ ଥାନାରେ ନଂ. ୩୧/୧୯ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସଲାଗୁଡା ଗ୍ରାମ ପାଖ ଏକ ଛକରେ ଡମ୍ବରୁଧର କିଛି ବସ୍ତା ପାଖରେ ରଖି ଠିଆ ହୋଇଥିବା ବେଳେ ପୋଲିସ ହାବୁଡ଼ରେ ପଡିଥିଲେ। ପୋଲିସ ଉକ୍ତ ବସ୍ତା ଯାଞ୍ଚ କରିବାରୁ ସେଥିରୁ ଗଞ୍ଜେଇ ମିଳିଥିଲା ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କରାଯିବ ଚାରା ରୋପଣ

**ଛତ୍ରପୁର,୧୪।୫(ଡି.ଏନ.ଏ):** ଫନୀ ବାତ୍ୟାରେ ଗଞ୍ଜାମ ଜିଲାରେ ବହୁ ଗଛର କ୍ଷତି ହୋଇଯାଇଛି। ତେଣୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଜିଲାର ବିଭିନ୍ନ ଗ୍ରାମାଞ୍ଚଳରେ ଚାରା ରୋପଣ କରାଯିବାକୁ ନିଷ୍ପତ୍ତି ହୋଇଛି। ଏ ନେଇ ମଙ୍ଗଳବାର ଛତ୍ରପୁରସ୍ଥିତ ଜିଲାପରିଷଦ ଭବନ ସମ୍ମିଳନୀ ଗୃହରେ ଡିଆର୍‌ଡିଏ ଏପିଡି ଦେବବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଥିଲା। କିଭଳି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଚାରା ରୋପଣ ପାଇଁରଖାଯିବାକୁଥିବା ଲକ୍ଷ୍ୟ ପୂରଣ ହେବ ସେ ଉପରେ ଗୁରୁତ୍ୱାରୋପ କରିଥିଲେ। କେଉଁ ସ୍ଥାନରେ ଚାରା ରୋପଣ ହେବ ସେ ଉପରେ ଥିବା ଗାଇଡଲାଇନ୍ ଉପରେ ଆଲୋଚନା ହୋଇଥିଲା। ଔଷଧୀୟ ଚାରା ରୋପଣ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବିଭିନ୍ନ ପ୍ରକଳ୍ପ ପାଇଁ ପ୍ରସ୍ତୁତ ହେଉଥିବା ଏଷ୍ଟିମେଟ୍ ସମ୍ପର୍କରେ ମଧ୍ୟ ତାଲିମ ଦିଆଯାଇଥିଲା। ଓଏସ୍‌ଡିପି ସୁଚିବାବୁ ପାତ୍ରଙ୍କ ସମେତ ସମସ୍ତ ବ୍ଲକର ଅତିରିକ୍ତ ପ୍ରକଳ୍ପ ଅଧିକାରୀ, ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

# ସବ୍‌ଜଜ୍‌ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଖଲ୍ଲିକୋଟ,୧୪।୫(ଡି.ଏନ୍.ଏ.):** ଖଲ୍ଲିକୋଟ ସବ୍‌ଜଜ୍ ପ୍ରଶାନ୍ତ କୁମାର ବେହେରାଙ୍କ ଅନ୍ୟତ୍ର ବଦଳି ହୋଇଥିବାରୁ ଖଲ୍ଲିକୋଟ ଓକିଲ ସଂଘ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ମଙ୍ଗଳବାର କୋର୍ଟ ପରିସରରେ ବାର୍ ସଭାପତି ରାଜେନ୍ଦ୍ର ପ୍ରସାଦ ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଖଲ୍ଲିକୋଟ ଏଡିଜେ (ଆଡିସିନାଲ୍ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ) ଶ୍ରୀନିବାସ ପ୍ରତିହାରୀ, ଜେଏମ୍‌ଏଫ୍‌ସି ଶାନ୍ତାଶ୍ରୀ ମାହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ସବ୍‌ଜଜ୍ ପ୍ରଶାନ୍ତଙ୍କ ଖଲ୍ଲିକୋଟ କୋର୍ଟରେ ୨ବର୍ଷ ୨ମାସ କାର୍ଯ୍ୟକାଳରେ ଏଡିଜେ କୋର୍ଟ ପ୍ରତିଷ୍ଠା ଏବଂ ପଞ୍ଚ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଆଦି ବହୁ ଉନ୍ନତିମୂଳକ କାର୍ଯ୍ୟ ହୋଇଥିଲା। ଉକ୍ତ ସଭାରେ ଆଇନଜୀବୀ ଗୋବିନ୍ଦ ଆଚାର୍ଯ୍ୟ, ଚକ୍ରପାଣି ସ୍ୱାଇଁ, ବିପ୍ର ଚରଣ ସାହୁ, ପ୍ରଶାନ୍ତ କୁମାର ପଣ୍ଡା, ହାଇକୋର୍ଟରୁ ଆସିଥିବା ଆଇନଜୀବୀ ତାପସ କୁମାର ଆଚାର୍ଯ୍ୟ, ସୀମାଞ୍ଚଳ ବେହେରା, ଅଭିମନ୍ୟୁ ଗୌଡ଼, ନୀଳାମ୍ବର ଶତପଥୀ, ସନ୍ତୋଷ ମିଶ୍ରଙ୍କ ସମେତ କୋଦଳା, ବ୍ରହ୍ମପୁର ଆଦି କୋର୍ଟରୁ ଆସିଥିବା ଓକିଲ ଉପସ୍ଥିତ ଥିଲେ।


ଉପସ୍ଥିତ ଅତିଥିବୃନ୍ଦ।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

WALK-IN-INTERVIEW
1. Marketing Executive (4 Persons), 2. Stewards (4 Persons-Male)3. Captain (1 Person), 4. Reception (4 Persons), 5. House Keeping (4 Persons)
All candidates are requested keep your complete CV towards Educational Certificates, Hospitality Experience Certificate, 2 Nos. of Passport Photo. Salary best in Industry.
Date of Interview : 20.05.2019 (Monday) from 11 AM to 5 PM
Contact : HOTEL TAZZ ODISHA, 126/A, Ashok Nagar, Bhubaneswar-751009
Mob : 9040698560, 7978982455

REQUIRED
LADY BEAUTICIAN FOR M/S PUJA LADY PARLOUR
AT- BAPUJI NAGAR, BBSR
CONTACT- 7205846924 6371332743

Contact: 9938414918
Bhubaneswar ଅଫିସ୍ ପାଇଁ 10th/ above Candidates (M/F) ଆବଶ୍ୟକ। ବୟସ: (18-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24000/-.

URGENT REQUIRED
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରେ Candidate ଆବଶ୍ୟକ। ଦରମା: 27,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact: 8339922964

ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ନିଯୁକ୍ତି ପାଇଁ
ସମସ୍ତ ଜିଲ୍ଲାରୁ ପ୍ରାର୍ଥୀ ଆବଶ୍ୟକ ।
ଯୋଗ୍ୟତା - ୧୦ମ ରୁ ଊର୍ଦ୍ଧ୍ୱ
ଦରମା - ୭୦୦୦/- ରୁ ୩୫୦୦୦/-
7894509327

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Contact: 9938676412

ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
M : 8895725158, 6370827728

REQUIRED A leading distribution house of Bhubaneswar requires.
1. Sales Manager : Graduate with 5 to 7 years of experience in Sales & Marketing having leadership quality.
2. Sales Executive : Graduate with 2 to 3 years of experience in Sales & Marketing under a distributor.
3. Account Executive : B.Com with 2 to 3 years of experience in Accounts having knowledge of Tally.
Salary : Negotiable
Interested candidates can mail their resume with fresh photograph to
E-mail : hr.rctpl@gmail.com or
Mob.: 9437329938, 9853399288 (10 A.M. to 8 P.M.)

DIRECT JOINING
Customer Service (A-D2H), Data Entry, Back Office, Receptionist (ଓଡିଆ)
Salary : Rs.8000 To Rs.15000
9090658710, 6372928855

ଆବଶ୍ୟକ
ଭୁବନେଶ୍ୱରରେ ଥିବା ହୋଟେଲ ପାଇଁ ହେଲପର ଓ ସପ୍ଲାୟର ଆବଶ୍ୟକ
ଯୋଗାଯୋଗ
9040566755
9437353936

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., ମାସିକ ଦରମା upto Rs.25000/-.
Contact Immediately
Mob: 8763257042

ଆବଶ୍ୟକ
ହୋଟେଲ୍ ତାଜ୍ ପ୍ୟାଲେସ୍, ଭୁବନେଶ୍ୱରରେ ରୁମ୍ ବଏ ଏବଂ ସୁଇପର ଆବଶ୍ୟକ। ସମୟ :- ସକାଳ ୧୦.୦୦ଟା ରୁ ରାତି ୮.୦୦ଟା ରହିବା ଓ ଖାଇବା ସୁବିଧା ଅଛି।
ଯୋଗାଯୋଗ
୯୪୩୮୧୪୩୨୦୮

OFFICE OF THE DISTRICT JUDGE, RAYAGADA
150 YEARS OF CELEBRATING THE MAHATMA
Advt No.01/15.05.2019
Applications in the prescribed format are invited from intending candidates for recruitment of various base level vacant posts of Junior Clerk/Copyist, Junior Typist, Stenographer Grade-III and Salaried Amin in Group- 'C' cadre of Rayagada Judgeship for the year, 2019 is hereby notified for general information as follows:

| Name of Post | Scale of Pay | Scheduled Tribe | Scheduled Caste | S.E.B.C | UR | Total |
|---|---|---|---|---|---|---|
| Junior Clerk/ Copyist | As per ***level-04 in pay Matrix (First Schedule) of ORSP Rules, 2017*** with usual D.A. and other allowances as admissible from time to time | 2 (2-Female) | 2 (1-Female) | -- | -- | 4 |
| Junior Typist | | 1 (1-Female) | -- | -- | -- | 1 |
| Stenographer Grade-III | As per ***level-07 in pay Matrix (First Schedule) of ORSP Rules, 2017*** with usual D.A. and other allowances as admissible from time to time | -- | 1 | -- | -- | 1 |
| Salaried Amin | As per ***level-05 in pay Matrix (First Schedule) of ORSP Rules, 2017*** with usual D.A. and other allowances as admissible from time to time | -- | -- | -- | 1 | 1 |
| Grand Total | | 3 | 3 | -- | 1 | 7 |

Reservation and age relaxation in respect of reserved categories of candidates shall be in accordance with the provisions of the Acts, Rules, Orders or Instructions for the time being in force, for the respective reserved categories. Last date of receipt of application form is **15.06.2019, 5.00 P.M.**
For details please visit: https://districts.ecourts.gov.in/rayagada
BY ORDER OF THE DISTRICT JUDGE
Sd./- Registrar, Civil Courts, Rayagada

URGENT REQUIREMENT
For Male **HELPERS** to work in Hyderabad and Visakhapatnam
Good Salary and Accommodation.
Ph: 6305484850

କାର ଡ୍ରାଇଭର
ଜଗତପୁର ଅଫିସ ପାଇଁ ଆବଶ୍ୟକ
ଯୋଗାଯୋଗ
Mob No.- 7381075901 9437496020

See Career Appointment on every Wednesday & Saturday

A Leading Consultancy Group requires the following personnel urgently

| Sl | Name of the post | Qualification & Experience |
|---|---|---|
| 1 | Manager – HR | MBA (HR) with 8 - 12 yrs or above experience, preference will be given to candidates having experience in hotel industry |
| 2 | Asst. Mgr. – HR | MBA (HR) with 5-7 yrs or above experience, preference will be given to candidates having experience in hotel industry |
| 3 | HR Executive | MBA (HR) with 3 - 5 yrs or above experience, preference will be given to candidates having experience in hotel industry |
| 4 | Sales Mgr. | MBA Mktg / Hotel Mgmt with More than 7 yrs of experience |

Candidates having experience in Hotel Industry will be given preference. The posting will be within Odisha.
Salary will commensurate with Qualification, Experience & Efficiency
Candidates may apply within seven days to Email:cservicesbbsr@gmail.com

WANTED
ଧରିତ୍ରୀ DHARITRI Oriya daily
is looking for
SENIOR ACCOUNTS EXECUTIVES
- The candidate should have at least 5 years+ experience in the field of Accounts.
- Experience includes day to day accounting, preparation of all statutory reports and returns like VAT, Excise, Internal Audit, MIS, Service Tax return submission, verification of Bills.
- Proficiency in MS Excel, MS Word & Tally is a must.

SENIOR OFFICE EXECUTIVES (ADVERTISEMENT)
- Graduates with 5 years+ experience in back office work.
- Responsibility will include maintaining data, billing and schedule of advertisements.
- Candidates should be well equipped with Excel, MS Office & should have basic knowledge of Tally.

Apply immediately to : recruitment@dharitri.com
Attractive salary commensurate with experience

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

■ ଏମ୍‌ପିସି ଅଟୋନୋମସ କଲେଜ

# ମୋବାଇଲ ଟର୍ଚ୍ଚରେ ଯୁକ୍ତ ଦୁଇ ଖାତାଦେଖା

ବାରିପଦା ଅଫିସ,୧୪।୫

ମୟୂରଭଞ୍ଜ ଜିଲା ବାରିପଦା ତକତପୁରସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ଅଟୋନମସ କଲେଜ (ଏମପିସି )ରେ ମଙ୍ଗଳବାର ମୋବାଇଲ ଟର୍ଚ୍ଚରେ ଯୁକ୍ତ ଦୁଇ ଖାତା ଦେଖା ହୋଇଛି। ବାରିପଦା ସହର ଓ ତା'ର ଆଖପାଖ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନ ୩ ଟା ବେଳେ କାଳବୈଶାଖୀ ଯୋଗୁ ପ୍ରବଳ ଝଡ ତୋଫାନ ସହ ବର୍ଷା ହୋଇଥିଲା। ସହରରେ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ, ବିଦ୍ୟୁତ ଖୁଣ୍ଟ ଉପୁଡ଼ି ପଡିବାରୁ ବିଦ୍ୟୁତ ସରବରାହ ବନ୍ଦ ହୋଇଯାଇଥିଲା।

## କାଳବୈଶାଖୀ ପ୍ରଭାବ

ଏମପିସି ଅଟୋନୋମସ କଲେଜରେ ଏହି ସମୟରେ ଯୁକ୍ତ ଦୁଇ ଖାତା ଦେଖା ଚାଲିଥିଲା। ମୋବାଇଲର ଟର୍ଚ୍ଚ ଜାଳି ଅଧ୍ୟାପକମାନେ ଖାତା ଦେଖିଥିଲେ। କଲେଜ କର୍ତ୍ତୃପକ୍ଷ ବିକଳ୍ପ ବ୍ୟବସ୍ଥା କରି ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କେତେ ଜଣ ଅଧ୍ୟାପକ କହିଛନ୍ତି। ଏ ନେଇ କଲେଜ ଅଧ୍ୟକ୍ଷ ଦୁର୍ଗାଚରଣ ପାତ୍ରଙ୍କୁ ପଚାରିବାରୁ ପ୍ରବଳ ବର୍ଷା ଓ ଝଡ଼ ତୋଫାନ ହେବାରୁ କଲେଜର କର୍ମଚାରୀମାନଙ୍କ ଦ୍ୱାରା ଜେନେରେଟର ଚଳାଇବା ସମ୍ଭବ ହୋଇ ନ ଥିଲା। ମୋବାଇଲ ଟର୍ଚ୍ଚରେ ଖାତାଦେଖା ଅଳ୍ପ ସମୟ ପାଇଁ ହୋଇଥିଲା। ପରେ ଖାତା ଦେଖା ବନ୍ଦ କରିଦିଆଯାଇଥିଲା ବୋଲି ସେ କହିଛନ୍ତି।


**PARADIP PORT TRUST**

**CORRIGENDUM TO E-TENDER CALL NOTICE NO. EM/MM/P/FIRE/02/2019/532,DT. 23.04.2019 FOR SUPPLY OF AQUEOUS FILM FORMING FOAM (AFFF)**

The price in BOQ should be quoted on FOR Paradip basis including packing & forwarding charges, freight, insurance and excluding GST as per clause no. 14 under Annexure-V of the e-tender.
**(1). Last Date of submission of tender up to 5.30 PM of Dt. 22.05.2019. (2). Opening of Technical Bid at 3.30 PM of Dt. 24.05.2019.** However, all other terms and conditions of the e-tender remained unchanged.

**Sr. Dy. Materials Manager**
**PPT/PR/51/2019-20, Dt.14.05.2019**

**PARADIP PORT TRUST**

**CORRIGENDUM TO TENDER CALL NOTICE NO. EM/MM/P/STEEL/07/2018 (Pt)/1904TDR71. DT. 11/04/2019 FOR SUPPLY OF STEEL MATERIALS**

The due date of submission of Tender & opening of Technical Bid is hereby further extended as below.
1. Last Date of submission of tender up to 13.30 hour of **Dt. 21/05/2019.** 2. Opening of Technical Bid at 15.30 hour of **Dt. 21/05/2019.** All other terms and conditions in the original tender remained unaltered. For details of the tender interested bidders may log on to our website www.paradipport.gov.in or contact the office of the undersigned.

**Sr. Dy. Materials Manager**
**Paradip Port Trust**
PPT/PR/45/19-20 Dt. 14/05/2019

**PARADIP PORT TRUST**

**e-Tendering Notice**

Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from bidders for supply of **Different type of nut & bolt.** The last date and time of submission of the tender is **17.15 hrs. on 04.06.2019.** For details, log on to website : **https://eprocure.gov.in/eprocure/app**

Sr. Dy. Materials Manager
PPT/PR/56/19-20 Dt : 14.05.19

**PARADIP PORT TRUST**

**CORRIGENDUM-III TO E-TENDER CALL NOTICE NO. EM/MM/PE/04/ 2018/1902TDR41, DT. 28.02.2019 FOR SUPPLY OF ELECTRICAL ITEMS**

The due date of submission of Tender & opening of EMD Bid is hereby further extended as below: **1.** Last Date of submission of tender up to **5.00 PM of Dt. 22.05.2019. 2.** Opening of EMD Bid at **3.30 PM of Dt. 24.05.2019.** All other terms and conditions in the original tender remained unaltered. For details, log on to our website **https://eprocure.gov.in/eprocure/app** or contact the office of the undersigned.

**Sr. Dy. Materials Manager**
PPT/PR/49/2019-20, Dt. 14.05.2019

**SHRI JAGANNATH SANSKRIT VISHVAVIDYALAYA, SHRI VIHAR, PURI**

**No. 1249 /** **NOTIFICATION** **Date: 14.05.19**

It is for the information of all concerned that Shikshashastri Entrance Test (S.S.E.T), 2019 conducted by this Vishvavidyalaya which was scheduled to be held on 05.05.2019 has been rescheduled to be held on 26.05.2019 from 10.00 AM to 12.00 Noon in the centres as notified earlier.

By order of Vice-Chancellor
**Sd./-**
**Controller of Examinations**

**Indian Red Cross Society**

**(District Branch, Cuttack)**

**Notice No.1123/RC.** **Dt: 09.05.2019**

Sealed tender from intending bidders are initiated for procurement and installation of HBOT machine at City Hospital, Cuttack. Tenderers may visit District Website- www.cuttack.nic.in for DTCN.

Sd./- Honorary Secretary IRCS,
District Red Cross Branch, Cuttack

**ODISHA ADARSHA VIDYALAYA SANGATHANA**

**N-1/9, NAYAPALLI, PO.- SAINIK SCHOOL, BHUBANESWAR-751005** No.05-n

**Recruitment of Principals and Teachers in Odisha Adarsha Vidyalayas (OAVs) in Odisha, 2019.**

**Announcement for Computer Based Test (CBT)- Revised schedule for CBT**

Due to administrative reasons, the timing & shift of examination date has been changed only for 2nd shift of 21.05.2019 (Tuesday) of three teaching posts i.e. PGT (Physics), TGT (English) and Computer Teacher. Now Computer based text/examination for these posts will be conducted in 1st shift on 22.05.2019 (Wednesday). However, computer based test/ examination for the remaining posts remain unchanged.

There is no change in examination centre as allotted to the candidates earlier. The candidates for the post of PGT physics, TGT English & Computer Teacher have been intimated through sms and e-mail and they are required to download new admit card for 22.05.2019. The admit card downloaded for 21.05.2019 will not be valid.

All candidates are advised to visit OAVS website i.e. www.oavs.in regularly to know the updates.

Sd./- 14.05.2019
State Project Director
OAVS

27029/11/0002/1920

**SHRI JAGANNATH SANSKRIT VISHVAVIDYALAYA, SHRI VIHAR, PURI**

**No. 1245 /** **NOTIFICATION** **Date: 14.05.19**

In continuation to this office Notice No. 1221 dated 01.05.2019, it is hereby notified that the Shikshashastri Ist Year and IInd Year Examinations, 2019 are rescheduled as follows.

PROGRAMME

| Shikshashastri Ist Year | | Shikshashastri IInd Year | |
|---|---|---|---|
| 22.05.2019 | Paper-I | 23.05.2019 | Paper-VII |
| 24.05.2019 | Paper-II | 25.05.2019 | Paper-VIII |
| 27.05.2019 | Paper-III | 28.05.2019 | Paper-IX |
| 29.05.2019 | Paper-IV | 30.05.2019 | Paper-X |
| 31.05.2019 | Paper-V | | |

By order of Vice-Chancellor
**Sd./-**
**Controller of Examinations**

**MAHANADI COALFIELDS LIMITED**
(A Subsidiary of Coal India Limited)
JAGRUTI VIHAR, BURLA-768020, DIST : SAMBALPUR (ODISHA)
Tel. Phone (EPABX) : 0663-2542461 to 469, Website : www.mahanadicoal.in

**GENERAL TENDER NOTICE FOR e-PROCUREMENT**

**Mahanadi Coalfields Limited (MCL)** is inviting its Tenders having estimated value of ₹ 2.00 Lakhs and above related to WORKS (Civil works, Electrical & Mechanical works etc.), SERVICES (Coal transportation, coal loading, extraction of coal by Surface Miner, Overburden removal etc.) and GOODS (Procurement of equipments, spares, consumables, medicines etc. and Hiring of Vehicles) through e-Procurement mode. However all the Limited Tenders pertaining to procurement of Goods irrespective of value will be published in the e-Procurement portal. Tender Notices can be viewed on the e-Procurement portal of CIL **(https://coalindiatenders.nic.in)** as well as on the Central Public Procurement portal of Govt. of India **(http://eprocure.gov.in)**. Bids are to be submitted ONLINE on the above e-Procurement portal of CIL by enrolled Bidders. EMD can also be submitted online. Enrollment of Bidders on the e-Procurement portal of CIL is free of cost and can be done online by the bidders themselves, having valid Digital Signature Certificate (DSC). Bidders are requested to regularly visit above e-Procurement portal of CIL for enrollment and participation in Tenders.**[Contact details: Tel.-0663-2542264/2542695** (available during office hours only); **email- hlp-eproc.mcl@nic.in ]** R-4908

*Give a missed call on toll free number 1800 200 3004 to get our apps.*


# ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

## ପାଠ୍ୟପୁସ୍ତକ ବିକ୍ରୟ ବିଜ୍ଞାପନ (ଶିକ୍ଷାବର୍ଷ: ୨୦୧୯-୨୦)

**No. 06-n:-** ଏତଦ୍ୱାରା ରାଜ୍ୟର ବିଭିନ୍ନ ଅଣଅନୁଦାନପ୍ରାପ୍ତ ବେସରକାରୀ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀଠାରୁ ଅଷ୍ଟମୀ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀ ତଥା ଅଭିଭାବକମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ସରକାରଙ୍କ ନିର୍ଦ୍ଦେଶକ୍ରମେ ୨୦୧୯-୨୦ ଶିକ୍ଷାବର୍ଷ ପାଇଁ ପ୍ରଚଳିତ ସମସ୍ତ ଜାତୀୟକରଣ ପାଠ୍ୟପୁସ୍ତକ ନିର୍ଦ୍ଧାରିତ ମୂଲ୍ୟରେ ପ୍ରତ୍ୟେକ ଜିଲ୍ଲାର ନିମ୍ନଲିଖିତ ସ୍ଥାନମାନଙ୍କରେ ବିକ୍ରୟ କରାଯାଉଛି। ବହି କିଣିବା ସମୟରେ ସମ୍ପୃକ୍ତ ଅଧିକାରୀଙ୍କ ସହି ମୋହର ପରଖି ବହିକୁ ଉଚିତ ମୂଲ୍ୟରେ କିଣନ୍ତୁ। ବହିଗୁଡ଼ିକର ମୂଲ୍ୟସୂଚୀ ଏଥିସହିତ ଜଣାଇ ଦିଆଯାଉଅଛି। ଏହାର ସୁଯୋଗ ନେବା ପାଇଁ ଅନୁରୋଧ କରାଯାଉଅଛି।

### ବିକ୍ରୟ କେନ୍ଦ୍ରର ନାମ

| କ୍ର.ନଂ. | ଜିଲ୍ଲାର ନାମ | ବିକ୍ରୟ କେନ୍ଦ୍ର ସଂ. | ବିକ୍ରୟ କେନ୍ଦ୍ରର ନାମ |
|---|---|---|---|
| ୧ | ଅନୁଗୁଳ | ୨ | ବି.ଆର.ସି. କାର୍ଯ୍ୟାଳୟ, ଅନୁଗୁଳ<br>ବି.ଆର.ସି. କାର୍ଯ୍ୟାଳୟ, ତାଳଚେର |
| ୨ | ବାଲେଶ୍ୱର | ୨ | ବି.ଆର.ସି. କାର୍ଯ୍ୟାଳୟ, ସଦର ବାଲେଶ୍ୱର<br>ବି.ଆର.ସି. କାର୍ଯ୍ୟାଳୟ, ବାଲିଆପାଳ |
| ୩ | ବରଗଡ଼ | ୨ | ବି.ଆର.ସି. କାର୍ଯ୍ୟାଳୟ, ବରଗଡ଼<br>ବି.ଆର.ସି. କାର୍ଯ୍ୟାଳୟ, ପଦ୍ମପୁର |
| ୪ | ଭଦ୍ରକ | ୩ | ପୋପଜିଙ୍ଗ ପ୍ରାଇମେରୀ ସ୍କୁଲ, ଜଗନ୍ନାଥପୁର ବ୍ରହ୍ମପୁର<br>ନୋଡ଼ାଲ ଉପ୍ରା ସ୍କୁଲ, ବ୍ରହ୍ମପୁର<br>ବି.ଆର.ସି. କାର୍ଯ୍ୟାଳୟ,ଚାନ୍ଦବାଲି |
| ୫ | ବଲାଙ୍ଗୀର | ୨ | ଡି.ପି.ଓ., ଏସ୍.ଏସ୍.ଏ., ବଲାଙ୍ଗୀର<br>ବି.ଆର.ସି. କାର୍ଯ୍ୟାଳୟ,ଟିଟିଲାଗଡ଼ |
| ୬ | ବୌଦ୍ଧ | ୧ | ଡି.ପି.ଓ., ଏସ୍.ଏସ୍.ଏ., ବୌଦ୍ଧ |
| ୭ | କଟକ | ୩ | ୟୁ.ଆର.ସି. ମର୍କତନଗର ପ୍ରାଇମେରୀ ସ୍କୁଲ, ସେକ୍ଟର-୭<br>ବି.ଆର.ସି. କାର୍ଯ୍ୟାଳୟ, ନିଶ୍ଚିନ୍ତକୋଇଲି |
| ୮ | ଦେଓଗଡ଼ | ୧ | ବି.ଆର.ସି. କାର୍ଯ୍ୟାଳୟ, କଟକ ସଦର<br>ବାଳକ ପ୍ରାଇମେରୀ ସ୍କୁଲ, ଦେଓଗଡ଼ |
| ୯ | ଢେଙ୍କାନାଳ | ୨ | ମୁଖ୍ୟ କାର୍ଯ୍ୟାଳୟ, ଜର୍ଜ ଉପ୍ରା ସ୍କୁଲ, ଢେଙ୍କାନାଳ<br>ବି.ଆର.ସି. କାର୍ଯ୍ୟାଳୟ, କାମାକ୍ଷାନଗର |
| ୧୦ | ଗଜପତି | ୨ | ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି<br>ଚନ୍ଦ୍ରଗିରି ବାଳିକା ଉଚ୍ଚ ବିଦ୍ୟାଳୟ, ଚନ୍ଦ୍ରଗିରି |
| ୧୧ | ଗଞ୍ଜାମ | ୩ | ବି.ଆର.ସି. କାର୍ଯ୍ୟାଳୟ, ଛତ୍ରପୁର<br>ବି.ଆର.ସି. କାର୍ଯ୍ୟାଳୟ, ଆସିକା<br>ବି.ଆର.ସି. କାର୍ଯ୍ୟାଳୟ, ଭଞ୍ଜନଗର |
| ୧୨ | ଜଗତ୍‌ସିଂହପୁର | ୨ | ମୁଖ୍ୟ କାର୍ଯ୍ୟାଳୟ, ବଡ଼ବାଗ କୋ. ଅପରେଟିଭ ଉପ୍ରା ସ୍କୁଲ, ଜଗତ୍‌ସିଂହପୁର<br>ବି.ଆର.ସି. କାର୍ଯ୍ୟାଳୟ, ତିର୍ତ୍ତୋଲ ବ୍ଲକ୍ |
| ୧୩ | ଯାଜପୁର | ୨ | ବି.ଆର.ସି. କାର୍ଯ୍ୟାଳୟ, ଯାଜପୁର<br>ବି.ଆର.ସି. କାର୍ଯ୍ୟାଳୟ, ଯାଜପୁର ରୋଡ଼ (ବ୍ୟାସନଗର) |
| ୧୪ | ଝାରସୁଗୁଡ଼ା | ୧ | ଗଣ୍ଡଘୋରା ଏନ.ୟୁ.ପି.ସି., ଝାରସୁଗୁଡ଼ା |
| ୧୫ | କଳାହାଣ୍ଡି | ୩ | ବି.ଆର.ସି. କାର୍ଯ୍ୟାଳୟ, ଭବାନୀପାଟଣା<br>ବି.ଆର.ସି. କାର୍ଯ୍ୟାଳୟ, ଜୁନାଗଡ଼<br>ବି.ଆର.ସି. କାର୍ଯ୍ୟାଳୟ, କେସିଙ୍ଗା |
| ୧୬ | କନ୍ଧମାଳ | ୧ | ବି.ଆର.ସି. କାର୍ଯ୍ୟାଳୟ, ଫୁଲବାଣୀ |
| ୧୭ | କେନ୍ଦ୍ରାପଡ଼ା | ୨ | ବି.ଆର.ସି. କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ<br>ବି.ଆର.ସି. କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା |
| ୧୮ | କେନ୍ଦୁଝର | ୩ | ବି.ଆର.ସି. କାର୍ଯ୍ୟାଳୟ, ସଦର ବ୍ଲକ୍, କେନ୍ଦୁଝର<br>ବି.ଆର.ସି. କାର୍ଯ୍ୟାଳୟ, ଯୋଡ଼ା<br>ବି.ଆର.ସି. କାର୍ଯ୍ୟାଳୟ, ଆନନ୍ଦପୁର |
| ୧୯ | ଖୋର୍ଦ୍ଧା | ୫ | ବି.ଆର.ସି. କାର୍ଯ୍ୟାଳୟ, ଖୋର୍ଦ୍ଧା<br>ବି.ଆର.ସି. କାର୍ଯ୍ୟାଳୟ, ଖଣ୍ଡଗିରି ନୋଡ଼ାଲ ଉପ୍ରା ବିଦ୍ୟାଳୟ, ଭୁବନେଶ୍ୱର<br>ବି.ଆର.ସି. କାର୍ଯ୍ୟାଳୟ, ବାଣପୁର<br>ସରକାରୀ ପ୍ରାଥମିକ ବିଦ୍ୟାଳୟ, ୟୁନିଟ୍-୨, ଭୁବନେଶ୍ୱର<br>ଚନ୍ଦ୍ରଶେଖରପୁର, ଏଚ୍.ବି.ସି. ପ୍ରାଥମିକ ବିଦ୍ୟାଳୟ, ଚନ୍ଦ୍ରଶେଖରପୁର, ଫେଜ୍-୧, ଭୁବନେଶ୍ୱର |
| ୨୦ | କୋରାପୁଟ | ୩ | ପୋଲିସ ପ୍ରାଇମେରୀ ସ୍କୁଲ<br>ସି.ଆର.ସି.ସି. କାର୍ଯ୍ୟାଳୟ, କୋରାପୁଟ<br>ବି.ଆର.ସି. କାର୍ଯ୍ୟାଳୟ, ସିମିଳିଗୁଡ଼ା<br>ଜୟପୁର ବି.ଆର.ସି. କାର୍ଯ୍ୟାଳୟ, ଜୟପୁର, କୋରାପୁଟ |
| ୨୧ | ମାଲକାନଗିରି | ୧ | ଡି.ପି.ଓ., ଏସ୍.ଏସ୍.ଏ., ମାଲକାନଗିରି |
| ୨୨ | ମୟୂରଭଞ୍ଜ | ୩ | ବି.ଆର.ସି. କାର୍ଯ୍ୟାଳୟ, ବାରିପଦା<br>ବି.ଆର.ସି. କାର୍ଯ୍ୟାଳୟ, ରାଇରଙ୍ଗପୁର<br>ବି.ଆର.ସି. କାର୍ଯ୍ୟାଳୟ, କରଞ୍ଜିଆ |
| ୨୩ | ନବରଙ୍ଗପୁର | ୨ | ବି.ଆର.ସି. କାର୍ଯ୍ୟାଳୟ, ଉମରକୋଟ<br>ବି.ଆର.ସି. କାର୍ଯ୍ୟାଳୟ, ନବରଙ୍ଗପୁର |
| ୨୪ | ନୟାଗଡ଼ | ୨ | ବି.ଆର.ସି. କାର୍ଯ୍ୟାଳୟ, ନୟାଗଡ଼ ବ୍ଲକ୍<br>ବି.ଆର.ସି. କାର୍ଯ୍ୟାଳୟ, ଦଶପଲ୍ଲା ବ୍ଲକ୍ |
| ୨୫ | ନୂଆପଡ଼ା | ୨ | ବି.ଆର.ସି. କାର୍ଯ୍ୟାଳୟ, ନୂଆପଡ଼ା<br>ବି.ଆର.ସି. କାର୍ଯ୍ୟାଳୟ, ଖରିଆର |
| ୨୬ | ପୁରୀ | ୨ | ଏଲ.ଆଇ.ସି. କଲୋନୀ, ୟୁ.ଜି.ୟୁ.ପି, ସ୍କୁଲ, ପୁରୀ<br>ବି.ଆର.ସି. କାର୍ଯ୍ୟାଳୟ, ନିମାପଡ଼ା |
| ୨୭ | ରାୟଗଡ଼ା | ୨ | ବି.ଆର.ସି. କାର୍ଯ୍ୟାଳୟ, ରାୟଗଡ଼ା<br>ବି.ଆର.ସି. କାର୍ଯ୍ୟାଳୟ, ଗୁଣୁପୁର |
| ୨୮ | ସମ୍ବଲପୁର | ୨ | ଆଶାପଲ୍ଲୀ ନୋଡ଼ାଲ ଉପ୍ରା ସ୍କୁଲ, ସମ୍ବଲପୁର<br>ବି.ଆର.ସି. କାର୍ଯ୍ୟାଳୟ, କୁଚିଣ୍ଡା |
| ୨୯ | ସୋନପୁର | ୧ | ଡି.ପି.ଓ., ଏସ୍.ଏସ୍.ଏ., ସୋନପୁର |
| ୩୦ | ସୁନ୍ଦରଗଡ଼ | ୨ | ଡି.ପି.ଓ., ଏସ୍.ଏସ୍.ଏ., ସୁନ୍ଦରଗଡ଼<br>ଜିଲ୍ଲା ନିରୀକ୍ଷକଙ୍କ କାର୍ଯ୍ୟାଳୟ, ରାଉରକେଲା |

### ପାଠ୍ୟପୁସ୍ତକଗୁଡ଼ିକର ମୂଲ୍ୟସୂଚୀ

| କ୍ର.ନଂ. | ବହିର ନାମ | ମୂଲ୍ୟ |
|---|---|---|
| | ପ୍ରଥମ ଶ୍ରେଣୀ | |
| ୧ | ହସଖେଳ ଭାଗ-୧ | ଟ.୧୧.୦୦ |
| ୨ | ହସଖେଳ ଭାଗ-୨ | ଟ.୧୨.୦୦ |
| | ଦ୍ୱିତୀୟ ଶ୍ରେଣୀ | |
| ୩ | ଗଣିତ ଖେଳ | ଟ.୧୬.୦୦ |
| ୪ | ହସଖୁସି | ଟ.୧୯.୦୦ |
| | ତୃତୀୟ ଶ୍ରେଣୀ | |
| ୫ | ଗଣିତ ମଜା | ଟ.୧୬.୦୦ |
| ୬ | ଆମଭାଷା ଆମ ସାହିତ୍ୟ | ଟ.୧୨.୦୦ |
| ୭ | ଜଣା ଅଜଣା | ଟ.୧୬.୦୦ |
| ୮ | ମାଇଁ ଇଂରାଜୀ ବୁକ୍ | ଟ.୨୦.୦୦ |
| | ଚତୁର୍ଥ ଶ୍ରେଣୀ | |
| ୯ | ଗଣିତ କୁହୁକ | ଟ.୨୨.୦୦ |
| ୧୦ | ସାହିତ୍ୟ କଳିକା | ଟ.୧୨.୦୦ |
| ୧୧ | ଆମେ ଓ ଆମ ପରିବେଶ | ଟ.୨୨.୦୦ |
| ୧୨ | ମାଇଁ ଇଂରାଜୀ ବୁକ୍ | ଟ.୧୪.୦୦ |
| | ପଞ୍ଚମ ଶ୍ରେଣୀ | |
| ୧୩ | ମାଇଁ ଇଂରାଜୀ ରିଡର | ଟ.୧୪.୦୦ |
| ୧୪ | ଗଣିତ ଧାରା | ଟ.୨୨.୦୦ |
| ୧୫ | ସାହିତ୍ୟ କୁସୁମ | ଟ.୧୫.୦୦ |
| ୧୬ | ପରିବେଶ ଓ ବିଜ୍ଞାନ | ଟ.୨୨.୦୦ |
| | ଷଷ୍ଠ ଶ୍ରେଣୀ | |
| ୧୭ | ଭାଷା କଳିକା | ଟ.୧୪.୦୦ |
| | | |
| ୧୮ | ଗଣିତ | ଟ.୨୩.୦୦ |
| ୧୯ | ବିଜ୍ଞାନ | ଟ.୧୧.୦୦ |
| ୨୦ | ଆମ ସାହିତ୍ୟ | ଟ.୧୨.୦୦ |
| ୨୧ | ମାଇଁ ଇଂରାଜୀ | ଟ.୧୫.୦୦ |
| ୨୨ | ଇତିହାସ ଓ ରାଜନୀତି ବିଜ୍ଞାନ | ଟ.୧୪.୦୦ |
| ୨୩ | ଭୂଗୋଳ | ଟ.୧୧.୦୦ |
| ୨୪ | ମେରି ହିନ୍ଦୀ କିତାବ | ଟ.୦୮.୦୦ |

| କ୍ର.ନଂ. | ବହିର ନାମ | ମୂଲ୍ୟ |
|---|---|---|
| | ସପ୍ତମ ଶ୍ରେଣୀ | |
| ୨୫ | ଗଣିତ | ଟ.୨୩.୦୦ |
| ୨୬ | ଇଂରାଜୀ ରିଡର | ଟ.୧୪.୦୦ |
| ୨୭ | ସାହିତ୍ୟ ସୌରଭ | ଟ.୧୬.୦୦ |
| ୨୮ | ଇତିହାସ ଓ ରାଜନୀତି ବିଜ୍ଞାନ | ଟ.୧୪.୦୦ |
| ୨୯ | ଭୂଗୋଳ | ଟ.୧୩.୦୦ |
| ୩୦ | ବିଜ୍ଞାନ | ଟ.୨୩.୦୦ |
| ୩୧ | ମେରି ହିନ୍ଦୀ ପୁସ୍ତକ | ଟ.୦୯.୦୦ |
| ୩୨ | ଭାଷା କଳିକା ଭାଗ-୨ | ଟ.୧୧.୦୦ |
| | ଅଷ୍ଟମ ଶ୍ରେଣୀ | |
| ୩୩ | ସାହିତ୍ୟିକା | ଟ.୧୩.୦୦ |
| ୩୪ | ଆମ ବ୍ୟାକରଣ | ଟ.୧୩.୦୦ |
| ୩୫ | ହିନ୍ଦୀ ପାଠ ୮ (ମାତୃଭାଷା) | ଟ.୧୨.୦୦ |
| ୩୬ | ଏ ନିଉ ଆପ୍ରୋଚ ଟୁ ଇଂଲିସ୍ | ଟ.୧୬.୦୦ |
| ୩୭ | ଷ୍ଟୋରିଜ୍ ପାଷ୍ଟ ଆଣ୍ଡ ପ୍ରେଜେଣ୍ଟ | ଟ.୧୦.୦୦ |
| ୩୮ | ସରଳ ସାହିତ୍ୟ | ଟ.୦୯.୦୦ |
| ୩୯ | ନଇ ହିନ୍ଦୀ ଭାରତୀ | ଟ.୦୭.୦୦ |
| | | |
| ୪୦ | ଭାଷା ସୌରଭମ୍ | ଟ.୧୫.୦୦ |
| ୪୧ | ବିଜ୍ଞାନ | ଟ.୨୨.୦୦ |
| ୪୨ | ସରଳ ଗଣିତ (ବୀଜଗଣିତ) | ଟ.୧୮.୦୦ |
| ୪୩ | ସରଳ ଗଣିତ (ଜ୍ୟାମିତି) | ଟ.୧୨.୦୦ |
| | | |
| ୪୪ | ସରଳ ହିନ୍ଦୀ ବ୍ୟାକରଣ | ଟ.୦୬.୦୦ |
| ୪୫ | ଇତିହାସ ଓ ରାଜନୀତି ବିଜ୍ଞାନ | ଟ.୧୨.୦୦ |
| ୪୬ | ଭୂଗୋଳ | ଟ.୦୮.୦୦ |
| ୪୭ | ଶମା ଏ ଉର୍ଦ୍ଦୁ | ଟ.୦୯.୦୦ |
| ୪୮ | ଆଶାନ ଉର୍ଦ୍ଦୁ | ଟ.୧୪.୦୦ |

ଯଦି କୌଣସି ବ୍ୟକ୍ତି ସ୍ଥିରୀକୃତ ବିକ୍ରୟ କେନ୍ଦ୍ରଗୁଡ଼ିକ ବାହାରେ ଏବଂ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ମୂଲ୍ୟରେ ପାଠ୍ୟପୁସ୍ତକ ବିକ୍ରୟ କରୁଥାଏ, ତେବେ ଏହି ତଥ୍ୟ ନିର୍ଦ୍ଦେଶକ, ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱରଙ୍କ-୭୫୧୦୦୧ ନିମ୍ନଲିଖିତ ଫୋନ୍ ନମ୍ବରଗୁଡ଼ିକରେ ନିଶ୍ଚିତ ଜଣାନ୍ତୁ। ଏହା ଉପରେ ଆମେ ଅତିଶୀଘ୍ର ଉପଯୁକ୍ତ ପଦକ୍ଷେପ ନେବୁ। ଅନ୍ୟ କୌଣସି ବିଷୟରେ ସନ୍ଦେହ ଥିଲେ ଏହାର ସ୍ପଷ୍ଟୀକରଣ ପାଇଁ ଆମକୁ ଜଣାନ୍ତୁ। ପ୍ରତ୍ୟେକ ଇଚ୍ଛୁକ ଶିକ୍ଷାର୍ଥୀ/ଅଭିଭାବକ କେବଳ ୦୧ ଗୋଟି ସେଟ୍ ପୁସ୍ତକ କ୍ରୟ କରିପାରିବେ। ପିଲାମାନଙ୍କୁ ଠିକ୍ ସମୟରେ ପାଠ୍ୟପୁସ୍ତକ ଯୋଗାଇ ଦେବାକୁ ଆମେ ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ଆପଣଙ୍କ ସହଯୋଗ କାମନା କରୁଅଛୁ। Tel. No. ୦୬୭୪-୨୩୮୦୮୭୧, Tel. No. ୦୬୭୪-୨୩୮୦୮୭୨।
Email ID: **directortbpmodisha@gmail.com**

**ନିର୍ଦ୍ଦେଶକ**
**ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱର-୧**

27005/11/0001/1920

# କୃଷି ବନୀକରଣରେ ଅନ୍ତଃ ଫସଲ



ଗୟାଧର ଶିଆଳ

ଏକକାଳୀନ ବା ସମକାଳୀନ ଭାବେ ଦୁଇ ବା ତହିଁରୁ ଊର୍ଦ୍ଧ୍ୱ ଫସଲକୁ ଗୋଟାଏ ଜମିରେ ଜଙ୍ଗଲୀ ଗଛ ମଝିରେ ଥିବା ଶୂନ୍ୟସ୍ଥାନରେ ଏକ ନିର୍ଦ୍ଦିଷ୍ଟ ପ୍ରଣାଳୀରେ ଚାଷ କରିବା ଫସଲକୁ ଅନ୍ତଃ ଫସଲ କହନ୍ତି। ଚାଷୀ ଭାଇମାନଙ୍କର ଯେତିକି ଜମି ଅଛି, ସେଥିରୁ କିଭଳି ସର୍ବାଧିକ ଲାଭ ହେବ, ସେଥିପ୍ରତି ସଜାଗ ରହିବା ଓ ଯୋଜନା ପ୍ରସ୍ତୁତ କରି ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି କରିବା।

**ଅନ୍ତଃ ଫସଲର ଗୁଣବତ୍ତା:** ଅନ୍ତଃ ଫସଲ ଦୀର୍ଘସ୍ଥାୟୀ ଫଳ କିମ୍ବା ଜଙ୍ଗଲୀ ବୃକ୍ଷ ମଧ୍ୟରେ ଦ୍ୱିତୀୟ ସ୍ଥାନ ଗ୍ରହଣ କରିଥାଏ।

– ମୁଖ୍ୟ ଫସଲଠାରୁ ଅଧିକ ଉଚ୍ଚା ହୋଇ ନ ଥିବ।

– ଗଛଠାରୁ ୧୨୦ ସେମି ଦୂରରେ ଅନ୍ତଃ ଫସଲ ଚାଷ କରିବା ଆବଶ୍ୟକ।

– ଯେଉଁ ଅନ୍ତଃ ଫସଲଗୁଡ଼ିକ ଅଧିକ ଖାଦ୍ୟ ସାର, ପାଣି ଆଦି ଆବଶ୍ୟକ କରୁଥିବ, ସେଗୁଡ଼ିକ ନିରୁତ୍ସାହିତ କରିବା ଜରୁରୀ। କାରଣ ସେଗୁଡ଼ିକ ମୁଖ୍ୟ ଫସଲର ଅଭିବୃଦ୍ଧିରେ ବିଘ୍ନ ଘଟାଇଥାଏ।

– ଦୀର୍ଘସ୍ଥାୟୀ ଓ ଅଧିକ ଖାଦ୍ୟ ସାର ଗ୍ରହଣ କରୁଥିବା ଅନ୍ତଃ ଫସଲ ଚାଷ କରିବା ଅନୁଚିତ। ଉଦାହରଣ ଆଖୁ, ମକା, ବାଜରା ଆଦି।

– ଅନ୍ତଃ ଫସଲର ଫୁଲ ଫୁଟୁଥିବା ଅବସ୍ଥାରେ ମୁଖ୍ୟ ଫସଲରୁ ପତ୍ରଝଡ଼ା ଦେଉ ନ ଥିବ।

– ଅନ୍ତଃ ଫସଲ ମାଟିରୁ ଯବକ୍ଷାରଜାନ ଜାତୀୟ ସାର ସଂଗ୍ରହ କରି ମାଟିରେ ବିବନ୍ଧନ କରିପାରୁଥିବ।

– ମାଟି ଏବଂ ଜଳବାୟୁ ଉପରେ କୁ ପ୍ରଭାବ ପକାଉ ନ ଥିବ।

**ଉପାଦେୟତା :** ଅନ୍ତଃ ଫସଲ ଚାଷ ଦ୍ୱାରା ଜମିର ଉପଯୁକ୍ତ ବ୍ୟବହାର ହୋଇଥାଏ।

– ରୋଗ ଓ ପୋକର ପ୍ରାଦୁର୍ଭାବ କରାଏ।

–ପରଭୋଜୀ କୀଟର ସଂଖ୍ୟା ବଢ଼ାଏ।

– ଜମିର ଉତ୍ପାଦନ କ୍ଷମତା ଓ ଉତ୍ପାଦନ ବଢ଼ାଏ।

–ଘାସ ଦମନ କରାଏ।

–ମାଟିର ଅଣୁଜୀବ ସଂଖ୍ୟା ବଢ଼ାଏ।

କୃଷି ବନୀକରଣରୁ ଲାଭ ପାଇଁ ଏହାର ଅନ୍ତଃ ଫସଲ ଚାଷ ସମ୍ପର୍କରେ ଜାଣନ୍ତୁ କେତୋଟି କଥା...





– ଗଛର ବିବିଧତା ଫସଲ ଉତ୍ପାଦନ କୃଷି ପାଇଁ ଏକ ସୁସ୍ଥ ପରିବେଶ ସୃଷ୍ଟି କରିଥାଏ।

– ମୃତ୍ତିକାର ଦୀର୍ଘସ୍ଥାୟୀ ବ୍ୟବହାର କରେ।

– ଅନିଷ୍ଟକାରୀ କୀଟ ପାଇଁ ଯନ୍ତା ଫସଲ ରୂପେ କାର୍ଯ୍ୟ କରେ।

– ମାଟିର ଭୌତିକ ଗୁଣ ବୃଦ୍ଧି ଘଟାଏ।

– ଅନ୍ତଃ ଫସଲ ମୁଖ୍ୟ ଫସଲ ବୃଦ୍ଧିର ସହାୟକ ହୋଇଥାଏ।

– ଅବ୍ୟବହୃତ ଜମିର ସୁବିନିଯୋଗ ହୁଏ।

– ଅନ୍ତଃ ଫସଲ ଏକ ଇନ୍‌ସୁରାନ୍ସ ଭଳି କାମ କରେ।

– ମୃତ୍ତିକାକ୍ଷୟ ମୁଖ୍ୟତଃ ଗଡ଼ାଣିଆ ଅଞ୍ଚଳରେ ରୋକେ।

– ଉପକାରୀ କୀଟଙ୍କୁ ଆକର୍ଷଣ କରେ, ଯେତେବେଳେ କି ମକରନ୍ଦ ସୃଷ୍ଟିକାରୀ ଫସଲ ଚାଷ କରାଯାଏ।

– ଗୋଟାଏ ଫସଲ ଅନ୍ୟ ଫସଲକୁ ଆଶ୍ରୟ ଯୋଗାଏ।

– ଅଳ୍ପ ସମ୍ବଳ ଥିବା କ୍ଷୁଦ୍ର ନାମମାତ୍ର ଚାଷୀ ଅଧିକ ଲାଭବାନ ହୁଅନ୍ତି।

**ଅନ୍ତଃ ଫସଲ ଚୟନ ବେଳେ କେଉଁ ଦିଗ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ...**

ଅନ୍ତଃ ଫସଲ ଚୟନ କଲାବେଳେ ଫସଲର ବୃଦ୍ଧି, ଚେର ବଢ଼ିବା, ଫସଲ ଅବଧି ଏବଂ ଉଦ୍ଭିଦର ବଂଶ ପ୍ରତି ଦୃଷ୍ଟି ଦେବା ବିଧେୟ।

–ଅଧିକ ଉଚ୍ଚା ଫସଲ ସହିତ ସ୍ୱଳ୍ପତା ଫସଲ।

– ବୁଦାଳିଆ ଫସଲ ସହିତ ସଳଖତା ଫସଲ।

–ଶୀଘ୍ର ବଢୁଥିବା ଫସଲ ସହିତ ଧିର ବଢୁଥିବା ଫସଲ।

– ଗଭୀର ଚେରଯୁକ୍ତ ଫସଲ ସହିତ ଅଗଭୀର ଚେରଯୁକ୍ତ ଫସଲ।

– ଅଳ୍ପ ଅବଧି ଫସଲ ସହିତ ଦୀର୍ଘ ଅବଧି ଫସଲ।

– ଡାଲି ଜାତୀୟ ଫସଲ ସହିତ ଅଣ ଡାଲିଯୁକ୍ତ ଫସଲ।

–ଫସଲକୁ ବିଭିନ୍ନ ରୋଗ ପୋକ ଦାଉରୁ ରକ୍ଷା କରିବା ପାଇଁ ବିଭିନ୍ନ ବଂଶ ଓ ପ୍ରଜାତିର ଫସଲ ରୋପଣ କରାଯାଇଥାଏ।

**ଅନ୍ତଃ ଫସଲର ପ୍ରକାର :** ମୁଖ୍ୟତଃ ଚାରି ପ୍ରକାରର ଅନ୍ତଃ ଫସଲ ଥାଏ। ଯଥା: ଧାଡ଼ିକିଆ ଅନ୍ତଃ ଫସଲ, ଚକଡ଼ା ଅନ୍ତଃ ଫସଲ, ପଟି ଅନ୍ତଃ ଫସଲ ଓ ପୁନଃଚାଷ ଅନ୍ତଃ ଫସଲ।

**ଧାଡ଼ିକିଆ ଅନ୍ତଃ ଫସଲ କ'ଣ?**

ଜମିରେ ଏକକାଳୀନ ଦୁଇ ବା ଅଧିକ ଫସଲର ଚାଷ ଏକ ନିର୍ଦ୍ଦିଷ୍ଟ ପଦ୍ଧତିରେ ହୋଇଥାଏ। ଯେଉଁଥିରେ ଅତିକମ୍‌ରେ ଗୋଟାଏ ଫସଲ ଧାଡ଼ିରେ ଚାଷ ହୋଇଥିବ।

**ଉଦାହରଣ:** ଶସ୍ୟ ଜାତୀୟ ଫସଲ, ସପୁରି। ପ୍ରଥମ ଦୁଇବର୍ଷ ଜମି ଅନୁସାରେ ମାଣ୍ଡିଆ, ବିରି, ମୁଗ, ହରଡ଼, ରାଶି, ଚିନାବାଦାମ ଆଦି ଫସଲ ଲଗାଯାଏ। ଯେଉଁଠି ପାଣିର ସୁବିଧା ଅଛି ବିଲାତି, ବାଇଗଣ, କଲରା, ଶାଗ ଆଦି ଲଗାଯାଏ। ତୃତୀୟ/ଚତୁର୍ଥ ବର୍ଷ ପରେ ଗଛ ଛାଇରେ ଅଦା, ହଳଦୀ, ପାଳୁଅ ଆଦି ଲଗାଯାଏ।

**ଚକଡ଼ା ଅନ୍ତଃ ଫସଲ** — ବିଭିନ୍ନ ପ୍ରକାରର ଅନ୍ତଃ ଫସଲ ଭିନ୍ନ ଭିନ୍ନ ଚକଡ଼ାରେ ହୋଇଥାଏ।

**ପଟିଅନ୍ତଃ ଫସଲ** — ବିଭିନ୍ନ ପ୍ରକାର ଅନ୍ତଃ ଫସଲ ଭିନ୍ନ ଭିନ୍ନ ପଟିରେ ଅର୍ଥାତ୍ ଭିନ୍ନ ପ୍ରକାରର ଲମ୍ବ ଓ ଓସାରର ଚାଷ କରାଯାଇଥାଏ।

**ଉଦାହରଣ:** ବିନ୍ସର ଗୋଟାଏ ପଟି ଏବଂ ୧ଫୁଟ–୨ଫୁଟ ବ୍ୟବଧାନରେ ମକାର ପଟି।

–ବନବିଜ୍ଞାନ ବିଭାଗ,
ଓୟୁଏଟି, ଭୁବନେଶ୍ୱର,
ମୋ: ୯୪୩୭୦୩୧୨୦୯

## ଘକା କିସମ

ଜଳସେଚନର ସୁବିଧା ଥିଲେ ବର୍ତ୍ତମାନ କଞ୍ଚା ଖାଇବା ପାଇଁ ମକା ଫସଲ ଲଗାଯାଇପାରିବ। ଉନ୍ନତ ବିହନ କିସମ ଯଥା– ନଭଜୋତ୍, ଶକ୍ତି, ଡେକାନ୍–୧୦୭, ଡେକାନ୍–୧୦୯ କିସମ ନିକଟରେ ଥିବା କୃଷି ବିଭାଗରେ ବିହନ ବିକ୍ରୟ କେନ୍ଦ୍ରରୁ ସଂଗ୍ରହ କରନ୍ତୁ। ଏକ ଏକର ଜମିରେ ୬ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ। ଶେଷଓଡ଼ ଚାଷ ବେଳେ ଏକର ପ୍ରତି ଅନୁମୋଦିତ ସାର ୩୨ କିଗ୍ରା ଯବକ୍ଷାରଜାନ, ୧୬କି.ଗ୍ରା. ଫସଫରସ ଓ ୧୬କି.ଗ୍ରା. ପଟାସ୍ ସାର ମଧ୍ୟରୁ ୩ଭାଗରୁ ଭାଗେ ଯବକ୍ଷାରଜାନ, ସବୁତକ ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ।

## ଡାଲିଜାତୀୟ ଫସଲ

ଡାଲିଜାତୀୟ ଫସଲ ଛୁଇଁ ୮୦–୮୫ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ। ଛୁଇଁ ଅଧିକ ଶୁଖିଗଲେ ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡ଼ି ହୋଇପଡ଼େ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇ ଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷକରି ମାଟିରେ ମିଶାଇ ଦେବା ଭଲ। ଏହା ମାଟିକୁ ଉର୍ବର କରେ। ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡ଼ା ୧୦ଭାଗରୁ କମ୍ ଜଳୀୟଅଂଶ ରହିବା ଦରକାର।



## ସୂଚନା

ଫନୀ ବାତ୍ୟା ଜନିତ ବର୍ଷା ପରେ ଏବେ ପନିପରିବା ଫସଲରେ ଜଉ ପୋକ ଲାଗିବାର ଆଶଙ୍କା ରହିଛି। ଏହାର ନିରାକରଣ ପାଇଁ ଏକର ପ୍ରତି ୬୦ଗ୍ରାମ୍ ଇମିଡ଼ାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ. କିମ୍ବା ୪୦ଗ୍ରାମ୍ ଥାୟୋମେଥୋକ୍ସାମ୍, ୨୫ପ୍ରତିଶତ ଡବ୍ଲୁଜି କିମ୍ବା ୫୦ ଗ୍ରାମ ଏସିଟାମିପ୍ରିଡ୍ ୨୦ପ୍ରତିଶତ ଏସ୍‌ପି ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବର୍ତ୍ତମାନ ପନିପରିବା ଫସଲରେ ଝାଉଁଳା ରୋଗ ଲାଗିବାର ଆଶଙ୍କା ଥିବାରୁ ପ୍ରତି ୧୦ଲିଟର ପାଣିରେ ୧.୫ଗ୍ରାମ୍ ଷ୍ଟ୍ରେପ୍‌ଟୋସାଇକ୍ଲିନ୍ + ୨୫ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍‌କୁ ମିଶାଇ ମୂଳ ଭାଗକୁ ସିଞ୍ଚନ କରନ୍ତୁ। ଜମିରେ ରହିଯାଇଥିବା ପନିପରିବାଗୁଡ଼ିକ ନ ସଢ଼ିବା ଲାଗି ପ୍ରତି ଲିଟର ପାଣିରେ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲୁପି ମିଶାଇ ଏକର ପ୍ରତି ୨୦୦ଲିଟର ମିଶ୍ରଣ ସିଞ୍ଚନ କରନ୍ତୁ।

–ଗଛରେ ରହିଯାଇଥିବା ଆମ୍ବ ଓ କାଜୁ ଫିମ୍ପି ଦ୍ୱାରା ଆକ୍ରାନ୍ତ ହୋଇପାରନ୍ତି। ତେଣୁ ପ୍ରତି ଲିଟର ପାଣିରେ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲୁପି ମିଶାଇ ସିଞ୍ଚନ କରନ୍ତୁ।

# ନଡ଼ିଆ ଫସଲରେ ଇରିଓ ଫାଇଡ୍ କୀଟ ପରିଚାଳନା



ଡ.ବିଷ୍ଣୁ ଚରଣ ଜେନା

ନଡ଼ିଆ ଚାଷ ଏକ ଅର୍ଥକରି ଫସଲ। ପୃଥିବୀର ପ୍ରାୟ ୯୩ଟି ଦେଶରେ ଏହି ଚାଷ ୧୧.୮ ନିୟୁତ ହେକ୍ଟର ଜମିରେ ହେଉଛି। ନଡ଼ିଆ ଉତ୍ପାଦନରେ ଭାରତ ପୃଥିବୀର ତୃତୀୟ ସ୍ଥାନରେ ପହଞ୍ଚିଛି। ଭାରତରେ ପ୍ରସ୍ତୁତ ହେଉଥିବା ୫୦ ପ୍ରକାରର ନଡ଼ିଆଜାତ ପଦାର୍ଥ ବିଶ୍ୱ ବଜାରରେ ଆଦୃତ ହେଉଛି।

ଓଡ଼ିଶାର ସମୁଦ୍ର ଉପକୂଳବର୍ତ୍ତୀ କଟକ, ପୁରୀ, ବାଲେଶ୍ୱର, ଗଞ୍ଜାମ, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଓ ଯାଜପୁର ଜିଲାଗୁଡ଼ିକରେ ଏହି ଚାଷ ବହୁ ପରିମାଣରେ ହୋଇଥାଏ। ବର୍ତ୍ତମାନ ସାମୁଦ୍ରିକ ବାତ୍ୟା ଫନୀ ପ୍ରଭାବରେ ଉପରୋକ୍ତ ଜିଲାରେ ଅସଂଖ୍ୟ ନଡ଼ିଆ ଗଛ ଭାଙ୍ଗିଯାଇଛି। ତେବେ ଯେଉଁସବୁ ଗଛ ରହିଯାଇଛି ତାହାର ଉପଯୁକ୍ତ ଯତ୍ନ ନେବା ଆବଶ୍ୟକ। ଅବଶ୍ୟ ନଡ଼ିଆ ଫସଲ ମନୁଷ୍ୟକୁ ଆକର୍ଷଣ କରିବା ସଙ୍ଗେ ସଙ୍ଗେ ଅନେକ ପ୍ରକାର ରୋଗ, ପୋକ ଏବଂ ସୂକ୍ଷ୍ମ ଜୀବମାନଙ୍କୁ ମଧ୍ୟ ଆକର୍ଷଣ କରିଥାଏ। ତନ୍ମଧ୍ୟରୁ ଇରିଓ ଫାଇଡ୍ ନାମକ ଚତୁଷ୍ପଦୀ କୀଟ ଅତ୍ୟନ୍ତ ମାରାତ୍ମକ, ଏହାର ଆବଶ୍ୟକ ପରିଚାଳନା ସମ୍ପର୍କରେ ସୂଚିତ କରାଯାଉଛି।



**ଚତୁଷ୍ପଦୀ କୀଟର ଉପସ୍ଥିତି:** ଏହି କୀଟ ପ୍ରଥମେ ମେକ୍ସିକୋରେ ଦେଖାଦେଲା, କ୍ରମେ ଏହା ବିଭିନ୍ନ ଦେଶରେ ଦେଖା ଦେଇଥିଲା। ୧୯୯୮ରେ ଏହି କୀଟ କେରଳ ଓ ତାମିଲନାଡୁ ରାଜ୍ୟରେ ନଡ଼ିଆ ଫସଲରେ ଆବିର୍ଭାବ ହେଲା, ୧୯୯୯ ମହାବାତ୍ୟା ସମୟରେ ଏହି କୀଟ ଓଡ଼ିଶାରେ ପ୍ରବେଶ କରି ନଡ଼ିଆ ଫସଲକୁ ବର୍ଷ ବର୍ଷ ଧରି ଆକ୍ରମଣ କରି ଆସୁଛି। ସମୁଦ୍ର ଉପକୂଳବର୍ତ୍ତୀ ଜିଲାରେ ଏହି କୀଟର ଭୟାବହତା ଜାରି ରହିଛି।

**ଚତୁଷ୍ପଦୀ କୀଟର ଜୀବନୀ:** ଏହି କୀଟର ସ୍ତ୍ରୀ କୀଟଟି ଅତ୍ୟନ୍ତ ସୂକ୍ଷ୍ମାତିସୂକ୍ଷ୍ମ। ଖାଲି ଆଖିରେ ଏମାନଙ୍କୁ ଦେଖିବା ଅତ୍ୟନ୍ତ କଷ୍ଟସାଧ୍ୟ, ଅଣୁବୀକ୍ଷଣ ଯନ୍ତ୍ର ମାଧ୍ୟମରେ ଏମାନଙ୍କୁ ଦେଖିବା ସହଜ ହୁଏ। ଅଣ୍ଡାରୁ ଅର୍ଭକ ଏବଂ ଅର୍ଭକରୁ ପୂର୍ଣ୍ଣାଙ୍ଗପ୍ରାପ୍ତ ଅବସ୍ଥା ପ୍ରାପ୍ତ ହେବାକୁ ଏହାକୁ ୧୦ ଦିନ ସମୟ ଲାଗେ। ସ୍ତ୍ରୀ କୀଟଟି ନିଜର ଜୀବନକାଳ ମଧ୍ୟରେ ହାରାହାରି ୧୯ଟି ଅଣ୍ଡା ଦେଇଥାଏ। ଏହି ଅଣ୍ଡା ସ୍ତ୍ରୀ ପୋକଟି ନଡ଼ିଆ ଗୋଟମାର ଭୁଣ୍ଡିତଳେ ଦେଇଥାଏ। ଅଣ୍ଡାରୁ ଅର୍ଭକମାନେ ବାହାରି ଭୁଣ୍ଡିତଳେ ରହି କଅଁଳ ତନ୍ତୁରୁ ରସ ଶୋଷନ୍ତି।

**କ୍ଷତିର ଲକ୍ଷଣ:** ଏହି କୀଟର ଆକ୍ରମଣ ଯୋଗୁ ଗୋଟମାର ଭୁଣ୍ଡିତଳେ ଗୋଲାପୀ ରଙ୍ଗର ଦାଗ ଦେଖାଯାଏ। କ୍ରମଶଃ ଏହା ହଳଦିଆ ରଙ୍ଗ ଧାରଣକରି ତ୍ରିକୋଣ ଆକାରରେ ପଇଡ଼ର ଅଗ୍ରଭାଗକୁ ବ୍ୟାପିଯାଏ। ପରବର୍ତ୍ତୀ ସମୟରେ ଏହା ବାଦାମୀ ରଙ୍ଗ ହୋଇ ଏବଂ ଆହୁରି ଗାଢ଼ ହୋଇ ଖଦଖଦଡ଼ିଆ ତନ୍ତୁ ସୃଷ୍ଟିକରେ। ପଇଡ଼ ଖୋଳପାରେ ଫାଟ ସୃଷ୍ଟିହୋଇ ସେଥିରୁ ଅଠା ଝରେ। ଅତ୍ୟଧିକ ଆକ୍ରମଣ ଯୋଗୁ ଗୋଟମା ଏବଂ କଷି ନଡ଼ିଆଗୁଡ଼ିକ ଶୁଖି ଗଛରୁ ଝଡ଼ିପଡ଼େ। ଆକ୍ରମିତ ନଡ଼ିଆଗୁଡ଼ିକ ବିକୃତରୂପ ଧାରଣ କରେ। ଚାଷୀମାନେ ଏହି ସବୁ ଲକ୍ଷଣ ଦେଖି ଏହାକୁ ଯାଦୁରା ରୋଗ କହି ଥାଆନ୍ତି। କୀଟ ଆକ୍ରମଣ ଯୋଗୁ ନଡ଼ିଆ ଅମଳ ବହୁ ପରିମାଣରେ ହ୍ରାସ ପାଏ। ବଜାରରେ ନଡ଼ିଆ ବିକ୍ରି କରିବାରେ ଚାଷୀମାନେ ଉପଯୁକ୍ତ ମୂଲ୍ୟ ପାଇପାରନ୍ତି ନାହିଁ। ନଡ଼ିଆ ଉପରେ ଭାତୁଡ଼ି ଆକୃତିର ଦାଗ ସହିତ ଲମ୍ବା ଲମ୍ବା ଫାଟ ସୃଷ୍ଟି ହୁଏ ଏବଂ ନଡ଼ିଆ ପାକଳ ହେବା ପୂର୍ବରୁ ଗୋଟମାଗୁଡ଼ିକ ଗଛରୁ ଝଡ଼ିପଡ଼େ। ଏହି ଚତୁଷ୍ପଦୀ କୀଟ ସରାଗ ସଂଗମକାରୀ ମହୁମାଛି ଓ ଅନ୍ୟାନ୍ୟ ପତଙ୍ଗମାନଙ୍କ ଯୋଗୁ ଏବଂ ବାୟୁ ପ୍ରବାହ ଯୋଗୁ ଗୋଟିଏ ଗଛରୁ ଅନ୍ୟ ଗଛକୁ ସ୍ଥାନାନ୍ତରିତ ହୁଅନ୍ତି।

**ପରିଚାଳନା ପ୍ରଣାଳୀ ଓ ଅମଳ ବୃଦ୍ଧି କରିବାର ଲକ୍ଷଣ:** ଏହି ନିବନ୍ଧ ମାଧ୍ୟମରେ ନଡ଼ିଆ ଚାଷୀମାନଙ୍କୁ କୀଟ ସଂଖ୍ୟା ହ୍ରାସ କରିବା ଏବଂ ନଡ଼ିଆ ଗଛରେ ଅମଳ ବୃଦ୍ଧି କରିବା ପାଇଁ କେତେକ ଉପାୟ ଦିଆଯାଉଛି...

– ନଡ଼ିଆ ବଗିଚାକୁ ସର୍ବଦା ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। ନଡ଼ିଆ ଗଛରୁ ଶୁଖିଲା ବାହୁଙ୍ଗା ଏବଂ ଶୁଖିଲା ଚଅଁର କାଟି ଦିଅନ୍ତୁ।

– ସୁସ୍ଥ ଓ ସବଳ ନଡ଼ିଆ ଗଛରେ ଚତୁଷ୍ପଦୀ କୀଟର ଉପଦ୍ରବ ଉପଲବ୍ଧି ହୁଏନାହିଁ। ତେଣୁ ଗଛ ପ୍ରତି ୫୦ କିଲୋଗ୍ରାମ ଜୈବିକ ଖତ ବର୍ଷରେ ୨ ଥର ୨୫ କିଲୋଗ୍ରାମ ଅନୁପାତରେ ପ୍ରୟୋଗ କରନ୍ତୁ।

– ପୁନଶ୍ଚ ୧୦ କିଲୋଗ୍ରାମ ନିମ୍ବ ପିଡ଼ିଆ ବର୍ଷକୁ ୨ ଥର ୫ କିଲୋଗ୍ରାମ କରି ଗଛ ପ୍ରତି ପ୍ରୟୋଗ କରନ୍ତୁ।

– ନଡ଼ିଆ ବଗିଚାରେ ଧନିଚା ଏବଂ କୋଳଥ ବୁଣି ୪୫ ଦିନ ପରେ ସେଗୁଡ଼ିକୁ ମାଟିରେ ମିଶାଇ ମାଟିର ଉର୍ବରତା ବୃଦ୍ଧିକରି ନଡ଼ିଆ ଗଛକୁ ଅଧିକ ଅମଳକ୍ଷମକରି କୀଟ ଆକ୍ରମଣରୁ ଫସଲକୁ ରକ୍ଷା କରନ୍ତୁ।

– ୟୁରିଆ ୧ କିଲୋଗ୍ରାମ, ସୁପର ୨ କିଲୋଗ୍ରାମ ଏବଂ ପଟାସ ୨ କିଲୋଗ୍ରାମ ସାରକୁ ଏକାଠି ମିଶାଇ ଗଛପ୍ରତି ବର୍ଷକୁ ୨ ଥର ସମ ପରିମାଣରେ ପ୍ରୟୋଗ ପରେ ବଗିଚାରେ ଜଳ ସେଚନ କରନ୍ତୁ।

– ୫୦ ଗ୍ରାମ ଟାଙ୍ଗଣ କିମ୍ବା ୨୦୦ ଗ୍ରାମ ଅଣୁସାର ମିଶ୍ରଣକୁ ଏକ ଗଛପ୍ରତି ପ୍ରୟୋଗ କରନ୍ତୁ।

– ନିମାଜାଲ ୭.୫ ମିଲି ଲିଟରକୁ ୭.୫ ମିଲିଲିଟର ପାଣିରେ ମିଶାଇ ଦୁଇଟି ସଦ୍ୟଯାତ ଚେରରେ ହୋମିଓପାଥିକ ଟ୍ୟୁବ ଦ୍ୱାରା ୭.୫୦ ମିଲିଲିଟର କରି ପ୍ରୟୋଗ କରନ୍ତୁ। ଏହି ପ୍ରକ୍ରିୟା ୧ ମାସ ଅନ୍ତରରେ ୩ ଥର ପ୍ରୟୋଗ କରି ଚେରକୁ ପୋତି ଦିଅନ୍ତୁ। ଗ୍ରୀଷ୍ମ ଋତୁରେ ଏହି ପ୍ରକ୍ରିୟା ଭଲ ଭାବେ କାମ କରେ।

– ନଡ଼ିଆ ଗଛ ଛୋଟ ଅବସ୍ଥାରେ ଥିଲେ ଏବଂ ଗଛରେ କୀଟନାଶକ ସିଞ୍ଚନ କରିବାର ସୁବିଧା ଉପଲବ୍ଧ ହେଲେ ୫୦ ଗ୍ରାମ ଲୁଗାଧୁଆ ସାବୁନଗୁଣ୍ଡ ୫୦୦ ମିଲିଲିଟର ଉଷୁମ ପାଣିରେ ମିଶାନ୍ତୁ। ସେଥିରେ ୨୦୦ ମିଲିଲିଟର ନିମ୍ବତେଲ ଭଲଭାବେ ମିଶାନ୍ତୁ। ୨୦୦ ଗ୍ରାମ ଚୋପାଛଡ଼ା ରସୁଣ ବାଟି ସେଥିରେ ୩୦୦ ମିଲିଲିଟର ପାଣି ଗୋଳାନ୍ତୁ। ପତଳା କପଡ଼ାରେ ରସୁଣ ପାଣିକୁ ଛାଣି ସେଥିରୁ ଖଦା ବାହାର କରନ୍ତୁ ଏବଂ ଖଦାକୁ ଫୋପାଡ଼ି ଦିଅନ୍ତୁ। ଶେଷରେ ରସୁଣ ପାଣି ସହିତ ନିମ୍ବତେଲ, ସାବୁନ ପାଣି ମିଶାଇ କୀଟ ଆକ୍ରମିତ ଗଛକୁ ସିଞ୍ଚନ କରନ୍ତୁ।

–ନିମ୍ବତେଲ ବଦଳରେ କରଞ୍ଜ ତେଲ (୪%) କିମ୍ବା ମହୁଲ ତେଲ (୪%) ସାବୁନ ମିଶ୍ରଣ ସହିତ ମିଶାଇ ନଡ଼ିଆ ଗଛଗୁଡ଼ିକୁ ସିଞ୍ଚନ କରନ୍ତୁ।

–ମୋ: ୯୭୭୬୪୦୪୪୦୬

## ପ୍ରଥମ ପୃଷ୍ଠାରୁ...

### ବିଳମ୍ବ ହେବ...

ମୌସୁମୀ ନ ଛୁଇଁ ମାତ୍ର ୪ ଦିନ ପରେ ଉଭାନ ହୋଇଯାଇଥିଲା। ଜୁନ ୨୧ ତାରିଖ ଯାଏ ମୌସୁମୀ ଦୁର୍ବଳ ରହିଥିଲା। ଧାନ ଚାଷ ଉପରେ ଏହାର ପ୍ରଭାବ ପଡିଥିଲା। ପରେ ବର୍ଷା ସ୍ୱାଭାବିକ ସ୍ତରକୁ ଆସିଥିଲା।

ବାତ୍ୟା 'ଫନୀ' ଯିବା ପରେ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସହ ଗୁଳୁଗୁଳି ଜନଜୀବନକୁ ବ୍ୟତିବ୍ୟସ୍ତ କରିଛି। ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାରେ ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ପାରଦ ଉପରମୁହାଁ ରହିଥିବାବେଳେ ଉପକୂଳବର୍ତ୍ତୀ ଅଞ୍ଚଳରେ ବାୟୁମଣ୍ଡଳର ଆର୍ଦ୍ରତା ବଢ଼ିଯିବାରୁ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି। ତାପମାତ୍ରା କମ୍ ରହିଲେ ମଧ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଗରମ ଓ ଗୁଳୁଗୁଳିରେ ଲୋକମାନେ ଆଉଟପାଉଟ ହେଉଛନ୍ତି। ତେବେ ଏଭଳି ପରିସ୍ଥିତିରୁ ଦିନେ ଦୁଇଦିନ ମଧ୍ୟରେ ମୁକ୍ତି ମିଳିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗତ କିଛିଦିନ ହେବ ରାଜ୍ୟରେ ଗ୍ରୀଷ୍ମପ୍ରବାହ ଲାଗି ରହିଛି। ମଙ୍ଗଳବାର ୭ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ଆଞ୍ଚଳିକ ପାଣିପାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ତାଳଚେରରେ ସର୍ବାଧିକ ୪୨.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବାବେଳେ ଝାରସୁଗୁଡ଼ାରେ ୪୧, ଟିଟିଲାଗଡ଼ରେ ୪୧, ସୋନପୁରରେ ୪୧, ସମ୍ବଲପୁରରେ ୪୦.୫, ବଲାଙ୍ଗୀରରେ ୪୦.୨, ଅନୁଗୋଳରେ ୪୦.୧, ହୀରାକୁଦରେ ୩୯.୭, କଟକରେ ୩୯.୫, ଭୁବନେଶ୍ୱରରେ ୩୯.୪, ଚାନ୍ଦବାଲିରେ ୩୯ ଏବଂ ଫୁଲବାଣୀରେ ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ସେଲ୍‌ସିୟସ ରେକର୍ଡ଼ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ସମେତ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ କାଳବୈଶାଖୀ ଜନିତ ଝଡ଼ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ତେବେ ଦିନେ ଦୁଇଦିନ ଗରମ କମ୍ ରହିଲେ ମଧ୍ୟ ୧୭ ତାରିଖରୁ ପଶ୍ଚିମ ଓଡ଼ିଶାରେ ପୁଣି ଗ୍ରୀଷ୍ମ ପ୍ରବାହ ହେବ ବୋଲି ଅନୁମାନ କରାଯାଉଛି।

### ସରିପାରିନି ଯୁକ୍ତ୨...

ତେଣୁ ଅଧ୍ୟାପକମାନେ ଖାତା ଦେଖିପାରି ନ ଥିଲେ। ମୂଲ୍ୟାଙ୍କନ କେନ୍ଦ୍ରରେ ବିଦ୍ୟୁତ୍, ପାଣି ସମସ୍ୟା ଦେଖାଗଲା। ଫଳରେ ଅଧିକାଂଶ ଅଧ୍ୟାପକ ଖାତାଦେଖା ବନ୍ଦ କରି ନିଜ ଘରକୁ ଫେରିଗଲେ। ତେବେ ଏହି ସମୟରେ ଅଧ୍ୟାପକମାନଙ୍କୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଛାଟ ମାରିଛି। ଖାତା ଦେଖିବାକୁ ଆସୁ ନ ଥିବା ଅଧ୍ୟାପିକା ଓ ଅଧ୍ୟାପକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ନେଇ ପରିଷଦ ନିଷ୍ପତ୍ତି ନେବାରୁ ବାଧହୋଇ ଅଧ୍ୟାପକମାନେ ପୁଣି ଖାତା ଦେଖିବା ପାଇଁ ଆସିଛନ୍ତି। ମୁହଁରେ ଝାଳ, ଗୋଟିଏ ହାତରେ ବିଞ୍ଚଣା ଓ ଆଉ ଗୋଟିଏ ହାତରେ କଲମ ଧରି ଏବେ ଖାତା ଦେଖୁଛନ୍ତି ଅଧ୍ୟାପକ। ବହୁ କଷ୍ଟରେ ବର୍ତ୍ତମାନ ଖାତାଦେଖା ଚାଲିଛି। ରାଜ୍ୟରେ ୫୮ ମାନୁଆଲ ଓ ୩୬ ଇ–ମୂଲ୍ୟାୟନ କେନ୍ଦ୍ରରେ ଖାତାଦେଖା ଚାଲିଛି। ପୁରୀ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ଭଳି ଜିଲାରେ ଖାତାଦେଖା ମନ୍ଥର ଗତିରେ ଚାଲିଛି। ତେଣୁ ଖାତାଦେଖା କେବେ ସରିବ ଏବଂ ଫଳାଫଳ କେବେ ପ୍ରକାଶ ପାଇବ, ତାହାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଦ୍ୱନ୍ଦ୍ୱରେ ରହିଛନ୍ତି। ଅନ୍ୟପକ୍ଷରେ କେବଳ ଦ୍ୱିତୀୟ ପର୍ଯ୍ୟାୟ ନୁହେଁ, ପ୍ରଥମ ପର୍ଯ୍ୟାୟରେ ମଧ ଖାତାଦେଖା ଠିକ୍ ଭାବେ ହୋଇ ନ ଥିଲା। ପ୍ରଥମ ପର୍ଯ୍ୟାୟ ଏପ୍ରିଲ ୮ରୁ ଆରମ୍ଭ ହୋଇ ୨୨ତାରିଖରେ ଶେଷ ହୋଇଥିଲା। ଏହି ସମୟରେ ରାଜ୍ୟର ବିଭିନ୍ନ ଜାଗାରେ ସାଧାରଣ ନିର୍ବାଚନ ରହିଥିଲା। ଯେଉଁ ଯେଉଁ ଜିଲାରେ ନିର୍ବାଚନ ଥିଲା, ସେଠାରେ ୪ଦିନ ଖାତାଦେଖା ବନ୍ଦ ହୋଇଯାଇଥିଲା।

ମେ ତୃତୀୟ ସପ୍ତାହରେ ବିଜ୍ଞାନ ଏବଂ ଜୁନ୍ ପ୍ରଥମ ସପ୍ତାହରେ କଳା, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷାଫଳ ପ୍ରକାଶ କରିବା ପାଇଁ ପରିଷଦ ଯୋଜନା ରଖିଥିଲା। କିନ୍ତୁ ଏହି ସମୟରେ ଫଳାଫଳ ପ୍ରକାଶ ପାଇପାରିବନି ବୋଲି ଆଶଙ୍କା କରାଯାଉଛି। ଏ ନେଇ କଲେଜ ମହାସଂଘ ଅଧ୍ୟକ୍ଷ ପବିତ୍ର ମହଲା କହିଛନ୍ତି, ଅଧ୍ୟାପକମାନେ ପ୍ରତିକୂଳ ପରିସ୍ଥିତିରେ ଖାତା ଦେଖୁଛନ୍ତି। ଏଥିରେ କାହାର ଦୋଷ ନାହିଁ। ଖାତା ଦେଖିବାକୁ ଆସୁ ନ ଥିବା ଅଧ୍ୟାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାହା ଉଚିତ ନୁହେଁ। ସେହିପରି ଯୁକ୍ତ୩ ପଢ଼ିବା ପାଇଁ ଅନେକ ଛାତ୍ରୀଛାତ୍ର ଓଡ଼ିଶା ବାହାରେ ଥିବା ବିଶ୍ୱବିଦ୍ୟାଳୟକୁ ଯାଇଥାଆନ୍ତି। ବିଳମ୍ବରେ ରେଜଲ୍ଟ ବାହାରିଲେ ଛାତ୍ରୀଛାତ୍ର ସେଠାରେ ନାମଲେଖାରୁ ବଞ୍ଚିତ ହେବେ। ଓଡ଼ିଶା ଛାତ୍ରୀଛାତ୍ରଙ୍କ ପାଇଁ ନିଟ୍ ପରୀକ୍ଷାକୁ ଯେଉଁଭଳି ଘୁଞ୍ଚାଇ ଦିଆଗଲା, ସେହିଭଳି ଓଡ଼ିଶା ବାହାରେ ଥିବା ବିଶ୍ୱବିଦ୍ୟାଳୟରେ ଆମ ପିଲାମାନେ କିପରି ନାମ ଲେଖାଇପାରିବେ, ସେଥିପ୍ରତି ସରକାର ପଦକ୍ଷେପ ଗ୍ରହଣ କରିବା ଉଚିତ।


### ବିଜେଡିର ଆକଳନ...

ଏହା ସତ୍ତ୍ୱେ ନବରଙ୍ଗପୁର ଲୋକ ସଭା ବିଜେଡି ସପକ୍ଷରେ ଯାଇପାରେ ବୋଲି କୁହାଯାଇଛି। କଂଗ୍ରେସ ମଧ ଅନୁରୂପ ଭାବେ ଏହି ସିଟ୍ ହାତେଇବା ନେଇ ଦୃଢୋକ୍ତି ପ୍ରକାଶ କରିଛି। କଳାହାଣ୍ଡି ଲୋକ ସଭାରେ ତ୍ରିକୋଣୀୟ ମୁକାବିଲା ହୋଇଥିବା ଜଣାପଡିଛି। ବିଜୟୀ ପ୍ରାର୍ଥୀ ଏବଂ ପରାଜିତ ୨ ପ୍ରାର୍ଥୀଙ୍କ ମଧ୍ୟରେ ବ୍ୟବଧାନର ଅନ୍ତର ୨୦ରୁ ୬୦ ହଜାର ମଧ୍ୟରେ ହୋଇପାରେ ବୋଲି କୁହାଯାଇଛି। ବ୍ରହ୍ମପୁର ଲୋକ ସଭାରେ ଜିତିବା ନେଇ ଦଳ ନିଶ୍ଚିତ ଥିବାବେଳେ ଏହା ଅଧୀନ ଏକାଧିକ ବିଧାନସଭା ଆସନରେ ଦଳୀୟ କନ୍ଦଳ ମୁଣ୍ଡବିନ୍ଧାର କାରଣ ହୋଇଛି। ବିଜେଡି ଗୋପାଳପୁର, ପାରଳାଖେମୁଣ୍ଡି, ମୋହନା ଏବଂ ଛତ୍ରପୁରରେ କଡା ଟକ୍କରର ସମ୍ମୁଖୀନ ହୋଇଛି। ଆସିକା ଲୋକ ସଭାର ସୋରଡା ଏବଂ ପୋଲସରା ବିଧାନସଭା ଆସନରେ ଦଳ ଭାଜପାଠାରୁ କଡା ଟକ୍କର ପାଇଛି। ବରଗଡ ଲୋକ ସଭାରେ ପୂର୍ବଥର ଭଳି ବିଜୟୀ ଓ ପରାଜିତ ପ୍ରାର୍ଥୀଙ୍କ ମଧ୍ୟରେ ବ୍ୟବଧାନ କମ୍ ରହିବ ବୋଲି କୁହାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେପୁରରୁ ପ୍ରାର୍ଥୀ ହୋଇଥିବାରୁ ଏହି ଲୋକ ସଭା ଆସନ ଦଳ ସପକ୍ଷରେ ଯିବ ବୋଲି ସର୍ଭେରେ ଦର୍ଶାଯାଇଛି। ଏହା ଅଧୀନ ପଦମ୍‌ପୁର ବିଧାନସଭାରେ ବିଜେଡି–ଭାଜପା ମଧ୍ୟରେ ଲଢେଇ ଜୋର ହୋଇଥିବା ଜଣାପଡିଛି। କନ୍ଧମାଳ ଲୋକ ସଭା ଆସନରେ ବିଜେଡି ଭଲ ପ୍ରଦର୍ଶନ ନେଇ ଆଶାବାଦୀ ରହିଛି। ସେହିପରି ଏହା ଅଧୀନ ଦଶପଲ୍ଲା ଓ ଭଞ୍ଜନଗରରେ ଭାଜପା, ବାଲିଗୁଡାରେ କଂଗ୍ରେସ, କଣ୍ଟାମାଳରେ ସ୍ୱାଧୀନ ପ୍ରାର୍ଥୀଙ୍କଠାରୁ କଡ଼ା ମୁକାବିଲାର ସମ୍ମୁଖୀନ ହୋଇଛି। ବଲାଙ୍ଗୀର ଲୋକ ସଭା ଆସନରେ ଦଳୀୟ ପ୍ରଦର୍ଶନ ବିଜେଡି ସପକ୍ଷରେ ଏତେଟା ଯାଇନାହିଁ। ଏହି ଆସନରେ ଭାଜପା ବହୁତ ଭଲ ଭୋଟ ହାତେଇବା ରିପୋର୍ଟ ଆସିଛି। ସେହିପରି ବଲାଙ୍ଗୀର, କଣ୍ଟାବାଞ୍ଜି, ଟିଟିଲାଗଡ ବିଧାନସଭା ଆସନରେ କଂଗ୍ରେସ ଏବଂ ପାଟଣାଗଡ ବିଧାନସଭା ଆସନରେ ଭାଜପା ସହ ମୁଖ୍ୟ ଲଢେଇ ହୋଇଥିବା ଜଣାପଡିଛି। ସୁନ୍ଦରଗଡ ଲୋକ ସଭା ଆସନରେ ତ୍ରିକୋଣୀୟ ମୁକାବିଲା ହୋଇଥିବା ସର୍ଭେରେ କୁହାଯାଇଛି। ଏହା ଅଧୀନ ତଳସରାରେ ଦଳ ଉଭୟ କଂଗ୍ରେସ–ଭାଜପା, ବଣାଇରେ ସିପିଏମ୍ ଏବଂ ଭାଜପା ସହ କଡ଼ା ମୁକାବିଲା କରିଛି।

ସମ୍ବଲପୁର ଲୋକ ସଭା ଏବଂ ଏହା ଅଧୀନ ୫ ବିଧାନସଭା ଆସନରେ ବିଜେଡି କଡ଼ା ମୁକାବିଲାର ସମ୍ମୁଖୀନ ହୋଇଛି। ଏମିତି ଏହି ଲୋକ ସଭା ଆସନ ଦଳ ହାତରୁ ଖସିଯିବା କୁହାଯାଇଛି। ସମ୍ବଲପୁର, ରେଙ୍ଗାଲି, ଛେଣ୍ଡିପଦା, ଦେବଗଡରେ ଭାଜପା ସହ ସିଧାସଳଖ ମୁକାବିଲା ହୋଇଛି। କେବଳ ଆଠମଲ୍ଲିକରେ କଂଗ୍ରେସ ଭଲ ପ୍ରଦର୍ଶନ କରିପାରେ ବୋଲି କୁହାଯାଇଛି। ଢେଙ୍କାନାଳ ଲୋକ ସଭା ଆସନରେ ଭାଜପା ପୂର୍ବ ପ୍ରଦର୍ଶନଠାରୁ ଉତ୍ତମ ପ୍ରଦର୍ଶନ କରିଥିବା ଉଲ୍ଲେଖ କରାଯାଇଛି। ଏହା ଅଧୀନ ଅନୁଗୋଳ, ପାଲଲହଡା ଏବଂ ଢେଙ୍କାନାଳ ବିଧାନସଭାରେ ଦଳ କଡା ମୁକାବିଲାର ସମ୍ମୁଖୀନ ହୋଇଛି। ଉପକୂଳ ଓଡ଼ିଶାରେ ଦୁଇ ଦଶନ୍ଧି ମଧ୍ୟରେ ବିଜେଡି ସବୁଠୁ କଡା ଟକ୍କର ପାଇଥିବା କୁହାଯାଇଛି। ଭୁବନେଶ୍ୱର ଲୋକ ସଭା ଆସନରେ ଭାଜପା ପ୍ରଦର୍ଶନ ଆଶାତୀତ ବୃଦ୍ଧି ପାଇଛି। ୧୯୯୮ରୁ ଦଳ ହାତରେ ଥିବା ଆସନ ହାତଛଡ଼ା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏହା ଅଧୀନ ଭୁବନେଶ୍ୱର(ମଧ୍ୟ)ରେ ଭାଜପା, ଜଟଣୀ ଓ ବେଗୁନିଆରେ କଂଗ୍ରେସ ଏବଂ ଜୟଦେବରେ ସ୍ୱାଧୀନ ପ୍ରାର୍ଥୀଙ୍କଠାରୁ କଡ଼ା ମୁକାବିଲାର ସମ୍ମୁଖୀନ ହୋଇଛି। କଟକ ଲୋକ ସଭା ଆସନରେ ଭାଜପା ସହ ମୁଖ୍ୟ ଲଢେଇ ହୋଇଥିବା କୁହାଯାଉଛି। ଏହା ଅଧୀନ ବଡମ୍ବା ଓ କଟକ ସଦରରେ ଭାଜପା ବିଧାନସଭା ପ୍ରାର୍ଥୀ ଭଲ ପ୍ରଦର୍ଶନ କରିଥିବା ବେଳେ ବାଙ୍କୀ ଏବଂ ବାରବାଟୀ–କଟକରେ କଂଗ୍ରେସ ସହ ମୁକାବିଲା ହୋଇଛି। ପୁରୀ ଲୋକ ସଭା ଆସନରେ ଭାଜପା ଓ ବିଜେଡି ଭୋଟ ସଂଖ୍ୟା ପ୍ରାୟତଃ ସମାନ ମନେ ହେଉଛି। ଏହା ଅଧୀନ ବ୍ରହ୍ମଗିରି, ଚିଲିକା, ରଣପୁର ଏବଂ ନୟାଗଡରେ ଭାଜପା ବିଧାନସଭା ପ୍ରାର୍ଥୀ ବିଜେଡି ସହ ଜୋରଦାର ଲଢେଇ କରିଛନ୍ତି।

ସେହିପରି କେନ୍ଦୁଝର ଲୋକ ସଭା ଆସନରେ ବିଜେଡି ପୂର୍ବ ସଫଳତା ଦୋହରାଇବା ପାଇଁ ଆଶାବାଦୀ। ହେଲେ ତେଲକୋଇ ଏବଂ କେନ୍ଦୁଝର ବିଧାନସଭା ଆସନରେ କଡା ମୁକାବିଲାର ସମ୍ମୁଖୀନ ହୋଇଛି। ମୟୂରଭଞ୍ଜ ଲୋକ ସଭା ଆସନ ମଧ ବିଜେଡି ସକାଶେ ମୁଣ୍ଡବିନ୍ଧାର କାରଣ ହୋଇଛି। ଏହା ଅଧୀନ ବାରିପଦା, ସାରସକଣା ଏବଂ ଯଶୀପୁରରେ ଦଳୀୟ ବିଧାୟକ ପ୍ରାର୍ଥୀ କଡା ଲଢେଇର ସମ୍ମୁଖୀନ ହୋଇଛନ୍ତି। ବାଲେଶ୍ୱର ଲୋକ ସଭା ଆସନ ମଧ୍ୟରେ ଥିବା ରେମୁଣା, ବସ୍ତା, ଭୋଗରାଇରେ କଡା ମୁକାବିଲାର ସମ୍ମୁଖୀନ ହୋଇଛି। ଏହି ଲୋକ ସଭା ଆସନରେ ତ୍ରିକୋଣୀୟ ମୁକାବିଲା ହୋଇଛି, ହେଲେ ମୁଖ୍ୟ ଲଢେଇ ଭାଜପା ସହ ହୋଇଥିବା କୁହାଯାଇଛି। କେନ୍ଦ୍ରାପଡା ଲୋକ ସଭା ଆସନରେ ଭାଜପା ସହ ମୁକାବିଲା ହୋଇଥିବା ବେଳେ ବିଜେଡି ଆସନଟି ବଜାୟ ରଖିବାରେ ସଫଳ ହୋଇପାରେ ବୋଲି ସର୍ଭେରେ ଉଲ୍ଲେଖ କରାଯାଇଛି। ଏହା ଅଧୀନ କେନ୍ଦ୍ରାପଡା, ଆଳି, ରାଜନଗରରେ କଂଗ୍ରେସ ସହ ମହାକାଳପଡାରେ ଭାଜପା ସହ ମୁକାବିଲା ହୋଇଥିବା କୁହାଯାଉଛି। ଜଗତସିଂହପୁର ଓ ଯାଜପୁର ଲୋକ ସଭାରେ ଉତ୍ତମ ପ୍ରଦର୍ଶନ ନେଇ ବିଜେଡି ଆଶାବାଦୀ। ସେହିପରି ଜଗତସିଂହପୁର, ପାରାଦୀପରେ କଂଗ୍ରେସ ଏବଂ ନିଆଳିରେ ଭାଜପା ବିଧାନସଭା ପ୍ରାର୍ଥୀ କଡା ଟକ୍କର ଦେଇଥିବା କୁହାଯାଇଛି। ଭଦ୍ରକ ଲୋକ ସଭା ଆସନରେ ଭାଜପା ସହ ମୁକାବିଲା ହୋଇଥିବା ବେଳେ କଂଗ୍ରେସ ପ୍ରାର୍ଥୀଙ୍କ ଉପସ୍ଥିତି ଦଳକୁ ଫାଇଦା ଦେବ ବୋଲି କୁହାଯାଇଛି। ଏହା ଅଧୀନ ଭଣ୍ଡାରୀପୋଖରୀ, ସୋରରେ କଂଗ୍ରେସ, ଭଦ୍ରକ,ଚାନ୍ଦବାଲି, ଧାମନଗରରେ ଭାଜପା ସହ ମୁକାବିଲା ହୋଇଛି।

ଏହିପରି ଭାବେ ୬୫ଟି ଆସନରେ ବିଜେଡି ପୂର୍ବ ଅପେକ୍ଷା ବିରୋଧୀଙ୍କ କଡା ମୁକାବିଲାର ସମ୍ମୁଖୀନ ହୋଇଛି। ଏହି ସବୁ ଆସନରେ ଦଳର ହାରଜିତର ବ୍ୟବଧାନ ୫୦୦ରୁ ୫୦୦୦ ରହିବ ବୋଲି କୁହାଯାଇଛି। ସେହିପରି ୭୨ ଆସନରେ ଦଳର ଜିତିବା ସମ୍ଭାବନା ବେଶି ବୋଲି କୁହାଯାଇଛି। କଡା ମୁକାବିଲା ହୋଇଥିବା ୬୫ମଧ୍ୟରୁ ୩୦ରୁ ୪୦ ବିଧାନସଭା ବିଜେଡି ଜିତିପାରେ । ଏହାର ଅର୍ଥ ବିଜେଡି ୧୦୦ରୁ ୧୧୦ ସିଟ୍ ହାତେଇବ ବୋଲି ଆକଳନ କରାଯାଇଛି। ଲୋକ ସଭାରେ ବଲାଙ୍ଗୀର, ଭୁବନେଶ୍ୱର, କୋରାପୁଟ, ସୁନ୍ଦରଗଡ, ମୟୂରଭଞ୍ଜ, ସମ୍ବଲପୁର, ଢେଙ୍କାନାଳ ଫଳାଫଳ ନକାରାତ୍ମକ ହେବାର ଦଳ ପକ୍ଷରୁ ଆଶଙ୍କା କରାଯାଇଛି। ଅନ୍ୟପଟେ ପୁରୀ, ବାଲେଶ୍ୱରରେ କଂଗ୍ରେସ କେତେ ଭୋଟ ନେଇଛି, ତାହା ଉପରେ ବିଜେଡି ପ୍ରାର୍ଥୀଙ୍କ ବିଜୟ/ପରାଜୟ ନିର୍ଭର କରୁଥିବା କୁହାଯାଇଛି। ୨୧ ଲୋକ ସଭାରୁ ଦଳ ସର୍ବନିମ୍ନ ୧୨ରୁ ୧୪ ଏବଂ ସର୍ବାଧିକ ୧୫ରୁ ୧୬ ଆସନ ଜିତିବା ନେଇ ଆକଳନ କରିଛି।



"ସ୍ନୋମ୍ୟାନ ଲଜିଷ୍ଟିକ୍ସ ନିଜର ଦକ୍ଷତା ବୃଦ୍ଧି କରି ଗ୍ରାହକଙ୍କୁ ସନ୍ତୁଷ୍ଟ କରିବା ଉପରେ ଅଧିକ ଜୋର୍ ଦେଉଛି। କମ୍ପାନୀର ପ୍ରଦର୍ଶନରେ ନିରନ୍ତରତା ବଜାୟ ରଖାଯିବାକୁ ଉଦ୍ୟମ ହେବା।

– ପ୍ରେମ କିଷନ ଗୁପ୍ତା, ଅଧ୍ୟକ୍ଷ, ସ୍ନୋମ୍ୟାନ ଲଜିଷ୍ଟିକ୍ସ



"ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ଖରାପ ସମୟ ଅତିବାହିତ ହୋଇଗଲାଣି। ଆଗକୁ ବ୍ୟାଙ୍କ ଅଧିକ ଲାଭ କରିବା।

–ରାଜକିରନ ରାୟ ଜି, ଏମ୍‌ଡି ତଥା ସିଇଓ, ୟୁବିଆଇ

## ସଂକ୍ଷେପରେ

### ଏପ୍ରିଲରେ ପାଇକାରୀ ମୁଦ୍ରାସ୍ଫୀତି ୩.୦୭%

ନୂଆଦିଲ୍ଲୀ,୧୪-୫: ଏପ୍ରିଲରେ ଖୁଚୁରା ମୁଦ୍ରାସ୍ଫୀତି ହାର ବୃଦ୍ଧି ପାଇଥିବା ବେଳେ ପାଇକାରୀ ମୁଦ୍ରାସ୍ଫୀତି ହାର ହ୍ରାସ ପାଇଛି। ମଙ୍ଗଳବାର କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ସିଏସ୍‌ଓ) ଦ୍ୱାରା ଜାରି ତଥ୍ୟ ଅନୁଯାୟୀ, ଏପ୍ରିଲରେ ପାଇକାରୀ ମୁଦ୍ରାସ୍ଫୀତି ୩.୦୭%କୁ ଖସିଆସିଛି, ଯାହା କି ମାର୍ଚ୍ଚରେ ୩.୧୮% ଥିଲା। ଗତବର୍ଷ ଏପ୍ରିଲରେ ଏହା ୩.୬୨% ରହିଥିଲା। ତେବେ ଗତ ମାସରେ ପେଟ୍ରୋଲ, ଡିଜେଲ ଏବଂ ପ୍ରସ୍ତୁତ ସାମଗ୍ରୀ ଦର ହ୍ରାସ ପାଇବା କାରଣରୁ ମୁଦ୍ରାସ୍ଫୀତି କମିଥିଲା। କିନ୍ତୁ ପନିପରିବା ଦର ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି। ପନିପରିବା ଦର ୪୦.୬୫% ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ମାର୍ଚ୍ଚରେ ଏହା ୨୮.୧୩% ବଢ଼ିଥିଲା। ସିଏସ୍‌ଓ ସୂତ୍ର ଅନୁଯାୟୀ, ଏପ୍ରିଲରେ ସିପିଆଇ ୨.୯୨ ପ୍ରତିଶତ ରହିଥିଲା, ଯାହା କି ମାର୍ଚ୍ଚରେ ୨.୮୬% ମୁକାବିଲାରେ ୦.୦୬% ଅଧିକ ଥିଲା। ତେବେ ଆର୍‌ବିଆଇର ଆନୁମାନିକ ଲକ୍ଷ୍ୟଠାରୁ ଏହା କମ୍ ରହିଛି। ଏଥିଯୋଗୁ ଆସନ୍ତା ମୁଦ୍ରାନୀତିରେ ରେପୋ ରେଟ କମିବାର ଆଶା ସଞ୍ଚାର କରିଛି। ତେବେ ଏପ୍ରିଲରେ ଖାଦ୍ୟପଦାର୍ଥ ମୁଦ୍ରାସ୍ଫୀତି ହାର ୩ ଗୁଣା ବୃଦ୍ଧି ପାଇ ମାର୍ଚ୍ଚର ୦.୩%ରୁ ୧.୧ ପ୍ରତିଶତରେ ପହଞ୍ଚିଯାଇଛି। ପନିପରିବା ମୁଦ୍ରାସ୍ଫୀତି ହାର ମଧ ୨.୮୭% ବୃଦ୍ଧି ପାଇଥିବା ବେଳେ ଫଳ ଦର ହ୍ରାସ ପାଇଛି। ଇନ୍ଧନ ଓ ବିଜୁଳି ମୁଦ୍ରାସ୍ଫୀତି ହାର ମଧ ୨.୫୬%ରେ ପହଞ୍ଚିଯାଇଛି, ଯାହା କି ମାର୍ଚ୍ଚରେ ୨.୪୨% ରହିଥିଲା।

### ହ୍ୟାକିଂ ସମ୍ଭାବନା: ଅପ୍‌ଡେଟ୍ ଲାଗି ହ୍ୱାଟ୍ସଆପ୍‌ର ଚେତାବନୀ

ନୂଆଦିଲ୍ଲୀ,୧୪-୫: ସିକ୍ୟୁରିଟି ଫିଚର୍ସରେ ତ୍ରୁଟି ପରିଲକ୍ଷିତ ହେବା ପରେ ହ୍ୱାଟ୍ସଆପ୍ ଏହାର ୟୁଜରଙ୍କୁ ତୁରନ୍ତ ଏହି ଆପ୍‌କୁ ଅପ୍‌ଡେଟ୍ କରିନେବା ଲାଗି ଚେତାଇ ଦେଇଛି। କାରଣ ସିକ୍ୟୁରିଟିରେ ଥିବା ତ୍ରୁଟି ଯୋଗୁ ଯେକୌଣସି ମୁହୂର୍ତ୍ତରେ ୟୁଜରଙ୍କ ଫୋନ୍ ହ୍ୟାକ୍ ହୋଇଯିବାର ସମ୍ଭାବନା ରହିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ତେବେ ସୁରକ୍ଷାରେ ଥିବା ତ୍ରୁଟିକୁ ତୁରନ୍ତ ସଜାଡିନିଆଯାଇଥିବା କମ୍ପାନୀ କହିଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ସିକ୍ୟୁରିଟି ଫିଚର୍ସରେ ତ୍ରୁଟିର ଫାଇଦା ଉଠାଇ ହ୍ୟାକର୍ସ ୟୁଜରଙ୍କ ମୋବାଇଲରେ ଏକ କଲ୍ କରି ଭାଇରସ୍ ଛାଡ଼ି ଦେଇପାରନ୍ତି। ୟୁଜରଙ୍କ ଫୋନ୍ କ୍ୟାମେରା ଏବଂ ମାଇକକୁ ମଧ ହ୍ୟାକ୍ କରିନିଆଯାଇପାରେ। ଏହାଛଡ଼ା ୟୁଜରଙ୍କ ଇ-ମେଲ୍‌ଠାରୁ ଆରମ୍ଭ କରି ମେସେଜ୍ ଓ ଲୋକେଶନ ଡାଟା ପର୍ଯ୍ୟନ୍ତ ସବୁକିଛି ତଥ୍ୟ ହ୍ୟାକରଙ୍କ ହାତରେ ପହଞ୍ଚିଯାଇପାରେ ବୋଲି ହ୍ୱାଟ୍ସଆପ୍ ସୂଚାଇଛି। ମିଡିଆରେ ପ୍ରକାଶିତ ତଥ୍ୟ ଅନୁଯାୟୀ, ସନ୍ଦେହଘେରରେ ଥିବା ଇସ୍ରାଏଲର ଏନ୍‌ଏସ୍‌ଓ ଗ୍ରୁପ୍ ଏହି ସ୍ପାଇୱେର ତିଆରି କରିଛି। ଏହି ଗ୍ରୁପ୍ ମଧ୍ୟପ୍ରାଚ୍ୟରୁ ଆରମ୍ଭ କରି ମେକ୍ସିକୋ ପର୍ଯ୍ୟନ୍ତ ସରକାରୀ ଅଧିକାରୀ ତଥା ଖବରଦାତାଙ୍କ ପାଇଁ ଗୋଇନ୍ଦାଗିରିରେ ସହାୟତା କରୁଛି। ଚଳିତ ମାସରେ ହ୍ୱାଟ୍ସଆପ୍ ସିକ୍ୟୁରିଟିରେ ଥିବା ତ୍ରୁଟିକୁ ଧରିପାରିଥିଲା। ଏହା ଜାଣିବା ପରେ କମ୍ପାନୀ ତୁରନ୍ତ ଏହାକୁ ସୁଧାରିବା କାର୍ଯ୍ୟରେ ଲାଗି ପଡିଥିଲା।

### ୧୦ କୋଟିର ଅନିୟମିତତା ଧରିଲା ପେଟିଏମ୍

ନୂଆଦିଲ୍ଲୀ,୧୪-୫: ଡିଜିଟାଲ ପେମେଣ୍ଟ କମ୍ପାନୀ ପେଟିଏମ୍‌ରେ ୧୦ କୋଟି ଟଙ୍କାର ଅନିୟମିତତା ହୋଇଥିବା ଜଣାପଡିଛି। କମ୍ପାନୀର ଆଭ୍ୟନ୍ତରୀଣ ଯାଞ୍ଚରୁ ଏହା ଧରାପଡିଛି ବୋଲି ପେଟିଏମ୍‌ର ପ୍ରମୁଖ ବିଜୟ ଶେଖର ଶର୍ମା ମଙ୍ଗଳବାର କହିଛନ୍ତି। ଏହା ଜଣାପଡିବା ପରେ କମ୍ପାନୀ ଏଥିରେ ସମ୍ପୃକ୍ତ କର୍ମଚାରୀଙ୍କୁ ବରଖାସ୍ତ କରିଥିବା ବେଳେ ବହୁ ସଂଖ୍ୟାରେ ବିକ୍ରେତାଙ୍କୁ ନିଜର ପ୍ଲାଟଫର୍ମରୁ ହଟାଇ ଦେଇଛି ବୋଲି ସେ କହିଛନ୍ତି।

### ଟ୍ରିବ୍ୟୁନାଲଙ୍କ ଦ୍ୱାରସ୍ଥ ହେଲେ କୋଚରଙ୍କ କମ୍ପାନୀ

ନୂଆଦିଲ୍ଲୀ,୧୪-୫: ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ସିଇଓ ତଥା ଏମ୍‌ଡି ଚନ୍ଦା କୋଚର ଏବଂ ଦୀପକ କୋଚରଙ୍କ ସହ ଜଡ଼ିତ କମ୍ପାନୀ ନିଜର ଜବତ ହୋଇଥିବା ଦସ୍ତାବିଜ ଫେରିପାଇବା ଲାଗି ପ୍ରିଭେନ୍ସନ ଅଫ୍ ମନି ଲଣ୍ଡରିଂ ଆକ୍ଟ ଆପିଲେଟ ଟ୍ରିବ୍ୟୁନାଲଙ୍କ ଦ୍ୱାରସ୍ଥ ହୋଇଛି। ମାର୍ଚ୍ଚ ପହିଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପ୍ୟାସିଫିକ୍ କ୍ୟାପିଟାଲ ସର୍ଭିସେସ୍ ପ୍ରାଇଭେଟ ଲିମିଟେଡ ଏବଂ କ୍ୱାଲିଟି ଟେକ୍ନୋ ଆଡ୍‌ଭାଇଜର୍ସ ପ୍ରାଇଭେଟ ଲିମିଟେଡ କମ୍ପାନୀରେ ଚଢ଼ାଉ କରିଥିଲେ ଏବଂ ଦସ୍ତାବିଜ ଜବତ କରିଥିଲେ। ଚନ୍ଦା ଏବଂ ଦୀପକଙ୍କ ନିକଟରେ ଏହି ଦୁଇ କମ୍ପାନୀର ଶେୟାର ରହିଛି।

# ଜେଟ୍ ଏୟାରୱେଜ୍‌ରେ ଇସ୍ତଫା ଦୌଡ

- ସିଇଓଙ୍କ ସମେତ ୩ଟପ୍ ଅଧିକାରୀ କମ୍ପାନୀରୁ ଓହରିଲେ
- ଏଟିହାଦ ମାତ୍ର ୧୭୦୦ କୋଟି ନିବେଶ ପାଇଁ ଆଗ୍ରହୀ
- ବଡ଼ ନିବେଶକଙ୍କ ଆବଶ୍ୟକତା ରହିଛି

ନୂଆଦିଲ୍ଲୀ,୧୪-୫



ଘରୋଇ ବିମାନ କମ୍ପାନୀ ଜେଟ୍ ଏୟାରୱେଜ୍‌ର ପୁନଃକାର୍ଯ୍ୟକ୍ଷମ ହେବା ଆଶା ପ୍ରାୟ ଶେଷ ହୋଇଯିବା ପରେ ଟପ୍ ମ୍ୟାନେଜମେଣ୍ଟ ଅଧିକାରୀଙ୍କ ମଧ୍ୟରେ ନୈରାଶ୍ୟ ଖେଳିଯାଇଛି। ଚିଫ୍ ଏକ୍‌ଜିକ୍ୟୁଟିଭ ଅଧିକାରୀ(ସିଇଓ) ବିନୟ ଦୁବେ, ଡେପୁଟି ସିଇଓ ତଥା ସିଏଫ୍‌ଓ ଅମିତ ଅଗ୍ରୱାଲ ଏବଂ ଚିଫ୍ ପିପୁଲ୍ସ ଅଫିସର ରାହୁଲ ତନେଜା ମଙ୍ଗଳବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ବ୍ୟକ୍ତିଗତ କାରଣ ଯୋଗୁ ନିଜ ପଦରୁ ଇସ୍ତଫା ଦେଲେ ବୋଲି ସେମାନେ ଜଣାଇଛନ୍ତି।

ଦୁବେ ୨୦୧୭ ଅଗଷ୍ଟରେ ଜେଟ୍ ଏୟାରୱେଜ୍ ସହ ନିଜକୁ ଜଡ଼ିତ କରିଥିଲେ। ଏହାପୂର୍ବରୁ ସେ ଡେଲ୍ଟା ଏୟାରଲାଇନ୍ସ ଏବଂ ଆମେରିକାନ ଏୟାରଲାଇନ୍ସରେ କାମ କରିଥିଲେ। ଅନ୍ୟପକ୍ଷରେ ଏସାର ଗ୍ରୁପ୍‌ର ଏଚ୍‌ଆର୍ ମୁଖ୍ୟ ରହିଥିବା ତନେଜା ୨୦୧୬ ଫେବୃୟାରୀରେ ଜେଟ୍‌ରେ ଯୋଗ ଦେଇଥିଲେ। ଅଗ୍ରୱାଲ ଫାଇନାନ୍ସ ମୁଖ୍ୟ ଭାବେ ୨୦୧୫ ଡିସେମ୍ବରରେ କମ୍ପାନୀରେ ସାମିଲ ହୋଇଥିଲେ। ତାଙ୍କୁ ୨୦୧୭ ନଭେମ୍ବରରେ ଡେପୁଟି ସିଇଓ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଜେଟ୍ ଏୟାରୱେଜର ବିଡ୍ ଦାଖଲ ବେଳେ ଆବୁଧାବୀର ବିମାନ କମ୍ପାନୀ ଏଟିହାଦ ଏୟାରଲାଇନ୍ସ କେତେକ ସର୍ତ୍ତାରୋପ କରିଛି। ଜେଟ୍‌ରେ କମ୍ପାନୀ ୧୭୦୦ କୋଟି ଟଙ୍କା ନିବେଶ କରିପାରିବ ବୋଲି ସ୍ପଷ୍ଟ କରିଛି। ପୁନର୍ଗଠିତ ଜେଟ୍ ଏୟାରୱେଜରେ ଏହାର ୨୪% ଅଂଶଧନ ହିଁ ରହିବ ବୋଲି ଏଟିହାଦ କହିଛି। ତେବେ ଜେଟ୍ ଉପରେ ଏବେ ୯ ହଜାର କୋଟି ଟଙ୍କାରୁ ଅଧିକ ବକେୟା ଋଣ ରହିଥିବାରୁ କମ୍ପାନୀର ପୁନରୁଦ୍ଧାର ଲାଗି ବଡ଼ ନିବେଶକଙ୍କ ଆବଶ୍ୟକତା ରହିଛି, ଯାହା କି ମିଳୁନାହିଁ। ପ୍ରମୋଟର ନରେଶ ଗୋୟଲଙ୍କ ପରେ ମ୍ୟାନେଜମେଣ୍ଟର ୩ ଶୀର୍ଷ ଅଧିକାରୀଙ୍କ ଇସ୍ତଫା ଦେବାରୁ କର୍ମଚାରୀଙ୍କ ମଧ୍ୟରେ ନୈରାଶ୍ୟ ଖେଳିଯାଇଛି। ସେମାନେ ନିଜର ଦୁଃଖ ଓ ଅସୁବିଧା ଦୂର ଲାଗି କାହାପାଖକୁ ଯିବେ ବୋଲି କର୍ମଚାରୀମାନେ ମତପ୍ରକାଶ କରିଛନ୍ତି। ସୂଚନାଥାଉ କି, ଜେଟ୍‌ର ଅପରେଶନ ସାମୟିକ ବନ୍ଦ ହୋଇଯିବା ପରେ ଏହାର ୭୫୦ ସ୍ଲଟ୍ ଖାଲି ପଡିଥିଲା। ତନ୍ମଧ୍ୟରୁ କେନ୍ଦ୍ର ସରକାର ୪୮୦ ସ୍ଲଟ୍‌କୁ ଅନ୍ୟ ଏୟାରଲାଇନ୍ସକୁ ବାଣ୍ଟି ଦେଇଥିଲେ। ଏଥିରୁ ସ୍ପାଇସ୍‌ଜେଟ୍ ୧୩୦, ଇଣ୍ଡିଗୋ ୧୨୫, ଭିସ୍ତାରା ୧୧୦, ଗୋଏୟାର ଏବଂ ଏୟାରଏସିଆ ୪୦ରୁ ୪୫ ସ୍ଲଟ୍ ପାଇଛନ୍ତି। ଜେଟ୍ ଏୟାରୱେଜ୍‌ର ୧୧୮ ଦିଲ୍ଲୀ ସ୍ଲଟ୍ ମଧ୍ୟରୁ ଇଣ୍ଡିଗୋକୁ ୪୦ ଏବଂ ସ୍ପାଇସ୍‌ଜେଟ୍‌କୁ ୨୦୦ରୁ ୭୦ ମୁମ୍ବାଇ ସ୍ଲଟ୍ ମିଳିଛି। ଆର୍ଥିକ ସଙ୍କଟ କାରଣରୁ ଜେଟ୍ ନିଜର କର୍ମଚାରୀଙ୍କୁ ଗତ ୫ ମାସରୁ ଉର୍ଦ୍ଧ୍ୱ ସମୟ ହେବ ଦରମା ଦେଇପାରିନି। ଏହା ଅର୍ଥ ଅଭାବରେ ନିଜର ଅପରେଶନ ବନ୍ଦ କରିଦେଇଛି। ଅନ୍ୟପକ୍ଷରେ ଜେଟ୍‌ର ଅଂଶଧନ ବିକ୍ରି କରିବା ପାଇଁ ଏସ୍‌ବିଆଇ ନେତୃତ୍ୱରେ ବ୍ୟାଙ୍କ କନ୍‌ସୋର୍ଟିୟମର ଉଦ୍ୟମ ଫଶର ଫାଟିଛି।

## ଆଇଟିସିର ନୂଆ ବି'ନାଚୁରାଲ ଉନ୍ମୋଚନ




ମୁମ୍ବାଇ,୧୪-୫

ପ୍ରମୁଖ କମ୍ପାନୀ ଆଇଟିସିର ଫୁଡ ଡିଭିଜନ ପକ୍ଷରୁ ଏହାର ବିନାଚୁରାଲ ରେଞ୍ଜରେ ଫ୍ରୁଟ ବେଭରେଜ ପ୍ରଡକ୍ଟ ବଜାରକୁ ଆସିଛି। ଏହା ପ୍ରିମିୟମ ଫ୍ରୁଟ ବେଭରେଜ ରେଞ୍ଜରେ ଆସୁଥିବା ବେଳେ କମ୍ପାନୀର ବ୍ରାଣ୍ଡ ଆମ୍ବାସାଡାର ବଲିଉଡ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ କମ୍ପାନୀର ଡେରୀ ଏବଂ ବେଭରେଜ ବିଜନେସ ସିଓଓ ସଞ୍ଜୟ ସିଂଘଲ ଏହାର ଉନ୍ମୋଚନ କରିଥିଲେ। ଏହି ବୋତଲଗୁଡିକ ପରିବେଶ ଉପଯୋଗୀ। ନୂଆ ରେଞ୍ଜରେ ହିମାଳୟାନ ମିକ୍ସ ଫ୍ରୁଟ, ରତ୍ନଗିରି ଆଲଫୋନସୋ ଏବଂ ଦକ୍ଷି ପିଙ୍କ ଗୌଭା ଭଳି ଭାରିଆଣ୍ଟ ସାମିଲ ରହିଛି। ଏହାର ବଜାର ଦର ୪୦ ଟଙ୍କା ରହିଛି। ଏହି ପ୍ରଡକ୍ଟରେଞ୍ଜ ସ୍ୱତନ୍ତ୍ର ହୋଇଥିବା ବେଳେ ଏହାକୁ ଅତ୍ୟାଧୁନିକ ଟେକ୍ନୋଲୋଜି ସହ ପ୍ରସ୍ତୁତ କରାଯାଇଛି ବୋଲି ସିଓଓ ସଞ୍ଜୟ ସିଂଘଲ କହିଛନ୍ତି।

## ହୋଣ୍ଡା ଟୁହ୍ୱିଲର୍ସ-ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଚୁକ୍ତି

ଭୁବନେଶ୍ୱର,୧୪-୫




ଗ୍ରାହକଙ୍କ ଫାଇନାନ୍ସର ଅଧିକ ବିକଳ୍ପ ପ୍ରଦାନ କରିବା ଲକ୍ଷ୍ୟରେ ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ସହ ଚୁକ୍ତିରେ ସାମିଲ ହୋଇଛି। କମ୍ପାନୀର ବିକ୍ରି ଓ ମାର୍କେଟିଂ ଉପସଭାପତି ୟଦବିନ୍ଦର ସିଂ ଗୁଲେରିଆ ଏବଂ ଆଇଡିଏଫ୍‌ସିର ରିଟେଲ ଆସେଟ ବିଭାଗ ମୁଖ୍ୟ ପ୍ରଦୀପ ନଟରାଜନଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ବର୍ତ୍ତମାନ ଅଧିକରୁ ଅଧିକ ଗ୍ରାହକ ଦୁଇ ଚକିଆ ଯାନ କିଣିବା ବେଳେ ଫାଇନାନ୍ସ ବିକଳ୍ପ ଚୟନ କରୁଛନ୍ତି। ଗ୍ରାହକଙ୍କୁ ସୁଲଭ କ୍ରୟ ବିକଳ୍ପ ପ୍ରଦାନ ଲକ୍ଷ୍ୟରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ଗୁଲେରିଆ କହିଛନ୍ତି।

## ହ୍ୟୁଣ୍ଡାଇ ପକ୍ଷରୁ କର୍ପୋରେଟ୍ କ୍ୟାମ୍ପେନ୍

ଭୁବନେଶ୍ୱର,୧୪-୫

ହ୍ୟୁଣ୍ଡାଇ ମୋଟର୍ସ ପକ୍ଷରୁ ସ୍ମାର୍ଟମୋବିଲିଟିକୁ ପ୍ରୋତ୍ସାହନ ସ୍ୱରୂପ ନୂଆ କର୍ପୋରେଟ କ୍ୟାମ୍ପେନ ଆରମ୍ଭ କରାଯାଇଛି। ଏହା 'ୱାନ୍ସ ଅପନ ଏ ଟାଇମ୍ ହ୍ୟୁଣ୍ଡାଇ ଏ କାର କମ୍ପାନୀ' ଭାବେ ଆରମ୍ଭ ହୋଇଛି। ଭବିଷ୍ୟତର ଶେୟାର୍ଡ ମୋବିଲିଟି, କନେକଟେଡ ଏବଂ କ୍ଲିନ ଟେକ୍ନୋଲୋଜି ଉପରେ ଏହା କ୍ୟାମ୍ପେନରେ ଗୁରୁତ୍ୱାରୋପ କରିଛି। ଗ୍ରାହକଙ୍କୁ ସର୍ବୋତ୍ତମ ଗୁଣବତ୍ତା ଯୋଗାଣ ଲକ୍ଷ୍ୟରେ ଏହା କାର୍ଯ୍ୟ କରୁଥିବା ବେଳେ ଗ୍ରାହକଙ୍କ ସନ୍ତୁଷ୍ଟି ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା କହିଛି। ଏକ ଅଟୋମୋବାଇଲ ବ୍ରାଣ୍ଡରୁ ସ୍ମାର୍ଟ ମୋବିଲିଟି ସଲ୍ୟୁଶନ ପ୍ରଦାନକାରୀ କମ୍ପାନୀକୁ ପରିବର୍ତ୍ତନର ଧାରା ଏହି କ୍ୟାମ୍ପେନରେ ପ୍ରତିଫଳିତ ହୋଇଛି। ଜିରୋ ଏମିଶନ ମୋବିଲିଟି, ଶେୟାର୍ଡ, କନେକଟେଡ ଲକ୍ଷ୍ୟ ସହ ଅଗ୍ରସର ହେଉଥିବା ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡର ଏମ୍‌ଡି ତଥା ସିଇଓ ଏସ୍.ଏସ୍.କିମ୍ କହିଛନ୍ତି।

## ବିଭିନ୍ନ କମ୍ପାନୀ ପକ୍ଷରୁ ବାତ୍ୟା ସହାୟତା




ଖିମଜୀ ଗ୍ରୁପ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨୧ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଗ୍ରୁପ ପକ୍ଷରୁ ନିର୍ଦ୍ଦେଶକ ମିତେଶ ଖିମଜୀ ଏବଂ ସୁମୀତ ଖିମଜୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଚେକ୍ ପ୍ରଦାନ କରିଛନ୍ତି।

### ନିଶାନ ପକ୍ଷରୁ ସହାୟତା

ଫନୀ ପ୍ରଭାବିତ ଲୋକଙ୍କୁ ସହାୟତା କରିବା ଲାଗି ନିଶାନ ଇଣ୍ଡିଆ ଆଗେଇ ଆସିଛି। କମ୍ପାନୀ ପକ୍ଷରୁ କଟକ ଏବଂ ଭୁବନେଶ୍ୱରରେ ଜରୁରିକାଳୀନ ମରାମତି ଟିମ୍ ମୁତୟନ କରାଯାଇଛି। ଯାନ ମରାମତିରେ ଉନ୍ନତି ଆଣିବା ଲାଗି ଡିଲରଶିପଗୁଡିକରେ ଅତିରିକ୍ତ ତାଲିମପ୍ରାପ୍ତ ଶ୍ରମିକ ନିୟୋଜିତ କରାଯାଇଛି। ଗ୍ରାହକଙ୍କୁ ମାଗଣା ଗାଡି ଟାଣିବା ସେବା ଯୋଗାଇ ଦିଆଯାଉଛି। ନିଶାନର ତାଲିମ ପ୍ରାପ୍ତ ଟେକ୍ନିକାଲ ଟିମ୍‌ଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ସମ୍ପାଦନ କରାଯାଉଛି। ଏଥିଲାଗି କମ୍ପାନୀର ହେଲପ ଲାଇନକୁ ଫୋନ କରି ଗ୍ରାହକ ସେବା ନେବାକୁ ନିବେଦନ କରାଯାଇଛି। ଏକ ଦାୟିତ୍ୱବାନ କର୍ପୋରେଟ ନାଗରିକ ଭାବେ ଏଭଳି ପଦକ୍ଷେପ ଗ୍ରହଣ କରିଥିବା ନିଶାନ ମୋଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ମହାପ୍ରବନ୍ଧକ ଅତୁଲ ଅଗ୍ରୱାଲ ସୂଚନା ଦେଇଛନ୍ତି।

### କ୍ଷତିଗ୍ରସ୍ତଙ୍କୁ ସହାୟତା ଲାଗି ଏଏଆଇ, ସିଆଇଆଇର ନିବେଦନ



ଫନୀ ଦ୍ୱାରା ପୁରୀ,ଖୋର୍ଦ୍ଧା,କଟକ ସମେତ ରାଜ୍ୟର ୧୪ଟି ଜିଲାର ୧୫୯ ବ୍ଲକ, ୧୮୧୬୮ ଗ୍ରାମ, ୫୨ଟି ସହରାଞ୍ଚଳ ଏବଂ ୧.୬୫ କୋଟି ଜନସାଧାରଣ ପ୍ରଭାବିତ ହୋଇଛନ୍ତି। ଲୋକମାନେ ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଥିବାରୁ ସେମାନଙ୍କୁ ରିଲିଫ ଏବଂ ଥଇଥାନ ଲାଗି ସହଯୋଗର ହାତ ବଢାଇବାକୁ ଆଲୁମିନିୟମ ଆସୋସିଏଶନ ଅଫ୍ ଇଣ୍ଡିଆ(ଏଏଆଇ) ଏବଂ କନଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରିଜ(ସିସିଆଇ) ପକ୍ଷରୁ ନାଲକୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦ ନିବେଦନ କରିଛନ୍ତି। ସହଯୋଗ ଲାଗି ଶିଳ୍ପ ପ୍ରତିଷ୍ଠାନ,ଜନସାଧାରଣ ଏବଂ ଅନୁଷ୍ଠାନ ଆଗେଇ ଆସିବାକୁ ଚାନ୍ଦ ଗୁରୁତ୍ୱାରୋପ କରିଛନ୍ତି। ଲୋକମାନେ ସହାୟତା ରାଶି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫାଣ୍ଠି, ରିବିଲ୍ଡ ଓଡିଶା ପୋର୍ଟାଲ ଏବ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିପାରିବେ ବୋଲି ଚାନ୍ଦ କହିଛନ୍ତି।

## ଆଇବିସିରୁ ଫେରିଛି ୭୦ ହଜାର କୋଟି

ନୂଆଦିଲ୍ଲୀ,୧୪-୫

**କ୍ରିସିଲ ରିପୋର୍ଟ**

ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍(ଆଇବିସି) ଜରିଆରେ ଫସିଯାଇଥିବା ଋଣ ଅସୁଲ ସୁବିଧାଜନକ ହୋଇଛି। ୨୦୧୮-୧୯ରେ ୭୦ ହଜାର କୋଟି ଟଙ୍କା ଅନାଦାୟ ଋଣ(ଏନ୍‌ପିଏ) ଫେରି ଆସିଛି। ଋଣ ଅସୁଲ ଲାଗି ପୂର୍ବରୁ ଥିବା ଅନ୍ୟ ବ୍ୟବସ୍ଥା ତୁଳନାରେ ଏହା ଅଧିକ ଫଳପ୍ରଦ ବୋଲି ଘରୋଇ ରେଟିଂ ଏଜେନ୍ସି କ୍ରିସିଲ ପକ୍ଷରୁ ପ୍ରସ୍ତୁତ ଏକ ରିପୋର୍ଟରେ କୁହାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଆର୍ଥିକ ବର୍ଷ ୨୦୧୮-୧୯ରେ ଋଣ ଅସୁଲ ନ୍ୟାୟାଧିକରଣ, ପ୍ରତିଭୂତୀକରଣ ଏବଂ ସର୍‌ଫେସି ତଥା ଲୋକ ଅଦାଲତ ଜରିଆରେ ୩୫ ହଜାର କୋଟି ଟଙ୍କାର ଏନ୍‌ପିଏ ଫେରସ୍ତ ମିଳିଛି। କ୍ରିସିଲ ଅଧ୍ୟକ୍ଷ ଗୁରପ୍ରୀତ ଚଟୱାଲ କହିଛନ୍ତି ଯେ, ଆଇବିସି ଜରିଆରେ ୨୦୧୮-୧୯ରେ ୯୪ ମାମଲାରେ ସମାଧାନ ହାର ୪୩% ରହିଥିଲା। ଅନ୍ୟପକ୍ଷରେ ପୂର୍ବର ସମାଧାନ ବ୍ୟବସ୍ଥାରେ ଏହି ହାର ୨୬.୫% ରହିଛି। ଦେବାଳିଆ ଏବଂ ଋଣ ସମାଧାନ ଅକ୍ଷମତା ବୋର୍ଡ(ଆଇବିବିଆଇ)ର ୱେବସାଇଟରେ ଉପଲବ୍ଧ ରିପୋର୍ଟ ଅନୁଯାୟୀ, ପ୍ରାୟ ୨.୦୨ ଲକ୍ଷ କୋଟି ଟଙ୍କାର ୪୪୫୨ ଏନ୍‌ପିଏ ମାମଲାକୁ ଆଇବିସି ଜରିଆରେ ସମାଧାନ କରାଯାଇସାରିଛି। ଏହି କାରଣରୁ ବ୍ୟାଙ୍କଗୁଡ଼ିକର ମୋଟ୍ ଏନ୍‌ପିଏ ପରିମାଣ ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ହ୍ରାସ ପାଇ ୧୦%ରେ ପହଞ୍ଚିଯାଇଛି, ଯାହା କି ପୂର୍ବବର୍ଷ ୧୧.୫% ରହିଥିଲା। ତେବେ ଆଇବିସି ଜରିଆରେ ଏନ୍‌ପିଏ ସମାଧାନ ପାଇଁ ଲାଗୁଥିବା ସମୟ ଏକ ବଡ଼ ପ୍ରସଙ୍ଗ ବୋଲି କ୍ରିସିଲ ରିପୋର୍ଟରେ କୁହାଯାଇଛି।

## ୟୁନାଇଟେଡ ବ୍ୟାଙ୍କର ଆର୍ଥିକ ଫଳାଫଳ

କଲିକତା,୧୪-୫

ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ୨୦୧୮-୧୯ ଆର୍ଥିକ ବର୍ଷ ଶେଷ ସୁଦ୍ଧା ବ୍ୟାଙ୍କର କାରବାର ୨.୦୮ ଲକ୍ଷ କୋଟି ଟଙ୍କା ଟପିଛି। ଶେଷ ତ୍ରୈମାସରେ ଏହା ୯୫.୧୮ କୋଟି ଟଙ୍କାର ନେଟ ଲାଭ ହାସଲ କରିଛି। ଲଗାତର ଭାବେ ସାତ ତ୍ରୈମାସ ଧରି ଏହା କ୍ଷତି ସହି ଆସୁଥିଲା। ଆଲୋଚ୍ୟ ତ୍ରୈମାସରେ ଏହା ୫୪୦ କୋଟି ଟଙ୍କାର ପରିଚାଳନା ଲାଭ ହାସଲ କରିଛି। ତୃତୀୟ ତ୍ରୈମାସ ତୁଳନାରେ ବ୍ୟାଙ୍କ ଚତୁର୍ଥ ତ୍ରୈମାସରେ ପରିଚାଳନା ଲାଭରେ ୪୧% ଅଭିବୃଦ୍ଧି ହାସଲ କରିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ବ୍ୟାଙ୍କର ଲାଭ ୧୪୧୨ କୋଟି ଟଙ୍କା ରହିଛି,ଯାହା ୨୦୧୭-୧୮ରେ ୧୦୨୪ କୋଟି ଟଙ୍କା ରହିଥିଲା। ଏଥିରେ ୩୮% ଅଭିବୃଦ୍ଧି ହୋଇଛି। ଏହା କାସା ଜମାରେ ଉନ୍ନତି ହୋଇଛି। ବ୍ୟାଙ୍କ ୧୯୭୫ କୋଟି ଟଙ୍କାର ନେଟ ସୁଧଜନୀତ ଆୟ ଲାଭ କରିଛି। ସେହିଭଳି ଅଣସୁଧଜନୀତ ଆୟ ୨୩୮୫ କୋଟି ଟଙ୍କା ରହିଛି। ନେଟ ଏବଂ ମୋଟ ଏନ୍‌ପିଏରେ ଗତ ଚାରି ତ୍ରୈମାସ ଧରି ଏହା ଉନ୍ନତି କରୁଥିବା ସୂଚନା ଦେଇଛି।


## ଆଲ୍ଲାହାବାଦ ବ୍ୟାଙ୍କ — ଡ଼ିମାଣ୍ଡ ନୋଟିସ୍

**ମଣ୍ଡଳ କାର୍ଯ୍ୟାଳୟ : ୩/୧ ବି, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫**

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ,୨୦୦୨ ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତା ଭାବେ ଆଲ୍ଲାହାବାଦ ବ୍ୟାଙ୍କ ଦ୍ୱାରା ଜାରି କରାଯାଇଥିବା ଡ଼ିମାଣ୍ଡ ନୋଟିସ୍ ଯାହା ନିମ୍ନଲିଖିତ ଶାଖାର ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ବିରୁଦ୍ଧରେ ତାହା ନିମ୍ନ ସାରଣୀରେ ପ୍ରଦାନ କରାଗଲା ।

| ଶାଖାର ନାମ/ଋଣଗ୍ରହୀତା/ ଜାମିନ୍‌ଦାରଙ୍କ ନାମ ଓ ଠିକଣା | ଋଣ ପରିମାଣ | ବକେୟା ଦେୟ /ଏନ୍‌ପିଏ ତାରିଖ | ନୋଟିସ୍ ତାରିଖ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|---|
| **ଫୁଲବାଣୀ ଶାଖା** **ଋଣଗ୍ରହୀତା: ମେସର୍ସ ବଜରଙ୍ଗ ଟ୍ରାନ୍ସପୋର୍ଟସ୍, (ସତ୍ତ୍ୱାଧିକାରୀ:ଶ୍ରୀମତୀ ପ୍ରଭାତୀ ପାଣିଗ୍ରାହୀ,** ସ୍ୱା-ଶ୍ରୀ ବଳରାମ ପାଣିଗ୍ରାହୀ),**ବନ୍ଧକଦାତା ଓ ଜାମିନ୍‌ଦାର: ଶ୍ରୀମତୀ ପୁଷ୍ପାରାଣୀ ପାଣିଗ୍ରାହୀ,** ସ୍ୱା-ଶ୍ରୀ ବଳରାମ ପାଣିଗ୍ରାହୀ, **ଜାମିନ୍‌ଦାର: ଶ୍ରୀ ବଳରାମ ପାଣିଗ୍ରାହୀ,** ସମସ୍ତଙ୍କ ଠିକଣା: ସା-ଆମ୍ବପଡା, ପୋଷ୍ଟ-ଗଞ୍ଜୁଗୁଡ, ଫୁଲବାଣୀ, ଜିଲ୍ଲା-କନ୍ଧମାଳ-୭୬୨୦୨୯ । | ଟ.୧୪,୦୦,୦୦୦/- (ଚଉଦ ଲକ୍ଷ ଟଙ୍କା ମାତ୍ର) ସିସି-ଟ.୧୨ ଲକ୍ଷ ଡବ୍ଲ୍ୟୁସିଟିଏଲ୍-ଟ.୨ ଲକ୍ଷ | ଟ.୧୬,୬୪,୯୩୪/- (ଷୋହଳ ଲକ୍ଷ ଚଉଷଠି ହଜାର ନଅ ଶହ ଚଉତିରିଶି ଟଙ୍କା ମାତ୍ର) ସହିତ ତା୩୧.୧୨.୨୦୧୮ ରିଖ ଠାରୁ ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ ସିସିର ବକେୟା ଦେୟ-ଟ.୧୪,୬୯,୦୧୭/- ଡବ୍ଲ୍ୟୁସିଟିଏଲର ବକେୟା ଦେୟ-ଟ.୧,୯୫,୯୧୭/- / ଏନ୍‌ପିଏ ତାରିଖ:୨୯.୦୧.୨୦୧୯ | ୩୧.୦୧.୨୦୧୯ | **ଶ୍ରୀମତୀ ପୁଷ୍ପାରାଣୀ ପାଣିଗ୍ରାହୀଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା-ଆମ୍ବପଡା, ଥାନା-ଫୁଲବାଣୀ, ଥାନା ନଂ.-୨୦୧, ତହସିଲି/ଜିଲ୍ଲା-କନ୍ଧମାଳ, ଖାତା ନଂ.-୬୫/୩୫, ପ୍ଲଟ ନଂ.-୨୬୫, ଏରିଆ-ଏକର୦.୦୫୨ ଡିସିମିଲି । |
| **ବଡବିଲ୍ ଶାଖା** **ଋଣଗ୍ରହୀତା: ଶ୍ରୀମତୀ ସରସ୍ୱତୀ ପଟ୍ଟନାୟକ,** ସ୍ୱା-ଶ୍ରୀ ଶରତ ଚନ୍ଦ୍ର ପଟ୍ଟନାୟକ, ସା-ସେରେଣ୍ଡା, ପୋ/ଥାନା-ବଡବିଲ୍, ଜିଲ୍ଲା-କେନ୍ଦୁଝର-୭୫୮୦୩୫, **ଜାମିନ୍‌ଦାରମାନେ: (୧)ଶ୍ରୀ ଶ୍ୟାମଳେନ୍ଦୁ ମିତ୍ର,** ମାର୍ଫତ-ଶ୍ରୀ ଏସ୍ ବି ମିଶ୍ର, ସା-ପଞ୍ଜାବୀ ଏରିଆ, ସା/ପୋ/ଥାନା-ବଡବିଲ୍, ଜିଲ୍ଲା-କେନ୍ଦୁଝର-୭୫୮୦୩୫, **(୨)ଶ୍ରୀ ଶରତ ଚନ୍ଦ୍ର ପଟ୍ଟନାୟକ,** ପିତା-ଶ୍ରୀ କଳିକେଶ୍ୱର ପଟ୍ଟନାୟକ, ସା-ସେରେଣ୍ଡା, ପୋ/ଥାନା-ବଡବିଲ୍, ଜିଲ୍ଲା-କେନ୍ଦୁଝର-୭୫୮୦୩୫ | ଟ.୨,୩୦,୦୦୦/- (ଦୁଇ ଲକ୍ଷ ତରିଶି ହଜାର ଟଙ୍କା ମାତ୍ର) ଗୃହ ଋଣ | ଟ.୨,୮୩,୫୬୫/- (ଦୁଇ ଲକ୍ଷ ତେୟାଅଶି ହଜାର ପାଞ୍ଚଶହ ପଞ୍ଚଷଠୀ ଟଙ୍କା ମାତ୍ର)ସହିତ ତା୦୧.୧୧.୨୦୧୪ ରିଖ ଠାରୁ ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ / ଏନ୍‌ପିଏ ତାରିଖ:୩୦.୧୧.୨୦୧୪ | ୨୧.୦୨.୨୦୧୯ | **ଶ୍ରୀମତୀ ସରସ୍ୱତୀ ପଟ୍ଟନାୟକଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା-ଭୁସୁଗାଁ, ଥାନା/ତହସିଲି- ବଡବିଲ୍, ଜିଲ୍ଲା-କେନ୍ଦୁଝର, ଖାତା ନଂ.-୧୧୭, ପ୍ଲଟ ନଂ.-୫୦୭, ବିକ୍ରୟ ଦଲିଲ୍ ନଂ.-୧୬/୪/୨୦୦୩(ଖାତା ନଂ.-୧୨୮/୨୭୫, ପ୍ଲଟ ନଂ.୫୦୭/୧, ଆରଓଆର/ପଟ୍ଟା ତାରିଖ-୭/୧୧/୨୦୦୩), ଏରିଆ-ଏକର୦.୦୫ ଡିସିମିଲି, କିସମ-ଗୃହପୋଯୋଗୀ । |

ଆପଣମାନେ ଆମ, ଉପରୋକ୍ତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତା/ଆଇନଗତ ଉତ୍ତରାଧିକାରୀମାନେ ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧର ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଉପର ଲିଖିତ ତାରିଖରେ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାରା ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର ୬୦ ଦିନ ମଧ୍ୟରେ ଆପଣ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ବ୍ୟାଙ୍କ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ । ଆପଣଙ୍କୁ ଜଣାଇ ଦିଆଯାଉଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୀୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତ ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ପଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ/ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍‌ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧିକାରକୁ ପ୍ରତିହତ କରିବ ନାହିଁ ।

**ସ୍ଥାନ-ଭୁବନେଶ୍ୱର,ତାରିଖ- ୧୫.୦୫.୨୦୧୯** — **କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ**

> ଆଣ୍ଠୁରେ କ୍ଷତ ସତ୍ତ୍ୱେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଆଇପିଏଲ୍ ଫାଇନାଲ ଖେଳି ଶେନ୍ ୱାଟସନ ଖେଳ ପ୍ରତି ତାଙ୍କ ଉତ୍ସର୍ଗୀକୃତ ମନୋଭାବ ଦେଖାଇଛନ୍ତି।
> —ହରଭଜନ ସିଂ, ଚେନ୍ନାଇ ସୁପର କିଙ୍ଗ୍ସ ଖେଳାଳି



> ଆଇସିସି ଦିନିକିଆ ବିଶ୍ୱକପ୍ ପାଇଁ ଭାରତୀୟ ଦଳରେ ଯଥେଷ୍ଟ ଦକ୍ଷ ଖେଳାଳି ଅଛନ୍ତି। ପରିସ୍ଥିତିକୁ ଦେଖି କମ୍ବିନେଶନ ସ୍ଥିର କରାଯିବ।
> —ରବି ଶାସ୍ତ୍ରୀ, ଭାରତୀୟ କ୍ରିକେଟ ଦଳର କୋଚ୍



## ସଂକ୍ଷେପରେ

ଇଟାଲୀ ଓପନ୍

### ମୁଗୁରୁଜାଙ୍କ ବିଜୟ ଅଭିଯାନ

**ରୋମ, ୧୪।୫(ଏଏଫ୍‌ପି):** ପୂର୍ବତନ ଫ୍ରେଞ୍ଚ ଓପନ୍ ଚାମ୍ପିୟନ ଗାର୍ବିଏନ୍ ମୁଗୁରୁଜା ଏଠାରେ ଚାଲିଥିବା ଇଟାଲୀ ଓପନ୍‌ରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ମଙ୍ଗଳବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡର ଏକ ମୁକାବିଲାରେ ବିଶ୍ୱ ମାନ୍ୟତାର ୧୯ତମ ସ୍ଥାନରେ ରହିଥିବା ମୁଗୁରୁଜା ୬-୩, ୬-୪ ସିଧାସଳଖ ସେଟ୍‌ରେ ଚାଇନାର ଝେଙ୍ଗ୍ ସାଇସାଇଙ୍କୁ ପରାସ୍ତ କରିଛନ୍ତି। ୨୫ ବର୍ଷୀୟା ମୁଗୁରୁଜା ଏଥିପୂର୍ବରୁ ମାଡ୍ରିଡ୍ ଓପନ୍ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ। ସେ ୨୦୧୬ ଓ ୨୦୧୭ରେ ଯଥାକ୍ରମେ ଫ୍ରେଞ୍ଚ୍ ଓପନ୍ ଓ ୱିମ୍ବଲଡନ ଚାମ୍ପିୟନ ହୋଇଥିବାବେଳେ ରୋମ୍‌ରେ ୨ଥର ଫାଇନାଲରେ ପ୍ରବେଶ କରିଛନ୍ତି। ମୁଗୁରୁଜା ୨ୟ ରାଉଣ୍ଡରେ ଡେନ୍‌ମାର୍କର କାରୋଲିନ ୱୁଜନିଆକି କିମ୍ବା ଆମେରିକାର ଡାନିଏଲ୍ କୋଲିନ୍ସଙ୍କୁ ଭେଟିବେ। ସେହିଭଳି ଅନ୍ୟ ଏକ ମହିଳା ସିଙ୍ଗଲ୍ସ ମ୍ୟାଚ୍‌ରେ ଅଷ୍ଟ୍ରେଲିଆନ୍ ଓପନ୍ ଚାମ୍ପିୟନ ଭିକ୍ଟୋରିଆ ଆଝାରେଙ୍କା ୬-୨, ୬-୧ ସେଟ୍‌ରେ ଚାଇନାର ଝାଙ୍ଗ୍ ସୁଆଇଙ୍କୁ ପରାସ୍ତ କରି ୨ୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପରବର୍ତ୍ତୀ ମ୍ୟାଚ୍‌ରେ ଆଝାରେଙ୍କାଙ୍କ ମୁକାବିଲା ଡିଫେଣ୍ଡିଂ ଚାମ୍ପିୟନ ଏଲିନା ସ୍ୱିତୋଲିନାଙ୍କ ସହ ହେବ। ଏଠାରେ ୪ଥର ଚାମ୍ପିୟନ ହୋଇଥିବା ତଥା ଆଘାତଜନିତ ସମସ୍ୟାରୁ ମୁକୁଳିଥିବା ସେରେନା ୱିଲିୟମ୍ସ ୬-୪, ୬-୨ ସେଟ୍‌ରେ ସ୍ୱିଡେନର ରେବେକା ପିଟରସନଙ୍କୁ ହରାଇ ଅଭିଯାନ ଆରମ୍ଭ କରିଛନ୍ତି।

### ଭାରତର ୱାର୍ମଅପ୍ ମ୍ୟାଚ୍ ପ୍ରସାରିତ ହେବ

**ନୂଆଦିଲ୍ଲୀ, ୧୪।୫:** ଆଇସିସି ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ ୨ ସପ୍ତାହ ସମୟ ରହିଛି। ବିଶ୍ୱକପ୍ ପୂର୍ବରୁ ଅଂଶଗ୍ରହଣକାରୀ ସମସ୍ତ ୧୦ ଦଳ ୨ଟି ଲେଖାଏ ୱାର୍ମଅପ୍ ମ୍ୟାଚ୍ ଖେଳିବେ। ଏହି ୱାର୍ମଅପ୍ ମ୍ୟାଚ୍ ମେ ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମସ୍ତ ମ୍ୟାଚ୍ ମଧ୍ୟ ସିଧାସଳଖ ପ୍ରସାରିତ ହେବ ବୋଲି ଜଣାପଡ଼ିଛି। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ୱାର୍ମଅପ୍‌ରେ ନ୍ୟୁଜିଲାଣ୍ଡ ଓ ବାଂଲାଦେଶକୁ ଯଥାକ୍ରମେ ମେ ୨୫ ଓ ୨୮ରେ ଭେଟିବ। ଭାରତୀୟ ସମୟ ଅନୁଯାୟୀ ଅପରାହ୍ଣ ୩ଟାରୁ ୱାର୍ମଅପ୍ ମ୍ୟାଚ୍ ଆରମ୍ଭ ହେବ। ନିୟମ ଅନୁଯାୟୀ ଅଭ୍ୟାସ ମ୍ୟାଚ୍‌ଗୁଡ଼ିକ ଅନ୍ତର୍ଜାତୀୟ ମ୍ୟାଚ୍‌ଭାବେ ଗଣାଯିବ ନାହିଁ। ପ୍ରତ୍ୟେକ ଦଳ ବୋଲିଂ ସମୟରେ ସମସ୍ତ ବୋଲରଙ୍କୁ ସୁଯୋଗ ଦେବେ। ସେହିଭଳି ବ୍ୟାଟିଂବେଳେ ବୋଲରଙ୍କ ବଦଳରେ ଟିମ୍‌ର ସମସ୍ତ ବ୍ୟାଟ୍ସମ୍ୟାନଙ୍କୁ ବ୍ୟାଟିଂ ଅଭ୍ୟାସ ପାଇଁ ଖେଳାଇ ପାରିବେ। ଭାରତରେ ଷ୍ଟାର ସ୍ପୋର୍ଟ୍ସ ଅଫିସିଆଲ ବ୍ରଡ୍‌କାଷ୍ଟର ରହିଛି।

# 'ଜୀବନରେ ନକାରାତ୍ମକ ଚିନ୍ତାର ସ୍ଥାନ ନାହିଁ'

**ନୂଆଦିଲ୍ଲୀ, ୧୪।୫(ପି.ଟି.)**

ଇଂଲଣ୍ଡର ସୁଇଂ ବୋଲିଂ କଣ୍ଡିଶନରେ ଭାରତର ଶିଖର ଧାୱନଙ୍କ ବ୍ୟାଟିଂ ଟେକ୍ନିକ୍ ସଫଳ ହେବାନେଇ ଆଶଙ୍କା ରହିଛି। ମାତ୍ର ଏହାକୁ ନେଇ ଚିନ୍ତିତ ନୁହନ୍ତି ଏହି ଭାରତୀୟ ଓପନର। ଆଇସିସି ବିଶ୍ୱକପରେ ସେ ଖେଳିବାକୁ ପ୍ରସ୍ତୁତ ହେଉଛନ୍ତି। ଏକଦିବସୀୟ କ୍ରିକେଟରେ ବିଶ୍ୱର ଅନ୍ୟତମ ସଫଳ ଓପନରଭାବେ ଧାୱନ ପରିଚିତ। ସେ ସବୁବେଳେ ବଡ଼ ଇଭେଣ୍ଟ ଗୁଡ଼ିକରେ ଭଲ ପ୍ରଦର୍ଶନ କରି ଆସିଛନ୍ତି। ୨୦୧୩ ଓ ୨୦୧୭ ଚାମ୍ପିୟନ୍ସ ଟ୍ରଫିରେ ସେ ଭଲ ଖେଳିଥିବାରୁ ଆଗାମୀ ବିଶ୍ୱକପରେ ମଧ୍ୟ ସଫଳ ହେବାନେଇ ଦୃଢ଼ ଆଶାୟୀ। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ୨୦୧୫ ବିଶ୍ୱକପରେ ସେ ଭାରତର ସବୁଠାରୁ ସଫଳ ବ୍ୟାଟ୍ସମ୍ୟାନ ସାବ୍ୟସ୍ତ ହୋଇଥିଲେ।

"ଲୋକମାନେ ସବୁବେଳେ ଆଇସିସି ଇଭେଣ୍ଟ ଗୁଡ଼ିକରେ ମୋ ରେକର୍ଡକୁ ନେଇ ଆଲୋଚନା କରିଥାନ୍ତି। ସ୍ପଷ୍ଟଭାବେ କହିବାକୁ ଗଲେ ମୋର ଅଭିଳାଷ ସବୁବେଳେ ସମାନ। ସବୁବେଳେ ଯେ ମୋ ପ୍ରଦର୍ଶନ ସମାନ ଥାଏ ତା' ନୁହେଁ, ମାତ୍ର ମୋର ଫୋକସ ସର୍ବଦା ସମାନ ଥାଏ। ତେଣୁ ଆଗାମୀ ଆଇସିସି ଟୁର୍ନାମେଣ୍ଟରେ ନିଶ୍ଚିତଭାବେ ଭଲ ପ୍ରଦର୍ଶନ କରିବା ନେଇ ମୁଁ ଆଶାବାଦୀ" ବୋଲି ଧାୱନ ପ୍ରକାଶ କରିଛନ୍ତି। ନିକଟରେ ଶେଷ ହୋଇଥିବା ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ପ୍ରତିନିଧିତ୍ୱ କରି ୩୩ ବର୍ଷୀୟ ଧାୱନ ୫୨୧ ରନ ସ୍କୋର କରିଥିଲେ। ଲିଗ୍‌ରେ ଦିଲ୍ଲୀ ୪ର୍ଥ ସ୍ଥାନରେ ରହିବା ପଛରେ ତାଙ୍କର ଅନେକ ଅବଦାନ ରହିଥିଲା। ବିଶ୍ୱକପ ନିକଟ ହୋଇ ଆସିଥିବାବେଳେ ସେ କୌଣସି ଚାପରେ ନାହାନ୍ତି ବୋଲି ଧାୱନ କହିଛନ୍ତି। "ଚାପ ଅନୁଭବ କରୁଥିବା ଖେଳାଳିଙ୍କ ଭିତରେ ମୁଁ ନାହିଁ। ମୋର ଆଭିମୁଖ୍ୟ ସବୁବେଳେ ସମାନ। ସମାଲୋଚକମାନେ ସେମାନଙ୍କ କାର୍ଯ୍ୟ କରୁଛନ୍ତି। ମୁଁ ୫-୧୦ଟି ମ୍ୟାଚରେ ରନ ସ୍କୋର କରିବି ନାହିଁ ଅର୍ଥ ନୁହଁ ଯେ ସବୁକିଛି ଶେଷ ହୋଇଗଲା। ମୁଁ କିଭଳି ଖେଳାଳି ଏବଂ ମୋର କ'ଣ ଦକ୍ଷତା ରହିଛି ତାହା ମୁଁ ଭଲଭାବେ ଜାଣିଛି" ବୋଲି ୧୨୮ଟି ଦିନିକିଆ ଅନ୍ତର୍ଜାତୀୟରେ ୧୬ ଶତକ ସହ ୫୩୫୫ ରନ କରିଥିବା ଧାୱନ ପ୍ରକାଶ କରିଛନ୍ତି। ଆଉଟ ସାଇଡ୍ ଅଫ୍ ଷ୍ଟମ୍ପ ବାହାରର ବଲ ଖେଳିବାକୁ ନେଇ ତାଙ୍କର ଟେକ୍ନିକ୍‌କୁ ନେଇ ହେଉଥିବା ଆଲୋଚନା ସମ୍ପର୍କରେ ଧାୱନ କହିଲେ ଯେ, ମୋ ସମ୍ପର୍କରେ ଏ ସବୁ କେଉଁଠି ଲେଖା ଯାଉଛି ତାହା ମୁଁ ଜାଣିବାକୁ ଚାହେଁ, ମୁଁ ସେ ଖବରକାଗଜ ପଢ଼ିବାକୁ ଚାହେଁ ଏବ ଟେଲିଭିଜନ ଦେଖିବାକୁ ଚାହେଁ। ମୁଁ ଏ ଦୁଇଟି ଯାକ କରେନାହିଁ। ତେଣୁ ମୋ ସମ୍ପର୍କରେ ଯାହାକିଛି ବି ଆଲୋଚନା ହୁଏ ତାହା ମୋତେ ବ୍ୟସ୍ତ କରେନାହିଁ। ଆଉ ସୋସିଆଲ ମିଡିଆ କଥା କହିଲେ ମୁଁ ଟୁଇଟର ଏବଂ ଫେସ୍‌ବୁକ୍‌କୁ ଖୁବ୍ କମ୍ ବ୍ୟବହାର କରେ। "ନିୟମିତ ଟୁଇଟର ଅପ୍‌ଡେଟ୍ କିମ୍ବା ଇନ୍‌ଷ୍ଟାଗ୍ରାମ୍ ପ୍ରତିକ୍ରୀୟାକୁ ଚେକ୍ କରୁଥିବା ଖେଳାଳିଙ୍କ ମଧ୍ୟରେ ମୁଁ ନାହିଁ। ମୁଁ ଏହାକୁ ଆବଶ୍ୟକସ୍ଥଳେ ଦେଖିଥାଏ। ତେଣୁ ମୋତେ ଯିଏ ଯାହା କହୁ ନା କାହିଁକି ମୋ ଜୀବନରେ ନକାରାତ୍ମକ ଚିନ୍ତାର ସ୍ଥାନ ନାହିଁ।



ଶିଖର ଧାୱନ

ଧାୱନଙ୍କ ବ୍ୟାଟିଂ ଟେକ୍ନିକ୍‌ରେ କୌଣସି ତ୍ରୁଟି ନ ଥିବା ଆଇପିଏଲରେ ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାନେଜମେଣ୍ଟର ଦୁଇ କିମ୍ବଦନ୍ତୀ ଖେଳାଳି ରିକି ପଣ୍ଟିଂ ଓ ସୌରଭ ଗାଙ୍ଗୁଲି ପ୍ରକାଶ କରିଛନ୍ତି। ଏହା ଧାୱନଙ୍କୁ ବେଶ୍ ଉତ୍ସାହିତ କରିଛି। ୨୦୦୪ରେ ପ୍ରଥମଶ୍ରେଣୀ ପଦାର୍ପଣ କରିଥିବା ଧାୱନ ଦୀର୍ଘ ୧୫ ବର୍ଷ ଧରି ସିନିୟର କ୍ରିକେଟରେ ସକ୍ରିୟ ଅଛନ୍ତି। "ମୁଁ କ୍ୟାରିୟର ଆରମ୍ଭ କରିଥିବା ସମୟରେ ସଫଳତା ପାଇଁ ଯେପରି ବ୍ୟଗ୍ର ଥିଲି ଆଜି ମଧ୍ୟ ସେମିତି ଅଛି। ମୁଁ ୯ ବର୍ଷ ପ୍ରଥମଶ୍ରେଣୀ କ୍ରିକେଟ ଖେଳିବାପରେ ଟେଷ୍ଟ ପଦାର୍ପଣ କରିଥିଲି। ତେଣୁ ମୁଁ ନିଜକୁ ଭାଗ୍ୟବାନ ମନେକରେ, ମୋ ଜୀବନରେ ନକାରାତ୍ମକର ସ୍ଥାନ ନାହିଁ। ମୋ ମଧ୍ୟରେ ଆବେଗ ଏବଂ ଭୋକିଲା ମନୋବୃତ୍ତି ନ ଥିଲେ ୯ ବର୍ଷ ଘରୋଇ କ୍ରିକେଟ ଖେଳିବାପରେ କେବେହେଲେ ଅନ୍ତର୍ଜାତୀୟ କ୍ରିକେଟରେ ଭଲ ପ୍ରଦର୍ଶନ କରିପାରି ନ ଥାନ୍ତି। ୬ ବର୍ଷ ଧରି ମୁଁ ଅନ୍ତର୍ଜାତୀୟ କ୍ରିକେଟ ଖେଳି ଆସୁଛି ଏବଂ ମୋ ଯାତ୍ରା ଖୁବ୍ ସୁଖଦ ରହିଛି" ବୋଲି ଧାୱନ କହିଛନ୍ତି।

# 'କ୍ଷତାକ୍ତ ସତ୍ତ୍ୱେ ବ୍ୟାଟିଂ କରିଥିଲେ ୱାଟସନ'



ବ୍ୟାଟିଂ ସମୟରେ ସେନ୍ ୱାଟ୍‌ସନଙ୍କ ଆଣ୍ଠୁରୁ ରକ୍ତ ବାହାରୁଛି।

**ନୂଆଦିଲ୍ଲୀ, ୧୪।୫(ପି.ଟି.)**

ଆଇପିଏଲ୍ ଫାଇନାଲରେ ଚେନ୍ନାଇ ସୁପର୍ କିଙ୍ଗ୍ସକୁ ରୋମାଞ୍ଚକ ଭାବେ ୧ ରନରେ ପରାସ୍ତ କରି ରୋହିତ୍ ଶର୍ମାଙ୍କ ନେତୃତ୍ୱାଧୀନ ମୁମ୍ବାଇ ଇଣ୍ଡିଆନ୍ସ ଚାମ୍ପିୟନ ହୋଇଥିଲା। ଏହି ମ୍ୟାଚ୍‌ରେ ଚେନ୍ନାଇର ଓପନିଂ ବ୍ୟାଟ୍ସମ୍ୟାନ ଶେନ୍ ୱାଟସନ ୫୯ ବଲରୁ ୮୦ ରନର (୮ ଚୌକା, ୪ ଛକା) ମାରାଥନ ଇନିଂସ ଖେଳିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ତେବେ ବ୍ୟାଟିଂବେଳେ ୱାଟସନଙ୍କ ଆଣ୍ଠୁରେ ଗୁରୁତର ଆଘାତ ଲାଗି ରକ୍ତ ବାହାରୁଥିଲେ ମଧ୍ୟ ସେ ଖେଳ ଜାରି ରଖିଥିବା ଘଟଣା ଏବେ ଜଣାପଡ଼ିଛି। ପଡ଼ିଆର ଚତୁଃପାର୍ଶ୍ୱରେ ରହିଥିବା କ୍ୟାମେରାମ୍ୟାନ ଯେତେବେଳେ ଏହି ଘଟଣାକୁ ଧରି ପାରି ନ ଥିଲେ ୱାଟ୍‌ସନଙ୍କ ଟିମ୍‌ମେଟ୍ ହରଭଜନ ସିଂ ମଙ୍ଗଳବାର ଏହା ଉପରୁ ପର୍ଦ୍ଦା ଉଠାଇଛନ୍ତି। ମ୍ୟାଚ୍ ପରେ ୱାଟସନ ଆଣ୍ଠୁରେ ୬ଟି ଷ୍ଟିଚ୍ ପକାଯାଇଥିଲା। ୱାଟସନଙ୍କ ଏକ ଫଟୋକୁ ହରଭଜନ ସୋସିଆଲ ମିଡିଆରେ ଶେୟାର କରି ଉଲ୍ଲେଖ କରିଛନ୍ତି ଯେ, 'ୱାଟସନଙ୍କ ଆଣ୍ଠୁରେ ରକ୍ତକୁ ଦେଖିପାରୁଛନ୍ତି.. ମ୍ୟାଚ୍ ପରେ ତାଙ୍କ ଆଣ୍ଠୁରେ ୬ଟି ଷ୍ଟିଚ୍ ପଡ଼ିଥିଲା.. ଡ୍ରାଇଭ ମାରିଥିବାବେଳେ ସେ ଆଘାତ ହୋଇଥିଲେ ମଧ୍ୟ କାହାକୁ କିଛି ନ କହି ବ୍ୟାଟିଂ ଜାରି ରଖିଥିଲେ'। ହରଭଜନଙ୍କ ପରେ ଚେନ୍ନାଇର ଅଫିସିଆଲ ଟୁଇଟର୍ ପେଜ୍‌ରେ ମଧ୍ୟ ସମାନ ଫଟୋ ଶେୟାର କରାଯାଇଥିଲା। ଏହି ଘଟଣାରେ ପ୍ରଶଂସକମାନେ ଅଷ୍ଟ୍ରେଲୀୟ ଅଲ୍‌ରାଉଣ୍ଡର ୱାଟ୍‌ସନଙ୍କୁ ବେଶ୍ ପ୍ରଶଂସା କରିଥିଲେ। ଆଇପିଏଲ୍‌ର ଆସନ୍ତା ସଂସ୍କରଣରେ ମଧ୍ୟ ୱାଟସନ ଓପନର ଭାବେ ପ୍ରତ୍ୟାବର୍ତ୍ତନ କରନ୍ତୁ ବୋଲି ଅନେକ ପ୍ରଶଂସକ ମତ ଦେଇଛନ୍ତି।





ପ୍ୟାରିସର ଏକ ସ୍କୁଲରେ ମଙ୍ଗଳବାର ମହିଳା ଫୁଟବଲ ବିଶ୍ୱକପ ଟ୍ରଫି ପ୍ରଦର୍ଶନ ଅବସରରେ ମାସ୍କଟ ଏଟି।

## ପଞ୍ଜାବ-ଓଡ଼ିଶା ମ୍ୟାଚ୍ ଡ୍ର

**କଟକ ଅଫିସ,୧୪।୫**

ହକି ଇଣ୍ଡିଆ ଆନୁକୂଲ୍ୟରେ ଛତିଶଗଡ଼ର ରାୟପୁର ଠାରେ ଚାଲିଥିବା ୯ମ ସବ୍‌ଜୁନିୟର ବାଳକ ଜାତୀୟ ଚାମ୍ପିୟନଶିପ-୨୦୧୯(ଡିଭିଜନ-ଏ)ରେ ମଙ୍ଗଳବାର ହକି ଓଡ଼ିଶା ଓ ପଞ୍ଜାବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଡ୍ର ରହିଛି। ୨୩ତମ ମିନିଟରେ ପଞ୍ଜାବ ପକ୍ଷରୁ ଧୀରଜ ସିଂ ପ୍ରଥମ ଗୋଲ ସ୍କୋର କରିଥିଲେ। ପରେ ୪୮ତମ ମିନିଟରେ ରାଜମୋନ ଟେଲିଙ୍କ ଗୋଲ ସହାୟତାରେ ହକି ଓଡ଼ିଶା ସ୍କୋରକୁ ସମାନ ସ୍ଥିତିରେ ପହଞ୍ଚାଇଥିଲା। ପରବର୍ତ୍ତୀ ସମୟରେ କୌଣସି ଗୋଲ ନହେବା ଯୋଗୁଁ ମ୍ୟାଚ୍ ଡ୍ର ରହିବା ସହ ଉଭୟ ଦଳ ମଧ୍ୟରେ ପଏଣ୍ଟ ଭାଗ ହୋଇଛି। ୧୬ ତାରିଖରେ ତାମିଲନାଡୁ ବିପକ୍ଷରେ ହକି ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ଖେଳିବ।

## ଏନ୍‌ସିଏ ୨୩ବର୍ଷରୁ କମ୍ ଶିବିରରେ ସୁଶ୍ରୀ

**କଟକ ଅଫିସ,୧୪।୫**

ଆସନ୍ତା ଜୁନ ୨୪ରୁ ଜୁଲାଇ ୨୩ ତାରିଖ ପଯର୍ୟନ୍ତ ବେଙ୍ଗାଲୁରୁ ସ୍ଥିତ ଜାତୀୟ କ୍ରିକେଟ ଏକାଡେମୀ(ଏନ୍‌ସିଏ)ରେ ୨୩ବର୍ଷରୁ କମ୍ ମହିଳା ଶିବିର ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ଏକମାତ୍ର ଖେଳାଳି ଭାବେ ସୁଶ୍ରୀ ଦିବ୍ୟଦର୍ଶିନୀ ଯୋଗଦେବାକୁ ମନୋନୀତ ହୋଇଛନ୍ତି। ନିକଟ ଅତୀତରେ ଶେଷ ହୋଇଥିବା ମହିଳା ଆଇପିଏଲରେ ମଧ୍ୟ ସୁଶ୍ରୀ ଏକମାତ୍ର ଓଡ଼ିଆ ଖେଳାଳି ଭାବେ ସାମିଲ ହୋଇଥିଲେ। ସେ ମିଥାଲି ରାଜଙ୍କ ନେତୃତ୍ୱାଧୀନ ଭେଲୋସିଟି ଦଳରୁ ପ୍ରତିନିଧିତ୍ୱ କରୁଥିଲେ। ଭେଲୋସିଟି ଦଳ ମହିଳା ଆଇପିଏଲରେ ରନର୍ସଅପ ହୋଇଥିଲା। ଟ୍ରାଏଲ ବ୍ଲେଜର୍ସ ବିପକ୍ଷ ମ୍ୟାଚ୍‌ରେ ସୁଶ୍ରୀ ୩ ଓଭର ବୋଲିଂ କରି ୧୪ରନ ବିନିମୟରେ ଗୋଟିଏ ଉଇକେଟ ଦଖଲ କରିବା ସହ ମ୍ୟାଚ୍ ବିଜୟୀ ସୂଚକ ରନ ସଂଗ୍ରହ ମଧ୍ୟ କରିଥିଲେ। ଢେଙ୍କାନାଳରେ ଜନ୍ମିତ ସୁଶ୍ରୀ ଡାହାଣହାତୀ ସ୍ପିନର ଓ ବ୍ୟାଟ୍ସମ୍ୟାନ ଭାବେ ଓଡ଼ିଶା ଦଳରୁ ନିୟମିତ ଖେଳାଳି ଭାବେ ପ୍ରତିନିଧିତ୍ୱ କରୁଛନ୍ତି।



ସୁଶ୍ରୀ ଦିବ୍ୟଦର୍ଶିନୀ

# 'ପାକିସ୍ତାନ ବିପକ୍ଷରେ ରେକର୍ଡ ବଜାୟ ରଖିବ ଭାରତ'

**ନୂଆଦିଲ୍ଲୀ, ୧୪।୫**

ଆଇସିସି ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ଆସନ୍ତା ୨୯ରୁ ଇଂଲଣ୍ଡରେ ଆରମ୍ଭ ହେବ। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଦକ୍ଷିଣ ଆଫ୍ରିକା ବିପକ୍ଷରୁ ଏହାର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚ୍ ଜୁନ୍ ୫ରେ ଖେଳାଯିବ। ତେବେ ଲିଗ୍ ପର୍ଯ୍ୟାୟରେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ହାଇଭୋଲଟେଜ ମ୍ୟାଚ୍ ଉପରେ ଏବେ ସମସ୍ତଙ୍କ ନଜର ରହିଛି। ଏହି ମ୍ୟାଚ୍‌ରେ ପାକିସ୍ତାନ ଜିତିବାର କୌଣସି ସୁଯୋଗ ନାହିଁ ବୋଲି ମଙ୍ଗଳବାର କୋହଲିଙ୍କ ପିଲାଦିନର କୋଚ୍ ରାଜକୁମାର ଶର୍ମା ଏକ ସାକ୍ଷାତକାର ଅବସରରେ କହିଛନ୍ତି। ବିଶ୍ୱକପ୍‌ରେ ପାକିସ୍ତାନ ବିପକ୍ଷରେ ଭାରତ ଏହାର ଅପରାଜେୟ ଧାରା ବଜାୟ ରଖିବା ନେଇ ଏକ ପ୍ରଶ୍ନର ଉତ୍ତରରେ ରାଜକୁମାର କହିଛନ୍ତି, ଏହି ମ୍ୟାଚ୍ ଉପରେ କୌଣସି ସନ୍ଦେହ ନାହିଁ। ପାକିସ୍ତାନ ସହ ତୁଳନା କଲେ ବର୍ତ୍ତମାନ ଭାରତ ହେଉଛି ଏକ ଶକ୍ତିଶାଳୀ ଟିମ୍। କ୍ରିକେଟ ଅନିଶ୍ଚିତତାର ଖେଳ ହୋଇଥିଲେ ମଧ୍ୟ ଭାରତ ବହୁତ ଭଲ ଟିମ୍' ବୋଲି ରାଜକୁମାର ପ୍ରକାଶ କରିଛନ୍ତି। 'ବିରାଟ ପ୍ରଥମଥର ଲାଗି କ୍ରିକେଟର ଏହି ମହାକୁମ୍ଭରେ ଦଳର ନେତୃତ୍ୱ ନେଉଥିବାରୁ ଏହା ତାଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ସଦୃଶ ହେବ। ସେ ତାଙ୍କର ପୁରା ଫୋକସ୍ ବିଶ୍ୱକପ୍ ଉପରେ କରିଛନ୍ତି। ଗତ ୨ ବର୍ଷ ହେବ ବିରାଟ ଯେଉଁଠି ବି ସାକ୍ଷାତକାର ଦେଇଛନ୍ତି ବିଶ୍ୱକପ୍‌ରେ କିପରି ଖେଳାଯିବ ଓ ଟିମ୍‌ର ଷ୍ଟ୍ରାଟେଜୀ କ'ଣ ରହିବ ଏହା ଉପରେ ସେ ମତ ରଖିଛନ୍ତି। ଭାରତକୁ ବିଶ୍ୱକପ୍ ଜିତାଇବା ଲାଗି ସେ ପୁରା ସମର୍ପିତ' ବୋଲି ରାଜକୁମାର ଏହି ଅବସରରେ ପ୍ରକାଶ କରିଛନ୍ତି। ଲୋକେଶ ରାହୁଲ, ଦୀନେଶ କାର୍ତ୍ତିକଙ୍କ ଅପେକ୍ଷା ବିଜୟ ଶଙ୍କର ୪ର୍ଥ ସ୍ଥାନରେ ବ୍ୟାଟିଂ ପାଇଁ ଉପଯୁକ୍ତ ବୋଲି ସେ କହିଛନ୍ତି।



ରାଜକୁମାର ଶର୍ମା

# ୧୯୯୨ ବିଶ୍ୱକପ୍: ପାକିସ୍ତାନ ଚାମ୍ପିୟନ





ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି)ର ପଞ୍ଚମ ସଂସ୍କରଣ ୧୯୯୨ରେ ଆୟୋଜନ ହୋଇଥିଲା। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମିଳିତ ଭାବେ ଏହି ବିଶ୍ୱକପ୍ ଆୟୋଜନ କରିଥିଲେ। ଫେବୃୟାରୀ ୨୨ରୁ ଆରମ୍ଭ ହୋଇ ଏହି ଟୁର୍ନାମେଣ୍ଟ ମାର୍ଚ୍ଚ ୨୫ ତାରିଖରେ ଶେଷ ହୋଇଥିଲା। ଇମ୍ରାନ ଖାଁଙ୍କ ନେତୃତ୍ୱରେ ପାକିସ୍ତାନ ଏହି ବିଶ୍ୱକପ୍‌ରେ ଚାମ୍ପିୟନ ହୋଇ ପ୍ରଥମଥର ପାଇଁ ଟାଇଟଲ ହାସଲ କରିଥିଲା। ଫାଇନାଲ ମ୍ୟାଚ୍‌ରେ ପାକିସ୍ତାନ ୨୨ ରନରେ ଇଂଲଣ୍ଡକୁ ହରାଇ ବାଜି ମାରିଥିଲା।

ରାଉଣ୍ଡ ରବିନ୍ ଓ ନକ୍‌ଆଉଟ ଫର୍ମାଟରେ ଟୁର୍ନମେଣ୍ଟ ଖେଳାଯାଇଥିଲା। ୯ଟି ଦେଶ ଏଥିରେ ଅଂଶଗ୍ରହଣ କରିଥିଲେ। ମୋଟ ଉପରେ ୩୯ଟି ମ୍ୟାଚ୍ ଖେଳାଯାଇଥିଲା। ୪୫୬ ରନକରି ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନ ମାର୍ଟିନ କ୍ରୋ ସଫଳତମ ବ୍ୟାଟ୍ସମ୍ୟାନ ସାବ୍ୟସ୍ତ ହେବା ସହ ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ପାକିସ୍ତାନ ଦ୍ରୁତ ବୋଲର ୱାସିମ ଆକ୍ରମ ସର୍ବାଧିକ ୧୮ଟି ଉଇକେଟ ହାସଲ କରି ଟୁର୍ନାମେଣ୍ଟ ସଫଳତମ ବୋଲର ସାବ୍ୟସ୍ତ ହୋଇଥିଲେ।

ଏହି ସଂସ୍କରଣରେ ପ୍ରଥମଥର ପାଇଁ ଏକାଧିକ ଘଟଣା ଘଟିଥିଲା। ପ୍ରଥମଥର ପାଇଁ ଖେଳାଳିମାନେ ରଙ୍ଗିନ ପୋଷାକ ପିନ୍ଧିଥିଲେ। ପ୍ରଥମଥର ପାଇଁ ଧଳା ବଲ ଓ କଳା ସାଇଟ୍‌ସ୍କ୍ରିନ ବ୍ୟବହୃତ ହୋଇଥିଲା। ପୃଥିବୀର ଦକ୍ଷିଣ ଗୋଲାର୍ଦ୍ଧରେ ପ୍ରଥମଥର ପାଇଁ ବିଶ୍ୱକପ୍ ଆୟୋଜିତ ହୋଇଥିଲା। ବର୍ଣ୍ଣବୈଷମ୍ୟ ଜନିତ ବାସନ୍ଦ ପରେ ଦକ୍ଷିଣ ଆଫ୍ରିକା ପ୍ରଥମଥର ପାଇଁ ଆଇସିସିରେ ଟେଷ୍ଟ ପ୍ଲେଇଂ ନେସନ ଭାବେ ଯୋଗଦେଇ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଥିଲା। ଫୁଲ୍ ମେମ୍ବର ଦଳ ହିସାବରେ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଭାରତ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା ଓ ୱେଷ୍ଟଇଣ୍ଡିଜ୍ ସାମିଲ ହୋଇଥିଲେ। ତେବେ ଆସୋସିଏଟ ମେମ୍ବର ଭାବେ ଜିମ୍ବାୱେ ଏକମାତ୍ର ଦେଶ ଭାବେ ଏହି ବିଶ୍ୱକପ୍ ଖେଳିଥିଲା। ଅଷ୍ଟ୍ରେଲିଆର ୧୧ଟି ଓ ନ୍ୟୁଜିଲାଣ୍ଡର ୭ଟି ଭେନ୍ୟୁରେ ମ୍ୟାଚ୍‌ଗୁଡ଼ିକ ଆୟୋଜିତ ହୋଇଥିଲା।

ରାଉଣ୍ଡ ରବିନ୍ ପର୍ଯ୍ୟାୟରେ ଅନ୍ୟତମ ଆୟୋଜକ ନ୍ୟୁଜିଲାଣ୍ଡ ଜବରଦସ୍ତ ଖେଳି ପ୍ରଦର୍ଶନ କରି କ୍ରମାଗତ ୭ଟି ମ୍ୟାଚ୍ ଜିତି ପଏଣ୍ଟ ତାଲିକାର ଶୀର୍ଷ ସ୍ଥାନରେ ରହିଥିଲା। ମୋଟ ଉପରେ ନ୍ୟୁଜିଲାଣ୍ଡ ୮ଟି ମ୍ୟାଚ୍ ଖେଳି ୭ ବିଜୟ ଓ ଗୋଟିଏ ପରାଜୟ ସହ ୧୪ ପଏଣ୍ଟ ପାଇ ଶୀର୍ଷରେ ରହିଥିଲା। ସେହିପରି ଇଂଲଣ୍ଡ ୮ଟି ମ୍ୟାଚ୍ ଖେଳି ୫ ବିଜୟ,୨ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୧୧ ପଏଣ୍ଟ ପାଇ ଦ୍ୱିତୀୟ, ଦକ୍ଷିଣ ଆଫ୍ରିକା ୫ ବିଜୟ , ୩ ପରାଜୟ ସହ ୧୦ ପଏଣ୍ଟ ପାଇ ତୃତୀୟ ଓ ପାକିସ୍ତାନ ୮ ମ୍ୟାଚ୍ ଖେଳି ୪ ବିଜୟ, ୩ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୯ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ରହିଥିଲା। ତାଲିକାର ଶ୍ରେଷ୍ଠ ୪ଟି ଦଳ ସେମିଫାଇନାଲରେ ପ୍ରବେଶ କରିଥିଲେ। ଭାରତ ୮ ଟି ମ୍ୟାଚ୍ ଖେଳି ୨ ବିଜୟ, ୫ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୯ ପଏଣ୍ଟ ପାଇ ତାଲିକାର ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା।

ହାଇସ୍କୋରିଂ ପ୍ରଥମ ସେମିଫାଇନାଲରେ ପାକିସ୍ତାନ ଫେଭରାଇଟ ନ୍ୟୁଜିଲାଣ୍ଡକୁ ଗୋଟିଏ ଓଭର ବାକି ରଖି ୪ ଉଇକେଟରେ ପରାସ୍ତ କରିଥିଲା। ୪ ଟି ପ୍ରୟାସରେ ପାକିସ୍ତାନ ସେମିରେ ବିଜୟୀ ହୋଇ ପ୍ରଥମଥର ପାଇଁ ଫାଇନାଲକୁ ଉଠିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୫୦ ଓଭରରେ ୭ ଉଇକେଟ ହରାଇ ୨୬୨ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଅଧିନାୟକ ମାର୍ଟିନ କ୍ରୋ ସର୍ବାଧିକ ୯୧, କେନ୍ ରଦରଫୋର୍ଡ ୫୦ ରନ କରିଥିଲେ। ପାକିସ୍ତାନର ୱାସିମ ଆକ୍ରମ, ମୁସ୍ତାକ ଅହମ୍ମଦ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ପାକିସ୍ତାନ ୪୯ ଓଭରରେ ୬ ଉଇକେଟ ହରାଇ ୨୬୪ ରନ କରି ବିଜୟୀ ହୋଇଥିଲା। ଇଞ୍ଜାମାମ ଉଲ୍ ହକ୍ ୩୭ ବଲ୍‌ରୁ ୬୦, ଜାଭେଦ ମିଆଁଦାଦ ଅପରାଜିତ ୫୭ ରନ ସଂଗ୍ରହ କରିଥିଲେ। ନ୍ୟୁଜିଲାଣ୍ଡର ୱିଲି ୱାଟସନ ୨ଟି ଉଇକେଟ ନେଇଥିଲେ।

ସେହିପରି ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ସେମିରେ ଇଂଲଣ୍ଡ ୧୯ ରନରେ ଦକ୍ଷିଣ ଆଫ୍ରିକାକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ୪୩ ଓଭର ପରେ ବର୍ଷା କାରଣରୁ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ପ୍ରଥମେ ୧୩ ବଲରୁ ବିଜୟ ପାଇଁ ୨୨ ରନ ସଂଗ୍ରହ କରିବାର ଆବଶ୍ୟକତା ଥିଲା। ତେବେ ପୁଣି ବର୍ଷା ହେବା କାରଣରୁ ୨ ଓଭର ନଷ୍ଟ ହୋଇଥିଲା ଓ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ଗୋଟିଏ ବଲ୍‌ରେ ୨୨ ରନର ଟାର୍ଗେଟ ଧାର୍ଯ୍ୟ ହୋଇଥିଲା। ଶେଷରେ ଦକ୍ଷିଣ ଆଫ୍ରିକାକୁ ଭାଗ୍ୟଦେବୀ ସହାୟ ହୋଇ ନ ଥିଲେ ଓ ଶେଷରେ ପରାସ୍ତ ହୋଇଥିଲା।

ଟାଇଟଲ ପାଇଁ ଫାଇନାଲ ମ୍ୟାଚ୍‌ରେ ଇଂଲଣ୍ଡ ଓ ପାକିସ୍ତାନ ପରସ୍ପରକୁ ଭେଟିଥିଲେ। ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂକରି ୬ ଉଇକେଟ ହରାଇ ୨୪୯ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଇମ୍ରାନ ଖାଁ ସର୍ବାଧିକ ୭୨, ଜାଭେଦ ମିଆଁଦାଦ ୫୮, ଇଞ୍ଜାମାମ ୪୨, ଆକ୍ରମ ୧୮ ବଲରୁ ୩୩ ରନ ସଂଗ୍ରହ କରିଥିଲେ। ଜବାବରେ ଇଂଲଣ୍ଡ ୪୯.୨ ଓଭରରେ ୨୨୭ ରନ କରି ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ଦଳ ତରଫରୁ ନେଲ ଫେୟାର ବ୍ରଦର ସର୍ବାଧିକ ୬୨ ରନ ସଂଗ୍ରହ କରିଥିଲେ। ପାକିସ୍ତାନ ତରଫରୁ ଆକ୍ରମ ଓ ମୁସ୍ତାକ ୩ଟି ଲେଖାଏ, ଆକ୍ବିବ ଜାଭେଦ ୨ ଓ ଇମ୍ରାନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଆକ୍ରମ ପ୍ଲେୟାର ଅଫ୍ ଦି ଫାଇନାଲ ବିବେଚିତ ହୋଇଥିଲା। ବିଶ୍ୱକପ୍‌ର ଏହି ସଂସ୍କରଣ ବେଶ୍ ସଫଳତା ହାସଲ କରିଥିଲା।



ବିଶ୍ୱକପ୍ ଟ୍ରଫି ସହ ପାକିସ୍ତାନ ଅଧିନାୟକ ଇମ୍ରାନ ଖାଁ ଓ ଖେଳାଳିମାନେ।

## ସଂକ୍ଷେପରେ


### ଆସନ୍ତା ସିଜନରୁ ଡଚ୍ ଫର୍ମୁଲାୱାନ ଗ୍ରାଁ ପ୍ରି

ପ୍ୟାରିସ, ୧୪।୫ (ଏଏଫ୍‌ପି): ଦୀର୍ଘ ୩୫ବର୍ଷ ବ୍ୟବଧାନରେ ଆସନ୍ତା ସିଜନରେ ଜାଣ୍ଡ୍‌ଭୁର୍ଟଠାରେ ଡଚ୍ ଗ୍ରାଁପ୍ରି ଅନୁଷ୍ଠିତ ହେବ। ଫର୍ମୁଲାୱାନ ଆୟୋଜକଙ୍କ ପକ୍ଷରୁ ମଙ୍ଗଳବାର ଏହା ଘୋଷଣା କରାଯାଇଛି। ଆମଷ୍ଟରଡାମ ନିକଟବର୍ତ୍ତୀ ଐତିହାସିକ ସମୁଦ୍ରକୂଳ ରିସୋର୍ଟଠାରେ ରେସ୍‌ର ଆୟୋଜନ ନେଇ ୩ ବର୍ଷିଆ ଚୁକ୍ତି ହୋଇଛି। ନେଦରଲାଣ୍ଡ୍‌ସକୁ ଫର୍ମୁଲା ୱାନ ପ୍ରତ୍ୟାବର୍ତ୍ତନ କରୁଥିବା ଜାଣି ମୁଁ ଖୁସି ବୋଲି କ୍ରୀଡ଼ାର ପରିଚାଳନା ସଂସ୍ଥା ଏଫ୍‌ଆଇଏ (ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ଅଟୋମୋବାଇଲ୍ସ) ସଭାପତି ଜିନ୍ ଟୋଡିଟ୍ ପ୍ରକାଶ କରିଛନ୍ତି। ନେଦରଲାଣ୍ଡ୍‌ସରେ ପ୍ରତିଭାସମ୍ପନ୍ନ ମାକ୍ସ ଭର୍ଷ୍ଟାପେନଙ୍କର ବହୁ ସମର୍ଥକ ରହିଛନ୍ତି।

### ଯୁବ ବାସ୍କେଟବଲ: ଓଡ଼ିଶା ବାଳିକା ପରାସ୍ତ

କଟକ ଅଫିସ,୧୪।୫: ତାମିଲନାଡୁରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ୩୬ତମ ଜାତୀୟ ଯୁବ ବାସ୍କେଟବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ବାଳିକା ଦଳ ପ୍ରଥମ ମ୍ୟାଚ୍‌ରେ ପରାଜୟ ବରଣ କରିଛି । ଦଳ ପୁଡୁଚେରୀଠାରୁ ୭୪-୫୪ ପଏଣ୍ଟରେ ପରାସ୍ତ ହୋଇଛି । ଉଭୟ ବାଳକ ଓ ବାଳିକା ଦଳ ପ୍ରତିଯୋଗିତାରେ ଗ୍ରୁପ-ଏଫରେ ସ୍ଥାନ ପାଇଛନ୍ତି ।

### ଅର୍ଜୁନ ତେନ୍ଦୁଲକରଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ



ମୁମ୍ବାଇ, ୧୪।୫ (ପି.ଟି.): ମୁମ୍ବାଇ ଟି୨୦ ଲିଗ୍‌ରେ ମଙ୍ଗଳବାର ଖେଳାଯାଇଥିବା ଏକ ମ୍ୟାଚରେ ଅର୍ଜୁନ ତେନ୍ଦୁଲକର ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିବାବେଳେ ତାଙ୍କ ଦଳ ଆକାଶ ଟାଇଗର୍ସ ମୁମ୍ବାଇ ୱେଷ୍ଟର୍ନ ସବ୍‌ଅର୍ବ ୫ ଉଇକେଟରେ ଟ୍ରିମ୍ଫ୍ ନାଇଟ୍ ମୁମ୍ବାଇ ନର୍ଥ ଇଷ୍ଟ ଦଳକୁ ହରାଇ ଦେଇଛନ୍ତି। ମୁମ୍ବାଇ ଟି୨୦ ଲିଗ୍‌ରେ ପ୍ରଥମ ଥର ଖେଳୁଥିବା କ୍ରିକେଟ ଆଇକନ ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ମ୍ୟାଚରେ ୨୩ରନ ସଂଗ୍ରହ କରିଥିବାବେଳେ ଗୋଟିଏ ଉଇକେଟ ଅକ୍ତିଆର କରିଛନ୍ତି। ପ୍ରଥମେ ବ୍ୟାଟିଂ କରିଥିବା ଟ୍ରିମ୍ଫ୍ ନାଇଟ୍ସକୁ ୧୪୭/୬ରେ ସୀମିତ ରଖିବା ପରେ ଆକାଶ ଟାଇଗର୍ସ ବିଜୟ ଲକ୍ଷ୍ୟକୁ ୩ଟି ବଲ୍ ବାକି ଥାଇ ହାସଲ କରିନେଇଥିଲା। ଓପନର ଆକର୍ଷିତ ଗୋମେଲ (୪୧) ଏବଂ କୌସ୍ତୁଭ ପାୱାର (୩୪: ୫X୪) ପାର୍ଟନରଶିପ୍‌ରେ ୬୭ ରନ ଯୋଗ କରି ଦଳକୁ ଭଲ ଆରମ୍ଭ ଦେଇଥିଲେ। ପ୍ରଥମ ଡାଉନ୍‌ରେ ବ୍ୟାଟିଂ କରିବାକୁ ଆସିଥିବା ଅର୍ଜୁନ ଆଉଟ ହେବା ପୂର୍ବରୁ ୧୯ ବଲ୍‌ରୁ ୨୩ ରନ କରିଥିଲେ। ପରେ ଡି. ସୁବ୍ରମଣ୍ୟମ ଏବଂ ଯୋଗେଶ ପାୱାର ଆଉ କୌଣସି କ୍ଷତି ନ ଘଟାଇ ଦଳକୁ ବିଜୟୀ କରାଇଥିଲେ। ପୂର୍ବରୁ ଟ୍ରିମ୍ଫ୍ ନାଇଟ୍ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ୫୬ ବଲ୍‌ରୁ ଅପରାଜିତ ୯୦ ରନ ସହାୟତାରେ ୬ଉଇକେଟ ବିନିମୟରେ ୧୪୭ ରନ କରିଥିଲା। ସେ ତାଙ୍କ ଅପରାଜିତ ଇନିଂସରେ ୭ ଛକା ଓ ୪ ଚୌକା ଲଗାଇଥିଲେ। ସେ ଜୋର୍‌ଦାର ପ୍ରହାର ସହ ବିପକ୍ଷ ଦଳର ବୋଲର ମିନାଦ ମଞ୍ଜ୍ରେକର (୧/୪୮)ଙ୍କୁ ହତାଶ କରିଥିଲେ। ଅନ୍ତିମ ଓଭରରେ ୪ ଛକା ଏବଂ ଗୋଟିଏ ଚୌକା ସହ ୨୮ ରନ ସଂଗ୍ରହ କରିଥିଲେ। ଟ୍ରିମ୍ଫ୍ ନାଇଟ୍‌ର ଆରମ୍ଭ ନିରୁତ୍ସାହଜନକ ଥିଲା। ଦଳ ଏକଦା ୩୮ ରନରେ ୩ଟି ଉଇକେଟ ହରାଇ ବ୍ୟାଟିଂ ସଂକଟରେ ପଡ଼ିଥିଲା। ଅଧିନାୟକ ଯାଦବ ଏବଂ ବିନାୟକ ଭୋଇର (୧୩) ପାର୍ଟନରଶିପ୍‌ରେ ୪୧ ରନ ଯୋଗ କରି ଦଳର ବ୍ୟାଟିଂ ସ୍ଥିତିରେ ସୁଧାର ଆଣିଥିଲେ। ଯାଦବ ଶେଷ ପର୍ଯ୍ୟନ୍ତ ଏକାକୀ ସଂଘର୍ଷ ଜାରି ରଖିଥିବା ବେଳେ ଅନ୍ୟପଟେ ଉଇକେଟ ପତନ ଘଟିବାରେ ଲାଗିଥିଲା।

**ସଂକ୍ଷିପ୍ତ ସ୍କୋର**

**ଟ୍ରିମ୍ଫ୍ ନାଇଟ୍ସ: ୧୪୭/୬** (ସୂର୍ଯ୍ୟକୁମାର ଯାଦବ-୯୦*; ଏ. ଲାଡ୍-୨/୧୨, ଅର୍ଜୁନ ତେନ୍ଦୁଲକର-୧/୨୧)।

**ଆକାଶ ଟାଇଗର୍ସ: ୧୪୮/୫** (ଆକର୍ଷିତ ଗୋମେଲ-୪୧, କୌସ୍ତୁଭ ପାୱାର-୩୪, କେ. ସାୱନ୍ତ-୨/୩୦)।

---



“ଆସନ୍ତା ଆଇସିସି ବିଶ୍ୱକପ୍ ପାଇଁ ମୁଁ ଚାପରେ ନାହିଁ। ଇଭେଣ୍ଟରେ ଧମାକାଦାର ପ୍ରଦର୍ଶନ କରିବି ବୋଲି ମୋର ଦୃଢ଼ ବିଶ୍ୱାସ।
–ଶିଖର ଧାୱନ, ଭାରତୀୟ କ୍ରିକେଟର



“ଏଏଫ୍‌ସି ଏସିଆନ୍ କପ୍‌ରେ ଦୁର୍ଭାଗ୍ୟବଶତଃ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇ ପାରି ନ ଥିଲେ ମଧ୍ୟ ଆମେ ସମର୍ଥ ବୋଲି ପ୍ରମାଣିତ କରିଛୁ।
–ଉଦାନ୍ତ ସିଂ, ଭାରତୀୟ ଫୁଟ୍‌ବଲ ଖେଳାଳି

## ୮ ରାଷ୍ଟ୍ରୀୟ ୨୧ ବର୍ଷରୁ କମ୍ ଜୁନିୟର ହକି
# ଭାରତୀୟ ଦଳରେ ଓଡ଼ିଶାର ପ୍ରତାପ, ସୁମନ

ନୂଆଦିଲ୍ଲୀ, ୧୪।୫(ପି.ଟି.)

ଜୁନ ୧୦ରୁ ସ୍ପେନଠାରେ ୮ ରାଷ୍ଟ୍ରୀୟ ୨୧ ବର୍ଷରୁ କମ୍ ଜୁନିୟର ହକି ଟୁର୍ନାମେଣ୍ଟ ଆରମ୍ଭ ହେବ। ଏଥିପାଇଁ ହକି ଇଣ୍ଡିଆ ପକ୍ଷରୁ ମଙ୍ଗଳବାର ୧୮ ଜଣିଆ ଜୁନିୟର ହକି ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ୨ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ପ୍ରତାପ ଲାକ୍ରା ଓ ସୁମନ ବେକ୍। ସୁମନଙ୍କୁ ଦଳର ଉପଅଧିନାୟକ ଦାୟିତ୍ୱ ଦିଆ ଯାଇଛି। ପ୍ରଦୀପ ମୋର ଅଧିନାୟକ ମନୋନୀତ ହୋଇଛନ୍ତି।

ପ୍ରତିଯୋଗିତାରେ ଭାରତ, ନେଦରଲାଣ୍ଡ୍ସ, ବେଲଜିୟମ, ଗ୍ରେଟ୍ ବ୍ରିଟେନ, ଅଷ୍ଟ୍ରିଆ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଓ ଆୟୋଜକ ସ୍ପେନ ଭାଗନେବ। ଟୁର୍ନାମେଣ୍ଟ ପାଇଁ ପ୍ରଶାନ୍ତ କୁମାର ଚୌହାନ ଓ ପୱନ ଭାରତୀୟ ଦଳର ଗୋଲକିପର ରହିଥିବାବେଳେ ମୋର୍, ପ୍ରତାପ, ସଞ୍ଜୟ, ଆକାଶଦୀପ ସିଂ ଜୁନିୟର, ବେକ୍ ଓ ପରମପ୍ରୀତ ସିଂ ଡିଫେନ୍ସ ବିଭାଗ ଦାୟିତ୍ୱ ସମ୍ଭାଳିବେ। ମିଡ୍‌ଫିଲ୍ଡ ପାଇଁ ଯଶଦୀପ ସିୱାଚ୍, ବିଷ୍ଣୁ କାନ୍ତ ସିଂ, ରବୀଚନ୍ଦ୍ର ସିଂ ମୋଇରାଙ୍ଗଥେମ୍, ମନିନ୍ଦର ସିଂ, ବିଶାଳ ଆଣ୍ଟିଲ ଏବଂ ଫରୱାର୍ଡ ଲାଇନ୍‌ରେ ଅମନଦୀପ ସିଂ, ରାହୁଲ କୁମାର ରାଜଭାର, ଶିଭମ୍ ଆନନ୍ଦ, ପ୍ରଭଜୋତ ସିଂ ଓ ସୁଦୀପ ଚିରମାକୋ ରହିଛନ୍ତି। ଦଳ ଚୟନ ସମ୍ପର୍କରେ ହାଇପରଫରମାନ୍ସ ଡାଇରେକ୍ଟର ଡେଭିଡ ଜନ୍ କହିଛନ୍ତି ଯେ, ଭାରତୀୟ ଦଳରେ ସ୍ଥାନ ପାଇଥିବା କେତେକ ଖେଳାଳିଙ୍କର ଅନ୍ତର୍ଜାତୀୟ ଅଭିଜ୍ଞତା ରହିଛି। ଏହି ୮ ରାଷ୍ଟ୍ରୀୟ ୨୧ ବର୍ଷରୁ କମ୍ ଟୁର୍ନାମେଣ୍ଟରେ କ୍ୱାଲିଟି ଦଳ ଗୁଡ଼ିକ ବିପକ୍ଷରେ ଖେଳିଲେ ସେମାନଙ୍କ ଅଭିଜ୍ଞତା ଆହୁରି ବଢ଼ିବ। ଏହି ଟୁର୍ନାମେଣ୍ଟରେ ପ୍ରତିପକ୍ଷ ଦଳଗୁଡ଼ିକରୁ ଭଲ ଚ୍ୟାଲେଞ୍ଜ ମିଳିବ। ୨୦୨୧ ଜୁନିୟର ବିଶ୍ୱକପ ପାଇଁ ଆମେ କେତେ ପ୍ରସ୍ତୁତ ହୋଇଛୁ ତାହା ଏହି ୮ ରାଷ୍ଟ୍ରୀୟ ଟୁର୍ନାମେଣ୍ଟର ପ୍ରଦର୍ଶନରୁ ଜଣାପଡ଼ିବ।

**ଭାରତୀୟ ଦଳ**

**ଗୋଲକିପର:** ପ୍ରଶାନ୍ତ କୁମାର ଚୌହାନ, ପୱନ

**ଡିଫେଣ୍ଡର:** ପ୍ରଦୀପ ମୋର୍(ଅଧିନାୟକ), ପ୍ରତାପ ଲାକ୍ରା, ସଞ୍ଜୟ, ଆକାଶଦୀପ ସିଂ ଜୁନିୟର, ସୁମନ ବେକ୍ (ଉପ-ଅଧିନାୟକ), ପରମପ୍ରୀତ ସିଂ।

**ମିଡ୍‌ଫିଲ୍ଡର:** ଯଶଦୀପ ସିୱାଚ୍, ବିଷ୍ଣୁ କାନ୍ତ ସିଂ, ରବୀଚନ୍ଦ୍ର ସିଂ ମୋଇରାଙ୍ଗଥେମ୍, ମନିନ୍ଦର ସିଂ, ବିଶାଳ ଆଣ୍ଟିଲ।

**ଫରୱାର୍ଡ:** ଅମନଦୀପ ସିଂ, ରାହୁଲ କୁମାର ରାଜଭାର, ଶିଭମ୍ ଆନନ୍ଦ, ସୁଦୀପ ଚିରମାକୋ, ପ୍ରଭଜୋତ ସିଂ।



ଅଷ୍ଟରାଷ୍ଟ୍ରୀୟ ହକି ଟୁର୍ନାମେଣ୍ଟ ପାଇଁ ମନୋନୀତ ଜୁନିୟର ଭାରତୀୟ ଦଳ।

### ପୂର୍ବତନ ଅଲିମ୍ପିକ ସାଇକ୍ଲିଂ ଚାମ୍ପିୟନ ବାସନ୍ଦ



ଓର୍ବେଟେଲୋ (ଇଟାଲୀ), ୧୪।୫

(ଏଏଫ୍‌ପି)–୨୦୦୮ ଅଲିମ୍ପିକ ରୋଡ୍ ରେସ୍ ଚାମ୍ପିୟନ ସ୍ପେନର ସାମୁଏଲ୍ ସାଞ୍ଚେଜ୍‌ଙ୍କୁ ପିଛିଲା ତାରିଖରୁ ୨ବର୍ଷ ବାସନ୍ଦ କରାଯାଇଛି। ୨୦୧୭ରେ ହ୍ୟୁମ୍ୟାନ ଗ୍ରୋଥ୍ ହରମୋନ୍ ପାଇଁ ସେ ଡୋପ୍ ଟେଷ୍ଟରେ ଧରାପଡ଼ିଥିଲେ। ତାଙ୍କଠାରୁ ସଂଗ୍ରହ କରାଯାଇଥିବା ନମୁନାରେ ଏହି ନିଷିଦ୍ଧ ଉପାଦାନ ଠାବ କରାଯିବା କାରଣ ସମ୍ପର୍କରେ ସାଞ୍ଚେଜ୍ ଦେଇଥିବା ସଫେଇକୁ ଇଣ୍ଟରନ୍ୟାଶନାଲ ସାଇକ୍ଲିଂ ୟୁନିୟନ ଗ୍ରହଣ କରିଥିଲା। ସ୍ପେନର ଏହି ସାଇକ୍ଲିଷ୍ଟ ୨୦୧୯ ଅଗଷ୍ଟ ପର୍ଯ୍ୟନ୍ତ ବାସନ୍ଦ ରହିବେ। ଡୋପ୍ ଟେଷ୍ଟ ସମୟରେ ୪୧ ବର୍ଷୀୟ ସାଞ୍ଚେଜଙ୍କୁ ଗ୍ରାଣ୍ଡ୍ ଟୁର୍ ସାଇକ୍ଲିଂ ପ୍ରତିଯୋଗିତା ଭୁଏଲ୍‌ଟା ଏ ଏସ୍ପାନା ୨୦୧୭ ପୂର୍ବରୁ ତାଙ୍କ ତତ୍କାଳୀନ ଟିମ୍ ବିଏମ୍‌ସି ବହିଷ୍କୃତ କରିଥିଲା। ସାଞ୍ଚେଜ ତାଙ୍କ କ୍ୟାରିୟରରେ ଭୁଲ୍‌ଟାର ୫ଟି ଷ୍ଟେଜ୍‌ରେ ବିଜୟ ଲାଭ କରିଥିଲେ। ସେ ଚାହିଁଲେ ଦଣ୍ଡବିଧାନ ବିରୋଧରେ ଅପିଲ କରିପାରିବେ।

## ସୌରଜିତ, ସୁବ୍ରତ ଏନ୍‌ସିଏ ଲେଭଲ-ବି କୋଚ୍

କଟକ ଅଫିସ,୧୪।୫

ଓଡ଼ିଶାର ଦୁଇ ପୂର୍ବତନ ଖ୍ୟାତିସମ୍ପନ୍ନ କ୍ରିକେଟର ସୌରଜିତ ମହାପାତ୍ର ଓ ସୁବ୍ରତ କୁମାର ବେହେରା ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ର ଲେଭଲ-ବି କୋଚ୍ ନିମନ୍ତେ ଯୋଗ୍ୟତା ହାସଲ କରିଛନ୍ତି। ଗତ ନଭେମ୍ବର ୧୨ ଓ ୧୩ ତାରିଖରେ କୋଲକାତାଠାରେ କୋଚ୍‌ମାନଙ୍କ ନିମନ୍ତେ ଲେଭଲ-ଏ ରିଫ୍ରେସର କୋର୍ସ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ ଉଭୟ ସୌରଜିତ ଓ ସୁବ୍ରତ ୬୦ ପ୍ରତିଶତରୁ ଅଧିକ ମାର୍କ ରଖି ସଫଳପୂର୍ଣ୍ଣ ଭାବେ କୃତକାର୍ଯ୍ୟ ହୋଇଛନ୍ତି। ୫୦ମାର୍କ ବିଶିଷ୍ଟ ପରୀକ୍ଷାରୁ ସୌରଜିତ ୪୧ମାର୍କ ରଖିଥିବା ବେଳେ ସୁବ୍ରତ ୩୭ମାର୍କ ହାସଲ କରିଛନ୍ତି। ଏହି ଦୁଇ କ୍ରିକେଟର ପୂର୍ବରୁ ଓଡ଼ିଶା ଦଳର କୋଚ୍ ଭାର ସମ୍ଭାଳିଛନ୍ତି। ପେସବୋଲର ସୌରଜିତ ୨୦୦୩ରୁ ୨୦୧୧ ମସିହା ପର୍ଯ୍ୟନ୍ତ ରାଜ୍ୟ ରଣଜୀ ଦଳ ସମେତ ଜୁନିୟର ବର୍ଗ, ମହିଳା ଦଳ ଏବଂ ଓଡ଼ିଶା କ୍ରିକେଟ ଏକାଡେମୀର ବୋଲିଂ କୋଚ ଥିଲେ। ୧୯୮୭-୮୮ ରଣଜୀ ସିଜନରେ ତ୍ରିପୁରା ବିପକ୍ଷ ମ୍ୟାଚ୍‌ରେ ସୌରଜିତ ଓଡ଼ିଶା ନିମନ୍ତେ ପ୍ରଥମ ହ୍ୟାଟ୍ରିକ ଉଇକେଟ ଦଖଲ କରିବାର ରେକର୍ଡ ରଖିଛନ୍ତି। ରାଜ୍ୟ ରଣ୍‌ଜୀ ଦଳର ପୂର୍ବତନ ଓପନର ତଥା ଡାହାଣହାତୀ ବ୍ୟାଟ୍ସମ୍ୟାନ ସୁବ୍ରତ ୨୦୦୧ରୁ ୨୦୦୫ ପର୍ଯ୍ୟନ୍ତ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ୨୦୧୦ରୁ ୨୦୧୭ ପର୍ଯ୍ୟନ୍ତ ରାଜ୍ୟ ଜୁନିୟର ଦଳର ବ୍ୟାଟିଂ କୋଚ୍ ଥିବା ବେଳେ ପରେ ଚୟନକର୍ତ୍ତା ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଉଭୟଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ଧୀରେନ ପଲାଇ ଶୁଭେଚ୍ଛା ଜଣାଇଛନ୍ତି।



ସୌରଜିତ ମହାପାତ୍ର।



ସୁବ୍ରତ କୁମାର ବେହେରା

## କଲିଂଉଡ୍‌ଙ୍କୁ ଟପିଲେ ମୋର୍ଗାନ

ବ୍ରିଷ୍ଟଲ, ୧୪।୫

ଇଂଲଣ୍ଡ ଅଧିନାୟକ ତଥା ମିଡିଲଅର୍ଡର ବ୍ୟାଟ୍‌ସମ୍ୟାନ ଇଅନ ମୋର୍ଗାନ ଦେଶ ପକ୍ଷରୁ ସର୍ବାଧିକ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଖେଳିବା ରେକର୍ଡର ଅଧିକାରୀ ହୋଇଛନ୍ତି। ମଙ୍ଗଳବାର ଏଠାରେ ପାକିସ୍ତାନ ବିପକ୍ଷରେ ଅନୁଷ୍ଠିତ ୩ୟ ଦିନିକିଆ ମ୍ୟାଚ୍ ଅବସରରେ ମୋର୍ଗାନ ଏହି କୀର୍ତ୍ତିମାନ କରିଛନ୍ତି। ଦିନିକିଆ କ୍ରିକେଟରେ ମୋର୍ଗାନଙ୍କ ଏହା ୧୯୮ତମ ମ୍ୟାଚ୍ ଥିଲା। ଏହି କ୍ରମରେ ସେ ପ୍ରାକ୍ତନ ଅଧିନାୟକ ପଲ୍ କଲିଂଉଡ୍‌ଙ୍କୁ ପଛରେ ପକାଇଛନ୍ତି। କଲିଂଉଡ୍ ୧୯୭ ଦିନିକିଆ ମ୍ୟାଚ୍‌ରେ ଦେଶ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ପୂର୍ବରୁ ଇଂଲଣ୍ଡ ପକ୍ଷରୁ ସର୍ବାଧିକ ଦିନିକିଆ ରନ୍ ସଂଗ୍ରହକାରୀ ବ୍ୟାଟ୍ସମ୍ୟାନ ଭାବେ ୩୨ ବର୍ଷୀୟ ମୋର୍ଗାନଙ୍କ ନାମରେ ରେକର୍ଡ ରହିଛି। ମୋର୍ଗାନ ୩୯.୮୭ ଆଭରେଜରେ ୬୧୪୦ ରନ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ୧୧ ଶତକ ସାମିଲ ରହିଛି। ଦିନିକିଆରେ ସର୍ବାଧିକ ଶତକ ହାସଲ କରିଥିବା ବ୍ୟାଟ୍ସମ୍ୟାନଙ୍କ ତାଲିକାରେ ଜୋ ରୁଟ୍ (୧୪) ଓ ମାର୍କସ ଟ୍ରେସ୍‌ଥୋଥିକ (୧୨)ଙ୍କ ପଛକୁ ୩ୟ ସ୍ଥାନରେ ମୋର୍ଗାନ ରହିଛନ୍ତି। ମୋର୍ଗାନଙ୍କ ନେତୃତ୍ୱରେ ଇଂଲଣ୍ଡ ୨୦୧୫ରେ ଆଇସିସି ର୍‍ୟାଙ୍କିଙ୍ଗ୍‌ର ଏକ ନମ୍ବର ସ୍ଥାନ ହାସଲ କରିପାରିଥିଲା।

## ଏଏଫ୍‌ସି କପ୍: ମିନର୍ଭା- ମନଙ୍ଗ ମୁକାବିଲା ଆଜି

କାଠମାଣ୍ଡୁ, ୧୪।୫(ପି.ଟି.)

ଏଠାରେ ଚାଲିଥିବା ଏଏଫ୍‌ସି କପ୍‌ର ଏକ ଗ୍ରୁପ୍ ମ୍ୟାଚ୍‌ରେ ଆଇ- ଲିଗ୍ ଚାମ୍ପିୟନ ମିନର୍ଭା ପଞ୍ଜାବ ବୁଧବାର ନେପାଳର କ୍ଲବ୍ ମନଙ୍ଗ ମର୍ଶିଆଙ୍ଗଡିକୁ ଭେଟିବ। ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଅପରାଜେୟ ରହିଥିଲେ ମଧ୍ୟ ମନର୍ଭା ବିଜୟ ହାସଲ କରିପାରି ନାହିଁ। କ୍ରମାଗତ ୩ଟି ମ୍ୟାଚ୍ ଡ୍ର ରଖିବା ପରେ ମିନର୍ଭା ପ୍ରଥମ ବିଜୟ ଲକ୍ଷ୍ୟରେ ରହିଛି। ଏହି ୩ଟି ଡ୍ର ସହ ମିନର୍ଭା ଗ୍ରୁପ୍ ଇ’ରେ ୩ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି। ଯଦି ଏହି ମ୍ୟାଚରେ ମିନର୍ଭା ପରାସ୍ତ ହୁଏ କିମ୍ବା ଏହାକୁ ଡ୍ର ରଖେ ତାହେଲେ ଦଳ ପରବର୍ତ୍ତୀ ରାଉଣ୍ଡକୁ ଉଠିବାରେ ସମସ୍ୟା ଉପୁଜିବ। ତେଣୁ ମିନର୍ଭାକୁ ଏହି ମ୍ୟାଚ୍‌କୁ ହାତେଇବାକୁ ପଡିବ। ଚେନ୍ନାଇନ୍ ଏଫ୍‌ସି ୭ ପଏଣ୍ଟ ସହ ଗ୍ରୁପ୍ ଶୀର୍ଷରେ ରହିଛି। ସେହିପରି ଆବାହନୀ ଢ଼ାକା ୪ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପଟେ ଗୋଟିଏ ପଏଣ୍ଟ ପାଇ ମନଙ୍ଗ ଚତୁର୍ଥ ଦଳ ଭାବେ ସର୍ବନିମ୍ନ ସ୍ଥାନରେ ରହିଛି। ଏପର୍ଯ୍ୟନ୍ତ ସବୁ ୪ଟି ଦଳ ୩ଟି ଲେଖାଏ ମ୍ୟାଚ୍ ଖେଳିସାରିଛନ୍ତି। ଗ୍ରୁପ୍ ଶ୍ରେଷ୍ଠ ଦଳ ହିଁ କେବଳ ଆନ୍ତଃ- ଜୋନାଲ ପ୍ଲେ-ଅଫ୍ ସେମିଫାଇନାଲରେ ପ୍ରବେଶ କରିବ।

ଭୁବନେଶ୍ୱରରେ ଅନୁଷ୍ଠିତ ଫାର୍ଷ୍ଟ ଲେଗ୍ ମ୍ୟାଚ୍‌ରେ ମିନର୍ଭା ଓ ମନଙ୍ଗ ମୁହାଁମୁହିଁ ହୋଇଥିଲେ। ତେବେ ଏହି ମ୍ୟାଚ୍ ୨-୨ ଗୋଲରେ ଡ୍ର ରହିଥିଲା। ଏହି ମ୍ୟାଚ୍‌ରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା। ପରବର୍ତ୍ତୀ ରାଉଣ୍ଡକୁ ଉଠବାକୁ ହେଲେ ମିନର୍ଭାକୁ ଏହି ମ୍ୟାଚରେ ବିଜୟୀ ହେବା ଅପରିହାର୍ଯ୍ୟ ହୋଇ ପଡିଛି। ମନଙ୍ଗ ପାଇଁ ପରିସ୍ଥିତି ଆହୁରି ଖରାପ ହୋଇଛି। ହାରିଲେ ମନଙ୍ଗ ବିଦା ହେବ। ମିନର୍ଭା ଗତ ୫ଟି ମ୍ୟାଚ୍‌ରେ ବିଜୟୀ ହେବାରେ ବିଫଳ ହୋଇଛି। ମନଙ୍ଗ ଅପେକ୍ଷାକୃତ ଦୁର୍ବଳ ମନେହେଉଥିଲେ ମଧ୍ୟ ଘରୋଇ ପରିବେଶରୁ ଫାଇଦା ଉଠାଇ ମିନର୍ଭାକୁ କଡ଼ା ଟକ୍କର ଦେଇ ଚକ୍‌ମା ଦେବାର ସମ୍ଭାବନା ରହିଛି। ତେଣୁ ଏହି କର ବା ମର ମ୍ୟାଚ୍‌ରେ ବିଜୟୀ ହେବା ଛଡ଼ା ମିନର୍ଭା ନିକଟରେ ଅନ୍ୟ ରାସ୍ତା ନାହିଁ।

## ଭାରତ ଏ’ ଦଳରେ ଋଦ୍ଧିମାନ, ପନ୍ତ

ନୂଆଦିଲ୍ଲୀ,୧୪।୫(ପି.ଟି.)

ଉଇକେଟକିପର ଋଦ୍ଧିମାନ ଶାହା ଭାରତ ଏ’ରେ ସାମିଲ ହୋଇଛନ୍ତି। ଭାରତ ଏ ଦଳ ୱେଷ୍ଟଇଣ୍ଡିଜ ଗସ୍ତ କରି ୫ଟି ଦିନିକିଆ ଓ ୩ଟି ୪ ଦିନିଆ ମ୍ୟାଚ୍ ଖେଳିବ। ଜୁଲାଇ ୧୧ ତାରିଖରୁ ପ୍ରଥମେ ୫ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଆରମ୍ଭ ହେବ। ସେହିପରି ୨୪ ତାରିଖରୁ ୪ ଦିନିଆ ମ୍ୟାଚ୍ ଆରମ୍ଭ ହେବ। ଋଦ୍ଧିମାନ ୪ ଦିନିଆ ମ୍ୟାଚ୍ ପାଇଁ ଦଳରେ ସାମିଲ ହୋଇଥିବାବେଳେ ପନ୍ତ ଦିନିକିଆ ଦଳରେ ସାମିଲ ହୋଇଛନ୍ତି। କାନ୍ଧରେ ଆଘାତ ସମସ୍ୟା କାରଣରୁ ଦଳରୁ ବାଦ୍ ପଡିବା ବେଳକୁ ଋଦ୍ଧିମାନ ଭାରତ ୧ ନମ୍ବର ଉଇକେଟ କିପର ସାବ୍ୟସ୍ତ ହୋଇଥିଲେ। ଅସ୍ତ୍ରୋପଚାର ପରେ ସେ ବେଙ୍ଗଲ ଦଳକୁ ପ୍ରତ୍ୟାବର୍ତ୍ତନ କରି ସୟଦ ମୁସ୍ତାକ ଅଲି ଟୁର୍ନାମେଣ୍ଟ ଖେଳିଥିଲେ ଓ ସନରାଇଜର୍ସ ହାଇଦ୍ରାବାଦ ପାଇଁ ସଦ୍ୟସମାପ୍ତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ୫ଟି ମ୍ୟାଚ୍ ଖେଳିଥିଲେ। ଶାହାଙ୍କ ଅନୁପସ୍ଥିତିରେ ଯୁବ ଉଇକେଟକିପର ଋଷଭ ପନ୍ତ ଟେଷ୍ଟ ଦଳରେ ସ୍ଥାନ ପକ୍କା କରିଛନ୍ତି। ଋଦ୍ଧିମାନ ଏବେ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରିବେ। ଦିନିକିଆ ଓ ୪ ଦିନିଆ ଦଳରେ ପୃଥ୍ୱୀ ଶ, ମୟଙ୍କ ଅଗ୍ରୱାଲ ଓ ହନୁମା ବିହାରୀ ମଧ୍ୟ ସାମିଲ ହୋଇଛନ୍ତି। ୪ ଦିନିଆରେ ଶ୍ରେୟାସ ଆୟର ଓ ଦିନିକିଆରେ ମନୀଷ ପାଣ୍ଡେ ନେତୃତ୍ୱ ନେବେ। ତେବେ ରବିଚନ୍ଦ୍ରନ ଅଶ୍ୱିନ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ ଓ ଉମେଶ ଯାଦବ କାଉଣ୍ଟି ଖେଳିବାର କାର୍ଯ୍ୟକ୍ରମ ଥିବାରୁ ଦଳରେ ସାମିଲ ହୋଇ ନାହାନ୍ତି।

ସେହିପରି ଚୟନକର୍ତ୍ତାମାନେ ମେ ୨୫ ତାରିଖରୁ ଆରମ୍ଭ ହେବାକୁ ଥିବା ଶ୍ରୀଲଙ୍କା ଏ ବିପକ୍ଷ ଘରୋଇ ସିରିଜ ପାଇଁ ଦଳ ଘୋଷଣା କରିଛନ୍ତି। ଝାଡଖଣ୍ଡ ଉଇକେଟକିପର ବ୍ୟାଟ୍ସମ୍ୟାନ ଇଶାନ କିଶନ ୨ଟି ୪ ଦିନିଆ ମ୍ୟାଚ୍‌ରେ ଭାରତ ଏ ଦଳର ନେତୃତ୍ୱ ନେବେ। ସେହିପରି ପ୍ରିୟଙ୍କ ପଞ୍ଚାଲ ଜୁନ୍ ୬ ତାରିଖରୁ ଆରମ୍ଭ ହେବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ନେତୃତ୍ୱ ନେବେ।



ଋଷଭ ପନ୍ତ


## ମନେ ପଡ଼ନ୍ତି

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ବିଷ୍ଣୁଚରଣ ତ୍ରିପାଠୀ**
ଉଡ୍ରଙ୍ଗ, ଯାଜପୁର
ଆବିର୍ଭାବ: ୧୭।୦୧।୧୯୪୭
ତିରୋଧାନ: ୦୮।୦୫।୨୦୦୬
ଆପଣଙ୍କ ପବିତ୍ର ଆତ୍ମା ଚିରଶାନ୍ତି ଲାଭକରୁ। ଏହା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଆପଣଙ୍କ ପରିବାରବର୍ଗ
ଧ-୬୨୦୯୬

**ଦ୍ୱାଦଶ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**




**ସ୍ୱର୍ଗତା ପ୍ରେମଲତା କାନୁନ୍‌ଗୋ**
ସ୍ୱାମୀ– ସ୍ୱର୍ଗତ ଗୋଲକ ଚନ୍ଦ୍ର କାନୁନ୍‌ଗୋ
ପୁରଣ ଅଲାବୋଲ, ଜଗତ୍‌ସିଂହପୁର
ଆବିର୍ଭାବ: ୨୧।୦୫।୧୯୨୩
ତିରୋଧାନ: ୨୮।୦୪।୨୦୦୭
(ମୋହିନୀ ଏକାଦଶୀ)
ଆପଣଙ୍କର ସରଳ ହୃଦୟର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟ ପରାୟଣତା ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକାକୁଳ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୫୮୦୮୨

**ପଞ୍ଚମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ବିମଳା ତ୍ରିପାଠୀ**
ଖୁଣ୍ଟୁଣୀ, କଟକ
ଆବିର୍ଭାବ: ତା୦୫।୦୬।୧୯୬୨ (ଶ୍ରୀ ଗୁଣ୍ଡିଚା)
ତିରୋଧାନ: ତା୧୦।୦୫।୨୦୧୪
(ମୋହିନୀ ଏକାଦଶୀ)
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନୀତ ପ୍ରାର୍ଥନା।
**ଶୋକସନ୍ତପ୍ତ**
ସ୍ୱାମୀ– କୈଳାସ ଚନ୍ଦ୍ର ଶତପଥୀ, ପୁଅ– କୀର୍ତ୍ତିରଞ୍ଜନ, ବିଶ୍ୱରଞ୍ଜନ, ବୋହୂ– ମୋନାଲିସା, ସ୍ମୃତିସନ୍ଧ୍ୟା, ନାତୁଣୀ–ଆଦ୍ୟାଶା
ଧ-୧୨୪୯୨

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଦାଶରଥି ନନ୍ଦ ଶର୍ମା**
ଆବିର୍ଭାବ: ୧୫।୧୨।୧୯୩୨
ତିରୋଧାନ: ୧୦।୦୫।୨୦୧୯
ଗଞ୍ଜାମ ଜିଲ୍ଲା ବ୍ରାହ୍ମଣ ପୁରୋହିତ, ବ୍ରହ୍ମପୁର ଦ୍ୱିତୀୟ ଗୌଡ ସାହି ସମିତିର ଉପଦେଷ୍ଟା
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ**
ପୁତ୍ର– ନିରଞ୍ଜନ ନନ୍ଦ, ବୋହୂ– ରୀତାରାଣୀ ନନ୍ଦ, ବଡ଼ଝିଅ– ମୀରାବାଇ ଶତପଥୀ, ବଡ଼ଜ୍ୱାଇଁ– ସମୀର ଶତପଥୀ, ସାନଝିଅ– ଜାନକୀ ନନ୍ଦ (ମିନି), ସାନଜ୍ୱାଇଁ– ରାମମନୋହର ନନ୍ଦ, ନାତିନାତୁଣୀ– ରୁଦ୍ର, ଓମ୍, ଶୁଭ, ସୁନନ୍ଦା, ବାନା, କୁବ୍‌ଲି, ବାଲାଜୀ, ଗୁଡ଼ି, ଝିଆରୀ, ପୁତୁରା, ବନ୍ଧୁବର୍ଗ ଓ ଆତ୍ମୀୟସ୍ୱଜନ। ଧ-୪୯୨୯୬

**ଏକାଦଶାହ ଉପଲକ୍ଷେ**



**✓ ଭଗବାନ ଭୂୟାଁ**
ନୂଆପଡ଼ା, କଟକ
ଆର୍ବିଭାବ : ୧୯୨୭
ତିରୋଧାନ : ୦୫.୦୫.୨୦୧୯
ଆପଣଙ୍କ ସ୍ନେହ, ଶ୍ରଦ୍ଧା ଆମ ସମସ୍ତଙ୍କ ପାଇଁ ଦିଗ୍‌ଦର୍ଶନ ଓ ପ୍ରେରଣାର ଉତ୍ସ ହେଉ । ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶ୍ରଦ୍ଧାଞ୍ଜଳି ସହ :
ହତଭାଗ୍ୟ ପୁତ୍ର : ଭରତ ଚନ୍ଦ୍ର ଭୂୟାଁ, ଶରତ ଚନ୍ଦ୍ର ଭୂୟାଁ, ଆରତ ତ୍ରାଣ ଭୂୟାଁ
ଶୋକ ସନ୍ତପ୍ତ : ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ପୁତୁରା, ଝିଆରୀ ଏବଂ ପରିବାର ଓ ବନ୍ଧୁବର୍ଗ ।
ଧ-୬୨୦୯୭

**ପଞ୍ଚମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ରାଜକିଶୋର ତ୍ରିପାଠୀ**
କାଳିଆ-କୃପା, ଓଲ୍‌ଡ ଟାଉନ୍, ଭୁବନେଶ୍ୱର-୨
ଆବିର୍ଭାବ: ୦୯।୦୨।୧୯୨୬
ତିରୋଧାନ: ୧୧।୦୫।୨୦୧୪
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
**ଶୋକସନ୍ତପ୍ତ**
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୨୫୦୦

# ବ୍ରହ୍ମପୁର, ଛତ୍ରପୁର, ଭଞ୍ଜନଗରରେ ହେବ ଭୋଟ ଗଣତି

ଛତ୍ରପୁର,୧୪।୫(ଡି.ଏନ.ଏ)

ଆସନ୍ତା ୨୩ ତାରିଖରେ ହେବାକୁ ଥିବା ଭୋଟ ଗଣତି ପାଇଁ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଜିଲାର ବ୍ରହ୍ମପୁର, ଛତ୍ରପୁର ଓ ଭଞ୍ଜନଗରସ୍ଥିତ କେନ୍ଦ୍ରଠାରେ ଭୋଟ ଗଣତି କରାଯିବ। ୨୩ ତାରିଖ ସକାଳ ୮ ଟାରେ ପ୍ରଥମେ ପୋଷ୍ଟାଲ ବାଲଟ ଗଣତି ହେବା ପରେ ସକାଳ ୮ଟା ୩୦ରୁ ଇଭିଏମରେ ହୋଇଥିବା ଭୋଟର ଗଣତି ଆରମ୍ଭ ହେବ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସବୁ ଭୋଟ ଗଣତି କେନ୍ଦ୍ରରେ ଏସି ଲଗାଯିବ ବୋଲି ବୋଲି ମଙ୍ଗଳବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି। ଭୋଟ ଗଣତି ନେଇ ମଙ୍ଗଳବାର ଛତ୍ରପୁରସ୍ଥିତ ଡିଆରଡିଏ ସମ୍ମିଳନୀ ଗୃହରେ ମାଷ୍ଟର ଟ୍ରେନର ଓ ରିଟର୍ଣ୍ଣିଂ ଅଫିସରମାନଙ୍କୁ ତାଲିମ ଦିଆଯାଇଥିଲା। ସନ୍ଧ୍ୟା ୫ଟା ସୁଦ୍ଧା ଭୋଟ ଗଣତି ପ୍ରକ୍ରିୟା ଶେଷ କରିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ । ବୁଧବାରଠାରୁ ୪ ଦିନ ପର୍ଯ୍ୟନ୍ତ ଭୋଟ ଗଣତି ସମ୍ବନ୍ଧୀୟ ତାଲିମ ଆରମ୍ଭ ହେବ। ଗଣତି ପାଇଁ ୯୦୦ ଷ୍ଟାଫଙ୍କୁ ନିଯୁକ୍ତି ଦିଆଯାଇଛି । ପ୍ରତି ନିର୍ବାଚନମଣ୍ଡଳୀ ପାଇଁ ଜଣେ ଲେଖାଏ କାଉଣ୍ଟିଙ୍ଗ ସୁପରଭାଇଜର, କାଉଣ୍ଟିଙ୍ଗ ଆସିଷ୍ଟାଣ୍ଟ, ଜଣେ ମାଇକ୍ରୋ ଅବଜର୍ଭର ଏବଂ ଷ୍ଟ୍ରଙ୍ଗରୁମ୍‌ରୁ ଇଭିଏମ୍‌କୁ ଭୋଟ ଗଣତି କେନ୍ଦ୍ରକୁ ନେବା ଆଣିବା ପାଇଁ କର୍ମଚାରୀ ରହିବେ। ଇଭିଏମ୍ ନେବା ଆଣିବା ପାଇଁ ପଞ୍ଚାୟତିରାଜ ଓ ବିଭିନ୍ନ ଏନଏସି, ମ୍ୟୁନିସିପାଲିଟିର କର୍ମଚାରୀ ବଦଳରେ ଅନ୍ୟ ସରକାରୀ କାର୍ଯ୍ୟାଳୟର ଗ୍ରୁପ୍ ଡି କର୍ମଚାରୀ ନିୟୋଜିତ ହେବେ। ପ୍ରତି ଆସନର ଭୋଟ ଗଣତି ପାଇଁ ୭ଟି ଲେଖାଏ ଟେବୁଲ୍ ରହିବ। ପ୍ରାର୍ଥୀଙ୍କ ଏଜେଣ୍ଟଙ୍କ ଉପସ୍ଥିତିରେ ବାଲଟ ୟୁନିଟ୍ ସିଲ୍ ଖୋଲାଯିବ । ରିଟର୍ନିଂ ଅଫିସରଙ୍କ ନିର୍ଦ୍ଦେଶରେ କାମ କରିବାକୁ କୁହାଯାଇଛି । ଭୋଟ ଗଣତି କେନ୍ଦ୍ର ମଧ୍ୟକୁ ମୋବାଇଲ ଫୋନ୍ ନେବାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି । ଏଥିରେ ଖିଲାପ କଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଭୋଟ ଗଣତି ଦିନ ଭୋର ୩ ଟା ସୁଦ୍ଧା ଗଣତିରେ ନିୟୋଜିତ କର୍ମଚାରୀମାନେ ପହଞ୍ଚିବେ। ଦୂରରେ ରହୁଥିବା କର୍ମଚାରୀ ଓ ଅଧିକାରୀ ଗଣତି ପୂର୍ବଦିନ ତଥା ୨୨ ତାରିଖରେ ଗଣତି କେନ୍ଦ୍ରରେ ରିପୋର୍ଟ କରିବାକୁ ଜିଲାପାଳ କହିଛନ୍ତି। ଦଳୀୟ ପ୍ରାର୍ଥୀ ଓ ପ୍ରତିନିଧିମାନଙ୍କୁ ନେଇ ବୁଧବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଭୋଟ ଗଣତି ସମ୍ପର୍କରେ ବୈଠକ କରି ସୂଚନା ଦିଆଯିବ । ଗଣତି ବେଳେ କୌଣସି ଆପତ୍ତି ଅଭିଯୋଗ ଥିଲେ ଲିଖିତ ଭାବେ ରିଟର୍ନିଂ ଅଫିସରଙ୍କୁ ଜଣାଇବାକୁ କୁହାଯାଇଛି । ବୈଠକରେ ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ, ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ ରାଉତରାୟ, ଡେପୁଟି ସବକଲେକ୍ଟର ସଚ୍ଚିଦାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଜିଲପାଳ ଏବଂ ଅନ୍ୟମାନେ ।

- ପ୍ରଶାସନର ପ୍ରସ୍ତୁତି, ୯୦୦ କର୍ମଚାରୀ ନିୟୋଜିତ
- ମୋବାଇଲ ଫୋନ୍ ନେବାକୁ ବାରଣ
- ଗଣତି କେନ୍ଦ୍ରରେ ଲାଗିବ ଏସି

# କୀଟନାଶକ ପିଇ ଯୁବକଙ୍କ ଆତ୍ମହତ୍ୟା

ଶେରଗଡ,୧୪।୫(ଡି.ଏନ୍.ଏ.)

ଶେରଗଡ଼ ବ୍ଲକ ତାକରଡା ଗ୍ରାମରେ ସୋମବାର ରାତିରେ ଜଣେ ଯୁବକ କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଉକ୍ତ ଗ୍ରାମର ବୁଲୁ ପ୍ରଧାନ (୩୫)। ବୁଲୁ ରାତି ପ୍ରାୟ ୧୦ଟାରେ ବାଇଗଣ ଫସଲରେ ପଡିବାକୁ ଘରେ ଥିବା କୀଟନାଶକ ପିଇଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଶେରଗଡ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି। ପାରିବାରିକ କଳହରୁ ସେ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି।




## ଶାଶୁ, ଶ୍ୱଶୁରଙ୍କୁ ଆକ୍ରମଣ ମାମଲା
# ବୋହୂ ଦୋଷୀ ସାବ୍ୟସ୍ତ

ଛତ୍ରପୁର,୧୪।୫(ଡି.ଏନ୍.ଏ.)-ଶାଶୁ, ଶ୍ୱଶୁରଙ୍କୁ ମାଡମାରିବା ମାମଲାରେ ସମ୍ପୃକ୍ତ ବୋହୂ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଏହି ମାମଲାର ଶୁଣାଣି କରି ମଙ୍ଗଳବାର ଛତ୍ରପୁର ସବ୍‌ଡିଭିଜନାଲ୍ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସନ୍ତୋଷ କୁମାର ପାଣିଗ୍ରାହୀ ଉକ୍ତ ରାୟ ଶୁଣାଇଛନ୍ତି। ତେବେ ସେକ୍ସନ ୩ ପ୍ରୋବେସନ ଅଫ୍ ଅଫେଣ୍ଡର୍ସ ଆକ୍ଟରେ ଭର୍ତ୍ସନା କରି ଚେତାବନୀ ଦେଇ ଘଟଣାର ପୁନରାବୃତ୍ତି ନ କରିବାକୁ ମହିଳା ଜଣଙ୍କୁ କହିଥିଲେ। ସରକାରଙ୍କ ପକ୍ଷରୁ କ୍ୟାଡର ଏପିପି ରାଜେଶ କୁମାର ମିଶ୍ର ଓ ଏପିପି କୃଷ୍ଣଚନ୍ଦ୍ର ବେହେରା ମାମଲା ପରିଚାଳନା କରିଥିଲେ। ଏକ ଭୋଜିକୁ ନଡାକିବାକୁ ନେଇ ୨୦୦୬ ମାର୍ଚ୍ଚ ୭ରେ ଜଣେ ବ୍ୟକ୍ତି ତାଙ୍କ ବାପା ଓ ମା'ଙ୍କୁ ଆକ୍ରମଣ କରିଥିବାବେଳେ ତାଙ୍କ ସ୍ତ୍ରୀ ମଧ୍ୟ ଶାଶୁ ଶ୍ୱଶୁରଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ଛତ୍ରପୁର ଥାନାରେ ମହିଳାଙ୍କ ଶ୍ୱଶୁର ଏତଲା ଦେଇଥିଲେ। ଏନେଇ ଛତ୍ରପୁର ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଏହି ମାମଲାର ବିଚାରଣା ଚାଲିଥିବା ବେଳେ ଅନ୍ୟତମ ଅଭିଯୁକ୍ତ ତଥା ମହିଳାଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଯାଇଥିଲା।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଅଟକ

ପୁରୁଷୋତ୍ତମପୁର,୧୪।୫(ଡି.ଏନ୍.ଏ.)

ପୁରୁଷୋତ୍ତମପୁର ଥାନା ଅଞ୍ଚଳରେ ଜଣେ ନବମ ଶ୍ରେଣୀ ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ନେଇ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ନଂ.୧୧୪/୧୯ରେ ଏକ ମାମଲା ରୁଜୁ କରି ପୁରୁଷୋତ୍ତମପୁର ପୋଲିସ ତଦନ୍ତ ଚଲାଇଛି। ସମ୍ପୃକ୍ତ ନାବାଳିକାଙ୍କୁ ବ୍ରହ୍ମପୁର କୋର୍ଟକୁ ନେଇ ବୟାନ ରେକର୍ଡ କରିବା ସହ ବଡ ମେଡିକାଲରେ ଡାକ୍ତରୀମାଇନା କରାଯାଇଥିବା ପୁରୁଷୋତ୍ତମପୁର ଆଇଆଇ ସି ଜଗନ୍ନାଥ ମଲ୍ଲିକ କହିଛନ୍ତି। ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି।

ନାବାଳିକାଙ୍କ ଅଭିଯୋଗ ପ୍ରକାରେ, ସୋମବାର ସେ ତାଙ୍କର ୨ଜଣ ସାଙ୍ଗଙ୍କ ସହ ଏକ ବୋର୍‌ୱେଲ୍ ନିକଟକୁ ଶୌଚ ଲାଗି ଯାଇଥିଲେ। ସେହି ସମୟରେ ଗ୍ରାମର ବୃନ୍ଦାବନ ନାୟକ ଓରଫ ବୁଲୁ ସେଠାକୁ ଗାଧୋଇବାକୁ ଯାଇଥିଲେ। ନାବାଳିକାଙ୍କୁ ଦେଖି ସେ କଥାହେବା ବାହାନାରେ ଆସି ବଳାତ୍କାର କରିଥିଲେ। ପାଖରେ ଥିବା ୨ ସାଙ୍ଗ ଏହା ଦେଖି ଭୟରେ ଦୌଡ଼ି ପଳାଇଥିଲେ। ନାବାଳିକା ଜଣକ ଘରକୁ ଆସି ପରିବାର ଲୋକଙ୍କୁ ଜଣାଇବା ପରେ ଗ୍ରାମବାସୀଙ୍କୁ ଜଣାଇ ଥିଲେ। ଏନେଇ ଗ୍ରାମସଭା ହୋଇଥିଲା। ମାତ୍ର କୌଣସି ସୁଫଳ ନ ମିଳିବାରୁ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି।

# ୧୫ ଦିନରେ ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

ଖଲ୍ଲିକୋଟ,୧୪।୫(ଡି.ଏନ.ଏ.)

ଖଲ୍ଲିକୋଟ ମିଳିତ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ବ୍ଲକ ଶିକ୍ଷାଧିକାରୀ, ଜିଲା ଶିକ୍ଷାଧିକାରୀ ଏବଂ ଜିଲା ପ୍ରଶାସନକୁ ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ୧୫ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ବ୍ଲକର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଶିକ୍ଷକ ସମନ୍ୱୟ ସମିତି ସଭାପତି କୃଷ୍ଣଚନ୍ଦ୍ର ପରିଡ଼ା, ସମ୍ପାଦକ ଶ୍ୱେତ ଦାସଙ୍କ ସମେତ ବହୁ ଶିକ୍ଷକ ପ୍ରକାଶ କରିଛନ୍ତି। ଦାବି ଗୁଡ଼ିକ ହେଲା ସମସ୍ତ ବର୍ଗର ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ଇନକ୍ରିମେଣ୍ଟ ପ୍ରଦାନ, ମାସର ପ୍ରଥମ ସପ୍ତାହରେ ବେତନ, ଠିକ୍‌ସମୟରେ ଡିଏ ଏରିଅର ପ୍ରଦାନ, ପ୍ରସୂତିକାଳୀନ ଛୁଟି ଆଦି ଦାବି ଅନ୍ତର୍ଭୁକ୍ତ। ଏ ନେଇ ବ୍ଲକ ଶିକ୍ଷାଧିକାରୀ ଅମ୍ରିତା ପ୍ରୀତିନନ୍ଦାଙ୍କୁ ପଚାରିବାରୁ କୁହନ୍ତି, କେତେକ ଦାବି ଯାହାକି ଇନ୍‌କ୍ରିମେଣ୍ଟ, ଡିଏ ଏରିଅର ପ୍ରଦାନ ପାଇଁ ବ୍ୟବସ୍ଥା ଚାଲିଛି। ବହୁ ଶିକ୍ଷୟିତ୍ରୀ, ଶିକ୍ଷକ ବିଦ୍ୟାଳୟକୁ ବିଳମ୍ବରେ ଆସୁଥିବାର ଅଭିଯୋଗ ହେଉଛି । ଫଳରେ ସେମାନଙ୍କୁ ତାଗିଦ୍ କରାଯାଉଛି। ବିଦ୍ୟାଳୟରେ ଠିକ୍ ସମୟରେ ପହଞ୍ଚିବା ଏବଂ କାର୍ଯ୍ୟରେ ଅବହେଳା ନ କରିବା ପାଇଁ କୁହାଯାଇଛି। ଏଥିରେ ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ହେବ। ତେଣୁ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମୁଚିତ ଆଚରଣରେ କୌଣସି ବ୍ୟବଧାନ ନାହିଁ ବୋଲି ପ୍ରକାଶ କରିଥିଲେ। କେତେକ ବିଷୟ ଉପରେ ଜିଲା ଶିକ୍ଷାଧିକାରୀଙ୍କ ସହ ଆଲୋଚନା ହୋଇଛି। ଏହାର ସମାଧାନ ହେବ।

## ସୁଶାନ୍ତ ସାହୁ ହତ୍ୟା ଘଟଣା
# ପୋଲିସ ଜାଲରେ ମୁଖ୍ୟ ଅଭିଯୁକ୍ତ

ଗୋପାଳପୁର,୧୪।୫

ଗୋପାଳପୁର ଥାନା ବଡ଼ଗୁମୁଳା ଗ୍ରାମରେ ଗତ ମାସ ୨୦ ତାରିଖରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସୁଶାନ୍ତ ସାହୁଙ୍କ ହତ୍ୟା ଘଟଣାରେ ମୁଖ୍ୟ ଅଭିଯୁକ୍ତ ପ୍ରଦୀପ ସେଠୀଙ୍କୁ ମଙ୍ଗଳବାର ପୋଲିସ ଗିରଫ କରିଛି। ବୁଧବାର ତାଙ୍କୁ କୋର୍ଟଚାଲାଣ କରାଯିବ। ହତ୍ୟା ଘଟଣା ପରଠାରୁ ପୋଲିସକୁ ଚକ୍‌ମା ଦେଖାଇ ପ୍ରଦୀପ ବାହାର ରାଜ୍ୟକୁ ଚାଲି ଯାଇଥିଲେ। ତାଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଜାଲ ବିଛାଇଥିଲା। କିଛିଦିନ ହେଲା ପ୍ରଦୀପ ନିଜ ଓକିଲଙ୍କ ଜରିଆରେ କୋର୍ଟରେ ଆତ୍ମସମର୍ପଣ କରିବାକୁ ଯୋଜନା ଚଳାଇଥିଲେ। ମଙ୍ଗଳବାର ଓକିଲଙ୍କ ସହ କୋର୍ଟରେ ଆତ୍ମସମର୍ପଣ କରିବାକୁ ଯିବା ବେଳେ ଖବର ପାଇ ଗୋପାଳପୁର ଥାନା ଏଏସ୍‌ଆଇ ଶଙ୍କର ରାଓଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇ ତାଙ୍କୁ କାବୁ କରାଯାଇଥିଲା। ପ୍ରଦୀପଙ୍କୁ ପୋଲିସ ଥାନାରେ ରଖି ପଚରାଉଚରା ଚଳାଇଛି। ଉକ୍ତ ଘଟଣାରେ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ତଦନ୍ତ ଚାଲିଥିବା ପୋଲିସ କହିଛି। ପ୍ରକାଶ ଯେ, ଏପ୍ରିଲ ୨୦ ତାରିଖ ସନ୍ଧ୍ୟାରେ ସୁଶାନ୍ତ ଘର ସମ୍ମୁଖ ବାରଣ୍ଡାରେ ବସି ମୋବାଇଲ ଦ୍ୱାରା ଆଇପିଏଲ ମ୍ୟାଚ ଦେଖୁଥିବା ବେଳେ ଟୁନା ଓ ତାଙ୍କ ସହଯୋଗୀ ତାଙ୍କ ଉପରେ ବୋମା ମାଡ଼ କରିଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ମାମଲାରେ ଚଳିତ ମାସ ୨ ତାରିଖରେ ପୋଲିସ ୪ ଜଣ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା।

## କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀରୁ
# ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ସହାୟତା

ବେଗୁନିଆପଡ଼ା,୧୪।୫(ଡି.ଏନ.ଏ.)

କବିସୂର୍ଯ୍ୟନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥିନୀ ଲତିକା ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୩ ଲକ୍ଷ ୫୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସଚିବାଳୟ ପ୍ରକୋଷ୍ଠରେ ଭେଟିଛନ୍ତି। ଲତିକା ୫୦ ହଜାର ଟଙ୍କା ପ୍ରଦାନ କରିଥିବା ବେଳେ ବେଗୁନିଆପଡ଼ା ବ୍ଲକରୁ ୧ ଲକ୍ଷ ୫୦ ହଜାର, କବିସୂର୍ଯ୍ୟନଗର ବ୍ଲକରୁ ୧ ଲକ୍ଷ ଓ ପୁରୁଷୋତ୍ତମପୁର ବ୍ଲକରୁ ୫୦ ହଜାର ଟଙ୍କା ପ୍ରଦାନ କରିଥିଲେ। ତାଙ୍କ ସହ ବେଗୁନିଆପଡ଼ା ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ବିଜୟ କୁମାର ଦୋରା, କବିସୂର୍ଯ୍ୟନଗର ଅଧ୍ୟକ୍ଷ ସନ୍ତୋଷ କୁମାର ପାଢ଼ୀ, ପୁରୁଷୋତ୍ତମପୁର ବ୍ଲକ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ପଣ୍ଡାଙ୍କ ସମେତ ଅନେକ କର୍ମୀ ଉପସ୍ଥିତ ଥିଲେ। ସେହିପରି ବେଗୁନିଆପଡ଼ା ବ୍ଲକର କାଜୁ ଉନ୍ନୟନ ସଂଘର ସଭାପତି ସମ୍ପାଦକ, କୋଷାଧ୍ୟକ୍ଷ ଓ ସଭ୍ୟମାନେ ଗଞ୍ଜାମ ଜିଲାପାଳଙ୍କୁ ଭେଟି ସଂଘ ପକ୍ଷରୁ ୫୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି ।






2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ